ଗରୁଡ଼ ପୁରାଣ

ପ୍ରକାଶକ- ଧର୍ମଗ୍ରନ୍ଥ ଷ୍ଟୋର୍ ®, ଅଲିଶାବଜାର, କଟକ - ୨

Digitized by srujanika@gmail.com

ଦ୍ୱିଜ ଆର୍ତ୍ତତ୍ରାଣ ଦାସଙ୍କ କୃତ

ବୃହତ

ଗରୁଡ଼ ପୁରାଣ

(ନୂତନ ମୁଦ୍ରଣ)

ପ୍ରକାଶକ - ଧର୍ମଗ୍ରନ୍ଥ ଷ୍ଟୋର

ପ୍ରାପ୍ତି ସ୍ଥାନ : ଧର୍ମଗ୍ରନ୍ଥ ଷ୍ଟୋର
ପରିଚାଳକ : ଶ୍ରୀ ବିଦ୍ୟାଧର ସାହୁ
ଅଲିଶା ବଜାର, କଟକ - ୭୫୩୦୦୨
ଫୋନ୍ : ୦୬୭୧-୨୫୦୮୨୯୬
ମୂଲ୍ୟ : ୩୫.୦୦ ଟଙ୍କା ମାତ୍ର

Digitized by srujanika@gmail.com

ସୂଚୀ ପତ୍ର

ଅଧ୍ୟାୟ	ବିଷୟ	ପୃଷ୍ଠାଙ୍କ
ସ୍ତବ		..... ୧
ବନ୍ଦନା		..... ୨
ପ୍ରଥମ ଅଧ୍ୟାୟ	ଗ୍ରନ୍ଥାରମ୍ଭ ଓ ସୃଷ୍ଟି ପ୍ରସଙ୍ଗ	..... ୩
ଦ୍ୱିତୀୟ ଅଧ୍ୟାୟ	ଯମ ଯାତନା ଓ ପାପକର୍ମର ଫଳ ଓ ପିଣ୍ଡ ଦାନ	..... ୬
ତୃତୀୟ ଅଧ୍ୟାୟ	ପିଣ୍ଡାଧିକାର ନିର୍ଣ୍ଣୟ	..... ୧୦
ଚତୁର୍ଥ ଅଧ୍ୟାୟ	କର୍ମାନୁସାରେ ଯାତନା ଭୋଗ	..... ୧୨
ପଞ୍ଚମ ଅଧ୍ୟାୟ	ପାପର ସ୍ୱରୂପ ଓ ତଦନୁରୂପ ଦଣ୍ଡ	..... ୧୪
ଷଷ୍ଠ ଅଧ୍ୟାୟ	ପାପାନୁସାରେ ରୋଗପ୍ରବୃତ୍ତି	..... ୧୯
ସପ୍ତମ ଅଧ୍ୟାୟ	ଗର୍ଭବାସ ବିଚାର	..... ୨୨
ଅଷ୍ଟମ ଅଧ୍ୟାଧ	ବଭ୍ରୁବାହନ କର୍ତ୍ତୃକ ପ୍ରେତ ସଂସ୍କାର	..... ୨୬
ନବମ ଅଧ୍ୟାୟ	ଆତୁର ପକ୍ଷରେ ଧେନୁ ଦାନାଦିର ଫଳ	..... ୩୩
ଦଶମ ଅଧ୍ୟାୟ	ପାପପୁଣ୍ୟର ବିଚାର	..... ୪୨
ଏକାଦଶ ଅଧ୍ୟାୟ	ଶବଦାହ ଓ ପ୍ରେତକୃତ୍ୟ ବିଧି	..... ୪୫
ଦ୍ୱାଦଶ ଅଧ୍ୟାୟ	ଦଶାହ ବିଧି ଓ ନିଃସନ୍ତାନ ପ୍ରେତ କୃତ ବିଚାର	..... ୫୨
ତ୍ରୟୋଦଶ ଅଧ୍ୟାୟ	ଏକାଦଶାହ ପିଣ୍ଡଦାନାଦି	..... ୫୬
ଚତୁର୍ଦ୍ଦଶ ଅଧ୍ୟାୟ	ଦ୍ୱାଦଶାହ ପିଣ୍ଡଦାନ ଓ ଶୌଚା ଶୌଚ ବ୍ୟବସ୍ଥା	..... ୬୧
ପଞ୍ଚଦଶ ଅଧ୍ୟାୟ	ଯମପୁର ବର୍ଣ୍ଣନା	..... ୬୭
ଷୋଡ଼ଶ ଅଧ୍ୟାୟ	ସୁଗୃହୀ କର୍ତ୍ତବ୍ୟ ଓ ସ୍ୱର୍ଗାଦି ଲାଭର ଉପାୟ	..... ୭୨
ସପ୍ତଦଶ ଅଧ୍ୟାୟ	ବିରାଟ ପୁରୁଷ ଓ ଜୀବର ଶରୀର ତ୍ୟାଗ	..... ୭୭
ଅଷ୍ଟାଦଶ ଅଧ୍ୟାୟ	ମୋକ୍ଷ ପ୍ରସଙ୍ଗ ଓ ମୋକ୍ଷ କ୍ରିୟା	..... ୭୯
ଊନବିଂଶ ଅଧ୍ୟାୟ	ଫଳଶ୍ରୁତି	..... ୮୬

ଗରୁଡ଼ ପୁରାଣ ସୂଚିପତ୍ର ସମାପ୍ତ

Digitized by srujanika@gmail.com

ସଚିତ୍ର ଓ ବୃହତ୍

ଗରୁଡ଼ ପୁରାଣ

ପ୍ରଥମ ଅଧ୍ୟାୟ

ନାରାୟଣଂ ନମସ୍କୃତ୍ୟଂ ନରଂଚୈବ ନରୋତ୍ତମଂ
ଦେବୀଂ ସରସ୍ୱତୀବ୍ୟାସଂ ତତୋଜୟ ମୁଦୀରୟେତ୍ ।।
ଆସୀନଂ ମଙ୍ଗଳାସନେ କମଳୟା ବକ୍ଷସ୍ଥଳାସୀନୟା
ବିଦ୍ୟୁଦ୍ଧ୍ୟୋତଜଟାସମୂହବିଲସତ୍ ସୌମ୍ୟାନନାମ୍ଭୋରୁହଂ ।।
ଜାନ୍ୱୋରର୍ପିତଯୋଗେପଟ୍ଟମୁଭୟୋର୍ବାହୁ ଦୃଢ଼ାବାୟତୌ
ହସ୍ତାଭ୍ୟା ଧୃତଶଙ୍ଖଚକ୍ରମନିଶଂ ଶ୍ରୀ ଲକ୍ଷ୍ମୀନାରାୟଣ ଭଜେ ।।
ତତ୍ରୈବ ଗଙ୍ଗାଯମୁନା ଚ ତତ୍ର ଗୋଦାବରୀ ତତ୍ର ସରସ୍ୱତୀ ଚ
ସର୍ବାଣି ତୀର୍ଥାନିସନ୍ତି ତତ୍ର ଯତ୍ରାଚ୍ୟୁତୋଦାର କଥା ପ୍ରସଙ୍ଗଃ ।।



ବନ୍ଦନା

ଜୟ ଜୟ ଜଗନ୍ନାଥ ପତିତ-ପାବନ
ଜୟ ଜୟ ଜଗନ୍ନାଥ ଲକ୍ଷ୍ମୀ ପ୍ରାଣଧନ ।
ଜୟ ଜୟ ଜଗନ୍ନାଥ ଦୀନଜନ ବନ୍ଧୁ
ଜୟ ଜୟ ଜଗନ୍ନାଥ ହେ କରୁଣାସିନ୍ଧୁ ।
ଜୟ ଜୟ ଜଗନ୍ନାଥ ନୀଳାଦ୍ରି ବିହାରୀ
ଜୟ ଜୟ ଜଗନ୍ନାଥ ଦୁଃଖୀ ଦୁଃଖହାରୀ ।

Digitized by srujanika@gmail.com

ଜୟ ଜୟ ଜଗନ୍ନାଥ ଅନନ୍ତ ମୂରତି
ଜୟ ଜୟ ଜଗନ୍ନାଥ ବଇକୁଣ୍ଠ ପତି ।
କମଳା ହୃଦୟ ପଦ୍ମ ଦିନକର ହରି
ଅଜ୍ଞାତ ତିମିର ବିନାଶନା ଦଇତାରି ।
ପତିତ ପାବନ ଜୟ ଶରଣରକ୍ଷକ
ବ୍ରହ୍ମାଣ୍ଡ ଖଣ୍ଡମଣ୍ଡଳେ ତୁମ୍ଭେ ଯେ ପାଳକ ।
ଜଗତ ଜନ ଜୀବନ ଜଗତର କର୍ତ୍ତା
ଜଗତ ଜନ ବନ୍ଦନ ଜଗତ ସଂହର୍ତ୍ତା ।
ଅନନ୍ତ ମହିମା ତବ କେ ବର୍ଣ୍ଣି ପାରିବ
ମୁଖେ କହି ନ ପାରନ୍ତି ବ୍ରହ୍ମା ସଦାଶିବ ।
ଅନେକ ରୂପ ତୁମ୍ଭର ଅବ୍ୟକ୍ତ ଅଚ୍ୟୁତ
ଅକ୍ଷର ପରମବ୍ରହ୍ମ ସନାତନ ତତ୍ତ୍ୱ ।
କଳ୍ପେ କଳ୍ପେ ବସି ଯୋଗେ ଯୋଗୀଜନମାନେ
ତୁମ ତତ୍ତ୍ୱ ଜାଣି ନ ପାରନ୍ତି କେହି ଧ୍ୟାନେ ।
ସାଗରକୁ କାଳି ହିମାଚଳକୁ ଲେଖନୀ
ପୃଥିବୀକୁ ପତ୍ର କରି ଦେବୀ ବୀଣାପାଣି ।
ଅନନ୍ତ କାଳ ପର୍ଯ୍ୟନ୍ତ ଯଦି ବା ଲେଖିବେ
ତୁମର ଗୁଣ କଣିକା ବର୍ଣ୍ଣି ନ ପାରିବେ ।
ମୁଁ ଛାର ହୀନ ପାମର ଅଜ୍ଞାନ ମାନବ
କିବା ବର୍ଣ୍ଣିପାରିବଇଁ ସେ ମହିମା ଦେବ ।
କେବଳ ଏତିକି ମାତ୍ର ଜାଣିଛି ହେ ହରି
ତୁମ୍ଭେ ସଚରାଚରରେ ଅଛି ଏକାପରି ।
ଯାହା ଦେଖେ ସେ ସମସ୍ତ ତୁମ୍ଭର ହିଁ ରୂପ
ଯାହା ଶୁଣେ ସେ ସମସ୍ତ ତୁମ୍ଭ ଯଶ କୂପ ।
ଯେଉଁ ସୁଗନ୍ଧ କରଇ ମୁହିଁଟି ଆଘ୍ରାଣ
ସେ ସମସ୍ତ ଗନ୍ଧ ସିନା ତୁମ୍ଭର ଭିଆଣ ।
ସୁମିଷ୍ଟ ପଦାର୍ଥ ଯାହା କରେ ଆସ୍ୱାଦନ
ସେ ରସ ତୁମ୍ଭର ଆହେ ପତିତ ପାବନ ।
ସ୍ପର୍ଶ କରେ ଯାହା ମୁହିଁ ଚର୍ମ ଇନ୍ଦ୍ରିୟରେ
ତୁମ୍ଭର ସ୍ୱରୂପ ତାହା ଜାଣେ ମୁଁ ଅନ୍ତରେ ।
ତୁମ୍ଭ ଭିନ୍ନ ବସ୍ତୁ କେବେ ନାହିଁ ନ ହୋଇବ
ଏଇ କଥା ଗୋଟି ପ୍ରଭୁ ଅଟଇ ତ ଧ୍ରୁବ ।
ମିଥ୍ୟା ବୋଲି ଯାହାକୁଟି କହନ୍ତି ସନ୍ତେ
ସେ ମଧ୍ୟ ରହିଛି ପ୍ରଭୁ ତୁମ୍ଭର ଆଶ୍ରିତେ ।
ଜଳ ସ୍ଥଳ ସ୍ଥାବରାସ୍ଥାବର ଜୀବ ଯେତେ
ନିରନ୍ତର ଆଶ୍ରା କରି ରହିଛନ୍ତି ତୋତେ ।
ପ୍ରଳୟ କାଳରେ ସୃଷ୍ଟି ଜୀବ ସ୍ୱରୂପରେ
ନିରବକାଶରେ ରଖ ସ୍ୱକୁକ୍ଷ ମଧ୍ୟରେ ।
କୁକ୍ଷ ସାଖିଳ ଜଗତ କହନ୍ତି ତୁମ୍ଭଙ୍କୁ
ମହାପ୍ରଳୟ ନ ବାଧେ ତୁମ୍ଭ ଶ୍ରୀଅଙ୍ଗକୁ ।
ଆନନ୍ଦେ ଶୟନ କର ବଟପତ୍ର ପରେ
ଅଙ୍ଗୁଳି ପ୍ରମାଣ ରୂପ ଧରି ନିରନ୍ତରେ ।
କିଏ ବା ଜାଣିବ ଦେବ ସ୍ୱରୂପ ତୁମ୍ଭର
କିଏ ବା କହିବ ତୁମ୍ଭ ମହିମା ଅପାର ।
ଦୀନହୀନ ଆର୍ତ୍ତ ଆର୍ତ୍ତତ୍ରାଣେ ନିବେଦଇ
ଆର୍ତ୍ତ ବିନାଶନ କର ତ୍ରୈଲୋକ୍ୟ ଗୋସାଇଁ ।
କରୁଣା କଣିକା ଦାନେ ନ ହୁଅ କୁଣ୍ଠିତ
ନିରନ୍ତର କଣ୍ଠେ ବାସ କର ଜଗନ୍ନାଥ ।
ତୁମ୍ଭର କରୁଣା ଲଭି ଗରୁଡ଼ ପୁରାଣ
ଚତୁର୍ଦ୍ଦଶାକ୍ଷରୀ ବୃତ୍ତେ କରିବି ରଚନ ।
ମୂଳ ସଂସ୍କୃତରୁ ଏହା ଉଦ୍ଧାର କରିବି
ପ୍ରମାଦବଶେ ଯେପରି ମୁହିଁ ନ ଛାଡ଼ିବି ।
ତୁମ୍ଭର ହିଁ ନିନ୍ଦା ହେବ ହେ କମଳାପତି
ଦାସ ଦୋଷ କଲେ ପ୍ରଭୁ ଭଲେ ଅପକୀର୍ତ୍ତି ।
ଦୋଷଗୁଣ ସବୁ ପ୍ରଭୁ ତୁମ୍ଭର ଅଟଇ
କେବଳ ନିମିତ୍ତ ମାତ୍ର ଅଟେ ସିନା ମୁହିଁ ।
କରି କରାଉଛ ତୁମ୍ଭେ ସକଳ ବିଧାନ
ତୁମ୍ଭ ବ୍ୟତିରେକ କାହିଁ କିଛି ନାହିଁ ଆନ ।
ଏଥିକି ପୁରାଣ କଥା କହିବଇଁ ମୁହିଁ
ଠିକେ ଠିକେ ପଦମାନ ଦେବ ନାଥ କହି ।
କମଳାବିଳାସ ପାଦପଦ୍ମେ ରଖି ଧ୍ୟାନ
ଗୀତବନ୍ଧେ ବିରଚିଲା ଏହି ଦୀନହୀନ ।
ସାଧୁ ଜ୍ଞାନୀ ପଣ୍ଡିତ ଯେ ଦୋଷ ନ ଧରିବ
ନିଜ ଗୁଣେ କ୍ଷମା ମୋତେ ସତତ କରିବ ।
ଦରିଦ୍ର ବ୍ରାହ୍ମଣ ମୁହିଁ ନ ଜାଣେ ସାହିତ୍ୟ
ଜୀବିକା କରିଛି ମାତ୍ର ଏହାକୁ ସତତ ।
ଲେଖନୀ ସାହାଯ୍ୟେ ଯାହା କରଇ ଅର୍ଜନ
ଜୀବନ ପୋଷଇ ମୁହିଁ ଅତି ଦୀନହୀନ ।
ସାଧୁ ଅସାଧୁ ସକଳେ କରଇ ବିନତି
ଦୋଷ ନ ଧରିବ ମୋର ଘେନିବ ପ୍ରଣତି ।

Digitized by srujanika@gmail.com

ଗ୍ରନ୍ଥାରମ୍ଭ ଓ ସୃଷ୍ଟି ପ୍ରସଙ୍ଗ

କଳି ଆଗମନ ଦେଖି ଦିନେ ଋଷିମାନେ
ଏକତ୍ରିତ ବେଳେ ସର୍ବେ ନୈମିଷା ଅରଣ୍ୟେ ।
କଳି କଳୁଷ ନାଶନ ଯଜ୍ଞ ଆରମ୍ଭିଲେ
ଯଜ୍ଞେ ପୂର୍ଣ୍ଣାହୁତି ଦେଇ ବିଷ୍ଣୁଙ୍କୁ ତୋଷିଲେ ।
ବିଷ୍ଣୁ ଗୁଣମାନ ସର୍ବେ କରନ୍ତି କୀର୍ତ୍ତନ
ସୁତମୁନି ପ୍ରବେଶିଲେ ଯାଇ ସେହି ସ୍ଥାନ ।
ବ୍ୟାସଙ୍କର ଶିଷ୍ୟ ସେହି ଜାଣନ୍ତି ସକଳେ
ତାହାଙ୍କୁ ସେଠାରେ ଆଦରରେ ବସାଇଲେ ।
ବହୁତ ବିନୟ ହୋଇ ତାହାଙ୍କୁ କହିଲେ
ପୁରାଣ ବଚନମାନ କୁହ ଦୟା ଥିଲେ ।
ଶୁଣିଲେ ତୁମ୍ଭ ମୁଖରୁ ମୁକତି ହୋଇବୁ
କଳିକାଳ ପାପତାପ ହେଲେ ନିସ୍ତରିବୁ ।
ଦେଖିଣ ତାହାଙ୍କ ଭକ୍ତି ଶ୍ରଦ୍ଧା ସୁତ ମୁନି
ଆନନ୍ଦ ଚିତ୍ତରେ କରି ଗୁରୁଙ୍କ ଦୟିନୀ ।
ଗୁରୁ ପାଦ ପଦ୍ମ ବନ୍ଦି ଭକତି ଚିତ୍ତରେ
ମଧୁର ବଚନେ ସେ କହିଲେ ଧୀରେ ଧୀରେ ।
ବ୍ୟାସଦେବ କୃତ ଯେଉଁ ଗରୁଡ଼ ପୁରାଣ
ତାହା କହୁଅଛି ଏବେ ସାବଧାନେ ଶୁଣ ।

ସୁତ ଉବାଚ

ଦିନେକ ବୈକୁଣ୍ଠପୁରେ ବିଷ୍ଣୁଙ୍କ ଛାମୁରେ
ଉଭାହୋଇ କରପତ୍ର ଯୋଡ଼ି ବିନୟରେ ।
ଗରୁଡ଼ ପୁଛଇ ଧୀରେ ମଧୁର ବଚନେ
ସୃଷ୍ଟି ପ୍ରସଙ୍ଗ କୁହନ୍ତୁ ମୋତେ ହେ ଆପଣେ ।
ମୁହିଁ ଯେ ତୁମ୍ଭର ଭୃତ୍ୟ ସେବେ ନିତି ପ୍ରତି
ମୋଠାରେ କରୁଣା ବାରେ କର ଲକ୍ଷ୍ମୀପତି ।
ଭୃତ୍ୟର ବଚନ ଶୁଣି ଦେଖିଣ ଭକତି
ମଧୁର ଭାବେ କହନ୍ତି ଦେବ ଲକ୍ଷ୍ମୀପତି ।

ବିଷ୍ଣୁ ଉବାଚ

କଳ୍ପ ପୂର୍ବରୁ ଯେ ହୟଗ୍ରୀବ ଅବତାର
ହୋଇଥିଲେ ମହାପ୍ରଭୁ ପୃଥିବୀ ପୃଷ୍ଠର ।

Digitized by srujanika@gmail.com

ସେ ସମୟେ ମନୁଷ୍ୟର ଶକତି ଦେଖିଣ
ବେଦବ୍ୟାସ ବିଚରିଲେ ଗରୁଡ଼ ପୁରାଣ ।
ଅମୃତ ତୁଲ୍ୟ ବଚନ ପୁରାଣ ଆଖ୍ୟାନ
ଗରୁଡ଼ ପୁରାଣେ ଯାହା ହୋଇଛି ଲିଖନ ।

ସାଧୁ ସନ୍ଥ ଶୁଣ ତାହା ମନ କର୍ଣ୍ଣ ଦେଇ
ସେ କଥା ତୁମ୍ଭ ଆଗରେ କହୁଅଛି ମୁହିଁ ।
ଶ୍ରୀବିଷ୍ଣୁ ଗରୁଡ଼ ଯାହା ବୈକୁଣ୍ଠ ପୁରରେ
କହିଥିଲେ ଶ୍ରୀମୁଖରେ ଅତି ଆଦରରେ ।

ସୁତ ଉବାଚ

ମହାପ୍ରଳୟ କାଳରେ ଦେବ ନାରାୟଣ
ଅନନ୍ତ ଶଯ୍ୟାରେ ପ୍ରଭୁ କରିଲେ ଶୟନ ।
ଦେବୀ ସରସ୍ୱତୀ ପାଦ ଧୀରେ ମଞ୍ଚାଳନ୍ତି
ଏସନକ କେତେ କାଳ ଗଲା ତହୁଁ ବିତି ।
ପ୍ରଳୟ କାଳରେ ଶେଷ ସମୟ ହୁଅନ୍ତେ
ଯୋଗ ନିଦ୍ରା ଶାନ୍ତି ହେବା ହୃଦୟେ ବାଞ୍ଛନ୍ତେ ।
ପ୍ରଳୟ ଜଳେ ଜନମ ହେଲା ଯେ ଦାନବ
ମହାଭୟଙ୍କର ମୂର୍ତ୍ତି ନିର୍ଦ୍ଦୟ ସ୍ୱଭାବ ।
ପ୍ରଳୟ ଜଳ ତାହାକୁ ହୁଏ ଆଣ୍ଠୁଆଣି
ଘୋର ଗରଜନ କରି ଭ୍ରମେ ଦୈତ୍ୟ ପୁଣି ।
ଭ୍ରମି ଭ୍ରମି ପ୍ରବେଶିଲେ ଅନନ୍ତ ପାଶରେ
ସରସ୍ୱତୀଙ୍କୁ ଦେଖିଲା ଯହୁଁ ନୟନରେ ।
କାମେ ଅଶକତ ହେଲା ଦୁଷ୍ଟ ମନ୍ଦମତି
ବଳାତ୍କାରେ ଧରିବାକୁ ଇଚ୍ଛିଲା ଝଟତି ।
ତାହା ଦେଖି ପଳାଇଲେ ଦେବୀ ବୀଣାପାଣି
ପଛେ ଗୋଡ଼ାଇଲା ଦୈତ୍ୟ କୋପେ ଶିରଝୁଣି ।
ଦଉଡ଼ି ଦଉଡ଼ି ଦେବୀ ହେଲେ ଅଶକତା
ନିକଟେ ପ୍ରବେଶ ହେଲା ଦୈତ୍ୟ ବଳବନ୍ତା ।
ତାହା ଜାଣି ସରସ୍ୱତୀ କପଟ ବିହିଲେ
କୋମଳ କରି ତାହାକୁ ବଚନ ବୋଇଲେ ।

ଶୁଣ ହେ ଦୈତ୍ୟ ମୁକୁଟମଣି ମୋ ବଚନ
ଦେଖ ମୋର ସ୍ୱାମୀ କରିଅଛନ୍ତି ଶୟନ ।
ସ୍ୱାମୀ ଥାଉଁ ତୁମ୍ଭ ସଙ୍ଗେ କିପରି ରମିବି
ସ୍ୱାମୀ ଅପବାଦ ଦେବେ କିପରି ସହିବି ।
ତୁମ୍ଭେ ଯଦି ବଳେ ବିନାଶିବ ମୋ ସ୍ୱାମୀଙ୍କୁ
ଆନନ୍ଦ ମନେ ଭଜିବି ମୁହିଁ ଯେ ତୁମ୍ଭଙ୍କୁ ।
ମୋତେ ପାଇବା ପାଇଁକି ଇଚ୍ଛା ଯଦି ଅଛି
ଶୀଘ୍ର ମାର ମୋ ସ୍ୱାମୀଙ୍କୁ ତୁମ୍ଭଙ୍କୁ କହୁଛି ।
ତାହା ଶୁଣି ଦୈତ୍ୟ ମୋହେ ଜାଣି ନ ପାରିଲା
ଶାୟିତ ବିଷ୍ଣୁ ଅଙ୍ଗରେ ଗଦା ପ୍ରହାରିଲା ।
ବାଜିଣ ଗଦା ଶ୍ରୀଅଙ୍ଗେ ଅଗ୍ନି ବାହାରିଲା
ପ୍ରଭୁଙ୍କର ଯୋଗ ନିଦ୍ରା ତୁରିତେ ଭାଙ୍ଗିଲା ।
ଦେଖିଲେ ଗଦା ହସ୍ତରେ ଅସୁର ଅଛଇ
ଗଦାଧର ମହାପ୍ରଭୁ ପଡ଼ିଲେକ ଡେଇଁ ।
ଦୈତ୍ୟ ସଙ୍ଗେ ବହୁ ଯୁଦ୍ଧ କଲେ ନାରାୟଣ
କେତେ ସମ୍ବତ୍ସର ବିତିଗଲା ତହିଁ ପୁଣ ।
କ୍ରମେ ବଳ କ୍ଷୀଣ ହେଲା ଅସୁର ଦେହରୁ
ରଣେ ଅସକତ ହେଲା ଦାନବ ସେଠାରୁ ।
ଜାଣିଲା ଏ ଭଗବାନ ଅଟନ୍ତି ନିଶ୍ଚୟେ
ଏହାଙ୍କୁ ମାରି ପାରିବ ବ୍ରହ୍ମାଣ୍ଡରେ କିଏ ।
ଏହା ଜାଣିଣ ବିନତି କରିଣ କହଇ
ଅସୁର ଜନ୍ମରୁ ଦେବ ପାରିକର ତୁହି ।

Digitized by srujanika@gmail.com

ମୁହିଁ ମନ୍ଦଗତି ମନ୍ଦ କରମ କରିଲି
ତୁମ୍ଭଠାରେ ଦ୍ରୋହ କରି ଅଖଡ଼େ ମରିଲି ।
ଦୟାକରି ମହାପ୍ରଭୁ ଅଜ୍ଞାନ ଅସୁରେ
ମୋର ପାପରାଶି ନାଶ କରନ୍ତୁ ହେ ବାରେ ।
ଏହିପରି ସ୍ତୁତି ଯହୁଁ କରିଲା ଅସୁର
ଦୟା ପରବଶେ ତାକୁ କହିଲେ ଶ୍ରୀଧର ।
ଲକ୍ଷକୋଟି ଯୋଜନ ତୁ କାୟାକୁ ବିସ୍ତାର
ତାହା ଶୁଣି ଦୈତ୍ୟ କାୟା ବିସ୍ତାରିଲା ତାର ।
ଚକ୍ରଧାରୀ ଚକ୍ର ଧରି ତାହାର ମୁଣ୍ଡକୁ
ବେନି ଖଣ୍ଡ କରି ମର୍ଦ୍ଦି ତାହାର ପିଣ୍ଡକୁ ।
ମେଦ ଆକାରେ ମର୍ଦ୍ଦିଲେ ଅସ୍ଥି ସହିତରେ
ନିଜ ଦୈବୀଶକ୍ତି ବଳେ ସ୍ଥିରୀ ରୂପ କଲେ ।
ସେହି ମେଦକୁ ସ୍ଥାପିଲେ ପ୍ରଳୟ ଜଳରେ
ଅଙ୍ଗୁଲୋମ ଉପାଡ଼ିଣ ପୋତିଲେକ ତୀରେ ।
ସ୍ଥିରହୋଇ ଜଳର ମଧ୍ୟରେ ସେ ରହିଲା
ତେଣୁ କରି ମେଦାମେଦ ମେଦିନୀ ହୋଇଲା ।
ଏଥୁଅନନ୍ତରେ ପ୍ରଭୁ ତ୍ରୈଲୋକ୍ୟ ଗୋସାଇଁ
ତ୍ରୈଲୋକ୍ୟ ସୃଷ୍ଟି କରିବା ବିଚାରିଲେ ତହିଁ ।
ଏ ସମୟେ ଆଦିମାତା ମୋହିନୀ ରୂପରେ
ଦେଖାଦ୍ୟନ୍ତେ ନାରାୟଣ କାମ ଆସକ୍ତିରେ ।
ବ୍ରହ୍ମବିନ୍ଦୁ ପରିତ୍ୟାଗ କରିଲେ ଝଟତି
ସେ ବିନ୍ଦୁ ଧାରଣେ ଆସକତା ଆଦିଶକ୍ତି ।
ଧରି ନ ପାରିଣ ଦେବୀ ପ୍ରଳୟ ଜଳରେ
ବ୍ରହ୍ମବିନ୍ଦୁ ପକାଇଣ ଦେଲେକ ସତ୍ୱରେ ।
ସେହି ବିନ୍ଦୁରେ ଜନମ ହୋଇଲା ଓଁକାର
ଓଁକାରରୁ ବୀଜତ୍ରୟ ଜନ୍ମିଲେ ସତ୍ୱର ।
ହ୍ଲୀଁ, କ୍ଲୀଁ, ଶ୍ଲୀଁ ନାମେ ଯେଉଁ ଜୀବତ୍ରୟ
ବ୍ରହ୍ମା ବିଷ୍ଣୁ ଶିବ ସିନା ସେହି ଶିବ ତ୍ରୟ ।
ପ୍ରଥମରେ ବ୍ରହ୍ମାଙ୍କୁ ସେ ନେତ୍ରରେ ଦେଖିଲେ
ସୃଷ୍ଟି ସର୍ଜନା ନିମନ୍ତେ ତାଙ୍କୁ ଆଜ୍ଞା ଦେଲେ ।
ପ୍ରଳୟ ପୂର୍ବରୁ ଯେହ୍ନେ ଥିଲା ଏହି ସୃଷ୍ଟି
ସେହିପରି ସରଜନା କର ପରମେଷ୍ଠୀ ।
ପୃଥିବୀ ସହିତ ସର୍ବ ଜୀବଜନ୍ତୁ କର
ବୃକ୍ଷଲତା ପର୍ବତାଦି ବେଗେ ସୃଷ୍ଟି କର ।
ଆଜ୍ଞାମାତ୍ରେ ବ୍ରହ୍ମା ସବୁ ସରଜନା କଲେ
ସ୍ୱର୍ଗ ମର୍ତ୍ତ୍ୟ ସହିତରେ ପୁରମାନ କଲେ ।
ପଶୁପକ୍ଷୀ କୀଟ ସରିସୃପ ନରାସୁର
ଦେବତା ଦାନବ ପୁଣି ସ୍ଥାବରାସ୍ଥାବର ।
ପୂର୍ବେ ଥିଲା ଯେଉଁପରି ସବୁ ସୃଷ୍ଟି କଲେ
ସୃଷ୍ଟିପ୍ରାଣୀ ପୁରମାନ ଦେଖି ଖୁସି ହେଲେ ।
ତାହା ଦେଖି ଶୂନ୍ୟବାସୀ ବିଷ୍ଣୁଙ୍କୁ ଚାହିଁଲେ
ଏହିମାନଙ୍କୁ ପାଳନା କର ଆଜ୍ଞା ଦେଲେ ।
ତାହାଙ୍କ ଆଜ୍ଞା ପାଇଣ ବିଷ୍ଣୁ ତ୍ରିଭୁବନ
ପ୍ରାଣୀମାନଙ୍କୁ ଆନନ୍ଦେ କରିଲେ ପାଳନ ।
ଶିବଙ୍କୁ ଚାହିଁ ପରମବ୍ରହ୍ମ ଯେ ବୋଇଲେ
ଯୋଗ କରି ବସ ତୁମ୍ଭେ ସଦା ଆତ୍ମ ବୋଲେ ।
ପାପଭାରା ଅଧିକ ହୋଇଲେ ତୁମ୍ଭେ ପୁଣି
ଏମାନଙ୍କୁ ସଂହାର କରିବ କଥା ମାନି ।
ଯେତେ ପ୍ରାଣୀ ସୃଷ୍ଟି ହେଲା ବ୍ରହ୍ମାଣ୍ଡ ମଧ୍ୟରେ
ଆତ୍ମାରୂପେ ବିଷ୍ଣୁ ଛନ୍ତି ସକଳ ମଧ୍ୟରେ ।
ବିଷ୍ଣୁଙ୍କର ଅଂଶ ତେଣୁ ସମସ୍ତେ ଅଟନ୍ତି
ଜ୍ଞାନୀମାନେ ଆଜ୍ଞାନେତ୍ରେ ତାହାକୁ ଦେଖନ୍ତି ।
କାମ କ୍ରୋଧ ଲୋଭ ମୋହ ମଦ ଯେ ମତ୍ସର
ଏମାନଙ୍କୁ ଭିଆଇଲେ ଦେବ ଶିରୀଧର ।
ପ୍ରାଣୀମାନଙ୍କ ଦେହରେ ରଖିଲେ ତାହାଙ୍କୁ
ନିରନ୍ତରେ ମୋହିବେ ସେ ପ୍ରାଣୀଙ୍କ ମନକୁ ।
ପ୍ରକୃତିବଶ ହୋଇଣ ଭ୍ରମି ନାନା କର୍ମେ
ମାୟାମୋହ ହୋଇ ନ ବିଚାରି ଧର୍ମାଧର୍ମେ ।
ତେଣୁ ପାପ ତାପରେ ପତିତ ହୋଇ ପ୍ରାଣୀ
ସଂହାର ହୁଅନ୍ତି ଶିବଙ୍କର କରେ ପୁଣି ।
ଯେଉଁଜନ ଜ୍ଞାନବଳେ ବ୍ରହ୍ମଙ୍କୁ ଚିହ୍ନଇ
ଆଶା ନ ରଖି ତାହାଙ୍କୁ ଭକତି କରଇ ।
ଭବସାଗର ଅକ୍ଲେଶେ ସେ ଜନ ତରଇ
ପାପତାପ ଆଦି ତାକୁ ତିଳେ ନ ବାଧଇ ।
ବ୍ୟାସ ଅଙ୍ଗିରାଦି ମୁନିମାନେ ଯେ ମାର୍ଗରେ
ମୁକ୍ତି ଲଭିଥିଲେ ତାହା ପୁରାଣ ଆକାରେ ।
ଲେଖି ଯାଇଛନ୍ତି ନାମ ବ୍ରହ୍ମ ହୃଦେ ଧରି
ସେ ପଥ ଧରିଲେ ଭବସିନ୍ଧୁ ହେବ ପାରି ।
ପଢ଼ି ଶୁଣି ସଦଗ୍ରନ୍ଥ ସଂସାରେ ମାନବେ
ବିଷ୍ଣୁ ମହିମା କିପରି ବୁଝିଣ ପାରିବେ ।
ସେ ବଳରେ ଭବସିନ୍ଧୁ ଗୋଷ୍ପଦ ସଦୃଶ
ଅକ୍ଲେଶରେ ପାରି ହୋଇ ଯିବେଟି ମନୁଷ୍ୟ ।

Digitized by srujanika@gmail.com

ତାହାକୁ ନିନ୍ଦା କରି ଯେ ପ୍ରକୃତି ବଶରେ
ନିରନ୍ତର ପଡ଼ି ହୁଏ ମାୟା ମୋହାଦିରେ ।
ମାୟା ମୋହେ ପଡ଼ି ବଣା ହୋଇବ ଯେ ଜନ
ନାନା ଯନ୍ତ୍ରଣା ଭୋଗିବ ନାନା ରୋଗମାନ ।
ଦୋଷୀମାନଙ୍କର ପାଇଁ ଯମ ନର୍କମାନ
ସୃଷ୍ଟି କରିଅଛନ୍ତି ଯେ ପ୍ରଭୁ ନାରାୟଣ ।
ସଂସାରେ ଜନ୍ମ ଯେ ଜନ କରେ ମନ୍ଦ କାର୍ଯ୍ୟ
କର୍ମ ଅନୁସାରେ ଭୋଗ ଭୁଞ୍ଜେ ଅନିବାର୍ଯ୍ୟ ।
ସମସ୍ତ ସୃଷ୍ଟି କରିଣ ଦେବ ଦଇତାରି
ବଇକୁଣ୍ଠେ ବସିଛନ୍ତି ବୈକୁଣ୍ଠ ବିହାରୀ ।
ଭଲ ମନ୍ଦ ଯାହା ଯାହା ସଂସାରେ ହୁଅଇ
ନିରପେକ୍ଷ ଭାବେ ପ୍ରଭୁ ସକଳ ଦେଖଇ ।
ଆଜ୍ଞା ପ୍ରମାଣେ ସଂସାରେ ଚଳଇ ନିରତ
ଚନ୍ଦ୍ର ସୂର୍ଯ୍ୟ ଗ୍ରହ ତାରା ହୁଅନ୍ତି ଉଦିତ ।
ଆଜ୍ଞାବଳେ ବହେ ବାୟୁ ଅଗ୍ନି ପ୍ରଜ୍ୱଳିତ
ହୋଇ ଦହନ କରଇ ସକଳ ପଦାର୍ଥ ।
ତାହାଙ୍କ ଆଦେଶେ ଇନ୍ଦ୍ର ଜଳ ବରଷଇ
ଆଜ୍ଞା ପ୍ରମାଣରେ ପୃଥ୍ୱୀ ସୁସ୍ଥରେ ଅଛଇ ।
ଖରା ବର୍ଷା ଶୀତ ପୁଣି ବସନ୍ତ ଯେ ଋତୁ
ଆଜ୍ଞା ପ୍ରମାଣରେ ହୁଏ ସର୍ବ ସୁଖ ହେତୁ ।
ଶୁଣିଲ ତ ମୁନିମାନେ ସୃଷ୍ଟିର ରଚନା
ଗରୁଡ଼ ପୁରାଣେ ଯାହା ହୋଇଛି ବର୍ଣ୍ଣନା ।
ଗରୁଡ଼ଙ୍କୁ କହିଛନ୍ତି ଦେବ ହୃଷୀକେଶ
ଏସନକ ବାଣୀ ଆହେ ମୁନିଜନ ଈଶ ।
ଯାହା ଶୁଣିଥିଲି ତୁମ୍ଭ ଆଗରେ କହିଲି
ମୋର ଦୋଷ ନ ଧରିବା ପାଇଁ ନିବେଦିଲି ।
ସେ ପୁରାଣ ବାଣୀ ଗୀତେ କରିଲି ରଚନ
ଦୋଷ ମୋ ନ ଧର ଧୀର ଜ୍ଞାନଶ୍ରେଷ୍ଠ ଜନ ।
ଦୀନହୀନ ଆର୍ତ୍ତତ୍ରାଣ ଦାସ ଅଟେ ପୁଣି
ଗୁରୁ ଅନୁବ୍ରତେ ଗୀତ ବିରଚିଲି ଆଣି ।

ଇତିଶ୍ରୀ ଗରୁଡ଼ପୁରାଣେ ନୈମିଷାୟୋପାଖ୍ୟାନେ
ଗରୁଡ଼ ବିଷ୍ଣୁ ସମ୍ବାଦେ ଗ୍ରନ୍ଥାରମ୍ଭ ସୃଷ୍ଟି
ପ୍ରସଙ୍ଗ କଥୋପକଥନେ ନାମ
ପ୍ରଥମୋଽଧ୍ୟାୟଃ ।

—୦—

ଦ୍ୱିତୀୟ ଅଧ୍ୟାୟ

ଯମ ଯାତନା ବା ପାପକର୍ମର ଫଳ ଓ ପିଣ୍ଡଦାନ

ଋଷୟ ଉଚୁଃ

ସୃଷ୍ଟିର ପ୍ରସଙ୍ଗ ବାଣୀ ଶୁଣି ମୁନିମାନେ
ପୁନରପି ପୁଚ୍ଛାକଲେ ବିନୟ ବଚନେ ।
ଆହେ ସୁତ ମହାମନା ତୁମ୍ଭେ ସର୍ବଜ୍ଞାତା
ଭୂତ ଭବିଷ୍ୟତ ବାଣୀ କଥନେ ଶକତା ।
ତୁମ୍ଭେ ଯେ କହିଲ ପାପକର୍ମ ଦଣ୍ଡ ପାଇଁ
ଯମରାଜା ନର୍କମାନ ସର୍ଜି ଗଲେ ବିହି ।
ପାପ କର୍ମ ଫଳମାନ ବୁଝାଇ କହିବ
ଯମ ଯାତନା କିପରି ବୁଝାଇଣ ଦେବ ।
ପିଣ୍ଡଦାନ କଲେ କିବା ଫଳ ହୁଏ ପୁଣ
ଏ ସମସ୍ତ କହିବ ଯେ ସଂକ୍ଷେପ କରିଣ ।
ତୁମ୍ଭର ମୁଖରୁ ଶୁଣି ଆମ୍ଭେ ନିସ୍ତରିବୁ
କଳି କଳୁଷ ପଙ୍କରୁ ଉଦ୍ଧରିଣ ଯିବୁ ।
ଏତେ କହି ମୁନିମାନେ ମଉନେ ରହିଲେ
ଶ୍ରୀଗୁରୁ ଚରଣ ଧ୍ୟାୟି ସୁତ ଯେ କହିଲେ ।

ଶ୍ରୀ ସୁତ ଉବାଚ

ଶୁଣ ଆହେ ମୁନିମାନେ ପଚାରିଲ ଯାହା
ଠିକେ ଠିକେ ତୁମ୍ଭଙ୍କୁ ମୁଁ କହୁଅଛି ତାହା ।
ଯମପୁର ଗୋଟି ଅଟେ ଅତ୍ୟନ୍ତ ଦୁର୍ଗମ
ଅତ୍ୟନ୍ତ ଭୀଷଣ ଅଟେ ସିନା ସେହି ସ୍ଥାନ ।
ତା' ମଧ୍ୟରୁ ସାର ସାର କଥାମାନ ବାଛି
ତୁମ୍ଭମାନଙ୍କ ଛାମୁରେ ମୁହିଁ କହୁଅଛି ।
ଧର୍ମବନ୍ତ ଜନଙ୍କର ତହିଁ ନାହିଁ ଭୟ
ନେତ୍ରେ ନ ଦେଖନ୍ତି ସେହି ପଥକୁ ନିଶ୍ଚୟ ।
ପାପୀମାନେ ନିରନ୍ତର ଯାତନା ଭୋଗନ୍ତି
ନର୍କ କୁଣ୍ଡେ ପଡ଼ିକରି ବିକଳ ହୁଅନ୍ତି ।
ଅତି ଭୀତପ୍ରଦ ତହିଁ ଯାତନା ଅଟଇ
ଶୁଣିଲେ ହୃଦୟ ବିକମ୍ପିତ ଯେ ହୁଅଇ ।
ପୂର୍ବେ ବଇକୁଣ୍ଠପୁରେ ଦେବ ନାରାୟଣ
ଗରୁଡ଼କୁ କହିଥିଲେ ଏ ପରୁ ଆଖ୍ୟାନ ।

Digitized by srujanika@gmail.com

ସିଂହାସନେ ଉପବିଷ୍ଟ ଥିଲେ ଦେବ ଦିନେ
ଗରୁଡ଼ ମିଳିଲା ଯାଇ ପ୍ରଭୁ ସନ୍ନିଧ୍ୟାନେ ।
ସାଷ୍ଟାଙ୍ଗେ ପ୍ରଣାମ କରି ଯୋଡ଼ି ବେନି କର
ଯମ ଯାତନା ପ୍ରସଙ୍ଗେ ପୁଚ୍ଛେ ପକ୍ଷୀବର ।
ଅତ୍ୟନ୍ତ ବିନୟ ହୋଇ କହଇ ବଚନ
ତୁମ୍ଭ ଶ୍ରୀମୁଖୁ ଶୁଣିଲେ ନିସ୍ତରିବି ପୁଣ ।
ତୁମ୍ଭେ ତ ଜଗତ ପତି ପତିତପାବନ
କୀଟୁ ବ୍ରହ୍ମ ପରିଯନ୍ତେ ପୂରିଛନ୍ତି ପୁଣ ।
ତୁମ ପାଦପଦ୍ମେ ଭକ୍ତି କଲେ ଯେଉଁମାନେ
ବଇକୁଣ୍ଠପୁରେ ଭୋଗ ଭୁଞ୍ଜିଲେ ସେମାନେ ।
ସେମାନଙ୍କ କଥା ବହୁ ଶୁଣିଅଛି ମୁହିଁ
ପାପୀମାନଙ୍କର କଥା କୁହ ଭାବଗ୍ରାହୀ ।
ଯମମାର୍ଗ ଦୁଃଖପ୍ରଦ ଅତ୍ୟନ୍ତ ଭୀଷଣ
ଶୁଣିଅଛି ବୃଦ୍ଧମାନଙ୍କର କଥା ଶୁଣ ।
ଦୟାବହି ସେହି କଥା ବୁଝାଇ କହିବ
ହୃଦୟ ମଧ୍ୟରୁ ମୋର ସଂଶୟ ଦହିବ ।
ଆପଣଙ୍କ କଥାମୃତ ଯେ ନ କରେ ପାନ
ଯମଯାତନା ଭୋଗଇ ସେହି ପାପୀଜନ ।
କୁକର୍ମମାନ କରନ୍ତି ଚିତ୍ତେ ନ ବିଚାରି
ନରକମାନଙ୍କେ ପଡ଼ି ହୁଅନ୍ତି ସେ ଘାରି ।
ସେମାନଙ୍କ ଗତି ତୁମ୍ଭେ ବୁଝାଇ କହିବ
ସେ ପାପ ପ୍ରଭାକୁ ତାହି ଲଭେ କେହ୍ନ ଜୀବ ।
ଦୟା କରି ଦାସଜନେ କହନ୍ତୁ ଭୋ ଦେବ
ଦୁରିତ ବିନାଶ ମୋର ଶୁଣନ୍ତେ ହୋଇବ ।
ତୁମ୍ଭେ ଏକା ସାମରଥା କହିବାକୁ ନାଥ
ତୁମ୍ଭବିନୁ କିଏ ଆଉ ହେବ ସାମରଥ ।
ତୁମ୍ଭେ ବିନୁ ନାରାୟଣ ସନ୍ତୋଷ ହୋଇଲେ
ଆପଣା ଭକତେ ବହୁ ପ୍ରଶଂସା ସେ କଲେ ।
ଧୀରେ ଧୀରେ କହିଲେ ଯେ କମଳାର ବର
ଶୁଣ ହୋ ଗରୁଡ଼ ଅପୂର୍ବ ସେ ସମାଚାର ।

ଶ୍ରୀ ଭଗବାନୁ ବାଚ

ଅତି ଦୁର୍ଗମ ଅଟଇ ବାବୁ ଯମପୁର
ସୂର୍ଯ୍ୟଙ୍କ କିରଣ ନ ନିଶଇ ତା' ମଧ୍ୟର ।
ଚନ୍ଦ୍ରଙ୍କର ରଶ୍ମି ନାହିଁ ସେହି ପୁର ମଧ୍ୟ
ମହା ଅନ୍ଧକାର କେ ବର୍ଣ୍ଣିବ କାରସାଧ୍ୟ ।
ସେ ପୁର ପଥରେ ସିଂହ ବ୍ୟାଘ୍ର ସର୍ପମାନେ
ପୂରି ରହିଛନ୍ତି ହିଂସ୍ରଜନ୍ତୁ ସ୍ଥାନେ ସ୍ଥାନେ ।
ପଡ଼ିଲେ ତାଙ୍କ କବଳେ ନ ଉବୁରେ ପ୍ରାଣୀ
ମୃତ୍ୟୁପଥରେ ପଥିକ ହୁଏ ତତ୍କ୍ଷଣି ।
ବିଷଧର ବୃଶ୍ଚିକ ଯେ ନାନା କୀଟମାନେ
ଦଂଶନ କରି ପୀଡ଼ନ୍ତି ପୁଣି ସେହି ସ୍ଥାନେ ।
ପୂଯ ନାଳ ମଳ ମୂତ୍ର ସ୍ଥାନେ ସ୍ଥାନେ ପୂରି
ଦୁର୍ଗନ୍ଧ ହୁଅଇ କ୍ଷଣେ ରହି ଯେ ନ ପାରି ।
କଣ୍ଟକମୟ ଅଟଇ ଅବା ଯେଉଁ ସ୍ଥାନ
ଦୂତମାନେ ଭ୍ରମନ୍ତି ଯେ ଧରି ଅସ୍ତ୍ରମାନ ।
ପାପ କରି ଯେଉଁମାନେ ମରଣ ଲଭନ୍ତି
ସେହିମାନେ ଏହି ପଥ ଗମନ କରନ୍ତି ।
ପ୍ରାଣୀ ହିଂସା କରନ୍ତି ଯେ ହୋଇ ମତ୍ତଗର୍ବ
ଉତ୍ତମ ଶାସ୍ତ୍ର ନିନ୍ଦନ୍ତି ବହି ମୂଢ଼ ଭାବ ।
ମିଥ୍ୟା କପଟରେ ସଦା ସର୍ବଦା ରହନ୍ତି
ଦୟା ଧର୍ମ ହୃଦୟରୁ ବର୍ଜନ କରନ୍ତି ।
ସାଧୁଜନଙ୍କୁ ଦେଖିଲେ ଉପହାସ କରି
ନାନା ଦୁର୍ବଳବଚନ ମୁଖରେ ଉଚ୍ଚାରି ।
ଟେକା ପଥର ପିଙ୍ଗନ୍ତି ବୟସ ଗର୍ବରେ
ଗୁରୁଜନ ନ ମାନନ୍ତିମୂଢ଼ ସ୍ୱଭାବରେ ।
ଅସୁର ସ୍ୱଭାବେ ନିତି ମଦମାଂସ ଖାନ୍ତି
ପରଧନ ପରସ୍ତିରୀ ନିରତେ ହରନ୍ତି ।
ତର୍କ କରି ସତ୍ୟ ମିଥ୍ୟା କହନ୍ତି ସର୍ବଦା
ଈଶ୍ୱର ବିଶ୍ୱାସ ବୃଥା ବୋଲି କରି ନିନ୍ଦା ।
ଉବନୀତ ଜ୍ଞାନ ନ ରଖନ୍ତି କେତେବେଳେ
ମୁହିଁ ବଡ଼ ବୋଲି କହୁଥାନ୍ତି ସଦାକାଳେ ।
ମୋ'ଠାରୁ ପଣ୍ଡିତ କେହି ଜଗତରେ ନାହିଁ
ଜ୍ଞାନୀମାନୀ ଦାନୀ ଦାତା ସବୁ ଅଟେ ମୁହିଁ ।
ବଳାତ୍କାରେ ପରଧନ ପରବୃତ୍ତିମାନ
ନିରନ୍ତରେ କରୁଥାନ୍ତି ସେମାନେ ହରଣ ।
ନିଜ ରମଣୀ ବରଜି ବେଶ୍ୟାଠାରେ ରତ
ପର କାମିନୀ କାମନା କରେ ଯାର ଚିତ୍ତ ।
ଗୋଚର ଭୂମିକୁ ଚାଷ କରଇ ଯେ ମୂଢ଼
ଅତିଥି ଦେଖିଲେ ଦିଏ ଯେହୁ ଜନ ମାଡ଼ ।
ଅଜ୍ଞାନ ପଣରେ କାମଭୋଗେ ଯେହୁ ମାତି
ଭଲ ମନ୍ଦ ବିଚାର ନ କରେ ମୂଢ଼ ମତି ।

Digitized by srujanika@gmail.com

ସେହିମାନେ ଏହି ନର୍କପୁରକୁ ଆସନ୍ତି
ଅଶୁଚି ନରକେ ପଡ଼ି ସଢ଼ିଣ ମରନ୍ତି ।
କଣ୍ଟକମୟ ପଥରେ ଘୋଷାରନ୍ତି ତାଙ୍କୁ
ତପ୍ତ ତୈଳ କଟାକ୍ଷରେ ନିକ୍ଷେପନ୍ତି ତାଙ୍କୁ ।
ଯମଦୂତେ ନାନା ମାଡ଼ ତାହାଙ୍କୁ ମାରନ୍ତି
କ୍ଷୁଧାକାଳେ ଅନ୍ନଦାନ କେବେ ନ କରନ୍ତି ।
ତୃଷାକାଳେ ଜଳବିନ୍ଦୁ ନ ଦିଅନ୍ତି କେବେ
ବିଷକୀଟେ କାମୁଡ଼ନ୍ତି ତାହାକୁ ସ୍ୱଭାବେ ।
ଗୁଣବନ୍ତ ଦୟାଳୁ ପୁରୁଷ ଯେଉଁମାନେ
ଏହି ପାପ ପଥ ନ ଦେଖନ୍ତି ସେ ସ୍ୱପନେ ।
ପାପାତ୍ମା ନରକେ ପଡ଼େ ଭୋଗ ଶେଷଯାଏ
ପରଜନ୍ମେ ନାନା ଦୁଃଖ ଭୋଗଇ ନିଶ୍ଚୟେ ।
ସ୍ଥୂଳ ଶରୀର ଧରିଣ ଭୋଗ ବହୁ ରୋଗ
ନାନା ଦୁଃଖ ଯନ୍ତ୍ରଣା ଯେ ଲଭେ ମନ୍ଦଭାଗ୍ୟ ।
ନାନାଦି ବ୍ୟାଧି ଜ୍ୱାଳାରେ ମଲି ମଲି ହୋଇ
ପାହୁଣ୍ଡେ ଯିବାକୁ ତାର ଶକତି ନ ଥାଇ ।
ତଥାପି ଧନ ତନୟ ଦାରା ମୋହେ ପଡ଼ି
ନିରନ୍ତରେ ପାପକର୍ମ କରେ ପଥ ଛୁଡ଼ି ।
ତିଳେହେଲେ ନିଜ ଦୋଷ କଥା ନ ଭାବଇ
ମନେ ମନେ ସୁଖ ସୌଧ ନିତି ଗଢୁଥାଇ ।
ଏହିପରି ବହୁ କଷ୍ଟେ ଜୀବନ ଲଭିଣ
ଯଥାକାଳେ ଲଭଇ ସେ ଆପଣା ମରଣ ।
ସୂକ୍ଷ୍ମ ଦେହ ସ୍ଥୂଳ ଦେହ ଛାଡ଼ିଣ ଚଳଇ
ନରକପୁର ମଧ୍ୟରେ ପ୍ରବେଶ ହୁଅଇ ।
ଯମଦୂତେ ନଗୃଢ଼ରେ ତାହାକୁ ବାନ୍ଧନ୍ତି
ନାନା ଦଣ୍ଡ କର୍ମ ଅନୁସାରେ ତାକୁ ଦ୍ୟନ୍ତି ।
ବହୁ ତର୍ଜନ କରନ୍ତି ତହିଁ ଯମଦୂତେ
ଚର୍ମପାଶେ ବାନ୍ଧି ମାଡ଼ ମାରନ୍ତି ନିରତେ ।
ତାତିଲା ଲୌହଖଣ୍ଡର ଉପରେ ଶୁଆନ୍ତି
ତୀକ୍ଷ୍ଣଧାର କରତରେ ତାହାକୁ କାଟନ୍ତି ।
ମଲି ମଲି ବୋଲି ପାପୀ ଚିତ୍କାର ଛାଡ଼ଇ
ଦୟା ନ କରି ପିଟନ୍ତି ତୁହାଇ ତୁହାଇ ।
ତାହାର ବିକଳ କଥା କହିଲେ ନ ସରେ
ନିର୍ଦ୍ଦୟ ଯମଦୂତଙ୍କ ଦୟା ନୁହେଁ ବାରେ ।
ପୂର୍ବାର୍ଜିତ କର୍ମ ଅନୁସାରେ ଦୁଃଖମାନ
ନିରନ୍ତର ଭୋଗିବାକୁ ପଡ଼େ ସେହି ସ୍ଥାନ ।

ଦୟା ମାୟା ତିଳେହେଲେ ସେ ପୁରରେ ନାହିଁ
ଯାହା ଦେଇଥିବ ପ୍ରାପ୍ତ ହୁଏ ସିନା ତହିଁ ।
ବିକଳ ହୋଇ ପାପୀଏ ଦୁତଙ୍କୁ କହନ୍ତି
ଅଜ୍ଞାନ ପଣରେ ଆମ୍ଭେ କରିଛୁ ଅନୀତି ।
ଏହିଥର ଛାଡ଼ିଦିଅ ଦୟାବହି ବାରେ
ପାପକାର୍ଯ୍ୟମାନ ଆଉ ନ କରିବୁ ଥରେ ।
ନ ମାର ଆଉ ଆମ୍ଭଙ୍କୁ ତୁମ୍ଭର ଶରଣ
କ୍ଷୁଧା ଶାନ୍ତି ପାଇଁ ଆଣି ଦିଅ କିଛି ଅନ୍ନ ।
ତୃଷାରେ ଶୁଖଇ କଣ୍ଠ ଦିଅ ଜଳ ବେଗେ
ନ ମାର ନ ମାର ଆମ୍ଭଙ୍କୁ ହେ ଆଉ ରାଗେ ।
ମତ୍ତଗର୍ବେ ନ କରିବୁ ପାପ କର୍ମମାନ
ଦୟାବହି ଆମ୍ଭ ଦୋଷ କହିବାର କ୍ଷମ ।
ବହୁତ ବିନୟ ହୋଇ ଦୂତଙ୍କୁ କହନ୍ତି
ତାହାଙ୍କର କଥା ତିଳେ ଦୂତେ ନ ଶୁଣନ୍ତି ।
କାଳଦଣ୍ଡ ଧରି ନେଇ ଯମ ନିକଟକୁ
ଛାମୁରେ ଉଭା କରନ୍ତି ସେ ପାପୀମାନଙ୍କୁ ।
ଯମ ଦେଖିଣ ତାହାକୁ ଝିଙ୍ଗାସ କରଇ
କାହିଁ ପାଇଁ ପାପକର୍ମ କରିଲୁରେ ତୁହି ।
ଯାହା କରିଅଛୁ ତାହା ଅବଶ୍ୟ ଭୋଗିବୁ
କାନ୍ଦିଲେ କି ଅବା ଏଥୁ ମୁକତି ପାଇବୁ ।
ତୋର ଉପଯୁକ୍ତ ବହୁ ନର୍କ ଏଥି ଅଛି
ଆନନ୍ଦରେ ଭୋଗିବୁ ତୁ ନାହିଁ ଅନ୍ୟ କିଛି ।
କଣ୍ଟକ ଶିମୁଳି ବୃକ୍ଷ ଅଛଇ ଏଠାରେ
ତା' ଦେହରେ ଝୁଲା ହେବୁ ତୋ କର୍ମ ଫଳରେ ।
ପ୍ରଚଣ୍ଡ ଅଗ୍ନି ଜଳଇ କୁଣ୍ଡେ ନିରନ୍ତର
ସେ ଅଗ୍ନିରେ ପକାଇବେ ମୋହର କିଙ୍କର ।
କୁମ୍ଭୀପାକ ରୌରବାଦି ନରକ ଅଛଇ
ସେହି କୁଣ୍ଡମାନଙ୍କରେ ପଡ଼ିବୁ ହୋ ତୁହି ।
ଚୌରାଅଶୀ ନର୍କ କୁଣ୍ଡ ଏହି ପୁରେ ଅଛି
ସେହି ମାନଙ୍କରେ ତୁହି ପଡ଼ିବୁ କହୁଛି ।
ସେ କୁଣ୍ଡମାନଙ୍କେ ବହୁ କୀଟ ରହିଛନ୍ତି
ଜୋକମାନେ ସେହି କୁଣ୍ଡେ ବସତି କରନ୍ତି ।
ତୋହର ରକତମାଂସ ସେମାନେ ଖାଇବେ
ସେମାନଙ୍କ କ୍ଷୁଧା ତୃଷା ଆଦି ବିନାଶିବେ ।
ବହୁତ ଗର୍ଜନ କରି ଏପରି କହନ୍ତେ
ପାପୀ ବିକଳେ କାନ୍ଦଇ ଏକଥା ଶୁଣନ୍ତେ ।

Digitized by srujanika@gmail.com

ସ୍ମରଣ କରଇ ତାର କରମ ସକଳ
ନିଜେ ନିଜେ ନିନ୍ଦା କରେ ହୋଇଣ ବିକଳ ।
ଶୂକର ସଦୃଶ ମଳ କରଇ ଆହାର
ପିତା ମାତାଙ୍କୁ ସ୍ମରଣ କରେ ନିରନ୍ତର ।
ସ୍ଥୂଳ ଦେହେ ଯେଉଁ କର୍ମମାନ କରିଥାଇ
ତାହାର ସଦୃଶ ଫଳ ତହିଁ ଯେ ଲଭଇ ।
କାମିନୀର କାମ ମୋହ ପୁତ୍ରକନ୍ୟା ସ୍ନେହ
ନିରନ୍ତର ଚିନ୍ତା କରି ହୁଏ କ୍ଷଣେ ମୋହ ।
ଦୂତଙ୍କୁ ଭୟ କରିଣ କିଛି ନ କହଇ
ଉଚ୍ଚେ କେବଳ ରୋଦନ ସେହି କରୁଥାଇ ।
କଦଳୀ ପତ୍ର ଯେପରି ବାୟୁରେ କମ୍ପିତ
ସେହିପରି କମ୍ପମାନ ହୁଏ ତାର ଗାତ୍ର ।
ଆହାର ନ ମିଳେ କିଛି ସେହି ପୁରେ ତାକୁ
ଜଳ ନ ମିଳଇ ତାକୁ ତୃଷା ମେଣ୍ଟିବାକୁ ।
କ୍ଷୁଧା ଆକୁଳରେ ଯେବେ ମାଗଇ ଆହାର
ଯମଦୂତମାନେ ତାକୁ କରନ୍ତି ପ୍ରହାର ।
ଅଙ୍ଗ ପ୍ରତ୍ୟଙ୍ଗ ରୁଧିରେ ପ୍ଲାବନ ହୁଅଇ
ଆକୁଳ ହୋଇ କ୍ରନ୍ଦନ ପାପୀ କରୁଥାଇ ।
ତତଲା ବାଲି ପୂରାନ୍ତି ତାହାର ମୁଖରେ
ତତଲା ବାଲିରେ ଉଭା କରାନ୍ତି ସତ୍ୱରେ ।
ନ ସହି ପାରିଣ ଯେବେ ପଡ଼ିଯାଏ ତଳେ
ବେତ ପ୍ରହାର କରନ୍ତି ଦୂତେ ତାକୁ ବଳେ ।
ମଲି ମଲି ବୋଲି କରେ ଉଚ୍ଚରେ ଚିତ୍କାର
ଭୟରେ ଉଠିଣ ପୁଣି ଗମଇ ସତ୍ୱର ।
କିଏ ବା କରିବ ରକ୍ଷା ଶମନ ଦଣ୍ଡରୁ
କିଏ ଉଦ୍ଧାର କରିବ ସେହି ବିପଦରୁ ।
ପାପୀଙ୍କୁ ଦଣ୍ଡିବା ପାଇଁ ସେହି ଜନ୍ତୁପତି
ଈଶ୍ୱର ପୁରୁଷଙ୍କ ଆଜ୍ଞା ପାଇଛନ୍ତି ।
ସିଂହାସନେ ବସି ପାପ ପୂଣ୍ୟ ବିଚାରନ୍ତି
କର୍ମ ଅନୁସାରେ ଦଣ୍ଡ ବିଧାନ କରନ୍ତି ।
ତିଳେ ପକ୍ଷପାତ ସେହି ନ କରନ୍ତି କରେ
କର୍ମ ଅନୁସାରେ ଦଣ୍ଡ ବିହନ୍ତି ସତ୍ୱରେ ।
ପାପୀଙ୍କି ଦେଖିଲେ କ୍ରୋଧ ବଢ଼େ ତାହାଙ୍କର
ବନ୍ଧନ କରିଣ ଦଣ୍ଡ ଦିଅନ୍ତି ଅପାର ।
କାକୁତି ମିନତି କିଛି ନ ଶୁଣନ୍ତି ସେହି
ଉଚିତ ଯାହାର ଯାହା ସେ ତାହା ଲଭଇ ।

ସେ ପୁରରେ କେହି ଆହା ବୋଲି ନ କହଇ
ଅଧିକ ଦଣ୍ଡ ଦେବାକୁ ଆସନ୍ତି ସେ ଧାଇଁ ।
ଦୂତଙ୍କର ରୂପ ଅତିଶୟ ଭୟଙ୍କର
ବିକଟାଳ ମୂର୍ତ୍ତି ଦନ୍ତ ଲଙ୍ଗଳ ପ୍ରକାର ।
ଉଚ୍ଚ ଉଚ୍ଚ ଶୃଙ୍ଗମାନ ଲମ୍ବ କର୍ଣ୍ଣ ଦୁଇ
କଳାବର୍ଣ୍ଣ ଲମ୍ବ ପେଟ କାହାର ଅଟଇ ।
ହସ୍ତପଦରେ ଶୋଭିତ ଲମ୍ବ ନଖମାନ
ସେହିମାନେ ପ୍ରହାରନ୍ତି ଧରି ଶସ୍ତ୍ରମାନ ।
ନିର୍ଦ୍ଦୟ ନିଷ୍ଠୁର ଚିତ୍ତ ଅଟଇ ତାଙ୍କର
ଦୟା ମାୟା ତିଳେ ନାହିଁ କାହାର ଉପର ।
ରକ୍ତ ବର୍ଣ୍ଣ ଚକ୍ଷୁ କରି ତରାଟି ଚାହାଁନ୍ତି
ବିକଟ ହସ ହସିଣ ପାଦ ପ୍ରହାରନ୍ତି ।
ନଖଘାତେ ବକ୍ଷ ତାଙ୍କ କରନ୍ତି ବିଦିର୍ଣ୍ଣ
ବିଧାଘାତେ ଅସ୍ଥି ମାଂସ କରନ୍ତି ସେ ଚୂର୍ଣ୍ଣ ।
ଏହିପରି ବହୁଦୂତେ ଯମର ଅଛନ୍ତି
ଆଜ୍ଞାକୁ ଅପେକ୍ଷା କରି ରହିଣ ଥାଆନ୍ତି ।
ଯମର ବାହନ ଅଟେ ମହିଷୀ ଗୋଟିଏ
ଦୀର୍ଘକାୟ ଲମ୍ବ ଶୃଙ୍ଗ ତା'ର ଶୋଭା ପାଏ ।
ପ୍ରଳୟ ଗର୍ଜ୍ଜନ ପରି ଗର୍ଜ୍ଜନ କରଇ
ଦେଖିଲେ ପାପୀଙ୍କ ପ୍ରାଣ ଶିତେଇ ଉଠଇ ।
ଯମ ଆଦେଶେ ପାପୀକୁ ଧରିଣ ଆଣରେ
ନର୍କରେ ପକାଇ ଦ୍ୟନ୍ତି ତାହାଙ୍କ ବଳରେ ।
ଅନେକ ବିକଳ ହୋଇ ଚିତ୍ତରେ ଭାବଇ
ମିଛେ ମୋର ମୋର ବୋଲିଏ ପାପ ଲଭଇ ।
ପୁତ୍ର ଦାରା ଧନ ଏତେ ସ୍ନେହେ ପାଳିଥିଲି
କେହି ସାହାଯ୍ୟ ନୋହିଲେ ନେତ୍ରରେ ଦେଖିଲି ।
ଏହିପରି ଭାବି କର୍ମ ଆଦରିଣ ସେହି
ଦୁଃଖମାନ ସହଇ ସେ ବିମୁଖ ନ ହୋଇ ।
ପୁତ୍ର ଯେବେ ତା'ର ନାମ ଉଚ୍ଚାରଣ କରି
ପିଣ୍ଡଦାନ କରେ ମୁଖେ ମନ୍ତ୍ରକୁ ଉଚ୍ଚାରି ।
ସେହି ପିଣ୍ଡ ଯମପୁରେ ପାପୀମାନେ ପାନ୍ତି
ତାହାଫଳେ କ୍ଷୁଧା ତୃଷା ହୁଏ ତା'ର ଶାନ୍ତି ।
ପତିବ୍ରତୀ ପୁତ୍ରବଧୂ ପୁତ୍ର ସହିତରେ
ଶୁଦ୍ଧଚିତ୍ତେ ପିଣ୍ଡଦାନ କରନ୍ତି ଭକ୍ତିରେ ।
ବିଷ୍ଣୁ ଉପାସନା କରି ବ୍ରାହ୍ମଣ ବଚନେ
ଶ୍ରଦ୍ଧାଚିତ୍ତେ ପିଣ୍ଡଦାନ କରନ୍ତି ଯତନେ ।

Digitized by srujanika@gmail.com

ବ୍ରାହ୍ମଣ ଭୋଜନ ଦେଇ ପ୍ରାର୍ଥନା କରନ୍ତି
ପିତୃପିତାମହ ମୋର ଲଭନ୍ତୁ ମୁକତି ।
ତେବେ ସେହି ପାପୀ ପାପୁଁ ମୁକତି ହିଅଇ
ପାପତାପ ବିଦୂରିତ ହୁଏ ଜାଣ ତୁହି ।
ଯଦ୍ୟପି ପୁତ୍ର ଜାରଜ କି ବର୍ଣ୍ଣଶଙ୍କର
ହୋଇଥାଏ ପିଣ୍ଡ ଦେବା ନିଷ୍ଫଳ ତାହାର ।
ପିତୃଗଣଙ୍କର ପୁଣ୍ୟ ନ ହୁଏ ତହିଁରେ
ଅଧିପ ପାପ ହୁଅଇ ତାହାର ଫଳରେ ।
ଗାର୍ହସ୍ଥ୍ୟ ଧର୍ମ ବିଧିରେ ନିଜ ପତ୍ନୀସହ
ସଂସାର କର୍ମ କରିଣ ଜନ୍ମାଇଲେ ପୁଅ ।
ତାର ଧର୍ମ ଫଳେ ପିତୃଲୋକ ପାଇଥାନ୍ତି
ସେ ପୁଣ୍ୟବଳରେ ପାପୁଁ ମୁକତି ହୁଅନ୍ତି ।
ଏବେ ପାପୀଙ୍କର ଗତି ପିଣ୍ଡଦାନ ଫଳ
ତୁମ୍ଭଙ୍କୁ କହିଲି ମୁହିଁ ଆହେ ମହାବଳ ।
ଆଉ କିଛି ଶୁଣିବାକୁ ଯଦି ଇଚ୍ଛା ଅଛି
ପଚାରିଲେ କହିବଇଁ ସତ୍ୟ ମୁଁ କହୁଛି ।
ଏହା ଶୁଣି ଗରୁଡ଼ ଯେ କୃତ୍ୟ କୃତ୍ୟ ହେଲା
ପ୍ରଭୁଙ୍କର ପାଦେ ପଡ଼ି ଆନନ୍ଦେ କହିଲା ।
ଶୁଣିଲି ତୁମ୍ଭ ମୁଖରୁ ଅପୂର୍ବ ଆଖ୍ୟାନ
ନିସ୍ତରିଲି ନିସ୍ତରିଲି ଦେବ ନାରାୟଣ ।
ତାଙ୍କ ପାଦପଦ୍ମ ହୃଦପଦ୍ମେ ଚିନ୍ତା କରି
ନିଜ ଆର୍ତ୍ତତ୍ରାଣ ଦାଶ ଗୀତବନ୍ଧ କରି
ଗରୁଡ଼ ପୁରାଣ ବାଣୀ ଅପୂର୍ବ ଚରିତ
ତୃତୀୟ ଅଧ୍ୟାୟ ଏଥି ହେଲା ସମାପିତ ।

ଇତି ଶ୍ରୀ ଗରୁଡ଼ ପୁରାଣେ
ନୈମିଷାୟୋପାଖ୍ୟାନେ ବିଷ୍ଣୁ ଗରୁଡ଼ ସମ୍ବାଦେ
ଯମଦଣ୍ଡ ଓ ପିଣ୍ଡଦାନ ନିରୂପିଣଂ ନାମ
ଦ୍ୱିତୀୟୋଽଧ୍ୟାୟଃ ।

—o—

ତୃତୀୟ ଅଧ୍ୟାୟ
ପିଣ୍ଡାଧିକାର ନିର୍ଣ୍ଣୟ

ଶ୍ରୀ ଗରୁଡ଼ ଉବାଚ

କର ଯୋଡ଼ିଣ ଗରୁଡ଼ କହେ ଧୀର ବାଣୀ
ଯାହା ପଚାରଇ କୁହ ଆହେ ଚକ୍ରପାଣି ।
କେଉଁ ପରି ପିଣ୍ଡ ଦେଲେ ପାନ୍ତି ପିତୃଲୋକ
କେଉଁ ପିଣ୍ଡଦାନ ଗୋଟି ହୁଏ ନିରର୍ଥକ ।
କେଉଁମାନେ ପିଣ୍ଡ ଦେବା ପାଇଁକି ଭାଜନ
କେବା ପିଣ୍ଡେ ଅଧିକାରୀ ନ ହୁଅନ୍ତି ପୁଣ ।
କେଉଁ ପିଣ୍ଡେ ପିତୃଗଣ ହୁଅନ୍ତି ଅତୃପ୍ତ
ସଂକ୍ଷେପେ ବୁଝାଇ ମୋତେ କହିବ ବୃତ୍ତାନ୍ତ ।
ଆପଣଙ୍କଠାରୁ ଶୁଣି ହୃଦୟ ସଂଶୟ
ସମୂଳେ ମୋହର ନାଥ ହୋଇବଟି କ୍ଷୟ ।
ଏହିପରି କହି କରି ଚରଣେ ବିନତି
ମଉନ ହୋଇଲେ ଯହୁଁ କହନ୍ତି ଶ୍ରୀପତି ।

ଶ୍ରୀ ଭଗବାନୋବାଚ

ଶୁଣ ହେ ଗରୁଡ଼ ତୁମ୍ଭେ ପଚାରିଲ ଯାହା
ପ୍ରଛନ୍ନ ଭାବରେ ମୁହିଁ କହୁଅଛି ତାହା ।
ବ୍ରହ୍ମା ତିଆଣ କରିଛି ପିଣ୍ଡର ବ୍ୟବସ୍ଥା
ଶାସ୍ତ୍ର ପୁରାଣରେ ବର୍ଣ୍ଣିଛନ୍ତି ସେହି କଥା ।
ପୁତ୍ରମାନେ ପିଣ୍ଡଦାନ ଜଗତେ କରନ୍ତି
ସେହି ପିଣ୍ଡ ପିତୃଲୋକ ପାନ୍ତି ବା ନ ପାନ୍ତି ।
ଦାନ ଧ୍ୟାନ ଶ୍ରାଦ୍ଧ ଜଳାଞ୍ଜଳି ଆଦି କରି
ପୁତ୍ରମାନେ ଅନ୍ୟ କ୍ରିୟା କରନ୍ତି ବିଚାରି ।
ବେଦମନ୍ତ୍ର ଉଚ୍ଚାରଣ କରନ୍ତି ବ୍ରାହ୍ମଣ
ମନ୍ତ୍ରବଳେ ପିତୃଲୋକେ କରନ୍ତି ଗ୍ରହଣ ।
କିନ୍ତୁ ତା'ର ପାପତାପ ଏ ଦତ୍ତ ପଦାର୍ଥ
ଗର୍ଭେ ପଡ଼ିବା ମାତ୍ରକେ ହୁଏ ଭସ୍ମୀଭୂତ ।
ଏଣୁ ସେହି ପିଣ୍ଡାଦିରେ ସନ୍ତୋଷ ନ ହୁଏ
ଯେତେବେଳେ ପାପେ ତାହା ଭସ୍ମୀଭୂତ ହୁଏ ।
ଯେତେ ପଦାର୍ଥରେ ତା'ର ପ୍ରାୟଶ୍ଚିତ କଲେ
କଦାପି ପାପରୁ ମୁକ୍ତ ନ ହୁଏ ସେ ତିଳେ ।
ଯମ ଦଣ୍ଡ ଭୋଗ ବିନା ତାହାର ପାତକ
କ୍ଷୟ ନ ହୁଏ କଦାପି କଣିକା ମାତ୍ରକ ।
କିନ୍ତୁ ଯେଉଁ ଜନ ଜନ୍ମି ମାନବ ଦେହରେ
ମାୟା ମୋହ ଯେହୁ ଉପେକ୍ଷଇଟି ବିଦୁରେ ।
ବିଷ୍ଣୁ ପାଦପଦ୍ମେ ମତି ରହିଥାଏ ନିତି
ନିତ୍ୟ କୃତ୍ୟମାନ କରୁଥାଏ ଯଥାପ୍ରୀତି ।
ସେହି ଲୋକ କାଳବଳେ ଲଭିଲେ ମରଣ
ଯମ ଦଣ୍ଡକୁ ନ ଦେଖେ ନେତ୍ର ପ୍ରାନ୍ତେ ପୁଣ ।

Digitized by srujanika@gmail.com

ଉର୍ଦ୍ଧ୍ୱଗତିକୁ ଲଭଇ ଆତ୍ମା ଯେ ତାହାର
ବୈକୁଣ୍ଠାଦି ସୁଖଭୋଗ କରେ ନିରନ୍ତର ।
ମର୍ତ୍ତ୍ୟେ ଜନ୍ମ ହୋଇ ଯେହୁ ପାତକ କରଇ
ମୃତ୍ୟୁପରେ ନର୍କ ଦୁଃଖ ସେଇଟି ଲଭଇ ।
ନାନାଦି ଦୁଃଖ ଯନ୍ତ୍ରଣା ପାଏ ସେହି ପୁରେ
କ୍ଷୁଧା ତୃଷାରେ ଭ୍ରମଇ ଦିବା ରଜନୀରେ ।
ତିଳେହେଲେ କାହିଁ ଶାନ୍ତି ନ ଲଭଇ ସେହି
ଅବିରତ ଦଣ୍ଡଭୋଗେ ବ୍ୟାକୁଳିତ ହୋଇ ।
କିନ୍ତୁ ପୁତ୍ର ପୌତ୍ର ଯଦି ବଂଶରେ ଥାଆନ୍ତି
ଉତ୍ତମ ବ୍ରାହ୍ମଣ ଡାକି ପିଣ୍ଡଦାନ ଦ୍ୟନ୍ତି ।
ଅଭିମାନ ଶୂନ୍ୟେ ବିଷ୍ଣୁ ପରାୟଣ ହୋଇ
ପିତୃଲୋକ ଉଦ୍ଦେଶ୍ୟରେ ପିଣ୍ଡ ଦାନ ଦେଇ ।
ପିତୃ ମୃତାହ ତିଥିରେ ଯତ୍ନେ ପିଣ୍ଡଦାନ
ଶ୍ରଦ୍ଧା ସହକାରେ କରେ ବ୍ରାହ୍ମଣେ ଅର୍ପଣ ।
ସେହି ପିଣ୍ଡଦାନ ପ୍ରେତଲୋକେ ଜୀବ ପାଏ
ତା' ପ୍ରଭାବେ ନର ଦେହ ବହି ଜନ୍ମ ହୁଏ ।
ସ୍ମରଣ କରଇ ପ୍ରେତପୁରୀ କଥାମାନ
ଧର୍ମରେ ଚଳଇ ତେଣୁ ପାପ ବରଜିଣ ।
ସମୟରେ ଧର୍ମବଳ ମୁକତି ଲଭଇ
ବୈକୁଣ୍ଠେ ବୈକୁଣ୍ଠ ପାଦପଦ୍ମେ ଲୀନ ହୋଇ ।
କିନ୍ତୁ ଯଦି ପ୍ରେତପୁରେ ଥାଇ ପାପୀଜନ
ପୁତ୍ରାଦିଙ୍କ ଦତ୍ତ ନ ପାଏଟି ପିଣ୍ଡଦାନ ।
କ୍ରମେ ଅଧୋଗତି ସାର ହୁଅଇଟି ଜାଣ
ଏଣୁ ପିଣ୍ଡଦାନ ବିଧି ବ୍ରହ୍ମାଙ୍କ ଭିଆଣ ।
ଯାହାର ବଂଶ ମଧ୍ୟରେ ଶ୍ରାଦ୍ଧାଦି ନ ହୁଏ
କଳ୍ପେ ପର୍ଯ୍ୟନ୍ତ ନରକେ ସେହି ପଡ଼ିଥାଏ ।
ହିଂସ୍ରଜନ୍ତୁପୂର୍ଣ୍ଣ ବନ ଗହନ ମଧ୍ୟରେ
କ୍ଷୁଧା ତୃଷାରେ ଭ୍ରମଣ କରେ ନିରନ୍ତରେ ।
ପାପ କର୍ମମାନ କ୍ଷୟ ନ ହୁଏ ତାହାର
କୋଟି କଳ୍ପଯାଏ ଭୋଗ କରେ ସେହି ନର ।
ସେହି ହେତୁ ନରଦେହ ପାଇ ମର୍ତ୍ତ୍ୟପୁରେ
ଧର୍ମପତ୍ନୀ ସହ ବର୍ତ୍ତି ସଂସାର ବେଭାରେ ।
ଧର୍ମେ ମତି ରଖି ବିଷ୍ଣୁ ଭକ୍ତ ଚିତ୍ତ ହୋଇ
ସନ୍ତାନ ଜନ୍ମାଇବ ଯେ ବଂଶ ରକ୍ଷା ପାଇଁ ।
ଅନ୍ୟଥା କାମୁକପଣେ ଯତ୍ନୀ ଅଙ୍ଗ ସଙ୍ଗ
ନିରନ୍ତର କରିଲେଟି ଯମ ଦଣ୍ଡ ଭୋଗ ।
ସେହି ପୁତ୍ର ହରି ଭକ୍ତି ପରାୟଣ ହୋଇ
ଶ୍ରଦ୍ଧା ସହକାରେ ଯେବେ ପିଣ୍ଡଦାନ ଦେଇ ।
ସେ ପିଣ୍ଡ ପ୍ରଭାବେ ପିତୃଗଣ ତୋଷ ହୋନ୍ତି
ପାପ ନାଶି ଉର୍ଦ୍ଧ୍ୱଗତି ନିଶ୍ଚୟ ଲଭନ୍ତି ।
ନିଜ ପତ୍ନୀ ଯଦି ଅନ୍ୟ ପୁରୁଷ ବୀର୍ଯ୍ୟରେ
ସନ୍ତାନ ଜନ୍ମାଇଥାଏ ନିଜର ବଂଶରେ ।
ସେ ପୁତ୍ର ଯଦ୍ୟପି ପିଣ୍ଡଦାନକୁ ଦିଅଇ
ପିତୃଲୋକ ସେହି ପିଣ୍ଡ କଦାପି ନ ପାଇ ।
ବର୍ଣ୍ଣଶଙ୍କର ଯଦ୍ୟପି ବଂଶରେ ଜନ୍ମନ୍ତି
ତାଙ୍କ ପିଣ୍ଡ ବୃଥା ହୁଏ ପିତୃ ଯେ ନ ପାନ୍ତି ।
ସେହି ପିଣ୍ଡ ପ୍ରଭାବରେ ବଢ଼ଇ ପାତକ
ଦିନୁ ଦିନ ଅଧୋଗତି ଲଭେ ପିତୃଲୋକ ।
ବେଦର ବିଦାନ ମାନ କହିଲି ମୁଁ ତୋତେ
ଜାଣିବା ପାଇଁକି ଯାହା ପଚାରିଲୁ ମୋତେ ।
ତେଣୁ କରି ସାଧୁଜନେ ଧର୍ମେ ଦେଇ ମତି
ସନ୍ତାନ ଜନ୍ମାଇ ବଂଶ ଅକ୍ଷୁର୍ଣ୍ଣ ରଖନ୍ତି ।
ପିଣ୍ଡ ଦାନ ପାଇ ଦଣ୍ଡୁ ମୁକତି ହୁଅନ୍ତି
ଉର୍ଦ୍ଧ୍ୱଗତି ଲାଭ ପୁଣି କାଳେ ସେ କରନ୍ତି ।
ଶୁଣି ଏ ବଚନମାନ ହରିଙ୍କ ମୁଖରୁ
ଗରୁଡ଼ ସନ୍ତୋଷ ହେଲେ ତାହାଙ୍କ କୃପାରୁ ।
ବାରମ୍ବାର ନମସ୍କାର କରିଲେ ଶ୍ରୀପଦେ
ସ୍ତୁତି ବାକ୍ୟ ଉଚ୍ଚାରନ୍ତି ପ୍ରେମ ଗଦ ଗଦେ ।
ଶ୍ରୀନାରାୟଣ ଚରଣ ସରୋଜେ ମୋ' ଆଶ
ଗୀତ ବନ୍ଧେ ବିରଚିଲା ଆର୍ତ୍ତତ୍ରାଣ ଦାଶ ।
ସାଧୁଜନ ମାନେ ମୋର ଦୋଷ ନ ଧରିବ ।
ଦୋଷ ଥିଲେ ନିଜଗୁଣେ କ୍ଷମା ଯେ କରିବ ।
ବାଳକ ବଚନେ ଯେହ୍ନେ ଗୁରୁଜନମାନେ
ଦୋଷ ନ ଧରି କ୍ଷମନ୍ତି ସ୍ନେହାସକ୍ତି ଗୁଣେ ।
ସେହିପରି ମୋର ଦୋଷ କ୍ଷମିବ ଆପଣ
ବିନତି କରି ମାଗଇ ଆର୍ତ୍ତତ୍ରାଣ ହୀନ ।

ଇତି ଶ୍ରୀ ଗରୁଡ଼ ପୁରାଣେ ଶ୍ରୀବିଷ୍ଣୁ ଗରୁଡ଼
ସମ୍ବାଦେ ପିଣ୍ଡଦାନାଧିକାର କରଣ
ନାମ ତୃତୀୟୋଽଧ୍ୟାୟଃ ।

—୦—

Digitized by srujanika@gmail.com

ଚତୁର୍ଥ ଅଧ୍ୟାୟ

କର୍ମାନୁସାରେ ଯାତନା ଭୋଗ

ଶ୍ରୀ ଗରୁଡ଼ ଉବାଚ

ପାପୀଲୋକ ବହୁ ଦୁଃଖ ଯମପୁର ମାର୍ଗେ
ଦୂତମାନଙ୍କରଦ୍ୱାରା ଯମପୁର ଭୋଗେ ।
ଯମଙ୍କ ଛାମୁରେ ଯାଇ ପ୍ରବେଶ ହୁଅଇ
ଦଣ୍ଡ ଦେବାପାଇଁ ଯମ ଆଦେଶ ଦିଅଇ ।
କେଉଁ ପାପେ କେଉଁ ଦଣ୍ଡ ଭୋଗନ୍ତି ପ୍ରାଣୀଏ
ବୁଝାଇ କହିବ ଦାସେ ଦୟା ଯଦି ଥାଏ ।
କେଉଁ କାମିନୀମାନେଟି ସ୍ୱାମୀଙ୍କୁ ଛାଡ଼ିଣ
ଜାର ପୁରୁଷ ସଙ୍ଗମ କରନ୍ତି ହୁଡ଼ିଣ ।
ସେମାନଙ୍କ ପାଇଁ କେଉଁ ଦଣ୍ଡ ତହିଁ ଅଛି
ସଂକ୍ଷେପେ କହନ୍ତୁ ଦେବ ଦୟା ଯେବେ ଅଛି ।
ଏହିପରି କହିଣ ଯେ ବୀର ବୈନତେୟ
ନାରାୟଣଙ୍କ ଚରଣେ ଲଗାଇଲା ଲୟ ।
ତାହାର ଭକତି ଦେଖି କମଳାର ବର
ମଧୁର ଭାବେ କହନ୍ତି ପୁରାଣର ଗିର ।

ଶ୍ରୀ ବିଷ୍ଣୁ ଉବାଚ

ଯାହା ଯାହା ପଚାରିଲ ବୀର ବୈନତେୟ
ସେ ସବୁ କହୁଛି ଶୁଣ ମନ କରି ଥୟ ।
ନର୍କ କୁଣ୍ଡମାନଙ୍କର କଥା ଯେ ଅଦ୍ଭୁତ
ଶୁଣିଲେ ଚିତ୍ତ ହୁଅଇ ଶୋକେ ଦ୍ରବୀଭୂତ ।
ଚାରିଶତ ଯୋଜନ ବିଚାର ନର୍ମ ସ୍ଥାନ
ନାନାଦି ପ୍ରକାର ନର୍କ ତହିଁ ବିଦ୍ୟମାନ ।
ବହୁ ପ୍ରକାରେ ଅଛଇ ଗୃହମାନ ତହିଁ
ଦେଖିଲେ ଦୂରକୁ ତାହା ସୁନ୍ଦର ଦିଶଇ ।
ସେ ଗୃହମାନଙ୍କେ ପୂର୍ଣ୍ଣ ଦଣ୍ଡ ବିଧିମାନ
ପାପୀଏ କରନ୍ତି ତହିଁ ଉଚ୍ଚରେ କ୍ରନ୍ଦନ ।
ତହିଁ ମଧ୍ୟରେ ସୁନ୍ଦର ପୁର ଏକ ଅଛି
ଧର୍ମରାଜ ଯମ ତହିଁ ବିରାଜ କରିଛି ।
ପାପୀ ଲୋକ ମଲେ ଦୂତେ ବାନ୍ଧି ନେଇଯାନ୍ତି
ସେ ପୁରେ ପ୍ରବେଶ କଲେ ପାପୀ ଯେ କାନ୍ଦନ୍ତି ।
ପାପୀର କ୍ରନ୍ଦନ ଶୁଣି ପୁରବାସୀ ଜନ
ପ୍ରବେଶ ହୁଅନ୍ତି ତା'ର ପାଶେ ତତକ୍ଷଣ ।
ସେ ପୁର ଦ୍ୱାରରେ ଦ୍ୱାରୀ ଅଟେ ଧର୍ମଧ୍ୱଜ
ପାଞ୍ଜିକାର ଚିତ୍ରଗୁପ୍ତ ବଡ଼ ତା' ପହିଜ ।
ଚିତ୍ରଗୁପ୍ତ ପାଞ୍ଜି ଦେଖି ଜନ୍ତୁପତି ପାଶ
ପାପୀଙ୍କୁ ନେଇଣ ବେଗେ କରାଏ ପ୍ରବେଶ ।
ଯମ ନିକଟରେ ନେଇ ପ୍ରବେଶ କରାନ୍ତେ
ଚିତ୍ରଗୁପ୍ତଙ୍କୁ ପଚାରେ କୁହ ପାପ କେତେ ।
ଯଦ୍ୟପି ଜାଣଇ ସର୍ବ ଦେବ ଜନ୍ତୁପତି
ତଥାପି ପଚାରି ବୁଝେ ମନ୍ତ୍ରୀଠାରୁ ନିତି ।
କର ଯୋଡ଼ିଣ ଯେ ଚିତ୍ରଗୁପ୍ତ ତହିଁ କହେ
ଶୁଣିମା ଭୋ ଜନ୍ତୁନାଥ ଯା ପାପ ଗାଥାଏ ।
ନାସ୍ତିକ ନିନ୍ଦୁକପ୍ରାଣୀ ଅଟଇଟି ଏହି
ଦେବତା ବ୍ରାହ୍ମଣ ଗୁରୁଜନଙ୍କର ଦ୍ରୋହୀ ।
ମହାପାପୀ ଅଟେ ଏହୁ ନିନ୍ଦେ ଶାସ୍ତ୍ର ବାଣୀ
କି ଅବା କହିବି ପାପ ଏହାର ମୁଁ ପୁଣି ।
ମହାକୃପଣ ଅଟଇ ନ ଦିଅଇ ଦାନ
ନିଜେ ନ ଭୁଞ୍ଜଇ କେବେ ସ୍ୱାଦୁ ଦ୍ରବ୍ୟମାନ ।
ନ ଖାଇ ନ ଦେଇ ଧନ କରଇ ସଞ୍ଚୟ
ନିରନ୍ତର କାମକ୍ରୋଧ ଲୋଭ ଆଉ ମୋହ ।
ଏ ସର୍ବ ଅଟଇ ଜାଣ ଏହାର ସ୍ୱଭାବ
ଏ ପାପୀର ପାପ ଦେବ ଅଟଇଟି ଧ୍ରୁବ ।
ଏହା ଶୁଣି ଜନ୍ତୁରାଜ ଝିଙ୍ଗାସ କରଇ
କ୍ରୋଧଭରେ ରକ୍ତଚକ୍ଷୁ କରିଣ ଗର୍ଜଇ ।
ନ ଜାଣୁ ପାମର ଅଛି ଯମପୁର ଏକ
ପାପ କଲେ ଦଣ୍ଡ ଭୋଗ କରନ୍ତିଟି ଲୋକ ।
ଧନୀମାନେ ରାଜା ପ୍ରଜା ସାହୁ ବା ଖାତକ
ଏ ପୁରେ ସମାନ ସର୍ବେ ନ ଜାଣୁ କି ମୂର୍ଖ ।
ଯାହା ଯାହା ଅର୍ଜିଅଛୁ ଭୋଗିବୁ ତୁ ତାହା
ଏଠାରେ ତିଳେ ହିଁ କେହି ନ ହୋଇବେ ସାହା ।
ଏହିପରି ଗାଳି ଦେଇ ଦେବ ଜନ୍ତୁପତି
ଦୂତମାନଙ୍କୁ ଚାହିଁଣ ବଚନ କହନ୍ତି ।
ଚିତ୍ରଗୁପ୍ତ କହିଲେକ ଏହା ପାପମାନ
ଦଣ୍ଡର ଯୋଗ୍ୟ ଅଟଇ ଏହି ପାପୀଜନ ।
ନେଇଯାଇ ନର୍କମାନ ଭୋଗ କରାଇବ
ନାନାଦି ଦଣ୍ଡ ଏହାକୁ ନିର୍ଦ୍ଦୟରେ ଦେବ ।
ଯମ ରାଜାଙ୍କର ଆଜ୍ଞା ପାଇ ଦୂତମାନେ
ବନ୍ଧନ କରନ୍ତି ତାକୁ ଦୟାହୀନ ମନେ ।

Digitized by srujanika@gmail.com

ଏକ ପାଶରେ ଦୁଇଟି ପାପୀଙ୍କୁ ବାନ୍ଧନ୍ତି
ନରକ କୁଣ୍ଡରେ ଥିବା ଅଗ୍ନିରେ ପକାନ୍ତି ।
ସେ କୁଣ୍ଡର ନିକଟରେ ଅଛି ଏକ ବୃକ୍ଷ
ଜ୍ୱଳନ୍ତ ଅଗ୍ନି ସଦୃଶ ଦିଶଇ ପ୍ରତ୍ୟକ୍ଷ ।
ଏକ ଯୋଜନ ତା ଉଚ୍ଚ ଅଟଇ ନିକର
ପଞ୍ଚଯୋଜନ ଅଟଇ ତାହାର ବିସ୍ତାର ।
ସେହି ବୃକ୍ଷରେ ପାପୀଙ୍କୁ କରି ଅଧୋମୁଖ
ବନ୍ଧନ କରନ୍ତି ନେଇ କରିଣ ବିମୁଖ ।
ଭୟ ଦେଖାଇ ପ୍ରହାର କରନ୍ତି ନିର୍ଦ୍ଦୟେ
ନାନାଦି ଭର୍ତ୍ସନା ବାକ୍ୟ କରନ୍ତି ନିର୍ଭୟେ ।
ବିକଳ ହୋଇଲେ ଟିକେ ଦୟା ନ କରନ୍ତି
ବୃକ୍ଷତଳେ ଅଗ୍ନି ଏକ ଜାଳିଣ ଦିଅନ୍ତି ।
ଅଧୋମୁଖ ହୋଇଥାଏ ପାପୀ ଯେ ବନ୍ଧନ
ପ୍ରଖର ତା'ପରେ ତଳେ ଜଳେ ହୁତାଶନ ।
ଅଗ୍ନିର ତାପରେ ବହୁ କଷ୍ଟ ସେ ପାଆନ୍ତି
ରକ୍ଷାକର ରକ୍ଷାକର ବୋଲି ରାବ ଦ୍ୟନ୍ତି ।
କ୍ଷୁଧାରେ ଜଳଇ ପେଟ ତା'ର ନିରନ୍ତର
ତୃଷାରେ ଶୁଖଇ କଣ୍ଠ ତାଳୁ ଯେ ତାହାର ।
ସେଥିରେ ଦୂତ କରନ୍ତି ନିର୍ଦ୍ଦୟେ ପ୍ରହାର
ଦେହ ଫାଟି ଶୋଣିତ ଯେ ହୁଅଇ ବାହାର ।
ବିନୟ କରିଣ ବହୁ କହନ୍ତେ ସେ ବାଣୀ
ଲୁହା ଶାବଳେ ପିଟନ୍ତି ଦୂରେ ପୁଣି ପୁଣି ।
ସେ ପ୍ରହାର ଖାଇ ଯହୁଁ ଅଜ୍ଞାନ ହୁଅଇ
ଦୂତ ନିବୃତ୍ତ ହୋଇଣ ଉପଦେଶ ଦେଇ ।
ଆରେ ଆରେ ପାପୀ ତୁହି କୁଳଧର୍ମ ଛାଡ଼ି
ନିରନ୍ତର ମନ୍ଦବୁଦ୍ଧି ଆଚରିଲୁ ହୁଡ଼ି ।
କୃପଣ ସ୍ୱଭାବେ ଭିକ୍ଷା ନ ଦେଲୁ କାହାକୁ
ଏଠାରେ ତୋତେ କିଏ ସେ ଦେବ ଖାଇବାକୁ ।
ବ୍ରାହ୍ମଣ ବୈଷ୍ଣବ ଦୁଃଖି ରଙ୍କୀଙ୍କୁ କେବେ ତ
ଖୁଦମୁଠାଏ ବି ଦେଇନାହୁଁ କଦାଚିତ ।
ଜଳ ଟୋପାଏ ନ ଦେଲୁ ତୃଷାର୍ତ୍ତ ଜନରେ
ମାଗିଲେ କଉଡ଼ି ଦେବ ତାକୁ ଅନ୍ୟ ଦ୍ୱାରେ ।
ଦିନେ ସୁଦ୍ଧା ଦେବାଦେବୀ ପୂଜିନାହୁଁ ତୁହି
ମନ୍ତ୍ରଜପ ନ କରିଲୁ ହୃଦେ ଗର୍ବ ବହି ।
ଯାଗ ଯଜ୍ଞ ଆଦି ଯାହା ଶାସ୍ତ୍ରରେ ଅଛଇ
ସେ ସମସ୍ତେ ନ କରିଛୁ ମତ୍ତଗର୍ବ ହୋଇ ।
ବିଷ୍ଣୁନାମ ସଂକୀର୍ତ୍ତନ ତିଳେହେଁ ନ କଲୁ
ନାମେ ଶ୍ରଦ୍ଧା ଜୀବେ ଦୟା ଦୂରେ ଉପେକ୍ଷିଲୁ ।
ଗୁରୁ ମୁଖୁଁ ମନ୍ତ୍ର ଭ୍ୟାସ ନ କଲୁ ପାମର
ତୀର୍ଥଯାତ୍ରା ନ କରିଲୁ ଦିନେକ ମାତର ।
ଏତେ ବେଳେ କ୍ଷୁଧା ହେଲେ କିଏ ଦେବ ଅନ୍ନ
ତୃଷାହେଲେ କିଏ ଅବା ଦେବ ଜଳଦାନ ।
ଦେଇଥିଲେ ପାଇଥାନ୍ତୁ ଏହି ପୁରେ ତୁହି
ଦେଇନାହୁଁ ଯେତେବେଳେ କିପରି ବା ପାଇ ।
ଯାହା ଅର୍ଜିଅଛୁ ତାହା ଭୋଗିବୁ ନିଶ୍ଚୟ
ବୃଥାରେ କିମ୍ପାଇ କାନ୍ଦୁ ଆରେ ପାପାଶୟ ।
ଏକା ଦେବକର୍ତ୍ତା ସିନା ଅଟନ୍ତି ଶ୍ରୀହରି
ଆମ୍ଭମାନଙ୍କୁ କାହିଁକି କରୁଛୁ ଗୁହାରି ।
ଆଜ୍ଞାର ଚାକର ଆମ୍ଭେ କି କ୍ଷମତା ଅଛି
ଦେବା ନ ଦେବା କଥାକୁ କହ ତୁହି ବାଛି ।
ବିଷ୍ଣୁ ମନ୍ତ୍ର ଜପ ଯଦି କରିଥାନ୍ତୁ ତୁହି
ନାମ ସଂକୀର୍ତ୍ତନ ଆଦି ଶୁଚିମନ୍ତ ହୋଇ ।
ଭକ୍ତି ଯଦି କରିଥାନ୍ତୁ ହରି ପାଦଗତେ
କାହିଁକି ଆସନ୍ତୁ ତୁହି ଆମ୍ଭର ଅଗ୍ରତେ ।
ନାନା ଭୋଗ ପାଉଥାନ୍ତୁ ବୈକୁଣ୍ଠ ପୁରରେ
ହାତ ଯୋଡ଼ି ଯମରାଜା ଥାନ୍ତେ ସମ୍ମୁଖରେ ।
ଏହିପରି ତାହାକୁ ଯେ ଯହୁଁ ବୁଝାବନ୍ତି ।
ପାପୀ ଆଶ୍ୱାସନା ଟିକେ ତତ୍‌କ୍ଷଣେ ପାଆନ୍ତି ।
ମାତ୍ର ପରକ୍ଷଣେ ପୁଣି ନିଷ୍ଠୁର ଯାତନା
ଦିଅନ୍ତି ତୁମ୍ଭର ଦୂତେ କରନ୍ତି ତାଡ଼ନା ।
କାହାକୁ ଅନଳ କୁଣ୍ଡେ ପକାଇ ମାରନ୍ତି
ତପ୍ତ ଲୌହଦଣ୍ଡେ ତାକୁ ନିର୍ଦ୍ଦୟେ ପିଟନ୍ତି ।
କାହାକୁ ଚିରନ୍ତି ଯଥା କରତ ସହାୟେ
ସେହିପରି ଚିରିଦ୍ୟନ୍ତି କାହାକୁ ନିର୍ଦ୍ଦୟେ ।
କୁରାଢ଼ୀରେ ଖଣ୍ଡ ଖଣ୍ଡ କରିଣ କାହାକୁ
କାଟନ୍ତି ଶରୀର କାର କାଟନ୍ତି କା ବୁକୁ ।
କାଣ୍ଡ ବିନ୍ଧି ଫୁଟାଇଣ କାହାର ଶରୀର
ଆଖୁ ପେଡ଼ିଲା ପରାୟେ ପେଡ଼ନ୍ତି ସତ୍ୱର ।
ରୁଧିର ବାହାରେ ଦେହୁ ଆଖୁରସ ପରି
ଅସ୍ଥି ମାଂସ ମଜ୍ଜା ସବୁ ହୋଇଯାଏ ଚୂରି ।
ତପ୍ତ ତଇଳ ଭାଣ୍ଡରେ ବୁଡ଼ାନ୍ତି କାହାକୁ
ଫୋଟକା ହୋଇଣ ମରେ ତହିଁ ଦେଖୁ ଦେଖୁ ।

Digitized by srujanika@gmail.com

ହାତ ଗୋଡ଼କୁ ବାନ୍ଧିଣ କୂଅରେ ପକାନ୍ତି
ହିମ ପର୍ବତ ଉପରେ ତାହାକୁ ଗଡ଼ାନ୍ତି ।
ବଣ ବା ପର୍ବତ ପରେ ପକାଇ ଦିଅନ୍ତି
ସିଂହ ବ୍ୟାଘ୍ର ମୁଖେ ନେଇ ତାହାକୁ ପକାନ୍ତି ।
କୃମି ଥିବା କୁଣ୍ଡ ମଧ୍ୟେ ବୁଡ଼ାନ୍ତି କାହାକୁ
ଉପରେ ଗୃଧ୍ରାଦି ଥଣ୍ଟେ ଚିରନ୍ତି ତାହାକୁ ।
ଚାହୁଁ ଚାହୁଁ ନେତ୍ରବର୍ଣ୍ଣ ନାସିକାଦି ସହ
ଛିଣ୍ଡାଇଣ ଖାଇଯାନ୍ତି ଯେ ପକ୍ଷୀ ନିଚୟ ।
ପର ଋଣ ଧାରୀ ଯେଉଁ ଜନ ନ ଦିଅଇ
ଯମପୁରେ ସେହି ଜନ ତାହାକୁ ମାଗଇ ।
ସୁଧ ମୂଳ ସହିତରେ ଦିଅ ମୋର ଧନ
ନୋହିଲେ ତୋହର ମାଂସ କରିବୁ ଭକ୍ଷଣ ।
ସେହି ବାଟେ ସୁଧ ସହ ମୂଳଧନ ମୋର
ଆଦାୟ କରିବୁ ମୁହିଁ ନିଶ୍ଚେ ଏହିଠାର ।
ଏହା କହି ଛୁରିକା ଯେ ହସ୍ତରେ ଧରନ୍ତି
ତାର ମାଂସ ଖଣ୍ଡ ଖଣ୍ଡ କରିଣ କାଟନ୍ତି ।
ଯେଉଁ ପରି ପାପ କଲେ ଯେଉଁପରି ଫଳ
ଯମରାଜା ଦେଇଥାନ୍ତି କରିଣ ବିଚାର ।
ଶାସନ ପ୍ରଣାଳୀ ଯାହା ବିହିତ ଅଛଇ
ଯମରାଜା ସେହିପରି ଶାସନ କରଇ ।
ଯମରାଜାଙ୍କ ଆଦେଶେ ଦୂତ ବେଳେ ଧରି
ଦଣ୍ଡମାନ ଦେଇଥାନ୍ତି ପାପୀକି ବିଚାରି ।
ଅନ୍ଧକାରମୟ ଗୂଢ଼ ତମିସ୍ର ନରକେ
କାହାକୁ କ୍ଷେପନ୍ତି ନେଇ ରଉରବ ନର୍କେ ।
ସତ୍ୟଯୁଗରେ ଏମନ୍ତ ଅଟଇ ବିଧାନ
ଜଣେ ପାପକଲେ ଦଣ୍ଡ ପାନ୍ତି ସର୍ବଜନ ।
ତ୍ରେତାଯୁଗେ ଜଣେ ଯେବେ ପାତକ କରଇ
ଗ୍ରାମବାସୀ ସର୍ବଜନେ ସେ ଦଣ୍ଡକୁ ପାଇ ।
ଦ୍ୱାପର ଯୁଗରେ ଯେବେ ପାପ କରେ ଜଣେ
ତା'ର ବଂଶଯାକ ଭୋଗ କରନ୍ତି କ୍ଷଣେ ।
କଳିଯୁଗେ ଯେଉଁ ନର ପାତକ କରଇ
ସେହୁ ଏକା ଭୋଗ କରେ ନ ନିଅନ୍ତି କେହି ।
ପାପବୃତ୍ତି କରି ଯେହୁ କୁଟୁମ୍ବଙ୍କୁ ପୋଷେ
ନର୍କେ ଘାଣ୍ଟିହୁଏ ସେହି ମୂଢ଼ ନିଜ ଦୋଷେ ।
ପାପଧନେ ନିଜ ପେଟ ଯେ ମୂର୍ଖ ପୋଷଇ
ପାପ ଭୟ ଭୁଲି ନର୍କେ ପଡ଼େ ଜାଣ ସେହି ।

କୁଟୁମ୍ବଯାକ ଜାଣିଣ କଲେ ଏକ ପାପ
ସମସ୍ତେ ପଡ଼ନ୍ତି ନର୍କେ ଏହାଟି ସ୍ୱରୂପ ।
କିନ୍ତୁ ଆପଦ ସମୟେ କୁଟୁମ୍ବ ପୋଷିଲେ
ଦୋଷ ଧରାଯାଏ ନାହିଁ ଶାସ୍ତ୍ର ଏହା ବୋଲେ ।
କେବଳ କୁଟୁମ୍ବ ସୁଖ ଆଶେ ଯେଉଁ ଜନ
ଅନ୍ୟାୟ ପାପ କାର୍ଯ୍ୟରେ କରଇ ଅର୍ଜନ ।
ସେ ଜନ ନିଶ୍ଚେ ନରକେ ପତିତ ହୁଅଇ
ନାନାଦି ଦୁଃଖ ଯନ୍ତ୍ରଣା ନିଶ୍ଚୟ ଭୋଗଇ ।
ଯନ୍ତ୍ରଣା ଶେଷରେ ପାଏ ଶୂକରେ ଯୋନିକୁ
ତହିଁ ବିଷ୍ଠା ଆହାରରେ ପୋଷଇ ପେଟକୁ ।
କ୍ରମେ କ୍ରମେ ଭ୍ରମେ ସର୍ବ ପ୍ରକାର ଯୋନିରେ
ଶେଷେ ନରଦେହ ପାଏ ବହୁତ କାଳରେ ।
ସେ ଦେହ ପାଇ ଯଦ୍ୟପି ଧରମ କରଇ
ଦୟା ଦକ୍ଷିଣାଦ ଶୁଭକର୍ମେ ମନ ଦେଇ ।
ତେବେ ବୈକୁଣ୍ଠରେ ସେହି ବସଇ କାଳରେ
ବହୁ ସୁଖ ଭୋଗ କଲେ ଭାବେ ଯା ମନରେ ।
ନରଦେହ ପାଇ ପୁଣି ଭୋଗିବ ପାତକ
ଯମପୁରେ ଦଣ୍ଡ ପୁଣି ଭୋଗିବ ସେ ଲୋକ ।
ଚତୁର୍ଥ ଅଧ୍ୟାୟ ହେଲା ଏଥି ସମାପନ
ଦ୍ୱିଜ ଆର୍ତତ୍ରାଣ ଦାସ କରିଲା ବଚନ ।

ଇତିଶ୍ରୀ ଗରୁଡ଼ ପୁରାଣେ ବିଷ୍ଣୁ ଗରୁଡ଼
ସମ୍ବାଦେ ନୈମିଷାଯୋପାଖ୍ୟାନେ
ଯମ ଯାତନା ନିରୂପଣେ ନାମ
ଚତୁର୍ଥୋଽଧ୍ୟାୟଃ ।

—o—

ପଞ୍ଚମ ଅଧ୍ୟାୟ

ପାପର ସ୍ୱରୂପ ଓ ତଦନୁରୂପ ଦଣ୍ଡ

ଶ୍ରୀ ଗରୁଡ଼ ଉବାଚ

ଏହା ଶୁଣିଣ ଗରୁଡ଼ ଶିରେ କର ଦେଇ
କମଳା ବଲ୍ଲଭ ପାଦେ ଭକତି କରଇ ।
କଣ୍ଠ ଗଦ ଗଦେ ପୁଣି କହଇ ବଚନ
ଶୁଣିମା ରମା ରମଣ ଦାସ ନିବେଦନ ।
ଶାସ୍ତ୍ରମାନଙ୍କରେ ପୁଣ ହୋଇଛି ଉକତ
ବୈତରଣୀ ନଦୀ ଗର୍ଭେ ହୁଅନ୍ତି ପତିତ ।

Digitized by srujanika@gmail.com

ମହା ପଥରେ ଚଲାନ୍ତି କେବଣ ପାପୀକୁ
ନର୍କକୁଣ୍ଡେ ନିକ୍ଷେପନ୍ତି ଅଥବା କାହାକୁ ।
କେଉଁ କେଉଁ ପାପେ କେଉଁ କେଉଁ ନର୍କଭୋଗ
ଦୟାବହି କୁହନ୍ତି ନ କରି ମନେ ରାଗ ।
ମୁହିଁ ତ ତୁମ୍ଭର ଦାସ ଖଟେ ତବ ପାଦେ
ଶୁଣିଲେ ଶ୍ରୀମୁଖୁ ପାପ ନ ରହିବ ହାଦେ ।
ତୁମ୍ଭର ସେବକ ହୋଇ କାହାକୁ ପୁଛିବି
ଶୁଣିଲେ ପରିହାସର ପାତ୍ର ମୁଁ ହୋଇବି ।
ଜଳରେ ଆବର କୂଳେ ରହି କରି ଯେବେ
ତୃଷାରେ ମରଇ ଜୀବ ନିନ୍ଦା କି ନ ଦେବେ ।
ତ୍ରିକାଳଜ୍ଞ ତ୍ରିଲୋକେଶ ପ୍ରଭୁଟି ଯାହାର
ତାର ଭୃତ୍ୟ ଜ୍ଞାନ ପୁଛେ ପାଶରେ ଅନ୍ୟର ।
ଦୟା ବହି ଦାସଠାରେ ବୁଝାଇ କୁହନ୍ତୁ
ଅଜ୍ଞାନ ଅନ୍ଧାର ଜ୍ଞାନ ଆଲୋକ ଦହନ୍ତୁ ।
ଏହିପରି କହି ବହୁ ବିନତି କରିଲା
ପ୍ରଭୁ ପାଦ ପଦ୍ମଧ୍ୟାୟି ନୀରବେ ରହିଲା ।
ଭୃତ୍ୟର ଆରତ ଜାଣି ଦେବ ନାରାୟଣ
ଜଳଦ ଗମ୍ଭୀର ବାକ୍ୟେ କହନ୍ତି ଯେ ପୁଣ ।

ଶ୍ରୀ ଭଗବାନୋବାଚ

ଶୁଣ ଶୁଣ ଗରୁଡ଼ ହେ ପଚାରିଲୁ ଯାହା
ସଂକ୍ଷେପରେ ବୁଝାଇ ମୁଁ କହୁଅଛି ତାହା ।
ବିଷୟା ସୁଖ ଭୋଗରେ ହୋଇଣ ଉନ୍ମତ୍ତ
ଯେଉଁ ନର ନିତି ପ୍ରତି ତହିଁ ଆସକତ ।
ଧର୍ମାଧର୍ମ ଶୁଭାଶୁଭ ନ କରେ ବିଚାର
ଗୁରୁ ଗୌରବ ନ ମାନି ମାତେ ନିରନ୍ତର ।
କଷଣ ଉପରେ ସେହୁ କଷଣ ଲଭଇ
ଭୟ ପରେ ଭୟ ସେହି ଜନ ନିତି ପାଇ ।
ନରକରୁ ମୁକ୍ତି ତା'ର ନ ହୁଅଇ କେବେ
ଯମପୁରେ ଦଣ୍ଡ ଭୋଗେ ସେହିଟି ପ୍ରସ୍ତାବେ ।
ଯମରାଜ ଭୁବନରେ ତିନିଗୋଟି ଦ୍ୱାରେ
ଧାର୍ମିକମାନେ ଗମନ କରନ୍ତି ସତ୍ୱରେ ।
ପୂର୍ବ ପଶ୍ଚିମ ଉତ୍ତର ଦ୍ୱାରପଥ ଦେଇ
ଜ୍ଞାନୀ ସୁକୃତି ସୁଜନ ଗମନ କରଇ ।
ପାପୀମାନଙ୍କ ପାଇଁକି ଏକ ଗୋଟି ବାଟ
ଦକ୍ଷିଣ ଦୂଆର ପଥୁ ଅତ୍ୟନ୍ତ ସଙ୍କଟ ।

ସେହିପଥେ ଯିବାବେଳେ ନାନା ଦୁଃଖମାନ
ବୈତରଣୀ ନଦୀ ଆଦି ତହିଁ ବିଦ୍ୟମାନ ।
ସେ ନଦୀରେ ପଡ଼େ ଯେଉଁ ପାତକୀ ପାମର
ତାହା କହୁଅଛି ଏବେ ମନ କର ସ୍ଥିର ।
ଯେ ଜନ ବ୍ରାହ୍ମଣ ବଧ କରେ ଜାଣି ଶୁଣି
ମଦ୍ୟପାନ ଗୋହତ୍ୟା ଯେ କରିଥାଏ ପୁଣି ।
ବିଶ୍ୱାସ ଦେଖାଇ କରେ ବାଳକ ବିନାଶ
କୁଟ କପଟରେ କରେ ଯେହୁ ନର ନାଶ ।
ଗୋପନ ପ୍ରଣୟ କରି ଗର୍ଭ ନାଶ କରେ
ପାପକୁ ଭୟ ନ କରି ନିତି ପାପ କରେ ।
ଗୁରୁ ଦ୍ୱିଜ ଧନ ବଳେ କରେ ସେ ହରଣ
ବାଳକର ଧନ ହରେ ଯେଉଁ ମୂଢ଼ଜନ ।
ନାରୀ ଧନ ଚୋରି କରି ଯେଉଁଜନ ନିଏ
ଋଣ କରି ଯେଉଁ ଜନ ତାହାକୁ ନ ଦିଏ ।
ଦେବ ବୋଲି ଆଶା ଦେଇ କରଇ ନିରାଶ
ବିଶ୍ୱାସୀ ଲୋକକୁ କୁଟେ ଯେହୁ ଦିଏ ବିଷ ।
ଏମାନଙ୍କଠାରୁ ବଳି ପାପୀ ନାହିଁ କେହି
କପଟେ ଖାଦ୍ୟରେ ବିଷ ଦିଅଇ ମିଶାଇ ।
ଜ୍ଞାନୀ ଜନଙ୍କୁ ନିନ୍ଦଇ ମିଛେ ଦୋଷ ଦେଇ
କୁଜନ ସଙ୍ଗେ ସଙ୍ଗ ସେ ନିରତେ କରଇ ।
ନିଜକୁ ବଡ଼ ବୋଲିଣ ବହେ ଅହଙ୍କାର
କୂଟ କଥା କହୁଥାଏ ଯେହୁ ନିରନ୍ତର ।
ନୀଚ ଜନେ ରସି ସାଧୁ ସଙ୍ଗ ପରିହରେ
ଶୁଭ କର୍ମମାନ ଯେହୁ କେବେହେଁ ନ କରେ ।
ବେଦ ପୁରାଣ ଶାସ୍ତ୍ରକୁ କରୁଥାଇ ନିନ୍ଦା
ଠକ ଶାସ୍ତ୍ର ବୋଲି କହି ଅନ୍ୟେଦିଏ ବାଧା ।
ଅନ୍ୟମାନଙ୍କୁ କରଇ ଯେହୁ ତିରସ୍କାର
ପର ଦୁଃଖ ଦେଖିଲେ ସନ୍ତୋଷ ଚିତ୍ତ ଯାର ।
ହିତ ଉପଦେଶମାନ ମଣଇ ଅହିତ
ମୋ'ଠାରୁ ବଡ଼ କେ ନାହିଁ ଭାବେ ଯେ ସତତ ।
ନ ମାନି କାହାକୁ ପାପ କର୍ମ ଯେ କରଇ
ସେହି ଜନଟି ଦକ୍ଷିଣ ଦୂଆରେ ଗମଇ ।
ଯାତନାମାନଙ୍କୁ ଦେଖି କରଇ ରୋଦନ
ଯମଦୂତେ ବାନ୍ଧି କରି ହସ୍ତପାଦ ପୁଣ ।
ମାଡ଼ ମାରି ବହୁତ ଯେ ସେ ନଦୀ ଗର୍ଭରେ
ଧରି ପକାଇ ଦିଅନ୍ତି ତାକୁ ବଳାତ୍କାରେ ।

Digitized by srujanika@gmail.com

ପିତାମାତା ଗୁରୁଦ୍ରୋହ ଯେବା କରିଥାଇ
ତାହାକୁ ସେ ନଦୀଗର୍ଭେ ପକାନ୍ତିଟି ନେଇ ।
ସୁଶୀଳା ସ୍ୱାମୀଭକତା ପତ୍ନୀକୁ ଯେ ଛାଡ଼ି
କୁରୂପା କୁତ୍ସିତା ନାରୀ ରସେ ଧର୍ମେ ଛାଡ଼ି ।
ସେ ପାପୀଙ୍କି ଯମଦୂତେ ନେଇ ସେ ନଦୀରେ
ହାତ ଗୋଡ଼ ବାନ୍ଧିଣ ପକାନ୍ତି ନିରନ୍ତରେ ।
ସୁଜନ ଜନଙ୍କ ନିନ୍ଦା କରେ ଯେହୁ ପ୍ରାଣୀ
ଅବଜ୍ଞା କରଇ ମୂଢ଼ ଭାବେ ପୁଣି ପୁଣି ।
ସେ ପାପୀଙ୍କି ଦେଖିଲେ ଯେ ଯମଦୂତ ମାନେ
ରୋଷେ ବାନ୍ଧି ପିଙ୍ଗି ଦ୍ୟନ୍ତି ନଦୀକୁ ବହନେ ।
ପ୍ରତିଜ୍ଞା କରଇ ଯେହୁ ଦେବ ଦ୍ୱିଜଠାରେ
ଦେବା ପାଇଁ କହିଣ ନ ଦିଏ ଯେ ହେଳାରେ ।
ଯେ ଜନ ପଡ଼ଇ ବୈତରଣୀ ନଦୀ ମଧ୍ୟେ
ନାନାଦି ଦୁଃଖ ଭୋଗଇ ସେ ପାପୀ ସଂଶ୍ରବ୍ଧେ ।
ଦାନ ଦେଇ ଯେହୁ ପ୍ରାଣୀ କରଇ ହରଣ
ଦତ୍ତାପହାରୀ ଅଟଇ ସେହି ପାପୀଜନ ।
ଦାନ ଦେଇ ଅନୁତାପ କରେ ପଛେ ଯେହୁ
କାହିଁକି ଦେଲି ବୋଲିଣ ଦୁଃଖ କରେ ସେହୁ ।
ପର ବିତ୍ତ ହରଇ ଯେ କରି ବଳାତ୍କାର
ଦାନ ଦେଇଣ ନିରାଶ କରେ ଯେ ପାମର ।
ଯଜ୍ଞ କରିବା ପାଇଁ କି ଦ୍ରବ୍ୟ ଠୁଳ କରି
ଯଜ୍ଞ ନ କରି ଭୁଞ୍ଜଇ ସକଳ ଆବୋରି ।
ଗୀତା ଭାଗବତ ଆଦି ପୁରାଣ ବ୍ୟାଖ୍ୟାନ
ଯେଉଁଠାରେ ହେଉଥାଏ ନିତ୍ୟ ପ୍ରତିଦିନ ।
ଯେଉଁମାନେ ଶୁଣିବାକୁ ସେଠାକୁ ଗମନ୍ତି
ସେମାନଙ୍କୁ ନିନ୍ଦା କରେ ଯେ ପାପୀ ଦୁର୍ମତି ।
ହରି ନାମକୁ ନିନ୍ଦନ୍ତି ଯେଉଁ ମୂଢ଼ ପ୍ରାଣୀ
ଯମଦୂତେ ନର୍କରେ ପକାନ୍ତି ତାକୁ ଆଣି ।
ବ୍ରାହ୍ମଣ ହୋଇଣ ବିକେ ଲବଣକୁ ଶେହୁ
ଗୋଚର ଭୂମିକୁ ଚାଷ କରେ ପୁଣି ଯେହୁ ।
ଦାସୀ କିବା ରଜସ୍ୱଳା ଅଥବା ବେଶ୍ୟାର
ସଙ୍ଗରେ ପୀରତି କରେ ଯେଉଁ ମୂଢ଼ ନର ।
ବ୍ରାହ୍ମଣ ହୋଇଣ ନିତି ପଶୁକୁ ମାରଇ ।
ସୁରାପାନ କରେ ଗର୍ବେ ଚିତ୍ତେ ନ ବିଚାରି
ଶାସ୍ତ୍ର ଅଧ୍ୟୟନ ଦିନେ ଯେ ଜନ ନ କରି ।

ଶୂଦ୍ର ହୋଇ ଛେଦ ମନ୍ତ୍ର ଯେ ପାଠ କରଇ
କପିଳା ଧେନୁର କ୍ଷୀର ଆହାର କରଇ ।
ଦ୍ୱିଜକନ୍ୟା ହରେ ଯେହୁ କାମେ ମତ୍ତ ହୋଇ
ପର ନାରୀ ସଙ୍ଗେ ପ୍ରୀତି ଯେ ଜନ କରଇ ।
ସ୍ୱକନ୍ୟା ସହିତେ ପ୍ରୀତି କରେ ଯେ ପାମର
ସତୀ ନାରୀକି ଦୂଷଣ ଦିଏ ନିରନ୍ତର ।
ନିତି ପ୍ରତି କରଇ ଯେ କୁକର୍ମମାନଙ୍କୁ
ଶୁଭକର୍ମ ବରଜଇ ବହିଣ ଗର୍ବକୁ ।
ସେହି ପାପୀମାନଙ୍କୁଟି ମରଣ କାଳରେ
ଯମଦୂତେ ଘେନିଯାନ୍ତି ଧରି ବଳାତ୍କାରେ ।
ଯମପୁର ମାର୍ଗେ ନେଇ ବଇତରଣୀରେ
ବୁଡ଼ାନ୍ତି ତାହାକୁ ମାଡ଼ ମାରିଣ ସତ୍ୱରେ ।
ସେ ନଦୀରେ ବହୁତ ସେ କୁମ୍ଭୀର ମଗର
ପାପୀ ଶରୀରେ ଆଘାତ କରନ୍ତି ଅପାର ।
ଜଳରେ କୁମ୍ଭୀରାଦିଙ୍କ ହେତୁ ଭୟ ହୁଏ
ଉପରେ ଦୂରେ ପିଟନ୍ତି ତାହାକୁ ନିର୍ଦ୍ଦୟେ ।
ଯେତେବେଳେ ପାପୀ ହୁଏ ଅତି ବିଚଳିତ
ତାହାକୁ ଧରିଣ ନେଇ ଚଳନ୍ତି ଯେ ଦୂତ ।
ଦକ୍ଷିଣଦ୍ୱାର ଦେଇଣ ଭିତରେ ପଶନ୍ତି
ଯମରାଜା ନିକଟରେ ପ୍ରବେଶ ହୁଅନ୍ତି ।
ଦେଖିଲା ମାତ୍ରକେ ଜାଣ ଧର୍ମରାଜା ସବୁ
ଚିତ୍ରଗୁପତେ ପୁଚ୍ଛଇ କୁହ କିନା ବାବୁ ।
ଶୀଘ୍ର ଏହାକୁ ବିଦାୟ ଏଠାବରୁ କର
ମୁଖ ଚାହିଁବା ଉଚିତ ନୁହଇ ଏହାର ।
ଚିତ୍ରଗୁପତ କହୁଛି ପାଞ୍ଜି ପୋଥି ଦେଖି
ବୈତରଣୀ ନଦୀ ମଧ୍ୟେ ପଡ଼ି ହେବ ଦୁଃଖୀ ।
ବହୁତ କରିଛି ପାପ ଏହି ନରାଧମ
ଶୀଘ୍ର ଏଠାରୁ ନେଇଣ ଚଳ ଦୂତଗଣ ।
ତାହା ଶୁଣି ଦୂତମାନେ ପୁଣି ଯାନ୍ତି ନେଇ
ବୈତରଣୀ ନଦୀରେ ଯେ ଦିଅନ୍ତି ବୁଡ଼ାଇ ।
ଘନ ଘନ ପ୍ରହାର କରିନ୍ତି ଅସ୍ତ୍ର ଧରି
ଜଳଜୀବ ନଖେ ଦନ୍ତେ ତା' ଦେହ ବିଦାରି ।
ଚିତ୍କାର କରେଇ ଯହୁଁ ପାତକୀ ବହୁତ
କିଏ ବା ଶୁଣିବ ତାହା ସେ ସ୍ଥାନେ କୁହତ ।
ଶତ ସମ୍ବତ୍ସର ଭୋଗ କରଇ ସେଠାରେ
କ୍ଷୁଧା ତୃଷାରେ ଆକୁଳ ହୁଏ ନିରନ୍ତରେ ।

Digitized by srujanika@gmail.com

ଚୌରାଶି କୋଟି ନରକ ଯେ ପୁରେ ଅଛଇ
ବୈତରଣୀ ସବୁଠାରୁ ବଡ଼ ଯେ ଅଟଇ ।
ସବୁ ନରକ ଅଟଇ କଷ୍ଟଦାୟ ପୁଣି
ନାନା ଦଣ୍ଡ ସେମାନଙ୍କ ଭୋଗ କରେ ପ୍ରାଣୀ ।
କେତେକ ନରକ ବୈତରଣୀରେ ମିଳିଛି
ତେଣୁ ବୈତରଣୀ ସର୍ବଶ୍ରେଷ୍ଠ ବୋଲାଇଛି ।
ଅତ୍ୟନ୍ତ ପାତକ ଯେଉଁମାନେ କରିଥାନ୍ତି
ବୈତରଣୀ ନଦୀଗର୍ଭେ ତାହାକୁ ପକାନ୍ତି ।
ସର୍ବ ନର୍କର ଯାତନା ସେଠାରେ ପୂରିଛି
ପାପୀ ତାହା ଭୋଗ କରେ ରହିକାଳ କିଛି ।
ମିଥ୍ୟା ସାକ୍ଷୀ ଯେଉଁଜନ ଦିଅଇ ସଭାରେ
କପଟେ ଧାର୍ମିକ ବୋଲି କୁହେ ଯେ ସଂସାରେ ।
ପରବିତ୍ତ ଚୋରି କରି ପୋଷଇ ଉଦର
ଜୀବହତ୍ୟା କରେ ନିତି ଯେହୁ ପାପାଚାର ।
ଉପକାରୀ ବୃକ୍ଷମାନ ଛେଦନ କରଇ
କୁସୁମ ବୃକ୍ଷମାନଙ୍କୁ ବିନାଶ କରଇ ।
ବିଧବା ନାରୀକୁ ପ୍ରୀତି କରଇ ଯେ ଜନ
ତୀର୍ଥବ୍ରତ ନ କରଇ ଯେହୁ ମୂଢ଼ଜନ ।
ଯେହୁ ନାରୀ ସ୍ୱାମୀକୁ କହଇ କଟୁ ବାଣୀ
ପର ପୁରୁଷ ସହିତ ଆନନ୍ଦରେ ରମି ।
ସେମାନଙ୍କୁ ଯମଦୂତେ ଧରିନେଇ ଯାନ୍ତି
ରୌରବ ନରକ ମଧ୍ୟେ ତାହାକୁ ପକାନ୍ତି ।
ସେ ନର୍କକୁଣ୍ଡରେ ପୁଯ ବିଷ୍ଠା ଆଦି ଥାଏ
ନାନା କୀଟ ପରିପୂର୍ଣ୍ଣ ତହିଁ ହୋଇଥାଏ ।
କୀଟଙ୍କ ଦଂଶନ ପୁଣି ଦୂତଙ୍କ ପ୍ରହାର
ହେତୁ ପାପୀର ଶରୀର ହୁଏ ଜରଜର ।
କ୍ଷୁଧାରେ ଆକୁଳ ପେଟ କଣ୍ଠ ଯେ ତୃଷାରେ
ଶୁଖିଯାଏ ଅନ୍ନଜଳ ନ ମିଳଇ ତା'ରେ ।
ବହୁବର୍ଷ ଭୋଗ ଅନ୍ତେ ନୀଚ ଯୋନି ପାଏ
ପୁଣି ପୁଣି ଉଠେ ପଡ଼େ ଜନ୍ମ ଜରା ମୋହେ ।
କୁଳଧର୍ମ ତେଜି ଯେହୁ କରେ ମନ୍ଦକର୍ମ
ନିରନ୍ତରେ କରୁଥାଇ ଯେ ଅଧର୍ମମାନ ।
ପୁଣି ଦାରାମାନଙ୍କୁ ଯେ ନିରତେ ପୀଡ଼ଇ
ଗ୍ରାସ ଆଚ୍ଛାଦନ ସେହିମାନଙ୍କୁ ନ ଦେଇ ।
ଦେବତା ଅତିଥି ସେବା ନ କରିଣ ମନେ
ମୁହିଁ ବଡ଼ ବୋଲି କହି ହୁଏ ଯେ ଆପଣେ ।
ସାଧାରଣ ଲୋକଙ୍କୁ ଯେ ଠକଇ ନିରତେ
ପରଧନ ହରିବାକୁ ଭାବୁଥାଏ ଚିତ୍ତେ ।
ଏମାନଙ୍କ ପାଇଁ ବହୁ କଷଣ ଅଛଇ
ଯମ ମାର୍ଗରେ ଭୋଗନ୍ତି ମୃତ୍ୟୁବଶ ହୋଇ ।
କୁମ୍ଭୀପାକ ନରକରେ ପଡ଼ଇ ସେ ଜନ
ବିକଳେ ମାଗିଲେ ନ ମିଳଇ ତହିଁ ଅନ୍ନ ।
ପ୍ରହାର କରନ୍ତି ଦୈତ୍ୟେ କରେ ଧରି ଶୂଳ
ପ୍ରହାର ତାଡ଼ନେ ସେହୁ ହୁଅଇ ଆକୁଳ ।
ନର୍କ ମଧ୍ୟରେ ବିଷାକ୍ତ କୃମି ରହିଥାନ୍ତି
ପାପୀର ଶରୀରେ ସେହୁ ଦଂଶନ କରନ୍ତି ।
ଆକୁଳିତ ହୁଏ ସେହି ନରକ କଷଣ
ପୂର୍ବ କର୍ମମାନ ତାର ହୁଅଇ ସ୍ମରଣ ।
ନିଜେ ନିଜେ ନିନ୍ଦା କରେ ନିଜର କର୍ମକୁ
କାହିଁକି ପୀଡ଼ିଲି ମୁହିଁ ନିର୍ବଳ ପ୍ରାଣୀଙ୍କୁ ।
ସେହି ପାପୁଁ ଲଭିଲଇଁ ଏ ଦାରୁଣ ଦୁଃଖ
ଏ ରୂପେ ହୋଇଲି ମୁହିଁ ତେଣୁ ତ ନିରଖ ।
ଏହିଥର ଯଦି ମର୍ତ୍ତ୍ୟେ ଜନମ ଲଭିବି
ଏହିପରି ପାପକର୍ମ କେବେ ନ କରିବି ।
ଏହିପରି ଭୋଗ କରେ ସେହି ପାପୀଜନ
ନିରତରେ ଦୁଃଖ ପଡ଼ି ବ୍ୟାକୁଳିତ ମନ ।
କୂପ ଜଳାଶୟ ବାମ୍ଫୀ ଯେ ଜନ ଭାଙ୍ଗଇ
ପ୍ରଜାମାନଙ୍କର ଗୃହ ଭାଙ୍ଗିଣ ଦିଅଇ ।
ଗୁରୁ ଭୃତ୍ୟ ବାଳକ ବା ବୃଦ୍ଧ ନିଜ ନାରୀ
କ୍ରୋଧ ବହି ଏମାନଙ୍କୁ ଯେ ଜନପ୍ରହାରି ।
ଭଲଦ୍ରବ୍ୟ ହେଲେ ଯେହୁ ଏକାକୀ ଭୁଞ୍ଜଇ
ଅନ୍ୟକୁ ନ ଦିଏ ପୁଣି ଭର୍ତ୍ସନା କରଇ ।
ଦେବତାଙ୍କୁ ନ ପୂଜଇ ଯଜ୍ଞକୁ ନ କରେ
ଅଗ୍ନି ଦେବତାଙ୍କୁ ସନ୍ତୋଷ ଯେହୁ ନ କରେ ।
ନୈବେଦ୍ୟ ନ କରି ଯେହୁ କରଇ ଯେ ଗ୍ରାସ
ସେହି ପାପୀ ମହାପଥେ ଗମିବ ଅବଶ୍ୟ ।
ଦାସୀ ସଙ୍ଗେ କାମରଙ୍ଗେ ମାତେ ଯେହୁ ଜନ
ଶୂଦ୍ର ରମଣୀ ସହିତ କରଇ ରମଣ ।
ଦେବତା କାର୍ଯ୍ୟରେ ହେଳା କରେ ଯେ ବ୍ରାହ୍ମଣ
ନର୍କ ଭୋଗ କରଇଟି ସେହି ଦ୍ୱିଜ ଜାଣ ।
ତପ୍ତ ତଇଳ କୁଣ୍ଡରେ ତାହାକୁ ପକାନ୍ତି
ଜଳନ୍ତା ଅନଳ ପ୍ରାୟ ଦିଶଇ ତା' କାନ୍ତି ।

Digitized by srujanika@gmail.com

ଯେହୁ ନିଜ ପତ୍ନୀ ପ୍ରୀତି ଦୂରେ ପରିହରି
ପରସ୍ତ୍ରୀ ରମଣ କରେ କିଛି ନ ବିଚାରି ।
ନିଜ ନାରୀ ପ୍ରତି ଦ୍ୱେଷଭାବ ମନେ ବହି
ନିର୍ଦ୍ଦୟ ଭାବରେ ସେହୁ ପ୍ରହାର କରଇ ।
ସେହି ଜନ ଶତବର୍ଷ ନରକ ଯନ୍ତ୍ରଣା
ଭୋଗ କରେ ସେହି ତହିଁ ନାନାଦି ଯାତନା ।
ଚତୁର୍ଦ୍ଦଶୀ ଅମାବାସ୍ୟା ପୂର୍ଣ୍ଣିମା ସଂକ୍ରାନ୍ତି
ନ ମାନି କାମିନୀ ସଙ୍ଗେ କାମରଙ୍ଗେ ମାତି ।
ଶ୍ରାଦ୍ଧ ଦେଇ ଦିବସରେ କାମିନୀ ସୁରତି
ଯେ ଜନ କରଇ ଜାଣି ଅତି ମନ୍ଦଗତି ।
ମଳମୂତ୍ର ଅନଳରେ ଯେ ଜନ ତ୍ୟଜନ୍ତି
ମହା ରୌରବ ନରକେ ସେମାନେ ପଡ଼ନ୍ତି ।
ଅର୍ଥ ଲୋଭେ ଯେଉଁ ନାରୀ ନିଜ ଯୋନି ବିକେ
କୁଳ ଧର୍ମ ଦେଶ ତ୍ୟାଗ କରେ ଯେ ପ୍ରତ୍ୟକ୍ଷେ ।
ସେହି ନାରୀ ପୁରୁଷ ଯେ ମହାନର୍କେ ପଡ଼ି
ଶତ ସମ୍ବତ୍ସରଯାକେ ହେଉଥାନ୍ତି ସଢ଼ି ।
ଅପରାଧ ବିନା ଯେହୁ ପ୍ରାଣୀଙ୍କି ଦଣ୍ଡଇ
ଯେ ଜନ ଆଶା ଦେଇଣ ଲୋକଙ୍କୁ ଭଣ୍ଡଇ ।
ବାସଗୃହରେ ସଂଯୋଗ କରଇ ଅନଳ
କ୍ଷୁଧାତୁରଠାରୁ ଘେନିଯାଏ ଯେ ଆହାର ।
ଯମପୁରେ ବହୁ ଦଣ୍ଡ ଭୋଗ ସେ କରଇ
ତାମସ ନର୍କ ମଧ୍ୟରେ ଶେଷେ ପ୍ରବେଶଇ ।
ଅଗ୍ନି ତାପ ପାଇ ଯେବେ ଶୀତଳ ଖୋଜଇ
ଛାୟା ବୃକ୍ଷ ତଳକୁ ତାହାକୁ ଯାନ୍ତି ନେଇ ।
ଛାୟା ପାଇ ତା' ମୂଳରେ କିଛିକ୍ଷଣ ବସେ
ଖଡ଼୍‌ଗ ସମ ଛିନ୍ନ ପତ୍ର ତା' ଉପରେ ଖସେ ।
ଛିଡ଼ିଯାଏ ଅଙ୍ଗ ତା'ର ବହଇ ରୁଧିର
ଆକୁଳ ହୋଇଣ ସେହୁ କରଇ ଚିତ୍କାର ।
ତାହା ଜାଣି ଦୂତେ ତାକୁ ଛଳାଇ କହନ୍ତି
ଅଳ୍ପକାଳ ରୁହ ଦେହ ହୋଇଯିବ ଶାନ୍ତି ।
ବ୍ୟାକୁଳ ଚିତ୍ତରେ ଯେବେ ପାଣି ସେହି ମାଗେ
ତପ୍ତ ତୈଳ ଆଣିଣ ଦିଅନ୍ତି ଦୂତେ ବେଗେ ।
ଆହେ ଖଗପତି ଏହିପରି ପାପୀମାନ
ଯୁଗାନ୍ତ ପ୍ରଳୟ ଯାଏ ଭୋଗନ୍ତି କଷଣ ।
ପ୍ରଳୟରେ ଯହୁଁ ସବୁ ବିନାଶ ହୁଅନ୍ତି
ସେମାନେ ମୁକ୍ତ ହୋଇଣ ବୈକୁଣ୍ଠକୁ ଯାନ୍ତି ।

ଗରୁଡ଼ ଉବାଚ

ବ୍ରହ୍ମାଙ୍କର ଏକଦିନ ଯେବେ ଭୋଗ ହୋଇ
ମନୁଷ୍ୟମାନଙ୍କରଟି ପ୍ରଳୟ ହୁଅଇ ।
ବ୍ରହ୍ମାଙ୍କର ଶତବର୍ଷ ହୁଅଇ ଯେ କାଳେ
ମହା ପ୍ରଳୟ ହୁଅଇ ସିନା ସେହି ବେଳେ ।
ଏତେ କାଳ ପରିଯନ୍ତେ ପାପୀମାନେ ନର୍କେ
ପଡ଼ି ସଢୁଥିବେ ସିନା ଅତିରେକ ଦୁଃଖେ ।
ସେ କଥା ବୁଝାଇ ମୋତେ କହ ଦଇତାରୀ
ତୁମ୍ଭର କିଙ୍କର କରେ ଚରଣେ ଗୁହାରି ।

ଶ୍ରୀ ଭଗବାନୋବାଚ

ବ୍ରହ୍ମାଙ୍କ ଦିବସ ଶେଷେ ରଜନୀ ହୋଇଲେ
ଶୟନ କରନ୍ତି ବିଧି ନିଦ୍ରାଦେବୀ ବଳେ ।
ସେ ସମୟରେ ହୁଅଇ ଖଣ୍ଡ ଯେ ପ୍ରଳୟ
ସକାଳରୁ ଉଠି ବ୍ରହ୍ମା ସୃଷ୍ଟି କରେ ଥୟ ।
ଏହିପରି ନିତିପ୍ରତି କରଇ ସେ ସୃଷ୍ଟି
ଶତବର୍ଷେ ସେ ପ୍ରଳୟ ହୁଏ ପରମେଷ୍ଠୀ ।
ସେତେବେଳେ ସମସ୍ତଙ୍କୁ ସମ୍ଭାଳୁ ଯେ ଆମ୍ଭେ
ପ୍ରଳୟ ଶେଷରେ ବ୍ରହ୍ମା ସର୍ଜେ ପୁଣି ଦମ୍ଭେ ।
ଯେତେବେଳେ ସୃଷ୍ଟି ପୁଣି ହୁଅଇ ନୂତନ
ନୂଆ ଯମ ସେ କାଳରେ ହୁଅଇ ସୃଜନ ।
ତା' ଆଦେଶେ ଜନମନ୍ତି ସକଳ ପ୍ରାଣୀଏ
ପୂର୍ବ ସଂସ୍କାର ବଶରେ ଉଚ୍ଚ ନୀଚ ହୁଏ ।
ଯାହାର ପୂର୍ବ ବାସନା ଯେଉଁପରି ଥାଏ
ସେହିପରି ଜନ୍ମ ପୃଥ୍ୱୀ ମଧ୍ୟରେ ସେ ହୁଏ ।
ଚଉରାଶି ଲକ୍ଷ ଯୋନି ଭ୍ରମଇ ସେ ଜୀବ
ଶେଷେ ମ୍ଲେଚ୍ଛଯୋନି ଲଭେ ନ ବହି ମୋ ଭାବ ।
କୁଷ୍ଠ ଆଦି ରୋଗମାନ ଲଭଇ ଦେହରେ
ଯକ୍ଷ୍ମା ଶ୍ୱାସ ପାଶ ବାତ ପିତାଦି ରୋଗରେ ।
ବହୁ କଷ୍ଟ ପାଏ ପୂର୍ବ ପାପ ହେତୁ ସେହି
ଅନ୍ଧ ଛୋଟା ଲେଙ୍ଗଡ଼ା ବା ବଧିର ହୁଅଇ ।
ନାନା ବୀକଳାଙ୍ଗ ହୋଇ ଲଭଇ ଜନମ
ସେ ପାପରୁ ମୁକ୍ତି ହୁଏ ଶୁଣିଲେ ପୁରାଣ ।
ଭାଦ୍ରବମାସ ଶେଷରେ ଆଶ୍ୱିନ ମାସରେ
ପୁରାଣ ଶ୍ରବଣ କରେ ଯେ ଜନ ବିଧିରେ ।

Digitized by srujanika@gmail.com

ଜଳତିଳେ ତରପଣ ପିତୃଙ୍କୁ କରଇ
ଗୟାଦି ତୀର୍ଥ ଗମନ ଯେ ଜନ କରଇ ।
ପିତୃ ଋଷି ଦେବଗଣେ କରଇ ସନ୍ତୋଷ
ସେହି ଜନର କଲ୍ମଷ ହୁଅଇ ବିନାଶ ।
ଉତ୍ତମ କୁଳରେ ଜନ୍ମ ହୁଅଇ ତାହାର
ପୁତ୍ର କନ୍ୟା ପତ୍ନୀ ଧନ ମିଳଇ ଅପାର ।
ମହା ସୁଖେ ବିଳସଇ ଦେବତା ସଦୃଶ
ଅନ୍ତେ ସେହି ଜନ ହେଳେ କରେ ସ୍ୱର୍ଗବାସ ।
ଗରୁଡ଼ ପୁରାଣ ବାଣୀ ଅପୂର୍ବ ଆଖ୍ୟାନ
ଶୁଣିଲ ତ ବୈନତେୟ ଥୟ କରି ମନ ।
ଆଉ ଯାହା ଇଚ୍ଛା ତାହା ପଚାର କହିବି
ତୁମ୍ଭର ମନରୁ ସର୍ବ ସଂଶୟ ଦହିବି ।
ତାଙ୍କ ପାଦପଦ୍ମ ଧ୍ୟାୟି ଆର୍ତ୍ତତ୍ରାଣ ଦାଶ
ଗୀତ ବନ୍ଧରେ ପ୍ରକାଶ ଏ ପୁରାଣ ରସ ।

ଇତିଶ୍ରୀ ଗରୁଡ଼ ପୁରାଣେ
ନୈମିଷାୟୋପାଖ୍ୟାନେ ବିଷ୍ଣୁ ଗରୁଡ଼ ସମ୍ବାଦେ
ନାମପଞ୍ଚମୋଽଧ୍ୟାୟଃ ।

—o—

ଷଷ୍ଠ ଅଧ୍ୟାୟ
ପାପାନୁସାରେ ରୋଗୋତ୍ପତ୍ତି

ଶୁଣି ସକଳ ବୃତ୍ତାନ୍ତ ଗରୁଡ଼ କହଇ
ଭକତି ଭରେ ସେ ଶିରେ କର ନିବେଶଇ ।
ଶୁଣିଲି ଅପୂର୍ବ ବାଣୀ ତୁମ୍ଭ ଶ୍ରୀମୁଖରୁ
ନିସ୍ତରିଲି ନିସ୍ତରିଲି ତୁମ୍ଭର କୃପାରୁ ।
ନର ଲୋକେ ଜନ୍ମ ହୋଇ ମନୁଷ୍ୟ ଶରୀରେ
ନାନାଦି ରୋଗ ଯନ୍ତ୍ରଣା ନିନ୍ଦା ଭୋଗ କରେ ।
ଅଙ୍ଗହୀନ ବିକଳାଙ୍ଗ କାହିଁକି ହୁଅଇ
ଦୟା କରି ମହାପ୍ରଭୁ କୁହ ଭାବଗ୍ରାହୀ ।
ଶୁଣିଲେ ତୁମ୍ଭ ମୁଖରୁ ସଂଶୟ ଫିଟିବ
କେଉଁ ପାପେ କେଉଁ ରୋଗ ହୁଅଇଟି ଧ୍ରୁବ ।
ଏହା ଶୁଣି ଭଗବାନ ଅଳପ ହସିଲେ
ଭକତ ଆରତ ଜାଣି ମଧୁରେ କହିଲେ ।

ଶ୍ରୀଭଗବାନ ଉବାଚ

ଶୁଣ ଶୁଣ ହେ ଗରୁଡ଼ ପଚାରିଲ ଯାହା
ବୁଝାଇ କହୁଛି ମୁହିଁ ତୁମ୍ଭଙ୍କୁଟି ତାହା ।
ପୂର୍ବ ଜନ୍ମେ ଯେଉଁ ପାପ କରିଥାଏ ପ୍ରାଣୀ
ତାହାର ଫଳରେ ନର୍କଭୋଗ କରି ପୁଣି ।
ମର୍ତ୍ତ୍ୟଲୋକରେ ଶରୀର ଧାରଣ କରଇ
ସେ ଶରୀରେ ବହୁ ଦୁଃଖ କଷ୍ଟକୁ ଭୋଗଇ ।
ବ୍ୟାଧି ରୂପରେ ସେ ପୂର୍ବ ପାପର ଚିହ୍ନକୁ
ନିରନ୍ତର ଧରିଥାଏ ଚିହ୍ନିବ ତାହାକୁ ।
ବ୍ରାହ୍ମଣ ହତ୍ୟା କରଇ ପୂର୍ବେ ଯେଉଁ ଜନ
ଯକ୍ଷ୍ମାରୋଗ ତାହାକୁଟି ହେବ ନିଶ୍ଚେ ଜାଣ ।
ଯେ ଜନ ଅଜ୍ଞାନେ କରିଥାଏ ଗୋରୁ ହତ୍ୟା
କୁଷ୍ଠ ରୋଗ ହୁଏ ତା'ର ଜାଣ ଏହି କଥା ।
ଆପଣା ପୁତ୍ରକୁ ନାଶ କରଇ ଯେ ମନ୍ଦ
ଗଳିତ କୁଷ୍ଠ ହୁଅଇ ଅତ୍ୟନ୍ତ ଦୁର୍ଗନ୍ଧ ।
ଏହି ତିନି ପାପୀ ମର୍ତ୍ତ୍ୟେ ଚାଣ୍ଡାଳର ଘରେ
ଜନମିଣ ଏହି ରୋଗ ବହନ୍ତି ଶରୀରେ ।
ଗୁରୁ ପତ୍ନୀକି ରମଇ ଯେ ଜନ ଅଜ୍ଞାନେ
ନପୁଂସକ ହୋଇ ସେହି ମର୍ତ୍ତ୍ୟରେ ଜନମେ ।
ଗର୍ଭ ବିନାଶ କରଇ ଯେହୁ ମୂଢ଼ମତି
ଶବର ଘରେ ଜନମ ଲଭେ ସେ ତଡ଼ତି ।
ହସ୍ତୀ ଚର୍ମ ଯାଦୁ ତା'ର ସର୍ବାଙ୍ଗେ ହୁଅଇ
ଯେତେ ଔଷଧ ଖାଇଲେ ଭଲ ନ ହୁଅଇ ।
ପଶୁ ପରି ମାଂସ ଖାଏ ଯେ ଜନ ପୂର୍ବରେ
ରକ୍ତ କୁଷ୍ଠ ରୋଗ ତା'ର ହୁଅଇ ଶରୀରେ ।
ଅଭକ୍ଷ ଭକ୍ଷ କରିଣ ଯେବେଣ ପାମର
ପାଦ ଜଙ୍ଘ ବିକଳାଙ୍ଗ ହୁଅଇ ତାହାର ।
ବ୍ରାହ୍ମଣ ହୋଇଣ ଯେବେ ଇନ୍ଦ୍ରିୟ ଅଧୀନ
ହୁଏ ଜଳ ଉଦରୀ ଯେ ରୋଗ ତା'ର ପୁଣ ।
ସୁସ୍ୱାଦୁ ଦ୍ରବ୍ୟ କୁଟୁମ୍ବେ ନ ଦେଇ ଯେ ଭୁଞ୍ଜେ
ଗଳଗଣ୍ଡ ରୋଗ ସଦା ସରବଦା ଗଞ୍ଜେ ।
ଅଶୁଦ୍ଧ କାଳରେ ଯେହୁ ପିଣ୍ଡଦାନ ଦିଏ
ଚିତ୍ରକୁଷ୍ଠ ତା'ର ଅଙ୍ଗେ ନିଶ୍ଚୟ ଜାତ ହୁଏ ।
ଗୁରୁଙ୍କୁ ଅବଜ୍ଞା କରେ ଯେ ଜନ ଗର୍ବରେ
ଅପସ୍ମାର ରୋଗୀ ହୁଏ ଜାଣ ଭୂଲୋକରେ ।

Digitized by srujanika@gmail.com

ବେଦ ନିନ୍ଦା କଲେ ପାଣ୍ଡୁ ରୋଗ ହୁଏ ଜାତ
ମିଥ୍ୟା ସାକ୍ଷୀ ଦେଲେ ମୂକ ହୁଅଇ ନିଶ୍ଚିତ ।
ବିବାହ ପ୍ରସଙ୍ଗ ଯେହୁ ଭାଙ୍ଗଇ ନିରତେ
ଓଷ୍ଠହୀନ ହୋଇ ଜନମଇ ସେ ସାକ୍ଷାତେ ।
ପୁସ୍ତକ ଚୋର ଯେ ଅନ୍ଧ ହୁଅଇ ମର୍ତ୍ତ୍ୟରେ
ଛୋଟା ହୁଏ ଗୁରୁଙ୍କୁ ଗୋଇଠା ଯେହୁ ମାରେ ।
ଦ୍ୱିଜକୁ ଗରବେ ଯେହୁ ଗୋଇଠା ମାରଇ
ପଙ୍ଗୁ ହୋଇ ସଂସାରରେ ସେ ଜନ ଜନ୍ମଇ ।
ଭୋଜନରେ ବିଷଦାନ କରେ ସେ ପାତକୀ
ଜଡ଼ ହୋଇ ଜନ୍ମଲାଭ କରେ ସେ ନାରକୀ ।
ବିଷ୍ଣୁଙ୍କ ପଦାର୍ଥମାନ କରଇ ଯେ ଚୋରୀ ।
ଗନ୍ଧଦ୍ରବ୍ୟ ଚୋରି କଲେ ଚୁଚୁନ୍ଦରା ହୁଏ
ମାଂସ ଚୋରି କଲେ ଗୃଧ୍ର ହେବ ଶାସ୍ତ୍ର କହେ ।
ଲୁଣ ଚୋର ପିପିଲିକା ହୁଅଇ ନିୟତ
ପୁଷ୍ପ ମୂଳ ଚୋର ହୁଏ ମର୍କଟ ନିଶ୍ଚିତ ।
ତୁଳା ଚୋରି କଲେ ମେଷ ଜନମ ଲଭଇ
ଖଣ୍ଡ ବୃତ୍ତିକାରୀ ହୁଏ ଜାଣିଥା କଂସାଇ ।
ବିଷପାନ କରି ମୃତ୍ୟୁମୁଖେ ଯେ ପଡ଼ନ୍ତି
କୃଷ୍ଣସର୍ପ ଜନ୍ମଲାଭ ସେମାନେ କରନ୍ତି ।
ଭଲମନ୍ଦ ନ ବିଚାରି ରାଜକାର୍ଯ୍ୟ କଲେ
ହସ୍ତୀ ଜନ୍ମ ଲଭି ବନେ ନିତି ପ୍ରତି ବୁଲେ ।
ବିଷ୍ଣୁ ନିବେଦନ ଯେହୁ ନ କରି ଭୁଞ୍ଜଇ
କୁମ୍ଭକାର ଘରେ ସେହୁ ଜନମ ଲଭଇ ।
ଗଣକ ଗଣିକା ଅନ୍ନ କରିଲେ ଭୋଜନ
ଶୁଦ୍ଧ ହୋଇବ କରିଲେ କୃଚ୍ଛ୍ର, ଚାନ୍ଦ୍ରାୟଣ ।
ଅଶୁଚି ହୋଇ ଭୋଜନ ଯେ ନର କରଇ
ବନରେ ବ୍ୟାଘ୍ର ହୋଇଣ ସେହୁ ଜନମଇ ।
ବ୍ରାହ୍ମଣ ହୋଇ ନ କରେ ସନ୍ଧ୍ୟାଦି ଅର୍ଚ୍ଚନ
ଗାୟତ୍ରୀ ସ୍ମରଣ ନ କରଇ ପ୍ରତିଦିନ ।
କପଟ ପୂରିଥାଏଟି ଅନ୍ତରେ ଯାହାର
ମୀନରୂପ ଧରି ଜନମଇ ସେ ପାମର ।
ପତିତ ଜନମାନଙ୍କ ନିକଟରୁ ଧନ
ଗୁପତରେ ନେଇ ଯେହୁ କରଇ ଭୋଜନ ।
ପରଜନ୍ମେ ବିଷ୍ଠା ସେହୁ ଭୋଜନ କରଇ
ବିଦ୍ୟାଦାନ ନ କରିଲେ ବଳିବର୍ଦ୍ଧ ହୋଇ ।

ଗୁରୁସେବା ନ କରଇ ଯେହୁ ଶିଷ୍ୟ ହୋଇ
ଖଚର ରୂପରେ ଜନ୍ମ ସେ ଜନ ଲଭଇ ।
ଗୁରୁଙ୍କ ନିନ୍ଦା କରଇ ନିନ୍ଦେ ବ୍ରାହ୍ମଣକୁ
ବ୍ରହ୍ମ ରାକ୍ଷସ ହୁଅଇ ସେ ଜନ ଶେଷକୁ ।
ଦାନ ଦେବା ପାଇଁ ମୁଖେ କହି ଯେ ନ ଦିଏ
ଜମ୍ବୁକ ଯୋନିରେ ସେହି ପାପୀ ଜାତ ହୁଏ ।
ସତ୍ୟବନ୍ତ ପ୍ରାଣୀ ନିନ୍ଦା କରଇ ଯେ ଜନ
ନିରନ୍ତର ଅଗ୍ନିଜଳେ ତାହାର ବଦନ ।
ମିତ୍ରଦ୍ରୋହୀ ଗୃଧ୍ର ହୁଏ ଶାସ୍ତ୍ରର ସମ୍ମତ
କପଟେ ଅନ୍ୟର ଦ୍ରବ୍ୟ ନେଲେ ପେଚକାତ ।
ସ୍ୱଜାତି ମଧ୍ୟରେ ଯେହୁ ବିବାଦ କରଇ
କପୋତ ଜନ୍ମ ଲଭଇ ଜାଣିଥାଅ ସେହି ।
ଛେଦନ କରଇ ଯେହୁ ପ୍ରାଣୀଙ୍କର ଆଶ
ସ୍ନେହାଧୀନକୁ ଯେ ଜନ କରଇ ନିରାଶ ।
କ୍ରୋଧେ ଆପଣା ପତ୍ନୀକୁ ତେଜଇ ଯେ ଜନ
ଚକ୍ରବାକ ପକ୍ଷୀ ହୋଇ ଲଭେ ସେ ଜନମ ।
ପିତା ମାତା ଗୁରୁଜନ ବନ୍ଧୁ ଭ୍ରାତାଦିଙ୍କୁ
ଶତ୍ରୁ ଭାବେ ଦେଖି ଯେହୁ ଉପେକ୍ଷି ସ୍ନେହକୁ ।
ଗର୍ଭସ୍ଥାନ ପାଇ ଜନ୍ମ ହୋଇବା ପୂର୍ବରୁ
ସେ ଜନ ମରଣ ଲଭେ ଗର୍ଭର ଭିତରୁ ।
ଯେଉଁ ନାରୀ ଦିବାରାତ୍ର କଳହ କରଇ
ଶାଶୁ ଶ୍ୱଶୁରଙ୍କୁ ତୁଚ୍ଛ ଭାଷାରେ କହଇ ।
କର୍ଦ୍ଦମଯୁକ୍ତ ଜଳରେ ପୋକ ହୋଇ ରହେ
ନିରବଧି ତହିଁ ଦୁଃଖ ଭୋଗ କରୁଥାଏ ।
ନିତି ପ୍ରତି ଦ୍ରୋହ ଯେଉଁ ରମଣୀ କରନ୍ତି
ଉକୁଣୀ ହୋଇଣ ସେହୁ ଜନମ ଲଭନ୍ତି ।
ଯେଉଁ ନାରୀ କାମ ଭୋଗ ଚରିତାର୍ଥ ପାଇଁ
ବୃଦ୍ଧ ସ୍ୱାମୀ ତେଜି ପରପୁରୁଷେ ମାତଇ ।
ଝିଟିପିଟି ବା ବାଦୁଡ଼ି ଜନମ ଲଭନ୍ତି
ଦୋମୁଣ୍ଡିଆ ସର୍ପ ହୋଇ କେ ଅବା ଜନ୍ମନ୍ତି ।
ମହାକ୍ଲେଶ ଲଭି ଗର୍ଭ ମଧ୍ୟେ ପଡ଼ିଥିବ
ଜନ୍ମ ଜନ୍ମାନ୍ତରେ ମହା ବିପଦ ଲଭିବ ।
ନିଜର ଗୋତ୍ର ପ୍ରାଣୀଙ୍କି ଯେ କରଇ ହତ
ସେହିମାନେ ଝିଅ ହୋଇ ଜନ୍ମନ୍ତି ନିୟତ ।
ସ୍ୱଗୋତ୍ରୀୟ ରମଣୀ ରମଇ ଯେହୁ ନର
ଭାଲୁ ହୋଇ ଭ୍ରମଇ ସେ ଅରଣ୍ୟ ମଧ୍ୟର ।

Digitized by srujanika@gmail.com

ବିଟପୀ ରମଣୀ ତୁଲେ କରଇ ପ୍ରୀରତି
ପିଶାଚ ଜନମ ଲାଭ କରେ ସେ ଦୁର୍ମତି ।
ଅନୁଢ଼ା ବାଳିକା ଯେହୁ କରଇ ରମଣ
ଅଜଗର ସର୍ପ ଜନ୍ମ ହୁଏ ସେହୁ ଜାଣ ।
ଗୁରୁପତ୍ନୀ ହତ୍ୟା ଯେଉଁ ନର କରିଥାଇ
କୃକଲାସ ଜନ୍ମ ସେହି ନିଶ୍ଚୟ ହୁଅଇ ।
ରାଜପତ୍ନୀ ହରିଲେ ଯେ ଓଟ ଜନ୍ମ ହୋଇ
ମିତ୍ରପତ୍ନୀ ରମିଲେ କୈବର୍ତ୍ତ ଜାତ ହୋଇ ।
ସୁରାପାନ କରି ନିଜ ଧର୍ମ ନାଶ କଲେ
ଶ୍ୱାନ ଶୃଗାଳ ଯୋନିକୁ ପାଏ ସେହୁ ଭଲେ ।
ଅପର ଜନର ଧନ ହରଣ ଯେ କରେ
ଚତୁରତା ଦେଖାଇ ହୁଅନ୍ତି ନିରନ୍ତରେ ।
ବ୍ରହ୍ମସ୍ୱ ହରଣ କିମ୍ବା ବିନାଶ କରଇ
ଗୃହବାସ ତା'ର ଅଗ୍ନିଦ୍ୱାରା ଦଗ୍‌ଧ ହୋଇ
ଚନ୍ଦ୍ର ସୂର୍ଯ୍ୟ ଥିବାଯାଏ ହୋଇ ଅପୁତ୍ରିକ
ବଂଶହୀନ ହୋଇ ଭୋଗ କରିଥାଇ ନର୍କ ।
ବିଷ ଖାଇ ଜୀବନ ଯେ ବିନାଶ କରଇ
ତିନିପୁରେ ସେ ଲୋକକୁ ବାସ ନ ମିଳଇ ।
ଯଦ୍ୟପି ତାହାର କୂଳେ ହୁଅଇ ସନ୍ତାନ
ବଳହୀନ ରୋଗଗ୍ରସ୍ତ ହୁଏ ସଦା ଦିନ ।
ପଳାୟନ ପରେ ଭୀତତ୍ରସ୍ତ ସେ ନିଜକୁ
ଗୋଡ଼ାଇ ମାରଇ ଯେହୁ ତେଜି ଉତ୍ପ୍ରୋଧକୁ ।
ନାରୀହତ୍ୟା ଦୋଷ ସେହୁ ଲଭଇ ନିୟତ
ଶାସ୍ତ୍ର ପୁରାଣରେ ଏହା ହୋଇଛି ବିଦିତ ।
ପରନାରୀ ଉପଭୋଗ ପରଧନ ଭୋଗ
କରିଲେ ନାନାଦି ଦୁଃଖ ହୁଅଇ ସଂଯୋଗ ।
ଆହେ ଋଷିଗଣ କଲେ ଏହିପରି କର୍ମ
ନାନାଦି ପାପ ଯୋନିରେ ହୋଇବଟି ଜନ୍ମ ।
ନାନାରୋଗ ଭୋଗ କରି ଯନ୍ତ୍ରଣା ଭୋଗଇ
ସୁଖେ ତାହାକୁ ମୁଠାଏ ଅନ୍ନ ନ ମିଳଇ ।
ନାନାଦି କୁତ୍ସିତ ଭାଷା ଶୁଣଇ ସେ ନିତି
ଦେଖିଲେ ସେପରି ଲୋକ ଘୃଣା ଯେ କରନ୍ତି ।
ଦୈବଜ୍ଞ କର୍ମ ନିପୁଣ ବିଦ୍ୱାନ ବ୍ରାହ୍ମଣ
ଡକାଇ କରିବ ଯଜ୍ଞ ସମର୍ପିବ ଦାନ ।
ଭକତି ଚିତ୍ତରେ ବିଷ୍ଣୁରୂପରେ ପୂଜିବ
କାମନା ପୂରଣ କରି ଦକ୍ଷିଣା ଯେ ଦେବ ।
ପାଦେ ପଡ଼ି ନିଜ କୃତ୍ୟ ଦୋଷ କ୍ଷମା ମାଗି
ବ୍ରାହ୍ମଣ ଚରଣ ଧୂଳି ଶିରେ ବୋଳି ବେଗି ।
ଏହିପରି କଲେ ପାପ ହୁଅଇ ବିନାଶ
ପରଜନ୍ମେ ସୁଖପ୍ରାପ୍ତ ହୋଇବ ଅବଶ୍ୟ ।
ବେଦବିଦ୍ୟା ନ ଜାଣଇ ଯେଉଁ ଦ୍ୱିଜ ଜାଣ
ଦାନ ଦେବା ତାହାକୁଟି ଅଟେ ଅକାରଣ ।
ପ୍ରଜ୍ୱଳିତ ଅଗ୍ନିକୁଣ୍ଡେ ଘୃତ ହୁତି ଦେଲେ
ବାଞ୍ଛିତ ଫଳ ମିଳଇ ଜାଣିଥାଅ ଭଲେ ।
ଭସ୍ମରାଶିରେ ଢାଳିଲେ ଘୃତଧାର ନେଇ
ତାହା ଯେଉଁ ପରି ଜାଣ ନିଷ୍ଫଳ ହୁଅଇ ।
ସେହିପରି ବେଦହୀନ ବ୍ରାହ୍ମଣକୁ ଦାନ
ଦେଲେ ନିଷ୍ଫଳ ହୁଅଇ ଏହା ଭଲେ ଜାଣ ।
ଦାନବୃତ୍ତି ଦାନଦ୍ରବ୍ୟ ଯେ ଜନ କରଇ
କୁମ୍ଭୀପାକେ ପଡ଼ି ବିଷ୍ଠା ଆଦି ସେ ଭୁଞ୍ଜଇ ।
ଷାଠିଏ ସହସ୍ର ବର୍ଷ ତହିଁ ବାସ କରେ
ମର୍ତ୍ତ୍ୟେ ଜନ୍ମି ମହାରୋଗ ଭୋଗେ ଶରୀରରେ ।
ଖାଇବାକୁ ନ ମିଳଇ ନ ମିଳଇ ବସ୍ତ୍ର
ବଂଶେ ନ ରୁହନ୍ତି କେହି ହୁଏ ରୋଗଗ୍ରସ୍ତ ।
ନିଜ ବୃତ୍ତି ଯେହୁ ଜନ ଭକତି ସହିତେ
ଦାନ ଦିଏ ଡକାଇ ଉତ୍ତମ ଦ୍ୱିଜହସ୍ତେ ।
ଲକ୍ଷ ଲକ୍ଷ ଧେନୁ ଦାନ ଫଳ ସେ ଲଭଇ ।
ମରଣାନ୍ତେ ସ୍ୱର୍ଗ ସୁଖ ଅବଶ୍ୟ ଭୁଞ୍ଜଇ ।
ପାପକର୍ମମାନ କରିଥାଏ ପୂର୍ବେ ଯେହୁ
ଶରୀରରେ ରୋଗ ଚିହ୍ନମାନ ଧରେ ସେହୁ ।
କପଟ କଥା କହିଣ ଭୁଲାଏ ଲୋକକୁ
ନିଜ ପାପକଥା ତିଳେ ନ ଆଣେ ମନକୁ ।
ସେପରି ଜନ ନରକେ କରଇ ବସତି
ନର୍କଭୋଗ ପରେ ତୃଣ ହୁଏ ଏହି ପୃଥ୍ୱୀ ।
ସସହ୍ର ବର୍ଷ ପରେ ସେ ପଶୁ ଜନ୍ମ ହୁଏ
ଚାରିଜନ୍ମ ପରିଯନ୍ତେ ନାନା କ୍ଲେଶ ସହେ ।
ପକ୍ଷୀଜନ୍ମ ସାତବାର ହୁଏ ସେ ଅବଶ୍ୟ
ଶୀତ ବର୍ଷା ଖରା ଭୋଗ କରି ପାଏ କ୍ଲେଶ ।
ଶେଷେ ମନୁଷ୍ୟ ଶରୀର ଲଭଇ ସେ ଜାଣ
ଅନ୍ତ୍ୟଜ ଜାତିରେ ଆସି ହୁଅଇ ସେ ଜନ୍ମ ।
ଏହିପରି ଦୁଃଖମାନ ପାପୀଏ ଭୋଗନ୍ତି
ଜନ୍ମ ଜନ୍ମାନ୍ତରେ ନାନା ପୀଡ଼ା ସେ ଭୋଗନ୍ତି ।

Digitized by srujanika@gmail.com

ବିଷୟା ବିଷ ପାନରେ ଉନମତ୍ତ ହୋଇ
ଏହିପରି ଭାବେ ଜନ୍ମ ମରଣ ଲଭଇ ।
କର୍ମ ପାଶରେ ବନ୍ଧନ ଅଟଇ ଶରୀର
ଏଥିରେ ନାହିଁଟି ଦୋଷ ତିଳେହେଁ କାହାର ।
ଯାହା କରିବ ଅବଶ୍ୟ ଭୁଞ୍ଜିବ ସେ ତାହା
ଅନ୍ୟକୁ ଦୋଷୀ ନ କର ଆହେ ପକ୍ଷୀନାହା ।
ପାପ କର୍ମ କଲେ ନର୍କ ଭୋଗନ୍ତି ନିୟତ
ତହୁଁ ମୁକ୍ତ ହେଲେ ନିମ୍ନ ଯୋନିରେ ସେ ଜାତ ।
ହୋଇ ନାନା ଦୁଃଖ ତହିଁ ଭୁଞ୍ଜଇ ସେ ଜାଣ
ଖାଇବା ପାଇଁ ମୁଠାଏ ନ ମିଳଇ ଅନ୍ନ ।
ଉଦର ଦାଉରେ ପୁଣି ପାପକୁ ଅର୍ଜଇ
ପୁନରପି ଦେହାନ୍ତରେ ନରକ ଭୋଗଇ ।
ଏହିପରି ଗତାଗତ ହୋଇ ସେ ଦୁର୍ମତି
ମହାପ୍ରଳୟ ପର୍ଯ୍ୟନ୍ତ ନ ଲଭଇ ଶାନ୍ତି ।
ମହାପ୍ରଳୟରେ ସର୍ବେ ବିଷ୍ଣୁଙ୍କ ଦେହରେ
ଲୀନ ହୋଇ ସୁଖେ ବାସ କରନ୍ତି କାଳରେ ।
ପୁଣି ସୃଷ୍ଟି ଇଚ୍ଛା ଯେବେ କରନ୍ତି ଶ୍ରୀହରି
ଜନମ ଲଭନ୍ତି ସର୍ବ ପ୍ରାଣୀଏ ସଞ୍ଚରି ।
ପୂର୍ବ ଜନ୍ମମାନଙ୍କର ବାସନା ବଳରେ
ଜନ୍ମ ଲଭନ୍ତି ସେମାନେ ନାନାଦି ଯୋନିରେ ।
ତେଣୁ ହେ ଗରୁଡ଼ ନ କରିବ ପାପକର୍ମ
ନିରନ୍ତରେ ଅରଜିବ ସନାତନ ଧର୍ମ ।
ଦେବତା ବ୍ରାହ୍ମଣ ପୂଜା କରିବ ନିୟତ
ନିଜ ଶକ୍ତିମତେ ଦାନ ଦେଉଥିବ ନିତ୍ୟ ।
ଶ୍ରୀହରି ଚରଣେ ଭକ୍ତି କରୁଥିବ ସଦା
ତାଙ୍କୁ ସମର୍ପିଣ କର୍ମ କଲେ ନାହିଁ ବାଧା ।
ଦାନ ଧ୍ୟାନ ଯଜ୍ଞ ଆଦି ତପସ୍ୟା କରିବ
ହରିନାମ ଯଶ ଗୁଣ ନିରତେ ଗୁଣିବ ।
ମହାମନ୍ତ୍ର ଜପ ନିତ୍ୟ କରୁଥିବ ଗୂଢ଼େ
ବିଷୟ ବାସନା ତେଜି ଭଜୁଥିବ ଦୃଢ଼େ ।
ଏପରି ମାନବ ନୁହେଁ ନରକେ ପତିତ
ସ୍ୱର୍ଗ ଧାମେ ମହାସୁଖେ ବିଳସଇ ସେତ ।
ଇନ୍ଦ୍ର ଆଦି ଦେବତାଏ ତା' ପୂଜା କରନ୍ତି
ତାହାର ଆଜ୍ଞା ଅବଜ୍ଞା କେହି ନ କରନ୍ତି ।
ଦେବ କାମିନୀଏ ତାର ସେବା ରତ ହୋନ୍ତି
ସଦା ସରବଦା ଆଦେଶକୁ ଚାହିଁଥାନ୍ତି ।
କର୍ମ ଅନୁସାରେ ପୁଣି ବୈକୁଣ୍ଠାଦି ଲୋକ
ପାଇ ଭୋଗ କଲେ ସେହି ଜନ ନାନା ସୁଖ ।
ଶ୍ରୀହରି ସ୍ୱରୂପ ହୋଇ ବିହାର କରଇ
ଶ୍ରୀହରି ସଦୃଶ ରୂପ ସେ ଜନ ଲଭଇ ।
ଶ୍ରୀହରି ସଦୃଶ ଭୋଗ ଭୁଞ୍ଜେ ସେହୁ ଜନ
ଶ୍ରୀହରି ସଦୃଶ ବେଶ ଭୂଷଣ ଲଭିଣ ।
ଶ୍ରୀହରିଙ୍କ ସମ ତାକୁ ସକଳେ ଭାବନ୍ତି ।
କହିଲି ଗରୁଡ଼ ଏବେ ଯାହା ପଚାରିଲୁ
ଶୁଣିଣ ସନ୍ତୋଷ ଚିତ୍ତ ହେଲୁ ବା ନ ହେଲୁ ।
ସନ୍ଦେହ ଥିଲେ ପଚାର ଯାହା ପଚାରିବୁ
ଯେପରି ସନ୍ଦେହ ତୋର ବିନାଶ କରିବୁ ।
ଏତେ କହି ମହାପ୍ରଭୁ ମଉନ ହୋଇଲେ
ଋଷିମେଳେ ସୁତ ଯେ ପୁରାଣ ବଖାଣିଲେ ।
ଅପୂର୍ବ ଚରିତ ଏହି ଗରୁଡ଼ ପୁରାଣ
ଶ୍ରଦ୍ଧା ସହକାରେ ଏହା ଶୁଣେ ଯେଉଁ ଜନ ।
ସକଳ ଅରିଷ୍ଟ ଦୁଃଖ ବିନାଶ ହୁଅଇ
ଅନ୍ତେ ଶ୍ରୀହରି ଭକତ ଅବଶ୍ୟ ମିଳଇ ।
ଶ୍ରୀହରି ଚରଣ ଯୁଗ ହୃଦୟରେ ଧରି
ପୁରାଣ ବାଣୀ ଲେଖିଲି ଗୀତ ବନ୍ଧ କରି ।
ସାଧୁ ସୁଜ୍ଞଜନମାନେ ଦୋଷ ନ ଧରିବ
ମୁହିଁ ସର୍ବଜ୍ଞ ନୁହଇ ଜାଣିବଟି ଧ୍ରୁବ ।
ଦୋଷ ତ୍ରୁଟି ଯାହା ଥିବ କ୍ଷମିବ ଆପଣ
ଆର୍ତ୍ତ ଦ୍ୱିଜ ଅଟେ ସଦା ଅତି ଦୀନ ହୀନ ।
ଷଷ୍ଠ ଅଧ୍ୟାୟର ବାଣୀ ଶେଷ ହେଲା ଏବେ
ସମସ୍ତ ଅଧ୍ୟାୟ କହିବି ମୁଁ ଆନ ପ୍ରସ୍ତାବେ ।

ଇତିଶ୍ରୀ ଗରୁଡ଼ ପୁରାଣେ ନୈମିଷେୟା
ପାଖ୍ୟାନେ ବିଷ୍ଣୁ ଗରୁଡ଼ ସମ୍ବାଦେ ପାପ
ଚିହ୍ନାଦି ବର୍ଣ୍ଣନଂ ନାମ ଷଷ୍ଠୋଽଧ୍ୟାୟଃ ।

—୦—

ସପ୍ତମ ଅଧ୍ୟାୟ

ଗର୍ଭବାସ ବିଚାର

ଗରୁଡ଼ ଉବାଚ

ଗରୁଡ଼ କହନ୍ତି ଶିରେ ଦେଇ ବେନିକର
ଶୁଣିମା ହେ ଚିନ୍ତାମଣି ତ୍ରିଲୋକ୍ୟ ଠାକୁର ।

Digitized by srujanika@gmail.com

ପ୍ରଶ୍ନ ଏକ ମୋର ମନେ ହୁଅଇ ଉଦୟ
ତାହାର ଉତ୍ତର ମୋତେ କୁହ ଦେବରାୟ ।
ଗର୍ଭର ଯନ୍ତ୍ରଣା ଜୀବ ଲଭେ ଯାହା ଯାହା
ସଂଶୟ ଫେଡ଼ିଣ ମୋର କହିଦେବ ତାହା ।
ଶୁଣିବାକୁ ମୋର ଉପୁଜିଛି କଉତୁକ
ଦୟାବହି ଭୃତ୍ୟେ କହ ବ୍ରହ୍ମାଣ୍ଡ ନାୟକ ।
ଭୃତ୍ୟର ବିକଳ ବାଣୀ ଶୁଣି ଦେବ ହରି
ସାନ୍ତ୍ୱନା ବାକ୍ୟେ କହନ୍ତି ଶୁଣ ପନ୍ନଗାରି ।

ଭଗବାନ ଉବାଚ

ମନ ସ୍ଥିର କରି ବାବୁ ଶୁଣ ସେ କାହାଣୀ
ଯାହା ପଚାରିଲ ତାହା କହିବି ମୁଁ ପୁଣି ।
କାମାସକ୍ତ ହୋଇ ମାତା ପିତା ଏକ ମେଳେ
ସଙ୍ଗମ କରନ୍ତି ଦୁହେଁ ଯେବେ ମତ୍ତଭୋଳେ ।
ସେ ସମୟେ ପିତା ବୀର୍ଯ୍ୟ ମାତାର ରଜରେ
ପତିତ ହୁଅଇ ଜାଣ ଯୋନିର ମଧ୍ୟରେ ।
ରଜବୀର୍ଯ୍ୟ ମିଳି ଧୀରେ ଗମନ କରଇ
ମାତାର ଗର୍ଭ ମଧ୍ୟରେ ଯାଇ ପ୍ରବେଶଇ ।
ପୂର୍ବ କର୍ମ ଅନୁସାରେ ଜୀବ ଥାଏ ଚାହିଁ
ନରକ ଯନ୍ତ୍ରଣା ଭୋଗ କରିବାର ପାଇଁ ।
ତତକ୍ଷଣେ ମାତୃ ଗର୍ଭେ ହୁଅନ୍ତି ପ୍ରବେଶ
ଭୋଗ କରିବା ପାଇଁକି ନରକର କ୍ଳେଶ ।
ଯେଉଁକାଳେ ମାତା ଜାଣ ରଜୋବତୀ ହୁଏ
ପାପ ଦେହ ତାହାରଟି ବୋଲି ଶାସ୍ତ୍ର କହେ ।
ତାହାର କାରଣ ତୋତେ ସଂକ୍ଷେପେ କହିବି
ତୋହର ମନରୁ ବାବୁ ସନ୍ଦେହ ଦହିବି ।
ବୃତ୍ରାସୁର ଉତପାତ କଲା ଯେତେବେଳେ
ସମରେ ତାହକୁ ବଧ ଇନ୍ଦ୍ର କଲେ ହେଳେ ।
ଋଷିର କୁମର ସେହି ତପୋବନେ ବଳି
ବ୍ରହ୍ମହତ୍ୟା ପାପ ଇନ୍ଦ୍ର ଦେହ ଗଲା ଗିଳି ।
ତେଣୁ ସ୍ୱର୍ଗ ରାଜ୍ୟେ ରାଜା ହୋଇ ନ ପାରିଲେ
ଲାଜରେ ପଳାଇ ମାନସରରେ ଲୁଚିଲେ ।
ଇନ୍ଦ୍ରଙ୍କ ଅଭାବେ ସୃଷ୍ଟି ହେଲା ନାରଖାର
ଜୀବଜନ୍ତୁ ଗଞ୍ଜିହେଲେ ଦୁଃଖ ସହି ଘୋର ।
ଖଳ ଲୋକେ ନାନା ଖଳ କାର୍ଯ୍ୟ ଆରମ୍ଭିଲେ
ଧର୍ମମାର୍ଗ ନିଷ୍ଟ କରି ପାପମାନ କଲେ ।

ତାହା ଦେଖି ବ୍ରହ୍ମା ଅତି ଦୁଃଖିତ ହୋଇଲେ
ଇନ୍ଦ୍ରଙ୍କ ସମୀପେ ବେଗେ ପରବେଶ ହେଲେ ।
ବ୍ରହ୍ମହତ୍ୟା ପାତକକୁ ଛଅଭାଗ କରି
ଛଅଟି ସ୍ଥାନରେ ତାହା ରଖିଲେ ବିଚାରି ।
ପ୍ରଥମ ଭାଗ ରହିଲା ନାରୀଙ୍କ ଦେହରେ
ମାସେ ମାସେ ଋତୁମତୀ ହେବେ ଯେ କାଳରେ ।
ବୃକ୍ଷରେ ରଖିଲେ ପୁଣି ଦ୍ୱିତୀୟ ଭାଗକୁ
ଫଳ ପୁଷ୍ପହୀନ ହୁଏ ସେ ପୁଣି କାଳକୁ ।
ଅଗ୍ନିଦେବଙ୍କୁ ତୃତୀୟଭାଗ ପାପ ଦେଲେ
ତେଣୁ ଧୂମ୍ରବର୍ଣ୍ଣ ଧୂମମୟ ସେ ହୋଇଲେ ।
ଧରାକୁ ଚତୁର୍ଥ ଭାଗ ପାପ ଦେଲେ ଧାତା ।
ମଳମୂତ୍ର ଆଦି ତହିଁ ହୁଅଇ ସର୍ବଥା ।
ନଦୀକୁ ପଞ୍ଚମଭାଗ ଦେଲେ ସେ ପାପରୁ
କାଳେ ଶୁଷ୍କ ହୋଇଯାଏ ପାପ ପ୍ରଭାବରୁ ।
ବୈଶାଖାଦି ବାରମାସେ ଷଷ୍ଠ ଭାଗ ଦେଲେ
ତାହାର ନାମ ଶ୍ରବଣା ପ୍ରତି ମାସେ କଲେ ।
ପାଞ୍ଚଦିନେ ଶ୍ରବଣା ଯେ ପ୍ରତିମାସେ ହୁଏ
ତୃଣକାଷ୍ଠ ଛେଦନ ଯେ ସେ କାଳେ ନ ହୁଏ ।
ଏହିପରି ବ୍ରହ୍ମହତ୍ୟା ପାତକକୁ ବାଣ୍ଟି
ଇନ୍ଦ୍ରଙ୍କୁ ମୁକ୍ତ କରିଲେ ଦେବ ପରମେଷ୍ଠୀ ।
ପୁନରପି ସ୍ୱର୍ଗ ରାଜ୍ୟେ ବସାଇଲେ ନେଇ
ପୂର୍ବପରି ପ୍ରଜା ପାଳେ ଆନନ୍ଦିତ ହୋଇ ।
ଏବେ ଋତୁମତୀ ନାରୀ କଥା ମୁଁ କହିବି
ତୋହର ମନରୁ ବାବୁ ସନ୍ଦେହ ନାଶିବି ।
ଋତୁମତୀ ଯେଉଁକାଳେ ନାରୀଏ ହୁଅନ୍ତି
ବ୍ରହ୍ମହତ୍ୟା ପାପ ତାର ଅଙ୍ଗ ଆବୋରନ୍ତି ।
ଋତୁର ପ୍ରଥମ ଦିନେ ଚାଣ୍ଡାଳୀ ହୁଅଇ
ଦ୍ୱିତୀୟ ଦିନରେ ବ୍ରହ୍ମଘାତିନୀ ବୋଲାଇ ।
ତୃତୀୟ ଦିନରେ ରଜକିନୀ ହୁଏ ନାରୀ
ସେଦିନମାନଙ୍କେ ସ୍ପର୍ଶ ନ କର ବିଚାରି ।
ବଳେ ସଙ୍ଗମ କରିଲେ ନର୍କରେ ପ୍ରବେଶ
ହୁଅଇ ଜାଣ ହେ ବାବୁ ସର୍ବଦା ପୁରୁଷ ।
ପୂର୍ବ ପାପ ହେତୁ ଜୀବ ନେତ୍ରରେ ବସଇ
ଋତୁମତୀ ନାରୀ ଦେଖି କାମାସକ୍ତ ହୋଇ ।
କାହାସଙ୍ଗେ କାମଭୋଗ କରଇ ନ ମାନି
ବୀର୍ଯ୍ୟାଧିକ୍ୟେ ପୁରୁଷ ସ୍ୱପ୍ନରେ ସେହି ଜନ୍ମି ।

Digitized by srujanika@gmail.com

ରାଜୋଧିକ୍ୟେ ନାରୀ ହୋଏ ପାତକୀ ଜନମେ
ନପୁଂସକ ହୁଏ ରଜବୀର୍ଯ୍ୟର ସମାନେ ।
ରଜ ବୀର୍ଯ୍ୟ ମିଶି ଫେନ ସଦୃଶ ହୁଅଇ
ଏକାକାରେ ପାଞ୍ଚଦିନ ଗର୍ଭରେ ରହଇ ।
କ୍ରମେ କ୍ରମେ କଠିନ ହୁଅଇ ସେହି ଫେନ
ଦଶମ ଦିବସେ ହୁଏ ବଦରୀ ସମାନ ।
ତିରିଶ ଦିବସ ଯାଏ ବଢ଼େ ସୁସଞ୍ଚରେ
ଅଣ୍ଡା ସଦୃଶ ହୋଇଣ ଦ୍ୱିତୀୟ ମାସରେ ।
ତୃତୀୟ ମାସରେ ଅସ୍ଥି ଚର୍ମ ନଖ ଲୋମ
ଶରୀରେ ସେହି ଜୀବର ହୁଅଇ ଜନମ ।
ଚତୁର୍ଥ ମାସରେ ଆତ୍ମା ଶରୀରେ ପଶଇ
ପଞ୍ଚମେ ଯେ କ୍ଷୁଧା ତୃଷା ତା'ର ପ୍ରକାଶଇ ।
ଷଷ୍ଠମାସେ ଦକ୍ଷିଣ କୁକ୍ଷିରେ କରେ ଗତି
ମାତାର ଗ୍ରାସୁ ଭୁଞ୍ଜଇ ଗର୍ଭସ୍ଥ ସନ୍ତତି ।
ମାତା ଯାହା ପାନ କରେ ସେ କରଇ ପାନ
କ୍ଷୁଧାତୃଷାରେ ଅସ୍ଥିର ତାହାର ଜୀବନ ।
ବିଷ୍ଠା ମୂତ୍ର ଲାଳ ପୂଯ ଶୟନ କରଇ
କୃମିମାନେ କାମୁଡ଼ନ୍ତି ତୁହାଇ ତୁହାଇ ।
ହସ୍ତ ପଦ ତାହାର ଯେ ବନ୍ଧନରେ ଥାଏ
ତେଣୁ କରି ନିରନ୍ତର କ୍ଳେଶକୁ ସେ ସହେ ।
ସପ୍ତମ ମାସ ତାହାର ହୁଅନ୍ତେ ପ୍ରବେଶ
ସର୍ବ ଅବୟବମାନ ହୁଅଇ ପ୍ରକାଶ ।
ଅଷ୍ଟମ ମାସରେ ଦୃଢ଼ ହୁଏ ଅବୟବ
ନବମେ ଗର୍ଭ ଆସିବା ପାଇଁ ଉଦବେଗ ।
କ୍ଷୁଧା ତୃଷାରେ ଆତୁର ହୁଅଇ ନିରତ
କୃମିକୀଟ ଯନ୍ତ୍ରଣାରେ ହୁଏ ମୂର୍ଚ୍ଛାଗତ ।
ନାଭି ମଧ୍ୟରୁ ନାଡ଼ୀଏ ନାମ ଆପ୍ୟାୟିନୀ
ମାତା ଭର୍ଗ ମଧ୍ୟରେ ସେ ସଞ୍ଚରଇ ପୁଣି ।
ମାତା ଯାହା ଗ୍ରାସ କରେ ସାର ସେ ନିଅଇ
ଗର୍ଭସ୍ଥ ଜୀବ ତାହାକୁ ଆନନ୍ଦେ ଭୁଞ୍ଜଇ ।
ବିରୁଦ୍ଧ ଖାଦ୍ୟ ଯଦ୍ୟପି ଭୁଞ୍ଜଇ ଜନନୀ
ସେ ଖାଦ୍ୟ ଖାଇଣ କଷ୍ଟ ଭୋଗଇ ସେ ପୁଣି ।
ହସ୍ତ ପଦ ବନ୍ଧନ ତାହାର ହୋଇଥାଇ
ନିରନ୍ତରେ ଛଟପଟ ଗର୍ଭରେ ହୁଅଇ ।
ଭୋଗ ଭୋଗି ଗର୍ଭ କଷ୍ଟ ଅତି ମନ ଦୁଃଖେ
ପୂର୍ବ ପାପକୁ ସ୍ମରଣ କରେ ଅତିରେକେ ।

କାହିଁପାଇଁ ଦେହବହି ସଂସାରରେ ମୁହିଁ
ହରେ ରାମ କୃଷ୍ଣ ନାମ ଉଚ୍ଚାରିଲି ନାହିଁ ।
କାମିନୀ କାଞ୍ଚନ ସୁଖ ଭୋଗରେ ମାତିଲି
ଗର୍ବେ ଗୁରୁ ଗୁରୁଜନେ ପୂଜା ନ କରିଲି ।
ସେହି ପାପ ଫଳେ ହେଲା ମୋର ଗର୍ଭବାସ
ଗର୍ଭ ଯନ୍ତ୍ରଣା ଭୋଗିଲି ଭୋଗିଲି ଏ କ୍ଳେଶ ।
ଏଥର ଯଦ୍ୟପି ଜନ୍ମ ହେବି ସଂସାରରେ
କଦାପି ପାପ କରମ ନ କରିବି ବାରେ ।
ସତତ ଶ୍ରୀରାମ କୃଷ୍ଣ ହରି ଗୁଣମାନ
କରି କଟାଇବି କାଳ ଏହା ଧ୍ରୁବ ଜାଣ ।
ଜୟ ଜୟ ଦେବ ଦେବ ବ୍ରହ୍ମାଣ୍ଡ କରତା
ଜୟ କମଳା ବଲ୍ଲଭ ତ୍ରୈଲୋକ୍ୟର ପିତା ।
ତ୍ରୈଲୋକ୍ୟ ପାଳକ ତ୍ରୈଲୋକ୍ୟ ସଂହାରକ ।
ଜୟବୈକୁଣ୍ଠ ବିହାରୀ ହେ ବିଶ୍ୱପାଳକ ।
ଦୟାବହି ଦାସାଧମେ ଦିଅ ବାରେ ଦେଖା
ଏ ବିପଦ ସିନ୍ଧୁ ପାରିକର ଦୀନ ସଖା ।
ଏହି ବାର କ୍ଷମା ମୋତେ କର କୃପାସିନ୍ଧୁ
ପାପକର୍ମ ନ କରିବି ଆହେ ଦୀନବନ୍ଧୁ ।
ତୁମ୍ଭେ ସିନା ପ୍ରଭୁ ତ୍ରଇଲୋକ୍ୟ ଚିନ୍ତାମଣି
ଘେନ ବାରେ ଭୃତ୍ୟ ଜନ କରୁଣ କାହାଣୀ ।
ସଂସାର ମାୟାରେ ପଡ଼ି ତୁମ୍ଭଙ୍କୁ ଭୁଲିଲି
କାମିନୀର ରୂପ ମୋହେ ବୁଡ଼ି ମୁଁ ରହିଲି ।
ବିଷୟ ଭୋଗ ଲମ୍ପଟେ ଗଲା କାଳ ମୋର
ଦିନେ ତୋର ନାମ ମୁଖୁ ନ ହେଲା ବାହାର ।
କେତେ ଯେ କରିଲି ପାପ ତାର ସୀମା ନାହିଁ
ଧର୍ମ କାର୍ଯ୍ୟ ଦିନେ ହେଲେ ନ କରିଲି ମୁହିଁ ।
ମାଂସ ଆଶେ ନାନା ପଶୁ ପକ୍ଷୀ ନାଶ କଲି
ସୁରାପାନ କରି ପର ରମଣୀ ହରିଲି ।
ଦିନେ ହେଲେ ସାଧୁ ସେବା ନ କଲି ପାମର
ଗର୍ବେ ନିନ୍ଦା ଉପହାସ କଲି ବାରମ୍ବାର ।
ସେହିସବୁ ପାପ ମୋର କ୍ଷମ ଦୟାନିଧି
ଉଦ୍ଧାର କରନ୍ତୁ ମୋତେ ଏ ଗର୍ଭ ବାରିଧି ।
ଏଥର ତୁମ୍ଭର ପଦକଞ୍ଜ ଯୁଗ ସଦା
ଭଜନ କରିବି ପ୍ରଭୁ ଏଡ଼ି ସର୍ବ ବାଧା ।
ଏହିପରି ନିରନ୍ତର ଶ୍ରୀହରି ସ୍ମରଣ
କରି ମାତା ଗର୍ଭେ ମୁନି ବ୍ରତକୁ ଧାରଣ ।

Digitized by srujanika@gmail.com

ଦୁଃଖ କଷ୍ଟ ସହି ଦଶମାସ ପରିଯନ୍ତେ
ବିଷ୍ଠା ମୂତ୍ରେ ଗାଣ୍ଠିହୋଇ ସେ ବିଷଣ୍ଣ ଚିତ୍ତେ ।
ପ୍ରଭୁ ପାଦପଦ୍ମେ ମନ ନିରତେ ଲଗାଇ
ବିକଳେ କାନ୍ଦଇ ଜୀବ କର ବାରେ ତ୍ରାହି ।
ଏହିପରି ଦଶମାସ ହୁଅନ୍ତେ ପୂରଣ
ସୂତି ମାରୁତ ପ୍ରବେଶ ହୁଅଇ ତକ୍ଷଣ ।
ନିରନ୍ତର ଇତସ୍ତତଃ କରଇ ତାହାକୁ
ବାୟୁବଳେ କମ୍ପମାନ ହୁଏ ତାର ବୁକୁ ।
ଧ୍ୟାନ ଲଗାଏ ସେ ପ୍ରଭୁ ଚରଣ ପଙ୍କଜେ
ପବନ ଆଘାତେ ଭୟେ ସେହୁ ଆଖି ବୁଜେ ।
ସୂତିକା ମାରୁତ ବେଗେ ଧକାଏ ମାରଇ
ଯୋନିଦ୍ୱାରେ ସେ ଆଘାତେ ଜୀବ ପ୍ରବେଶଇ ।
ପୁଣି ଏକ ଆଘାତ କରଇ ଯେ ମରୁତ
ଅର୍ଦ୍ଧ ଯୋନି ପଥେ ଜୀବ ହୁଏ ଉପଗତ ।
ସେହି ସମୟର ଦୁଃଖ କିଏ ବର୍ଣ୍ଣିପାରେ
ଯୋନି ମଧ୍ୟେ ପଶି ଜୀବ ଯାହା ଭୋଗ କରେ ।
ବାର ବାର ଚିନ୍ତା କରେ ସେ ହରି ଚରଣ
ପୁଣି ମାରୁତ ଆଘାତ ହୁଏ ସେହିକ୍ଷଣ ।
ସେ ଆଘାତ ପଡ଼େ ଆସି ପୃଥିବୀ ପୃଷ୍ଠରେ
ପୃଥିବୀ ସ୍ୱର୍ଗରେ ସର୍ବ ଭୁଲେ ତତ୍‌କାଳରେ ।
ଗର୍ଭର ଯନ୍ତ୍ରଣାମାନ ଶ୍ରୀହରି ସ୍ମରଣ
ସବୁ ଭୁଲି ଉଚ୍ଚସ୍ୱରେ କରଇ କ୍ରନ୍ଦନ ।
ପାର୍ଥିବ କ୍ଷୀର ପ୍ରଭୃତି ଆହାର କରନ୍ତି
ନାଭି ଛେଦନ କରିଣ ତାକୁ ପ୍ରବୋଧନ୍ତି ।
ଖାଇ ସେ ଖାଦ୍ୟ ଭୁଲଇ ଜୀବ ଏକାବେଳେ
ଗର୍ଭର କାଳରେ ଯାହା ଚିନ୍ତୁଥିଲା ବେଳେ ।
ଗର୍ଭଜ୍ଞାନ ପୃଥିବୀରେ ଯଦି ଥାନ୍ତା ତା'ର
ପୁଣି ପୁଣି ଗର୍ଭ ଦୁଃଖ ନୁହନ୍ତା ନିଜର ।
ବିଷ୍ଣୁ ମାୟା ମୋହେ ପଡ଼ି ଜଗତକୁ ସତ୍ୟ
ମଣି କାମିନୀ ସୁରତେ ବଳାଏ ସେ ଚିତ୍ତ ।
ମୁଖୁ ନ ସ୍ଫୁରଇ ବାଣୀ ଜନ୍ମକାଳେ ତା'ର
ହସ୍ତପଦ ନ ଚଳଇ ଅବଶ ଶରୀର ।
ଗର୍ଭର କୃମି ତାହାର ଉଦରେ ଥାଆନ୍ତି
ନିରନ୍ତର ସେ ଦଂଶନ ତାହାକୁ କରନ୍ତି ।
କ୍ରନ୍ଦନ କରଇ ଉଚ୍ଚସ୍ୱରେ ଯହୁଁ ବାଳ
ମାତା କ୍ଷୀର ଦାନ କରେ ଶୁଆଇଣ କୋଳ ।

କ୍ଷୀର ଖାଇ କିଛିକ୍ଷଣ ନିଦରେ ଶୁଅଇ
ଯନ୍ତ୍ରଣା ତାହାର ଯେ ଉପମିତ ହୁଅଇ ।
ଶୈଶବ କାଳ ତାହାର ଉପସ୍ଥିତ ହେଲେ
ବିଦ୍ୟା ଅଭ୍ୟାସ କରଇ ଦୁଃଖ ସହି ହେଲେ ।
ଯୌବନ କାଳରେ ଧନ କରେ ଉପାର୍ଜନ
ଅସୁର ପରାଏ ତାହା କରଇ ଭୋଜନ ।
ନାରୀ ଲମ୍ପଟରେ କାଳ ନିଅଇ ସେ ଟାଳି
ମନେ ନ ପଡ଼ଇ ତା'ର ରାମ ବନମାଳୀ ।
ସଦା କୁକାର୍ଯ୍ୟରେ ଆଶା କରେ କୁଭୋଜନ ।
କୁଜ୍ଞାନ ମାୟାରେ ତା'ର ନୁହଇ ସୁଜ୍ଞାନ ।
ତହୁଁ କିଛିଦିନ ପରେ ବାର୍ଦ୍ଧକ୍ୟ ଆସଇ
ଚର୍ମ ଲୁଳିତ ତାହାର ଦେହରେ ହୁଅଇ ।
ଇନ୍ଦ୍ରିୟମାନ ଅବଶ ହୁଅଇ ତାହାର
ସୁସ୍ୱାଦୁ ଦ୍ରବ୍ୟ ଇଚ୍ଛଇ ମାନସ ତାହାର ।
ଲୋଭ ମୋହ ଅତ୍ୟଧିକ ହୁଅଇ ପ୍ରବେଶ
ସେ ବେଳେ ଥରେ ନ ଭଜେ ରାମ ହୃଷିକେଶ ।
ସ୍ପର୍ଶଲୋଭୀ ହସ୍ତୀ ଶବ୍ଦଲୋଭୀ ମୃଗ ପରି
ରୂପଲୋଭୀ ପତଙ୍ଗର ସଙ୍ଗେ ସମ ସରି ।
ଗନ୍ଧଲୋଭୀ ଭ୍ରମର ସଦୃଶ ହୁଏ ପୁଣି
ସୁସ୍ୱାଦୁ ଭକ୍ଷଣ ମୀନ ସଙ୍ଗେ ସମ ଗଣି ।
ଯୁବତୀ ନାରୀ ପ୍ରେମରେ ପଡ଼ି ରତିରସେ
ମାତିଥାଏ ଜୀବ ସଦା ରଜନୀ ଦିବସେ ।
ଦୁର୍ଲ୍ଲଭ ମନୁଷ୍ୟ ଦେହ କରେ ହେଲେ ନାଶ
ଜାଣୁ ଜାଣୁ ହୁଏ ସେ ଯେ ଇନ୍ଦ୍ରିୟର ବଶ ।
କାମ ଭୋଗେ ଆତ୍ମାକୁ ସେ ଅହିତ କରଇ
ମୃତ୍ୟୁ ମୁଖେ ବିଧିମତେ ନେଇ ସେ ଦିଅଇ ।
କାମିନୀ ରତି କରଇ ଯେଣୁ ଅନାହାରେ
କାମଦେବ ପ୍ରାଣହରେ ପକାଇ ମୋହରେ ।
ଚୌରାଶୀ ଲକ୍ଷ ଯୋନିରେ ଭ୍ରମି ଭ୍ରମି ପୁଣି
ମାନବ ଶରୀରେ ଜାତ ହୋଇଲା ଅବନୀ ।
କେତେ କେତେ କଷ୍ଟ ଭୋଗ ସଂସାରେ ନ କଲା
ତଥାପି ରାମ ଗୋବିନ୍ଦ ମୁଖେ ନ ବୋଇଲା ।
ନର ଦେହଠାରୁ ବଳି ଆଉ ଦେହ ନାହିଁ
ବୃଥା କଲା ସେ ଦେହକୁ ପାପେ ରତ ହୋଇ ।
ତପ ତୀର୍ଥ ବ୍ରତ ବିନେ ଆଚରିଲା ପାପ
ତା' ଜାଣି ମାୟାରେ ପଡ଼ି ଲଭିଲା ସନ୍ତାପ ।

Digitized by srujanika@gmail.com

ନାନାବ୍ୟାଧି ନାନା ଦୁଃଖ ହୁଅଇ ପ୍ରବେଶ
ଆତ୍ମାରୁ କରଇ ସେହି ତିଳେ ତିଳେ ଗ୍ରାସ ।
ପାପ ପୁଣ୍ୟ ଦୁହେଁ ମିଶି ହୋଇଛି ଶରୀର
ମୃତ୍ୟୁକାଳେ ଜ୍ଞାନକୁ ସେ ଲଭଇ କେବଳ ।
ମୃତ୍ୟୁ ଶେଷେ ଦିଅନ୍ତି ତାହାକୁ ବଡ଼ ଦୁଃଖ
ପୂର୍ବ କର୍ମମାନଙ୍କରେ ଦେଇ କରି ସାକ୍ଷ୍ୟ ।
ନର୍କକୁଣ୍ଡେ ରଖି ବହୁ ଦିଅନ୍ତି ସେ କ୍ଳେଶ
କରିଥିବା ପାପ ପୁଣ୍ୟ ଭୁଞ୍ଜନ୍ତି ଅବଶ୍ୟ ।
ପୂର୍ବ କର୍ମମାନ ଭୁଲି ମାୟା ମୋହେ ପଡ଼େ
ନିସତ ପଥକୁ ଜୀବ ଅଜ୍ଞାନରେ ହୁଡ଼େ ।
ତେଣୁ କରି ବନ୍ଧନରେ ପଡ଼ଇ ଯେ ଜୀବ
ଜନ୍ମ ଜରା ମରଣାଦି ଲଭଇ ପ୍ରଭାବ ।
ହରିମାୟା ବଳେ ଜୀବ ଗତି ମୁକ୍ତି ପାଏ
ସୁକୀର୍ତ୍ତି କରିଲେ ତାକୁ କରିବଇଁ ଦାଏ ।
ମାତା ଗର୍ଭଦୁଃଖ କଥା ଶାସ୍ତ୍ର ବଖାଣଇ
ସୁପଣ୍ଡିତେ ଆଶ୍ରା କଲେ ସୁଗତି ମିଳଇ ।
ଦାନ ଧର୍ମ ସତ୍ୟତା ଏ ସଂସାର ଭିଆଣ
ପାପ ନାଶନ କରତା ସାକ୍ଷ୍ୟ ଭଗବାନ ।
ମାରେ ହରି ତାରେ ହରି ହରିହିଁ ସମସ୍ତ
ହରି ବିନୁ ଗତି ନାହିଁ ଏହା କହେ ଶାସ୍ତ୍ର ।
ଆହେ ପକ୍ଷୀରାଜ ମନେ ଆନ ନ ବିଚାର
ଭବ ସଂସାର ସାଗରୁ ହୋଇବ ଉଦ୍ଧାର ।
ଯାହା ଯାହା ପଚାରିଲ କହିଲି ଅବଶ୍ୟ
ଆଉ କିବା ପ୍ରଶ୍ନ ଅଛି କର ପରକାଶ ।
କରିଥିବା ପାପରୁ ତୁ ଉଦ୍ଧରିଣ ଯିବୁ
ଶ୍ରୀମୁଖ ବାକ୍ୟ ସନ୍ଦେହ ନ କର ତୁ ବାବୁ ।
ସେ ପଦ ଆଶ୍ରୟେ ଯମ ଦଣ୍ଡ ନ ଲାଗଇ
ସେ ପାଦ ପଦ୍ମକୁ ଦୃଢ଼େ ଧର ମନ ନେଇ ।
ଜୀବର ଗତ ଆଗତ କଥା ଏ ଅଧ୍ୟାରେ
କହିଲି ଗରୁଡ଼ ତୋତେ ସଂକ୍ଷେପ ଭାବରେ ।
ଆହେ ପକ୍ଷୀରାଜ ତୁମ୍ଭେ ଦୃଢ଼କର ମନ
ନ ଲାଗିବ ତିଳେହେଲେ ତୋତେ ଯମଦାଢ଼ ।
ମହା ମହା ପାପ କରି ଶ୍ରୀହରି କୃପାରେ
ହେଲେ ତାରି ବସାନ୍ତି ସେ ବଇକୁଣ୍ଠ ପୁରେ ।
ହେଳା ନ କର ତୁ ପୁଣ୍ୟବ୍ରତ ତପ ଦାନେ
ସଂସାରେ ଚିତ୍ତ ନ ବଳା ବିଷୟା କରମେ ।
ଯେଉଁପରି ଭାବେ ତୋତେ କହିଲଇଁ ମୁହିଁ
ସେପରି ଚିତ୍ତ ଲଗାଅ ହରିପାଦେ ତୁହି ।
ସପ୍ତମ ଅଧ୍ୟାୟ ବାଣୀ ସମ୍ପୂର୍ଣ୍ଣ ହୋଇଲା
ଗୀତବନ୍ଧେ ଆର୍ତ୍ତତ୍ରାଣ ଦାସ ବିରଚିଲା ।

ଇତିଶ୍ରୀ ଗରୁଡ଼ ପୁରାଣେ
ନୈମିଷାୟୋପାଖ୍ୟାନେ ଶ୍ରୀହରି ଗରୁଡ଼
ସମ୍ବାଦେ ମାତାଗର୍ଭ ବିଚାରଣେ ନାମ
ସପ୍ତମୋଽଧ୍ୟାୟଃ ।

—o—

ଅଷ୍ଟମ ଅଧ୍ୟାୟ

ବବ୍ରୁ ବାହନ କର୍ତ୍ତୃକ ପ୍ରେତସଂସ୍କାର

ଗରୁଡ଼ ଉବାଚ

ପୁଣ ପୁଣ ପାଦେ ପଡ଼ି ଗରୁଡ଼ ବିନୟେ
ଶ୍ରୀହରି ଚରଣଯୁଗେ ଲଗାଇଣ ଲୟେ ।
ମାନବମାନଙ୍କ ଉପକାର ପାଇଁ ପୁଣି
ପଚାରେ କମଳାପତି ହୃଦପଦ୍ମେ ଗୁଣି ।
ଯେଉଁ ପ୍ରାଣୀ ଦୋଷ କରିଥାଏ ମର୍ତ୍ତ୍ୟପୁରେ
ଅନ୍ତେ ନରକ ଯନ୍ତ୍ରଣା ଭୋଗେ ଯମପୁରେ ।
ଯେଉଁ ପାପ ପାଇଁ ଯେଉଁ ଦଣ୍ଡମାନ ଅଛି
କଲା କର୍ମ ଭୁଞ୍ଜନ୍ତି ବୋଲଇ ଶିରୀବତ୍ସି ।
ମାୟା ସଂସାରେ ଜନମି ବିଷୟା ରସରେ
ଉନମତ୍ତ ହୋଇ ଜୀବ ପଡ଼ଇ ନର୍କରେ ।
ସୁଖ ବିନିମୟେ ଦୁଃଖ ଭୋଗଇ ଅପାର
ଭଲ ମନ୍ଦ ବିଚାର ନ କରେ ଦୂରାଚାର ।
କିପରି ଜୀବ ଉଦ୍ଧାର ହେବ ଏ ବନ୍ଧନୁ
ଶୁଣିବି କମଳା ପତି ତୁମ୍ଭର ବଦନୁ ।
ଏତେ କହି ଗଡ଼ଘାଲି ହୋଇଣ ଶୋଇଲା
ଶ୍ରୀହରି ପଦ ପଦ୍ମରେ ନମସ୍କାର କଲା ।

ଶ୍ରୀ ଭଗବାନ ଉବାଚ

ତାହା ଦେଖି ଭକ୍ତିପ୍ରିୟ ଶ୍ରୀହରି ଦୟାଳୁ
କୋମଳ ବଚନେ ଆଶ୍ୱାସିଲେ ଯେ କୃପାଳୁ ।
ଯାହା ପଚାରିଲୁ ତାହା ବୁଝାଇ କହିବି
ତୋହର ମନରୁ ବାବୁ ସଂଶୟ ନାଶିବି ।
କଲା କର୍ମମାନ ସିନା ହୁଅଇ ବିଚାର
କର୍ମଦୋଷ ଜୀବ ଭବୁ ନ ହୁଏ ଉଦ୍ଧାର ।

Digitized by srujanika@gmail.com

ଆହେ ବୈନତେୟ ଯେହୁ ପର ଉପକାର
ସନ୍ଦେହରେ କରେ ଏହା କୁମତିର ସାର ।
ପୁତ୍ରବନ୍ତ ଧନବନ୍ତ ଦାନ ଧ୍ୟାନ କରି
ତୀର୍ଥବ୍ରତ କରି ଯାଏ ମାୟାରୁ ନିସ୍ତରି ।
ପୁରାଣ ଶୁଣିବ ନିତି ସଂକଳ୍ପକୁ କରି
ସାଧୁ ସନ୍ଥମାନେ ସେବା କରିବ ବିଚାରି ।
ସାଧୁଜନଙ୍କର ବାକ୍ୟ ଅଟଇ ଅମୃତ
ଶିବପୂଜା ଶ୍ରଦ୍ଧାରେ କରିବ ଦୃଢ଼ଚିତ୍ତ ।
ଶିବ ବରେ ପୁତ୍ର ଜନ୍ମ ହୁଅଇ କୁଳରେ
ବଂଶ ରକ୍ଷା କରି କୁଳ ଉଦ୍ଧାରଣ କରେ ।
ଗର୍ଭବତୀ ନାରୀ ଯେବେ ପୁରାଣ ଶୁଣଇ
ଗର୍ଭସ୍ଥ ସନ୍ତାନ ନର୍କ ଦୁଃଖ ନିସ୍ତରଇ ।
ଗର୍ଭେ ପୂଯ ନାଳରକ୍ତେ ଘାଣ୍ଟି ହେଉଥାଇ
ପୁରାଣ ବାଣୀ ଶ୍ରବଣେ ପାପ କ୍ଷୟ ହୋଇ ।
ଗର୍ଭବତୀ ଯଦି ହରି କୀର୍ତ୍ତନ ଶୁଣଇ
ପାପମୁକ୍ତ ହୋଇ ଧର୍ମବନ୍ତ ସେ ହୁଅଇ ।
କରିଥିବା ପାପମାନ ତା'ର ହୁଏ ଦୂର
ସଂସାର ମାୟାରୁ ଜୀବ ହୁଅଇ ନିସ୍ତାର ।
ଗୋଟିଏ ସାଧୁ ପୁତ୍ରର କୋଟି ପାପ ନାଶ
ପିତୃ ମାତୃ କୁଳକୁ ସେ ଉଦ୍ଧାରେ ଅବଶ୍ୟ ।
ହରିନାମ ସଂକୀର୍ତ୍ତନ ଦେବୀ ଦେବାର୍ଚ୍ଚନ
କରି ନିଜେ ମୁକ୍ତ ହୋଇ ତାରେ ପିତୃଜନ ।
ବେଦ ବିଦ୍ୟାପାଠ ପୁଣି ସୁକୀର୍ତ୍ତୀ ସୁଜ୍ଞାନ
ପୁତ୍ରଠାରେ ସଦା ରଖି ମର୍ତ୍ତ୍ୟେ ନୁହ ଭ୍ରମ ।
ପାସୋରିଲେ ଏହି କଥା ନଷ୍ଟ ହେବ ପୁଣି
ଦୁଃଖେ ଦିନ ନ ସରିବ କର ରେଖା ଗଣି ।
ସଦ୍‌ଜ୍ଞାନୀ ପୁତ୍ର ଯେବେ ଜାତ କରିପାରେ
ଦେବ ପିତୃଲୋକ ଆଦି ହେଳାରେ ଉଦ୍ଧରେ ।
ଉଦ୍ଧାର କରଇ ପୁତ୍ର ପୌତ୍ରାଦି ହୋଇଲେ
ଏବେ ଶୁଣ ଜୀବର ଉଦ୍ଧାର ବାବୁ ଭଲେ ।
ବିକ୍ରୟ ନ କରି କନ୍ୟା ଯେବେ କରେ ଦାନ
କୁଳନୀ ବଂଶରୁ ଆଣି ଏକ ପୁତ୍ର ପୁଣ ।
ଶ୍ରୀହରି ସ୍ମରଣ କରି କନ୍ୟାଦାନ କଲେ
ମହାତୀର୍ଥ ପୁଣ୍ୟମାନ ତତକ୍ଷଣେ ମିଳେ ।
ସେ କନ୍ୟା ଗର୍ଭରୁ ପୁତ୍ରକନ୍ୟା ହେଲେ ଜାତ
ଉଦ୍ଧରେ ଅବଶ୍ୟ ନର୍କୁ ଦେଇ କୁକ୍ଷ କ୍ଷତ ।

ପିଣ୍ଡର କାରଣ ସେହି ତୀର୍ଥେ ସ୍ନାନ କରି
ନର୍କରୁ ପିତୃ ପିତାଙ୍କୁ ନିଅଇ ନିସ୍ତାରି ।
କନ୍ୟାଦାନ ବିଧିମାନ କହୁଛି ଆବର
ଆପଣା ଗୋତ୍ରକୁ ଛାଡ଼ି ଆନ ଗୋତ୍ର ବର ।
ନିଜ ଜାତ ବର୍ଗ କୁଳୁ ବରକୁ ଆଣିବ
ସୁବେଳ ଲଗ୍ନରେ ପୁଣି ବିଭା କରାଇବ ।
ପାଣିଗ୍ରହଣ ସମୟେ ବିବାହ ନ କଲେ
ଅଧୋଗତି ହୁଏ ଏହା ଜାଣିଥାଅ ଭଲେ ।
ନ ଜାଣି ଯଦ୍ୟପି କନ୍ୟା ଗ୍ରହଣ କରିବ
ଜାଣିଲେ ତାହାକୁ ବାଳେ ବର୍ଜ୍ଜନ କରିବ ।
ଆପଣା କୁଳରେ କନ୍ୟାଗର୍ଭେ ପୁତ୍ର ହେଲେ
ସପ୍ତପୁରୁଷ ଉଦ୍ଧାର କରେ ସେହି ଭଲେ ।
ଜଳପୁଷ୍ପ କୁଶ ତିଳେ କରିଲେ ତର୍ପଣ
ପିତୃକୁଳ ମାତୃକୁଳ ଉଦ୍ଧରଇ ପୁଣ ।
ତାହାର ପାପ ସମୂହ ଖଣ୍ଡନ ହୁଅଇ
ଦିନକୁ ଦିନ ତାହର ପୁଣ୍ୟ ବିରାଜଇ ।
ମୃତ୍ୟୁ ଆଦି ଦଶକ୍ରିୟା କର୍ମମାନ କହି
ସେ ସମସ୍ତ ଖଗପତି ଶୁଣ ମନ ଦେଇ ।
ପିତା ମଲେ ପୁତ୍ର କରେ ପ୍ରେତ କର୍ମମାନ
ମୃତାହରେ ପୂଜା ଦାନ ଧର୍ମ କର୍ମମାନ ।
ପୁରାତନ ଆଖ୍ୟାନ ମୁଁ କହୁଛି ଗୋଟିଏ
ଶୁଣ ପକ୍ଷୀବର ତାହା ମନ କରି ଥୟେ ।
ପୂର୍ବେ ତ୍ରେତାଯୁଗେ ଏକ ପକ୍ଷୀବର ଥିଲା
ବଭ୍ରୁବାହନ ରାଜାଙ୍କ ଆଗେ କହିଲା ।
ସେ ବଭ୍ରୁବାହନ ରାଜା ଅତ୍ୟନ୍ତ ଧାର୍ମିକ
ନାନା ଧର୍ମ ନିତି ପ୍ରତି କରଇ ଅନେକ ।
ଧର୍ମର ପ୍ରଭାବେ ରାଜ୍ୟ ପ୍ରଜାମାନେ ସୁଖେ
କାଳ କାଟନ୍ତି କଦାପି ନ ପଡ଼ନ୍ତି ଦୁଃଖେ ।
ଧର୍ମ ପୁରାଣ ଶ୍ରବଣ ରାଜନ କରଇ
ବଳିଷ୍ଠ ପଣରେ ତାଙ୍କୁ ସରିସମ ନାହିଁ ।
ସବୁ ରାଜାଙ୍କ ଉପରେ ଅଟେ ମହରାଜା
ଦେବ ବିଦ୍ୟା ଧନୁର୍ବିଦ୍ୟାରେ ସେ ପାଏ ପୂଜା ।
କୁଳଶ୍ରେଷ୍ଠ ବଳଶ୍ରେଷ୍ଠ ବୁଦ୍ଧିଶ୍ରେଷ୍ଠ ସେହି
ଧର୍ମ ଶାସ୍ତ୍ରାଦିରେ ସଦା ମନ ରଖିଥାଇ ।
ବ୍ରାହ୍ମଣ ବୈଷ୍ଣବ ନେଇ ଅତିଥି ସତ୍କାର
ବିଧିମତେ କରେ ରାଜା ମନ କରି ସ୍ଥିର ।

Digitized by srujanika@gmail.com

ଦେବାର୍ଚ୍ଚନା କରି ଯତି ହୋମ ଆଦି କରେ
ନିତି ପ୍ରତି ସ୍ୱର୍ଣ୍ଣଦାନ ନିଏ ପ୍ରଭାତରେ ।
ପ୍ରଜାମାନଙ୍କୁ ପାଳଇ ପୁତ୍ର ପ୍ରାୟ କରି
ପତ୍ନୀବିନା ନୟନେ ନ ଦେଖେ ଅନ୍ୟ ନାରୀ ।
ଯତିପରି କାମ କରେ ଧର୍ମେ କର୍ମେ ମନ
ପାପ ଅନୁସାରେ ଦଣ୍ଡ କରଇ ବିଧାନ ।
ସକଳ କାର୍ଯ୍ୟରେ ରାଜା ଅଟଇ ନିର୍ଦ୍ଦୋଷ
ପ୍ରଜା ପାଳନରେ ରାଜା ଅତ୍ୟନ୍ତ ହରଷ ।
ମୃଗୟା କରିବା ପାଇଁ ସଙ୍ଗେ ଘେନି ପ୍ରଜା
ବନସ୍ତରେ ପ୍ରବେଶିଲେ ସେହି ମହାତେଜା ।
ଦିନେ ପ୍ରବେଶ ହୋଇଲେ ଘୋରତର ବନେ
ମୃଗୟା କରିବା ପାଇଁ ଆନନ୍ଦିତ ମନେ ।
ନାନା ବୃକ୍ଷଲତା ଗୁଳ୍ମେ ବନ ଶୋଭାବନ
ସୁବାସ ପବନ ତହିଁ କରେ ବିଚରଣ ।
ନାନାଜାତି ମୃଗ ସେହି ବନରେ କ୍ରୀଡ଼ନ୍ତି
ନାନାପକ୍ଷୀଗଣ ଧୀରେ କୁଜନ କରନ୍ତି ।
ଚାହିଁଲା ନୃପତି ଏକ ମୃଗ ଅଛି ଦୂରେ
ତାହାକୁ ଦେଖିଣ ରାଜା ବିଚାରେ ମନରେ ।
ଏହି ମୃଗକୁ ବଧିଲେ ହୋଇବ ଆହାର
ପ୍ରଜାମାନେ ମୋର ତୁଷ୍ଟ ହୋଇବେ ଆବର ।
ଏହିପରି ଭାବି ରାଜା ଗୁଣ ଚଢ଼ାଇଲା
ଧନୁରେ ଶର ସଂଯୋଗୀ ବେଗେ ଛାଡ଼ିଦେଲା ।
ବାଣର ଶବଦ ଶୁଣି ପଳାଇଲା ମୃଗ
ଗହଳ ବନରେ ଯାଇ ପ୍ରବେଶିଲା ବେଗ ।
ତାହା ଦେଖି ରାଜା କହେ ମୃଗ ପଳାଇଲା
ଧର ଧର ବେଗ କରି ଅରଣ୍ୟେ ପଶିଲା ।
ଚାରଗଣ ଖୋଜୁଛନ୍ତି ଖୋଜନ୍ତି ନରେଶ
ବାଣାଘାତେ ପଳାଇଲା ମୃଗ ବନଦେଶ ।
ଝରପ୍ରାୟ ପଥମଧ୍ୟେ ରୁଧିରର ଧାର
ପଡ଼ିବା ପଥରେ ଖୋଜିଯାନ୍ତି ନରେଶ୍ୱର ।
ପାତ୍ରମନ୍ତ୍ରୀ ଡଗର ଯେ ଚାର ପ୍ରଜାଗଣ
ନ ଦେଖିଲେ ସେ ମୃଗକୁ ସେ ଅରଣ୍ୟ ସ୍ଥାନ ।
ଫେରିଆସି କହିଲେ ସେ ନ ପାଇଲୁ ଲେଶ
କେଣେ ଅଦୃଶ୍ୟ ହୋଇଲା ମୃଗ ବନଦେଶ ।
ଶରାଘାତେ ମୃଗ ଦେହୁ ବହିଛି ରୁଧିର
ପଳାଇବା ପଥେ ତାହା ଦେଖିଲେ ନେତ୍ରର ।
ରାଜା ବୋଲେ ମୋତେ ସେହି ପଥକୁ ଦେଖାଇ
ବାରେ ସେ ମୃଗକୁ ବନମଧ୍ୟେ ଦେଖେ ମୁହିଁ ।
ଦେଖାଇଲେ ଚାରଗଣ ରାଜାଙ୍କୁ ସେ ପଥ
ସେହି ପଥେ ନରପତି ଚଳିଲେ ତୁରିତ ।
ବହୁଦୂର ଯାଇ ରଜା ବିମୁଖ ହୋଇଲେ
ହାହାକାର କରି ରାଜା ଭୂମିରେ ପଡ଼ିଲେ ।
ଅତି କ୍ଷୁଧା ତୃଷା ହେଲା ଶୁଷ୍କ ହେଲା କଣ୍ଠ
ବ୍ୟାକୁଳରେ ମହାରାଜା ହୋଇଲେ ଆକଣ୍ଠ ।
ଅଶ୍ୱର ପୃଷ୍ଠରୁ ରାଜା ତହିଁ ଓହ୍ଲାଇଲେ
ବନ ମଧ୍ୟରେ ଗୋଟିଏ ପୋଖରୀ ଦେଖିଲେ ।
ସୁଶୀତଳ ଜଳ ଆନନ୍ଦରେ କଲେ ପାନ
ସେକାଳେ ବହଇ ଧୀର ମଳୟ ପବନ ।
ସେ ଜଳେ ସ୍ନାନ କରିବା ଇଚ୍ଛା କଲେ ନୃପ
ଶ୍ରମ ହରଣ ହୋଇବ ଇଚ୍ଛା କଲେ ଭୂପ ।
ଏହା ଭାବି ସ୍ନାନ କଲେ ସେଠାରେ ନୃପତି
ପୁଷ୍କର ସୁବାସେ ଚିତ୍ତ ହୋଇଲା ତୃପତି ।
କ୍ରୀଡ଼ା କରନ୍ତି ଭ୍ରମରେ ପୁଷ୍ପମାନଙ୍କରେ
ଚୁତ ବକୁଳରେ ପିକ କୁହୁ ରାବ କରେ ।
ସୁଗନ୍ଧରେ ବନଯାକ ଚହଟି ଉଠଇ
ନାନାପୁଷ୍ପର ସୁବାସ କହି ତ ନୁହଇ ।
ବଟବୃକ୍ଷ ଦେଖି ରାଜା ତା' ତଳେ ଶୟନ
ସେ ବୃକ୍ଷରେ ନିବସନ୍ତି ଭୂତ ପ୍ରେତଗଣ ।
ବୃକ୍ଷେ ଆରୋହିଣ ରାଜା ଅପୂର୍ବ ମୂରତି
ଦେଖିଲେ ବାୟୁ ବେଗରେ କରୁଅଛି ଗତି ।
ଦେଖି ନରେଶ ଆଶ୍ଚର୍ଯ୍ୟ ହୋଇ ବିଚାରିଲେ
ଏ ରୂପ ବନ ମଧ୍ୟରେ କାହୁଁ ସମ୍ଭବିଲେ ।
ଭାବୁ ଭାବୁ ପ୍ରେତମୂର୍ତ୍ତି ବୃକ୍ଷେ ହେଲା ଲୀନ
ନିଶବ୍ଦ ହୋଇଲା ତହୁଁ ପକ୍ଷୀଙ୍କ କୁଜନ ।
ରାଜାଙ୍କ ମୁଖରୁ ବାଣୀ ସ୍ଫୁରଣ ନ ହେଲା
ମହାମନ୍ତ୍ର ଜପି ରାଜା ଭୟ ପାର କଲା ।
ମାଂସହୀନ ଊର୍ଦ୍ଧ୍ୱକେଶ ଭୟଙ୍କ ମୂର୍ତ୍ତି
ରକ୍ତବର୍ଣ୍ଣ ନେତ୍ର ଦୀର୍ଘାକାର ଦନ୍ତପତି ।
ଘୋର ଗଭୀର ଗର୍ଜ୍ଜନେ ଚିତ୍କାର କରଇ
ତାଙ୍କ ଶବ୍ଦେ ବନଯାକ ଶୂନ୍ୟ ହିଁ ଦିଶଇ ।
ନିଶ୍ଚୟ ଏ ଭୂତ ବୋଲି ଜାଣିଲେ ନୃପତି
ଦିନେ ସେ ଦେଖି ନ ଥିଲେ ଏପରି ମୂରତି ।

Digitized by srujanika@gmail.com

ରାଜାଙ୍କୁ ଦେଖିଣ ପ୍ରେତ ବିଚାର କରଇ
ମୃଗୟା କରିବା ଆଳେ ଆସିଅଛି ଏହି ।
ଧର୍ମଶୀଳ ବୋଲି ମର୍ତ୍ତ୍ୟେ ପଡ଼ିଅଛି ହୁରି
ପାର ହୁଅନ୍ତାଣି ହୋଇଥିଲେ ଦୁରାଚାରୀ ।
ଆମ୍ଭ ବିଶ୍ରାମ ବୃକ୍ଷକୁ ଆଦରିଛି ଏହି
ଆହେ ପୁଣ୍ୟମୟ ବୃକ୍ଷ କର ମୋତେ ତ୍ରାହି ।
ଏତେ ଭାବି ପ୍ରେତମୂର୍ତ୍ତି ବୃକ୍ଷୁ ଓହ୍ଲାଇଲା
ରାଜାଙ୍କ ଅଗ୍ରତେ ଯାଇ ପ୍ରବେଶ ହୋଇଲା ।
ତ୍ରାହି କର ମହାରାଜା ବୋଲିଣ ବୋଲଇ
ତୁମ୍ଭ ଦର୍ଶନ ଲଭିଲି ମହାଭାଗ୍ୟ ଏହି ।
ତୁମ୍ଭେ ମହା ପୁଣ୍ୟବନ୍ତ ଜଗତେ ବିଦିତ
ମୋର ଭାଗ୍ୟବଳୁ ମୁହିଁ ପାଇଲି ସାକ୍ଷାତ ।
ସେ ପ୍ରେତ ବଚନେ ମୁହିଁ ତୁମ୍ଭଙ୍କୁ ଦେଖିଲି
କହୁଅଛି ତା'ର ନାମ ଗୁଣ ଆଦି କରି ।
ବିକଟାଳ ନାମେ ପ୍ରେତ ରାଜା ଏକ ଅଛି
ବିକଟାଳ ରୂପ ତାର ନୟନେ ଦେଖିଛି ।
ସେ ଦିନେ ସାକ୍ଷାତ ଯହୁଁ ହୋଇଲା ମୋହର
ତା'ଠାରୁ ଶୁଣିଲି ଆପଣଙ୍କ ସମାଚାର ।
ଆପଣଙ୍କ ଯୋଗେ ମୋର ଭାଗ୍ୟୋଦୟ ହେବ
ତାହାଠାରୁ ଶୁଣିଅଛି ଏ ବଚନ ଧ୍ରୁବ ।
ଏତେ କହି ଅତ୍ୟନ୍ତ ବିନୟୀ ହୋଇ ସେହି
ପ୍ରାର୍ଥନା ବାକ୍ୟେ ରାଜାଙ୍କୁ ସନ୍ତୋଷ କରଇ ।
ଆହେ ଦଣ୍ଡଧାରୀ ମୋର ଜନମ ସଫଳ
କହି ପଡ଼ିଲା ସେ ପ୍ରେତ ରାଜା ପାଦତଳ ।

ରାଜୋବାଚ

ଆହେ ପ୍ରେତ କାହିଁପାଇଁ ଲଭିଲି ଏ ଗତି
ଆରକ୍ତ ଚକ୍ଷୁ ତୋହର ବିକଟାଳ ମୂର୍ତ୍ତି ।
ମାଂସହୀନ ଅସ୍ଥି ଚର୍ମ ସାର ତୋର ଦେହ
କି କର୍ମ କରି ହୋଇଲି ଏହିପରି କହ ।
କି କର୍ମ କରିଲେ ତୁହି ମୁକତ ହୋଇବୁ
ବିଚାରି ମୋର ଅଗ୍ରତେ କହ ଆରେ ବାବୁ ।
ମୋର ଭବିଷ୍ୟତ ବାଣୀ ଶୁଣିଥିଲେ କହ
କେଉଁ ପାପ ଅଛି ମୋର ତୁଟାଅ ସନ୍ଦେହ ।
ଯଦି ମୋର ପାପ ଥାଏ ସାବଧାନ ହେବି
ଯେପରି ଏ ପ୍ରେତ ଦେହ ଆଉ ନ ପାଇବି ।
ତୋହ ଉଦ୍ଧାର ପାଇଁକି ଦେବି କିବା ଦାନ
ଜାଣିଥିଲେ କହ ନୋହି ସଂଶୟ ତ ମନ ।

ପ୍ରେତ ଉବାଚ

ଶୁଣି ପ୍ରେତ ସାଧୁବାଣୀ କହଇ ବିନୟେ
ଶୁଣିବା ପୂର୍ବ ବୃତ୍ତାନ୍ତ ଆହେ ନରରାୟେ ।
ଅତିହିଁ ଗରିଷ୍ଠ ପାପ କରିଅଛି ମୁହିଁ
କେବଳ ତୁମ୍ଭ ଦୟାରୁ ମୁହିଁ ହେବି ତ୍ରାହି ।
ବୈଦେଶ ନାମ ନଗରେ ଅଟେ ମୋ ନିବାସ
ବହୁଧନ ମୋହର ତ ଥିଲା ନରଈଶ ।
ଦାନ ଧର୍ମ ତୀର୍ଥ ବ୍ରତ ପୁରାଣ ଶ୍ରବଣ
ହେତୁ ମିଳିଥିଲା ମୋତେ ବହୁତର ଧନ ।
ଧର୍ମଶୀଳ ବୋଲି ମୋତେ ନଗରେ କହନ୍ତି
ରାଜା ମଧ୍ୟ ମୋ ସମାନ ପୂଜା ନ ପାଆନ୍ତି ।
ଗୃହ ମଣ୍ଡପ ଯେ କୂପ ତଡ଼ାଗାଦି ପୁଣି
ଦେବତା ମନ୍ଦିର ମାନ ଯତନେ ନିର୍ମାଣି ।
ବେଦ ବିଦ୍ୟାରେ ନିପୁଣ ଥିଲି ମଧ୍ୟ ମୁହିଁ
ଜ୍ଞାନୀ ପଣେ ସମସରି ଜଗତେ କେ ନାହିଁ ।
ଶତ ଶତ ବ୍ରାହ୍ମଣ ବସିଣ ମଣ୍ଡପରେ
ନିରନ୍ତର ପୁରାଣ ପଢ଼ନ୍ତି ଭକ୍ତିଭରେ ।
ଜ୍ଞାତି ବନ୍ଧୁ ବାନ୍ଧବଙ୍କୁ ନିଜ ପରି ଜାଣି
ସୁମିଷ୍ଟ ଖାଦ୍ୟ ଦ୍ରବ୍ୟରେ ସନ୍ତୋଷଇ ପୁଣି ।
ନିର୍ଦ୍ଧନ ଜନକୁ ଧନ କରେ ବିତରଣ
ବସ୍ତ୍ରହୀନେ ସୁବସନ କରେ ମୁହିଁ ଦାନ ।
ପଶୁପକ୍ଷୀଠାରୁ ମନୁଷ୍ୟାଦି ଜୀବେ ନିତି
ଭୋଜନ ସନ୍ତୋଷେ ପିଣ୍ଡେ ପିତୃଙ୍କୁ ତୃପତି ।
ବିବାହ ଦିବସ ଦେଖି ଅବିବାହୀ କନ୍ୟା
କନ୍ୟାଦାନ ଦିଏ ଅନୁରୂପ ବର ସିନା ।
ଅନ୍ନ ଜଳ ଭୂମି ବସ୍ତ୍ର ସୁବର୍ଣ୍ଣାଦି ଦାନ
ଉତ୍ତମ ବ୍ରାହ୍ମଣ ଡାକି ଦିଏ ପ୍ରତିଦିନ ।
ବ୍ରାହ୍ମଣ ପାଦ ଉଦକ ଶିରରେ ଘେନଇ
ଉପଯୁକ୍ତ ଦକ୍ଷିଣା ଦେଇଣ ସନ୍ତୋଷଇ ।
ଅନ୍ଧ ବଧିର ଅକ୍ଷମ ଜନ ଖୋଜି ଆଣି
ପାନ୍ଥଶାଳାରେ ରଖିଣ ଅନ୍ନ ଦିଏ ପୁଣି ।
ତଥାପି ସର୍ବ ନିଷ୍ଫଳ ହୋଇଲା ମୋହର
ଶେଷେ ପ୍ରାପତ ହୋଇଲା ଏ ପ୍ରେତ ଶରୀର ।

Digitized by srujanika@gmail.com

ତହିଁର କାରଣ ଏବେ ବୁଝାଇ କହିବି
ଆପଣଙ୍କ ମନରୁ ଯେ ସନ୍ଦେହ ନାଶିବି ।
ଧର୍ମ କାର୍ଯ୍ୟ କରି ମଧ୍ୟ ଇଚ୍ଛି ରତି ସୁଖ
ବହୁକାଳ କଟାଇଣ ହୋଇଲି ବିମୁଖ ।
ନ ହେଲା ସନ୍ତାନ ମୋର ପତ୍ନୀର ଗର୍ଭରେ
ସଦା ସର୍ବଦା ବ୍ୟାକୁଳ ହେଲା ମୋ ଚିତ୍ତରେ ।
ଶାସ୍ତ୍ର ବିଧାନାନୁସାରେ ମାସିକ ପାକ୍ଷିକ
ଷାଣ୍ମାସିକ ବା ବାର୍ଷିକ ଶ୍ରାଦ୍ଧ କେ ଦେବାକ ।
ମୃତାହ ପିଣ୍ଡ ପ୍ରଭୃତି କିଏ ସେ ଯେ ଦେବ
ସେ ନିମନ୍ତେ ଚିତ୍ତେ ଜନମିବ ଖେଦ ଭାବ ।
ଚିନ୍ତା ଚିତା ଜ୍ୱରେ ତାପି ଛାଡ଼ିଲି ପରାଣ
ଶେଷେ ଏହି ପ୍ରେତ ଦେହ ପାଇଲି ରାଜନ ।
ତିଳୋଦକ ଦେବା ପାଇଁ ମୋହର ବଂଶରେ
କେହି ନ ଥିବାରୁ ମୁହିଁ ପଡ଼ିଛି ଦୁଃଖରେ ।
ବହୁ ଦୁଃଖ ସହି ମୁହିଁ ବନରେ ବୁଲଇ
ପ୍ରେତ ତନୁ ପାଇ ମନେ ସୁଖ ତିଳେ ନାହିଁ ।
ସଂସାର ଜନଙ୍କୁ ବନ୍ଧୁ ପରାଏ ମଣିଷ
ଯେହୁ ଜନ ଦିଏ ଅନ୍ୟ ଜନେ ପିଣ୍ଡଦାନ ।
ଜାତି ଗୋତ୍ର ସେ ପିଣ୍ଡରେ ଧରି ଯେ ନ ଯାଇ
ନିଜେ ପ୍ରଜାପତି ଏହା ଶାସ୍ତ୍ରେଛନ୍ତି କହି ।
ଦୟାବହି ଯେବେ ତୁମ୍ଭେ ଜଳ ତିଳ ଦାନ
ଦେବ ଏ ଅଧମ ପ୍ରେତେ ହେ ବିଜ୍ଞ ରାଜନ ।
ତେବେ ମୋର ଏହି ପ୍ରେତ ବିନାଶ ହୋଇବ
ପ୍ରେତ ତନୁ ମୋର ଯାଇ ସ୍ୱରୂପ ହୋଇବ ।
ପ୍ରେତ ତନୁ ହେତୁ ଲଭେ ବହୁତ ଯେ ଦୁଃଖ
ସ୍ୱପକ୍ୱ ଫଳେ ଯେ ପୂର୍ଣ୍ଣ ହୋଇଅଛି ବୃକ୍ଷ ।
ସ୍ୱଚ୍ଛ ନୀର ପରିପୂର୍ଣ୍ଣ ପୁଷ୍କରିଣୀମାନ
ମୋ ଦୃଷ୍ଟି ପଡ଼ନ୍ତେ ପୋଡ଼ି ହୁଏ ଭସ୍ମ ପୁଣ ।
ନିରନ୍ତର କ୍ଷୁଧା ତୃଷା ପୀଡ଼ଇ ଯେ ମୋତେ
ଆହାର ଅର୍ଥେ ଧରନ୍ତେ ଭସ୍ମ ଯେ ସାକ୍ଷାତେ ।
ଅନ୍ନ ଜଳ ବସ୍ତ୍ର କିଛି ମୋତେ ନ ମିଳଇ
ଉଦର ଯନ୍ତ୍ରଣା କଥା କହି ତ ନୁହଇ ।
ବହୁ କାଳ ବହୁ ଦୁଃଖ ଲଭି ବୁଲୁଅଛି
ଆଜି ମୁକତି ଲଭିବା ପାଇଁ ଭାବୁଅଛି ।
ଯେପରି କରିବ ଶ୍ରାଦ୍ଧ ବିଧି ଶୁଣ ରାଜା
ଦେବତାମାନଙ୍କୁ ତହିଁ କରିବ ଯେ ପୂଜା ।
ଦେବାଳୟ କିମ୍ବା ନିଜ ଗୃହର ମଧ୍ୟରେ
ଛାୟା ମଣ୍ଡପ ନିର୍ମାଣି ଯତନ ଭାବରେ ।
ପୂର୍ଣ୍ଣଘଟ ଏକ ତହିଁ ସ୍ଥାପନ କରିବ
ବିଧିରେ ପଞ୍ଚଦେବତା ତହିଁରେ ପୂଜିବ ।
ଗବ୍ୟ ଘୃତେ ହୋମ ତହିଁ କରିବ ସୁଚିତ୍ତେ
ଶ୍ରାଦ୍ଧ ବିଧିକି କରିବ ଶ୍ରଦ୍ଧାର ସହିତେ ।
ଅଥବା ଷୋଡ଼ଶ ଦୀନ ବିଧି ଅନୁସାରେ
ଉତ୍ତମ ବ୍ରାହ୍ମଣ ଡକିଦେବ ସୁଚିତ୍ତରେ ।
ପ୍ରେତ ନାମ ଗୋତ୍ର ପଢ଼ି ସଂକଳ୍ପ କରିଣ
ତୁଳସୀ କୁଶ ତଣ୍ଡୁଳ ତିଳ ଯବ ପୁଣ ।
ନିକ୍ଷେପି ସେ ଦାନମାନ ବ୍ରାହ୍ମଣେ ଅର୍ପିବ
ବିଧିମତେ ଶଯ୍ୟାଦାନ ବ୍ରାହ୍ମଣଙ୍କୁ ଦେବ ।
ବିଷ୍ଣୁ ସ୍ୱରୂପରେ ପୂଜି ବ୍ରାହ୍ମଣ ଦେବତା
ଗନ୍ଧପୁଷ୍ପ ଧୂପ ଦୀନ ଆଦି ବିଧି ଯଥା ।
ବିଷ୍ଣୁ ପୂଜା ଅଧିବାସ ବିଧିକି କରିବ
ଶ୍ରୀଧର ସ୍ୱରୂପ ପୂର୍ବେ ପ୍ରାର୍ଥନା କରିବ ।
ଦକ୍ଷିଣରେ ମଧୁହାରୀ ବାମନ ପଶ୍ଚିମେ
ଗଦାଧର ଉତ୍ତରରେ ମଧ୍ୟେ ପିତୃଗଣେ ।
ଆବାହନ ସଂସ୍ଥାପନ ଆସନ ସହିତେ
ପାଦାସନ ଧୂପ ଦୀପ ନୈବୈଦ୍ୟାଦି ଯେତେ ।
ମନ୍ତ୍ରପୁଷ୍ପ ଫଳମାନ ସମର୍ପି ଆନନ୍ଦେ
ବିଷ୍ଣୁ ସ୍ମରି ପ୍ରଦକ୍ଷିଣ କରି ଗଦଗଦେ ।
ସ୍ତୁତି ବାକ୍ୟେ ମୁରାରୀଙ୍କୁ ସ୍ତୁତି ଯେ କରିବ
ପ୍ରମାଣ କରି ପ୍ରେତର କଲ୍ୟାଣ ଇଚ୍ଛିବ ।
ପିତୃ ପିତାମହଙ୍କର ସ୍ୱରୂପକୁ ଧ୍ୟାୟି
ସନ୍ତୋଷ କରିବ ସ୍ତୁତି କରି ଶ୍ରାଦ୍ଧ ଦେଇ ।
ପିଣ୍ଡାନ୍ତେ ଶକ୍ତିର ଅନୁସାରେ ଦଶ ଦାନ
ବ୍ରାହ୍ମଣଙ୍କୁ ସୁଚିତ୍ତରେ ଦେବ ହେ ରାଜନ ।
ଏହିପରି ଶ୍ରାଦ୍ଧ ବିଧି କରିବ ଯଦ୍ୟପି
ମୋହର ଉଦ୍ଦେଶ୍ୟେ ରାଜା ନିସ୍ତରିବ ପାପୀ ।
ଦୟାକରି କର ମୋର ଏହି ଉପକାର
ଅନ୍ତିମେ ମୁକତି ତୁମ୍ଭେ ପାଇବ ନିକର ।

ରାଜୋବାଚ

ପ୍ରେତ ଘଟ ବ୍ରାହ୍ମଣଙ୍କୁ କାହିଁକି ଦିଅନ୍ତି
ସେ ଦାନରେ ପ୍ରେତ କିମ୍ବା ମୁକତି ଲଭନ୍ତି ।

Digitized by srujanika@gmail.com

ତାହାର କାରଣ ମୋତେ ବୁଝାଇ କହିବ
ମୋହର ମନରୁ ତୁମ୍ଭେ ସଂଶୟ ଦହିବ ।
ପ୍ରେତ ଘଟ ବିଧି ବୁଝାଇଣ କହ ମୋତେ
ନ ଜାଣେ ମୁଁ ତାହା କେହ୍ନେ କରିବି ସାକ୍ଷାତେ ।
ଜାଣିଥିଲେ ମୋର ଆଗେ କପଟ ନ କରି
କହିଲେ କରିବି ନିଶ୍ଚେ ବ୍ରାହ୍ମଣ ହକାରି ।

ପ୍ରେତ ଉବାଚ

ଶୁଣ ନରପତି ତେବେ ତହିଁର ବିଧାନ
ସେ ଘଟ ଗୋଟିକ ହେବ ଧାତୁରେ ନିର୍ମାଣ ।
ଶୁଦ୍ଧ ସୁବର୍ଣ୍ଣ ବା ରୌପ୍ୟ ତାମ୍ର ବା ପିତ୍ତଳେ
କିମ୍ବା ପଞ୍ଚ ଅଷ୍ଟଧାତୁ ଯାହା ଯାକୁ ମିଳେ ।
ସେ ଘଟରେ ଦଗ୍ଧ ଦଧି ଘୃତ ମଧୁ ଦେଇ
ଶର୍କରା ନିକ୍ଷେପି ପଞ୍ଚାମୃତ ଯତ୍ନେ ବ୍ରିହି ।
ଚୂତପତ୍ର ଗୁବାକ ବା ଶ୍ରୀଫଳକୁ ଦେବ
ପଞ୍ଚନବ ବା ଷୋଡ଼ଶ ମୂର୍ତ୍ତି ଯେ ଲେଖିବ ।
ଅବା ମାନସିକ ପୂଜା କରିବ ତହିଁରେ
ଚନ୍ଦନ ସିନ୍ଦୂର ଦୁର୍ବା ପୁଷ୍ପ ଅକ୍ଷତରେ ।
ଉତ୍ତରେ ବସାଇ ବିପ୍ର ପୂର୍ବେ ମୁଖ କରି
ସଙ୍କଳ୍ପ କରିଣ ଦାନ ଦେବ ଦଣ୍ଡଧାରୀ ।
ଦାନ ବଳେ ମନ ମଧ୍ୟେ ନ କରି କଳ୍ପନା
ସ୍ୱଚ୍ଛ ମନେ ବ୍ରାହ୍ମଣଙ୍କୁ ସମର୍ପିବ ସିନା ।
ଯେତେ ଦାନର ବିଧାନ ଅଛଇ ଶାସ୍ତ୍ରରେ
ସମାନ ନୁହଇ କେହି ଘଟ ସହିତରେ ।
ଯେତେ ପାପ କରିଥାଏ ପ୍ରେତ ଯାଏ ନାଶ
ପ୍ରେତର ପ୍ରେତତ୍ୱ ହୁଏ ଏହି ଦାନେ ଧ୍ୱଂସ ।
ଗତି ମୁକ୍ତି ଲଭି ବଇକୁଣ୍ଠରେ ବସଇ
ଋଷିମାନେ ଶାସ୍ତ୍ରାଦିରେ ଏହା ଛନ୍ତି କହି ।
ଶୁଣିଲତ ନରପତି ମୋହର ବଚନ
ପ୍ରେତ ଘଟ ଦାନରଟି ଯେପରି ବିଧାନ ।
ଯଦି ଦୟା ମୋରଠାରେ ଚିତ୍ତରେ ହୁଅଇ
ଉଦ୍ଧାର କର ଏ ଦୁଃଖ ପିଣ୍ଡଦାନ ଦେଇ ।
ନାଶିବ ମୋହର ଦୁଃଖ ହେବ ତବ କୀର୍ତ୍ତି
ଅନ୍ତିମେ ବୈକୁଣ୍ଠେ ତୁମ୍ଭେ ବସିବ ତତ୍‌ପତି ।

ଭଗବାନ ଉବାଚ

ଶୁଣ ଆହେ ବୈନତେୟ ଏ ପୁଣ୍ୟ ଚରିତ
ଶୁଣିଲେ ପାତକ ନାଶ ହୋଇବ ନିଶ୍ଚିତ ।

ପ୍ରେତ ବାଣୀ ଶୁଣି ରାଜା କହଇ ବଚନ
ନିଶ୍ଚୟ କରିବି ମୁହିଁ ଶ୍ରାଦ୍ଧ ବିଧିମାନ ।
ଏହା ଶୁଣି ପ୍ରେତ ତହୁଁ ଖରେ ଚଳିଗଲା
ବହୁ ମୂଲ୍ୟ ମଣି ଏକ ତତ୍‌କ୍ଷଣେ ଆଣିଲା ।
ବିନୟ ହୋଇଣ ତହୁଁ କହିଲା ରାଜନେ
ଦୟା କରି ପ୍ରେତରୂପେ ଅଛି ଦୀନ ହୀନେ ।
ତୁମ୍ଭର କୃପା ହୋଇଲେ ଏ ଦୁଃଖୁ ତରିବି
ପ୍ରେତ ତନୁ ଛାଡ଼ି ଦିବ୍ୟ ଦେହ ମୁଁ ପାଇବି ।
ଚିରଦିନ ତୁମ୍ଭଠାରେ ରହିବି ମୁଁ ଋଣୀ
ତୁମ୍ଭେ ଯେଣୁ ହେବ ମୋର ମୋକ୍ଷର କାରେଣି ।
ଏହିପରି ବାରମ୍ବାର କହି କରି ପ୍ରେତ
ଅନ୍ତର୍ଦ୍ଧାନ ହୋଇଣ ସେ ଚଳିଲା ତୁରିତ ।
ତହୁଁ ରାଜା ହୃଦମଧ୍ୟେ କରନ୍ତି ବିଚାର
ଏହି ବୃକ୍ଷରାଜ ଯୋଗୁଁ ମୁଁ ହୋଇବି ପାର ।
ଇହ ପର ଜନ୍ମ ପାପ ବିନାଶିବି ମୋର
କଳ୍ପ କଳ୍ପାନ୍ତେ ନୋହିବ କେ ସମାନ ଯାର ।
ମୋର ଚାରପ୍ରଜା ସୈନ୍ୟ ରହିଲେ କେଉଁଠି
ରଥ ସାରଥି ଘୋଟକ କାହିଁ ଅବା ଭେଟି ।
କି ଅବା ଫେରିଣ ଗଲେ ମୋତେ ନ ପାଇଣ
କହିଥିବେ ଯାଇ ମୋର ରାଜ୍ୟେ ଏ ବଚନ ।
ଦାସ ଦାସୀ ସହିତରେ ରାଣୀଏ କାନ୍ଦିବେ
ମୋହର ବିହୁନେ ସର୍ବେ ଅନ୍ଧାର ଦେଖିବେ ।
କି ଅବା ସୈନ୍ୟ ସାମନ୍ତ ମୋତେ ଖୋଜିବାକୁ
ପୁନର୍ବାର ଆସିଥିବେ ଏ ବନ ଦେଶକୁ ।
ଖୋଜୁଥିବେ ଗହନ କାନନେ ପଶି ମୋତେ
ପର୍ବତ ଗୁମ୍ଫା ସହିତେ ବନ ଅଛି ଯେତେ ।
କେଉଁବାଟେ ଯିବି ଅବା ପଥ ନ ଦିଶଇ
କି ବୁଦ୍ଧି କରିବି ଏବେ ବୁଦ୍ଧି ନ ଦିଶଇ ।
ଏହିପରି ଭାବୁ ଭାବୁ ଅଶ୍ୱାରୋହୀ ଚାରି
ପାଦ ଚିହ୍ନ ଦେଖି ଖୋଜୁଛନ୍ତି ବନେ ଘୂରି ।
ରାଜାଙ୍କ ନିକଟେ ଆସି ମିଳିଲେ ତକ୍ଷଣ
ସାରଥିର ମୁଖ ଦେଖି ଉଠିଲେ ରାଜନ ।
ବୋଇଲେ ସାରଥି ଅଶ୍ୱ ଯୋଚ ବେଗେ ତୁହି
ଶିକାର କରିବା ଆଉ କାର୍ଯ୍ୟ ମୋର ନାହିଁ ।
ଗୃହକୁ ଫେରିବା ମୂଳ ଅଟଇ ମୋହର
ପ୍ରେତ କଥା ଶୁଣି ହୁଏ ବ୍ୟାକୁଳ ଅନ୍ତର ।

Digitized by srujanika@gmail.com

ସାରଥି ଆଜ୍ଞା ପ୍ରମାଣେ ଅଶ୍ୱକୁ ଯୋଚିଲା
ନଗ୍ର ଅଭିମୁଖେ ରଥ ବେଗେ ଚଳାଇଲା ।
ରଥେ ବସି ସୁନଗରେ ପ୍ରବେଶ ହୋଇଲେ
ଏହିକାଳେ ଦିନକର ଅସ୍ତମିତ ହେଲେ ।
ମଣୋହିରେ ବିଜେ କଲେ ରାଜନ ତୁରିତେ
ନାନା ବ୍ୟଞ୍ଜନ ସାମଗ୍ରୀ ଭୁଞ୍ଜିଲେ ତୁରିତେ ।
ଦଧି ଦୁଗ୍ଧ ଘୃତ ପଞ୍ଚାମୃତ ସହିତରେ
ଭୋଜନ କରିଲେ ରାଜା ଆନନ୍ଦ ମନରେ ।
ସୁବାସ ଜଳରେ ଆଚମନ କରି ନୃପ
କର୍ପୂର ତାମ୍ବୁଳ ଲାଗି ହୋଇ ମୁଞ୍ଚ ତାପ ।
ସୁଶଯ୍ୟା ଉପରେ କରି ଶୟନ ସୁଖରେ
ବନଶ୍ରମ ନିବାରିଲେ ଯେତେ ଲଭିଥିଲେ ।
ରାମରାତି ପ୍ରଭାତିଲା ଯଥା ସମୟରେ
ପୂର୍ବ ଦିଗେ ତପନ ଉଇଁଲେ ଯଥାକାଳେ ।
ନିଦ୍ରା ଭାଜିଲା ନୃପତି ଉଠିଲେ ଝଟତି
ପ୍ରେତ କଥା ସ୍ମରି ରାଜା ବିଚାର କରନ୍ତି ।
ମଣିକି ଆଦେଶ ଦେଲେ ପାତ୍ର ମନ୍ତ୍ରୀ ଜ୍ଞାତି
ପ୍ରଜା ସହିତରେ ଶୀଘ୍ର ଡକାଅ ହେ ମନ୍ତ୍ରୀ ।
ଆଜ୍ଞା ପ୍ରମାଣେ ଆସିଲେ ହୋଇ ଜଣ ଜଣ
ଦେଖୁ ଦେଖୁ ସଭାସ୍ଥାନ ହେଲା ଲୋକାରଣ୍ୟ ।
ପ୍ରେତ କହିଥିବା କଥା ଗୋଟି ଗୋଟି କରି
ବୁଝାଇ କହିଲେ ରାଜା ବିଧାନ ଯେପରି ।
ଶୁଣି ସର୍ବେ ଆନନ୍ଦିତ ହୋଇଲେ ବହନ
ପ୍ରେତ ଶ୍ରାଦ୍ଧ କରିବାକୁ କଲେ ଆୟୋଜନ ।
ବେଦଜ୍ଞ ବ୍ରାହ୍ମଣମାନ ଡକାଇ ଆଣିଲେ
ପ୍ରେତ କହିବା ପ୍ରକାରେ ପିଣ୍ଡଦାନ କଲେ ।
ଷୋଡ଼ଶ ଦାନ ଯେପରି ଶାସ୍ତ୍ରେ ଅଛି ବିଧି
ମନ୍ତ୍ର ଉଚ୍ଚାରି ବ୍ରାହ୍ମଣେ କରାଇଲେ ସିଦ୍ଧି ।
ସର୍ବଶେଷେ ଘଟଦାନ କରିଲେ ନୃବର
ଉତ୍ତମ ବ୍ରାହ୍ମଣ କରେ ଅର୍ପିଲେ ସତ୍ୱର ।
ଉପଯୁକ୍ତ ଦକ୍ଷିଣାଦି ପାଇଲେ ବ୍ରାହ୍ମଣେ
ଆଶୀର୍ବାଦ କରି ଗଲେ ଯେ ଯାହା ଭୁବନେ ।
ଦିବ୍ୟ ଅନ୍ନ ବ୍ୟଞ୍ଜନରେ ପ୍ରଜା ସହିତରେ
ପାତ୍ର ମନ୍ତ୍ରୀ ଜ୍ଞାତିକୁ ସେ ସନ୍ତୋଷି ଶ୍ରଦ୍ଧାରେ ।
ବିଧି ଅନୁସାରେ ସେହୁ ପ୍ରେତ କୃତ୍ୟ କଲେ
ପ୍ରେତ ଦେହ ଛାଡ଼ି ସେହି ମୁକତି ଲଭିଲେ ।

ଅନନ୍ତରେ ରାଜା ନିଜ ପିତୃଙ୍କ ଉଦ୍ଦେଶ୍ୟେ
ଯଥାବିଧି ଦାନମାନ କରିଲେ ହରଷେ ।
ସର୍ବ ଶେଷେ ସଭା କରି ରାଜନ କହନ୍ତି
ପୂର୍ବ ଭାଗ୍ୟବଳେ ଫଳ ଫଳିଲା ସମ୍ପ୍ରତି ।
କ୍ଷତ୍ରୀୟ ଅଭିମାନରେ ଗଲି ମୃଗୟାକୁ
ମୃଗ ଗୋଡ଼ାଇ ବନରେ ଦେଖିଲି ପ୍ରେତକୁ ।
ଅପୂର୍ବ ଚରିତ ତା'ର ମୁଖରୁ ଶୁଣିଲି
ମୋହର ମନରୁ ବହୁ ସଂଶୟ ନାଶିଲି ।
ପିତା ଯଦି ପାପକାର୍ଯ୍ୟ କରିଥାନ୍ତି ହେଲେ
ପୁତ୍ର ପ୍ରେତକାର୍ଯ୍ୟ କଲେ ନିସ୍ତରନ୍ତି ଭଲେ ।
ପିତୃ ମାତୃ ପ୍ରେତକାର୍ଯ୍ୟ ଯେବେ କରେ ପୁତ୍ର
ଅନ୍ତେ ବୈକୁଣ୍ଠେ ବସନ୍ତି ହୋଇଣ ମୁକତ ।
ପ୍ରେତ କୃତ୍ୟ ପୁତ୍ର ଯଦି ନ କରେ ହେଳାରେ
ପିତା ପ୍ରେତ ଦେହ ଧରି ଦୁଃଖ ଭୋଗ କରେ ।
ପେତ୍ର ମୁଖୁ ଶୁଣି ଅଛି ଏ ସର୍ବ ବିଧାନ
ତେଣୁ ସଂକଳ୍ପ କରିଣ ଶୁଣିବା ପୁରାଣ ।
ପିତୃ ପକ୍ଷେ ପିତା କର୍ମ ତର୍ପଣ କରିବ
ପିତୃ ପିତାମହ ମାତାମହ ଉଦ୍ଧାରିବ ।
ଅନ୍ତକାଳେ ବୈକୁଣ୍ଠରେ ବସିବ ନିୟତ
ଏଥିରେ ସନ୍ଦେହ ନାହିଁ ତିଳେ କଦାଚିତ ।
ଘେନ ସାଧୁଜନେ ଏହି ଅପୂର୍ବ ଆଖ୍ୟାନ
ନ ଧର ମୋ ଦୋଷ ମୁହିଁ ନୁହେଁ ଜ୍ଞାନୀଜନ ।
ସାଧୁମାନେ ପରଦୋଷ ହୃଦେ ନ ଧରନ୍ତି
ନିଜ ଗୁଣେ କ୍ଷମା ସେ ଯେ ସୁଚିତ୍ତେ ଦିଅନ୍ତି ।
ଗୁଣଥିଲେ ଗ୍ରହଣ କରନ୍ତି ଆନନ୍ଦରେ
ନୀର କ୍ଷୀର ମରାଳ ଗ୍ରହଣ ଯେହ୍ନେ କରେ ।
ସେହିପରି ଗୁଣୀ ଗୁଣ ଚିହ୍ନି ବାଛି ନିଏ
ଦୋଷମାନ ପଡ଼ି ରହେ ତାହାକୁ ନ ଚାହେଁ ।
ଶ୍ରଦ୍ଧାଚିତ୍ତେ ଏ ପୁରାଣ ଯେ ଜନ ପଢ଼ନ୍ତି
ବ୍ରାହ୍ମଣ ମୁଖରୁ ଅବା ସୁଚିତ୍ତେ ଶୁଣନ୍ତି ।
ପୁରାଣ ଶେଷରେ ଶକ୍ତି ଅନୁସାରେ ଦାନ
ଅନ୍ନ ବ୍ୟଞ୍ଜନାଦି ଯେ କରିବ ବିତରଣ ।
ବ୍ରାହ୍ମଣେ ଦକ୍ଷିଣା ଦେଇ ସନ୍ତୋଷ କରିବ
ପୁରାଣ ଶୁଣିବା ଫଳ ନିଶ୍ଚୟ ପାଇବ ।
ପୁରାଣ ଶୁଣି ଯେ ଜନ ଦକ୍ଷିଣା ନ ଦିଏ
ଅନ୍ତିମେ ନରକେ ସେହି ଜନ ପଡ଼ିଥାଏ ।

Digitized by srujanika@gmail.com

ଶୁଣିଲଟି ପକ୍ଷୀବର ପିଣ୍ଡଦାନ ବିଧି
ରାଜା ବବ୍ରୁବାହନ ପାଇଲା ମହାସିଦ୍ଧି ।
ଯାହା ପଚାରିଲୁ ତୋତେ ବୁଝାଇ କହିଲି
ତୋହର ମନରୁ ଏବେ ସଂଶୟ ଦହିଲି ।
ଆଉ ଯଦି ଶୁଣିବାକୁ ଅଛି କିଛି ମନ
ପଚାରିଲେ କହିବଇଁ ନ ଭାଳ ତୁ ଆନ ।
ଏତେ କହି ଭଗବାନ ମଉନ ହୋଇଲେ
ତାଙ୍କ ପାଦତଳେ ଯେ ଗରୁଡ଼ ଜୁହାରିଲେ ।
ସେ ଶ୍ରୋତା ବକତା ପାଦପଦ୍ମେ ଦେଇ ଚିତ୍ତ
ଦ୍ୱିଜ ଆର୍ତ୍ତତ୍ରାଣ ଦାଶ ବିରଚିଲା ଗୀତ ।

ଇତିଶ୍ରୀ ଗରୁଡ଼ ପୁରାଣେ ନୈମିଷାୟୋ
ପାଖ୍ୟାନେ ପିଣ୍ଡଦାନ ବିଚାରଣଂ ନାମ
ସପ୍ତୋମ ଅଧ୍ୟାୟଃ ।

—o—

ଅଷ୍ଟମୋଧ୍ୟାୟଃ

ନବମ ଅଧ୍ୟାୟ

ଆତୁର ପକ୍ଷରେ ଧେନୁ ଦାନାଦି ଫଳ

ଗରୁଡ଼ ଉବାଚ

ପୁନରପି ଗରୁଡ଼ ଶ୍ରୀହରି ପାଦେ ପଡ଼ି
ସ୍ତୁତି ଆରମ୍ଭଇ କର ଯୁଗଳକୁ ଯୋଡ଼ି ।
ବହୁ ସ୍ତୁତି କରି ଦଣ୍ଡ ପ୍ରମାଣ ସେ କଲା
ଶ୍ରୀମୁଖକୁ ଚାହିଁ ପୁଣି ବଚନ କହିଲା ।
ଶୁଣିଲି ମୁଁ ପ୍ରେତକୃତ୍ୟ ବିଧି ତୁମ୍ଭ ମୁଖୁ
ନିସ୍ତରିଲି ଦୟାନିଧି ଜନ୍ମ ମୃତ୍ୟୁ ଦୁଃଖୁ ।
ପ୍ରେତର ଉଦ୍ଧାର ବାଣୀ ଶୁଣିଲି ଶ୍ରୀହରି
ବବ୍ରୁବାହନ ରାଜାର ଚରିତ ବିସ୍ତାରି ।
ପୁଣି ପଚାରଇ ଦେବ ଜାଣିବା ମାନସେ
ଆତୁର ପକ୍ଷରେ ଯିବା ହିତକର ଶେଷେ ।
ଧେନୁ ଦାନ କାହିଁ ପାଇଁ ମୃତ୍ୟୁର କାଳରେ
ଜନେ କରନ୍ତି କହିବ ସଂସାର ମଧ୍ୟରେ ।
ତାହାଦ୍ୱାରା କେଉଁ ପାପୁ କେଉଁ ଦୁଃଖ ଅବା
ଉଦ୍ଧାର ହୁଅଇ ଜୀବ ସେ କଥା କହିବା ।
ଆପଣଙ୍କ ଭୃତ୍ୟ ମୁହିଁ କୁହ ମହାପ୍ରଭୁ
କିଏ ସେ କହିବ ମୋତେ ବୁଝାଇ ଏସବୁ ।
ଶୁଣିଣ ଶ୍ରୀହରି ତହୁଁ ଅଳପ ହସିଲେ
ଜଳଦ ଗମ୍ଭୀର ସ୍ୱରେ ବଚନ କହିଲେ ।

ଶ୍ରୀ ଭଗବାନୁବାଚ

ଶୁଣ ହୋ ଗରୁଡ଼ ତୁହି ପଚାରିଲୁ ଯାହା
ଆଦ୍ୟ ପ୍ରାନ୍ତ କରି ତୋତେ କହୁଅଛି ତାହା ।
ସଂସାରରେ ଜୀବମାନେ ବହୁ ପାପ ପୁଣ୍ୟ
ଅନାୟାସେ କରୁଛନ୍ତି ଯଥାର୍ଥ ଅର୍ଜନ ।
ପୁଣ୍ୟକାରୀ ଧାର୍ମିକ ଯଦ୍ୟପି କରେ ପାପ
ଗ୍ରହମାନେ ଦଣ୍ଡ ତାକୁ ଦ୍ୟନ୍ତି କରି କୋପ ।
ନାନା ବ୍ୟାଧି ଦିଅନ୍ତି ଯେ ତାହାର ଶରୀରେ
ଜରାବସ୍ଥାହେତୁ କଷ୍ଟ ଭୋଗଇ ଆତୁରେ ।
ବୁଦ୍ଧି ବିନାଶ ହୁଅଇ ତାହାର ଯେ କ୍ଷଣେ
ବାଳକ ସଦୃଶ ହୋଇ ଇତଃସ୍ତତ ଭଣେ ।
ଚକ୍ଷୁକୁ ନ ଦିଶେ ତା'ର ନ ଶୁଭେ କର୍ଣ୍ଣକୁ
ହସ୍ତକର୍ମ ନ କରଇ ପାଦ ଯେ ଗତିକୁ ।
ତ୍ୟାଗ କରଇ ଯେହେତୁ ହୁଏ ବ୍ୟାକୁଳିତ
ମଳମୂତ୍ରେ ଘାଣ୍ଟିହୁଏ ନ ହୋଇ କୁଣ୍ଠିତ ।
ସେହିକାଳେ ସାଧୁ ଚିତ୍ତ ଯେବଣ ମାନବ
ମୃତ୍ୟୁକାଳେ ଜାଣି ବିଷ୍ଣୁ ସ୍ମରଣ କରିବ ।
ଶାଳ, ଗ୍ରାମ ଶିଳାପରେ ଚନ୍ଦନ ତୁଳସୀ
ଅର୍ପଣ କରିବ ଇଷ୍ଟ ନାମ ମନ୍ତ୍ର ଘୋଷି ।
ସ୍ୱରୂପ ସୁମରି ଡକାଇବ ଯେ ବ୍ରାହ୍ମଣ
ପ୍ରାୟଶ୍ଚିତ କରି ଦେବ ସୁଚିତ୍ତରେ ଦାନ ।
କି ଅବା ସଂକଳ୍ପ କରି ଶୁଣିବ ପୁରାଣ
ଗୁରୁ ଦେବା ମନ୍ତ୍ରମାନ କରିବ ସ୍ମରଣ ।
କଳସ ବସାଇ ପୂଜି ପାଞ୍ଚ ଦେବତାଙ୍କୁ
ଶାଳଗ୍ରାମ ପୂଜା ଅବା ପୂଜି ଶ୍ରୀହରିଙ୍କୁ ।
ଗନ୍ଧ ଚନ୍ଦନ ଯେ ଦୀପ ଧୂପ ନଇବେଦ୍ୟ
ସମର୍ପଣ କରି ଆତ୍ମା ସମର୍ପିଣ ଦେବ ।
ଗୁରୁଦତ୍ତ ମନ୍ତ୍ର ଯେବେ ମନେ ନ ପଡ଼ିବ
ମାଧବ ମୁରାରୀ ରାମକୃଷ୍ଣ ଉଚ୍ଚାରିବ ।
ମତ୍ସ୍ୟ କଚ୍ଛପ ବାମନ ନୃସିଂହ ବରାହ
ନାମ ଗୁଣକୁ ସ୍ମରଣ କରିବ ନିଶ୍ଚୟ ।
ଏହି ନାମ ମହାମନ୍ତ୍ର ଜପକୁ କରିଲେ
ଯମଦଣ୍ଡ ନାଶ ହେବ ଜାଣିଥାଅ ଭଲେ ।

Digitized by srujanika@gmail.com

ନାମଠାରୁ ବଡ଼ କିଛି ନାହିଁ ଏ ଜଗତେ
ନାମବଳେ ତରିଯିବ ଭବସିନ୍ଧୁ ଆପେ ।
ପୂର୍ବେ ଅଜାମିଳ ନାମେ ଦ୍ୱିଜ ଏକ ଥିଲା
ମହାପାପ କରି ମୃତ୍ୟୁ ମୁଖରେ ପଡ଼ିଲା ।
ଯମଦୂତଙ୍କ କୁରୂପ ନେତ୍ରରେ ଦେଖିଣ
ଭୟେ ଡାକ ପକାଇଲା ସେହୁ ନାରାୟଣ ।
ନାରାୟଣ ନାମଗୋଟି ମୁଖେ ଉଚ୍ଚାରନ୍ତେ
ପାପକ୍ଷୟ ହେଲା ତା'ର ପଳାଇଲେ ଭୃତ୍ୟେ ।
ବିଷ୍ଣୁ ଭୃତ୍ୟେ ଆସି ରଥେ ନେଲେ ବୈକୁଣ୍ଠକୁ
ନାନା ସୁଖଭୋଗ କଲା ସେ କାଳକାଳକୁ ।
ନାମନାମୀ ଭେଦ ନାହିଁ ଜାଣ ହେ ଗରୁଡ଼
ସେ ନାମ ସ୍ମରଣ କର ମନେ କରି ଦୃଢ଼ ।
ବହୁଜନ୍ମ ପାପ ତୋର ବିନାଶ ହୋଇବ
ଅନ୍ତେ ବଇକୁଣ୍ଠ ସୁଖ ନିଶ୍ଚିତ ମିଳିବ ।
ଆଗହୁଁ ଯେ ଜନ ଶୁଣି ପୁରାଣ ବଚନ
ଶ୍ରୀହରିଙ୍କ ପାଦପଦ୍ମ କରଇ ସ୍ମରଣ ।
ନାମ ମନ୍ତ୍ରହାର ହୃଦେ ଲମ୍ବାଏ ସତତ
ପାପ ତା'ର କ୍ଷୟ ହୁଏ ଏହା ସାରସ୍ୱତ ।
ନାମଅଗ୍ର ପ୍ରଭାବରେ ପାପ ତୁଳ ରାଶି
କଣିକା ମାତ୍ରରେ କ୍ଷଣେ ହେବ ଭସ୍ମରାଶି ।
ନୋହିଲେ ଦଣ୍ଡିବ ଯମ ବାନ୍ଧି କାଳପାଶେ
ପ୍ରହାର କରିବେ ଦୂତେ ଅନ୍ତଃକାଳେରୋଷେ ।
ଦାମୋଦର ହୃଷିକେଶ ମାଧବ ଶ୍ରୀହରି
ରାମକୃଷ୍ଣ ନୃସିଂହ ବାମନ ମଧୁହାରି ।
ଜନାର୍ଦ୍ଦନ ପରମ ଆନନ୍ଦ ପଦ୍ମନାଭ
କାମପାଳ ବଳଦେବ ଅବା ବାସୁଦେବ ।
ଏହି ନାମମାନ ଦୃଢ଼େ ଧରିବ ମାନସେ
ଉଚ୍ଚାରିବ ନିତି ପ୍ରତି ଶତ ବା ସହସ୍ରେ ।
ଯେତେ ପାପ ଥିବ ଅଙ୍ଗେ ତକ୍ଷଣେ ନାଶିବ
ଗୋହତ୍ୟା ବା ବ୍ରହ୍ମହତ୍ୟା ଦୂରେ ପଳାଇବ ।
ଯେଉଁମାନେ ବିଷ୍ଣୁନିନ୍ଦା କରନ୍ତି ଅଜ୍ଞାନେ
ଗୁରୁନିନ୍ଦା କରେ ଯେବେ ଜନ ମୂଢ଼ ପଣେ ।
ନିଜକୁ ବଡ଼ ବୋଲଇ ସେ ଜନ ମୁରୁଖ
ଅଶେଷ ଦଣ୍ଡ ଲଭଇ ଲଭେ ବହୁ ଦୁଃଖ ।
ଜୀବ ମାରି ମାଂସ ଯେହୁ କରଇ ଆହାର
ମିଥ୍ୟା କଥା ଯେଉଁଜନ କହେ ନିରନ୍ତର ।

ପର ଧନ ପର ନାରୀ ହରଣ କରଇ
ପୁରାଣ ଶୁଣି ବ୍ରାହ୍ମଣେ ଦକ୍ଷିଣା ନ ଦେଇ ।
ଧର୍ମା ଧର୍ମ ବିଚାର ନ କରେ ମୂଢ଼ ଭାବେ
ଜ୍ଞାତିବନ୍ଧୁ ବାନ୍ଧବଙ୍କୁ ନ ସନ୍ତୋଷେ କେବେ ।
କରଇ କୂଟ କପଟ ଜୁଆ ଖେଳେ ମାତି
ବେଶ୍ୟା ନାରୀ ସଙ୍ଗେ ସଦା କରଇ ସୁରତି ।
ଲୋକଙ୍କୁ ଦେଖାଇ ହରି ନାମ ଉଚ୍ଚାରଇ
ଧାର୍ମିକ ବୋଲି ଜଗତେ ହୁଅଇ ଦେଖାଇ ।
ଧନ ଦାରା ଦେଖି ସଦା ହୁଏ ଉନମତ୍ତ
ନ ଖାଇ ନ ଦେଇ ଧନ ସଞ୍ଚେ ମୂଢ଼ଚିତ୍ତ ।
ପାଶୋରଇ ଧର୍ମ କର୍ମ ନିନ୍ଦେ ସଦଗୁରୁ
ସାଧୁ ନିନ୍ଦା କରେ ଘଉଡ଼ଇ ତାଙ୍କୁ ଦୂରୁ ।
ମିଥ୍ୟାରେ ପିତୃ ତର୍ପଣ କରଇ ଯେ ଜନ
ମିଥ୍ୟାରେ କରଇ ପୁଣି ତୀର୍ଥ ପର୍ଯ୍ୟଟନ ।
ଦେବ ପୂଜା କରେ ମିଥ୍ୟାରେ ଯେ ପାପମତି
ଅନ୍ତିମେ ଲଭଇ ସେହୁ ଅଶେଷ ଦୁର୍ଗତି ।
କପଟ ଧର୍ମ ଆଚରି ବୋଲାଏ ଧାର୍ମିକ
ଧାର୍ମିକକୁ ନିନ୍ଦା କରେ କରି ଯୁକ୍ତିତର୍କ ।
ଅହମିକା ପଣ କରେ ଯଜ୍ଞାଦି ସମ୍ଭାର
ବଡ଼ଦାନୀ ବୋଲି ଗର୍ବ କରେ ନିରନ୍ତର ।
ଦାନେ ଧ୍ୟାନେ କର୍ମେ କିମ୍ବା ଜ୍ଞାନେ ମୋର ସମ
ଜଗତ ମଧ୍ୟରେ କାହିଁ ନାହିଁ କେହି ଆନ ।
ନିଜର ମୁଖରେ ନିଜେ ପ୍ରଶଂସା କରଇ
ଗୁରୁ ଗୁରୁଜନ ବାକ୍ୟ ଗର୍ବରେ ଭାଙ୍ଗଇ ।
ସେ ଜନର ମୃତ୍ୟୁକାଳ ଉପସ୍ଥିତ ହେଲେ
ଯମଦୂତେ ତାକୁ ବାନ୍ଧି ନିଅନ୍ତି ଭଲେ ।
ରୌରବାଦି ନର୍କେ ତାକୁ କରନ୍ତି ନିକ୍ଷେପ
ପ୍ରହାର ଦେଇଣ ତାକୁ କରନ୍ତି ବିରୂପ ।
କୋଟି କୋଟି ଯୁଗ ନର୍କ ଭୋଗ ସେ କରଇ
ଯେତେ ଦୁଃଖ ଭୋଗେ ମୁଖେ କହିତ ନୁହଇ ।
ତେଣୁ କହୁଅଛି ତୋତେ ଶୁଣ ବୈନତେୟ
ଶ୍ରୀହରି ସ୍ମରଣ କର ମନ କରି ଥୟ ।
ହୃଦୟ ପଦ୍ମରେ ନାମ ମନ୍ତ୍ରମାନ ଘୋଷି
ଗୁରୁ ଗୁରୁଜନ ବାକ୍ୟ ମାନି ହେବୁ ଖୁସି ।
ଶକ୍ତି ଅନୁସାରେ ଦାନ ଧ୍ୟାନ ଯେ କରିବ
ସାଧୁ ସନ୍ଥ ଅତିଥିଙ୍କୁ ଦେଖିଲେ ପୂଜିବ ।

Digitized by srujanika@gmail.com

ତେବେ ଏହି ପାପମାନ ନ ରହିବ ତିଳେ
ଯେ ଜନ ନ କରେ ଏହା କିମ୍ବା ମତ୍ତଭୋଳେ ।
ଅନ୍ତିମ କାଳେ ଶରୀରେ ବ୍ୟାଧି ପରବେଶ
ଜାଣି ଯେବେ ସୁଚିତ୍ତରେ ସ୍ମରି ଜଗଦୀଶ ।
ବିଷ୍ଣୁ ଭାବନା କରିଣ ପ୍ରାୟଶ୍ଚିତ କର
ଦାନ ଧ୍ୟାନ କରିବ ବା ନର୍କୁ ହେବ ପାର ।
ବୈତରଣୀ ନାମେ ନଦୀ ଯମର ଭୁବନେ
ସେହି ନଦୀ ପାର ହେବ ଯେମନ୍ତ ପ୍ରମାଣେ ।
କହୁଅଛି ସେହି କଥା ଶୁଣ ମନ ଦେଇ
ଉତ୍ତମ ଧେନୁ ଦେଖିଣ ଯେ ଜନ ଆଣଇ ।
ବସ୍ତ୍ର ପୁଷ୍ପ ଗନ୍ଧ ଯେ ଚନ୍ଦନ ଅଳଙ୍କାର
ଧେନୁ ଅଙ୍ଗରେ ଦେଇଣ ପୂଜିବ ସତ୍ୱର ।
ଉତ୍ତମ ବ୍ରାହ୍ମଣ ଦେଖି ଦାନ ଯେ କରିବ
ଉପଯୁକ୍ତ ଦକ୍ଷିଣା ତାହାକୁ ପୁଣି ଦେବ ।
ଭୋଜନ ନିମନ୍ତେ ଦିବ୍ୟ ପଦାର୍ଥ ଅଣାଇ
ବ୍ରାହ୍ମଣ ସନ୍ତୋଷେ ଭୁଞ୍ଜାଇବେ ଯଦି କେହି ।
ଏପରି ପାରିଲେ କରି ଅଳପ କାଳରେ
ଭୂମି ସ୍ୱର୍ଣ୍ଣ ଅନ୍ନ ବସ୍ତ୍ର ଜଳ ଦାନ କରେ ।
ଆତୁର ପକ୍ଷରେ ଏହା ଉଚିତ ଅଟଇ
ସମସ୍ତ ପାପ ତାହାର ବିନାଶ ହୁଅଇ ।
ଏହି ଶରୀରଟି ବୈତରଣୀ ନଦୀ ସମ
ବୁଝାଇ କହୁଛି ବାବୁ ତାହାର ପ୍ରମାଣ ।
ଅସ୍ଥି ମାଂସ ରକ୍ତ ରସ ପୂର୍ଣ୍ଣ ଏ ଶରୀରେ
କଫ ବାତ ପିତ୍ତ ଆଦି ଅଛଇ ଦେହରେ ।
ଜଳ ପବନ ବତାସ ଲାଗିଲେ ଏଥିରେ
ନାଡ଼ୀ କ୍ଷୀଣ ହୁଏ ଚଳେ ସେ ଦ୍ରୁତ ବେଗରେ ।
ସନ୍ନିପାତ ମାଡ଼ିଆସେ ସେହି ବୈତରଣୀ
ଧେନୁଦାନ ଏଥିପାଇଁ ଅଟଇ କାରେଣୀ ।
ଯେ ଜନ ନିଜେ ନ କରେ ଅନ୍ତିମ କାଳରେ
ପୁତ୍ର ତା'ର କରାଇବ ସନ୍ତୋଷ ମନରେ ।
ପିତାର ଅନ୍ତିମ କାଳ ଜାଣି ଯେଉଁ ପୁତ୍ର
ଉତ୍ତମ ବ୍ରାହ୍ମଣ ଡାକି କରେ ପ୍ରାୟଶ୍ଚିତ ।
ପିତାର ଆରପାରରେ ସୁଖ ଇଚ୍ଛା କରି
ବସ୍ତ୍ର ଅଳଙ୍କାର ଧେନୁ ଅଙ୍ଗେ ସର୍ବ ଭରି ।
ଦାନ ଦେଇ ଦକ୍ଷିଣା ଯେ ଦିଅଇ ସୁଚିତ୍ତେ
ବୈତରଣୀ ନଦୀ ପାର ହୁଅଇ ନିଶ୍ଚିନ୍ତେ ।

ବ୍ରାହ୍ମଣର ବଚନେ ଯେ ଅନୁକୂଳ ବାତ
ଶ୍ରୀହରି ଯେ କର୍ଣ୍ଣଧାର ନାମ ନାବ ସତ ।
ପାପୀ ଆରୋହଣ କରି ସେହି ନାବ ତରେ
ଯାଏ ଅନାୟାସରେ ବୈତରଣୀ ଆରପାରେ ।
ଆତୁର ପକ୍ଷରେ ଏହା ଉଚିତ ଅଟଇ
ତାହାର ଫଳ ନିଶ୍ଚୟ ସେ ଜନେ ମିଳଇ ।
ଏହିପରି ଦାନ ଦେବା ପାଇଁ ଯେ ଅକ୍ଷମ
ହେବ ତେବେ କହୁଅଛି ଉପାୟ ଯେ ଆନ ।
ଶ୍ରୀହରି ନାମ କୀର୍ତ୍ତନ କରି ବା କରାଇ
ଶ୍ରବଣ କରି କର୍ଣ୍ଣରେ ମୁଖେ ବା ଗୁଣଇ ।
ଗୀତା ଭାଗବତ ଆଦି ଶୁଣି ବିପ୍ର ମୁଖ
ନାଶିବ ସକଳ ପାପ ତରିଯିବ ଦୁଃଖ ।
ଏକାଦଶୀ ତିଥି ଯେବେ ସେ କାଳେ ପଡ଼ିବ
ଏକାଦଶୀ ବ୍ରତ ପରି ପାପୁ ଉଦ୍ଧରିବ ।
ଗଙ୍ଗାଜଳ ମୁଖେ ପାପ ଶେଷକାଳେ କରେ
ଗଙ୍ଗା ମୃତ୍ତିକା ଧାରଣ କରେ ଯେ ବା ଶିରେ ।
ତୁଳସୀ କିମ୍ବା ତୁଳସୀ ମୂଳରୁ ଯେ ଜଳ
ପାନ କରେ ହରଷରେ ମାଟି ଘେନି ଶିର ।
ଶାଳଗ୍ରାମୋଦକ କିମ୍ବା ଚରଣ ତୁଳସୀ
ମହାପ୍ରସାଦ ଭକତି ଭରେ ପାଇ ଖୁସି ।
ବିଷ୍ଣୁ ମୂର୍ତ୍ତି ନିରୀକ୍ଷଣ କରିବ ଚକ୍ଷୁରେ
ଗୁଣ କୀର୍ତ୍ତନ ଶୁଣିବ ଅଥବା କର୍ଣ୍ଣରେ ।
ଜିହ୍ୱା ପାନ କରିପାରେ ପାଦୋଦକ ଯେବେ
ନାମ ଜପ ହୃଦୟରେ କରେ ଯଦି ଭାବେ ।
ସେ ଜନ କଦାପି ଯମପୁରକୁ ନ ଯାଏ ।
ବୈକୁଣ୍ଠ ଭୁବନେ ସୁଖ ଭୋଗେ ସେ ନିଶ୍ଚୟେ ।
ଆତୁର କାଳରେ ଧର୍ମ ଅଟଇ ଏପରି
ନିଜେ ନ ପାରିଲେ ପୁତ୍ର କରିବ ବିଚାରି ।
ପିତାର ମୃତ୍ୟୁ ସମୟେ ଜାଣିବ ଯେ ପୁତ୍ର
ଏହିପରି କାର୍ଯ୍ୟମାନ କରିବ ସାକ୍ଷାତ ।
ପିତାଙ୍କୁ ବସାଇ ନିଜେ ବସି ସମ୍ମୁଖରେ
ଯଥା ଶକ୍ତି ଦାନାନିରେ ବିପ୍ରେ ତୋଷ କରେ ।
ଶ୍ରୀହରି ମନ୍ଦିର ଚିତା ପିତାର ଲଲାଟେ
ତୁଳସୀମାଳ ଲମ୍ବାଇ ଦେବ କଣ୍ଠ ତଟେ ।
ଗଙ୍ଗାଜଳ ମୁଖେ ଦେବ ବିଷ୍ଣୁ ପାଦୋଦକ
ପିତାର ମୁଖରେ ଦେବ ପୁତ୍ର ଯେ ବିବେକ ।

Digitized by srujanika@gmail.com

ଏହିପରି କଲେ ଦେବେ ସନ୍ତୋଷ ହୁଅନ୍ତି
ପିତାର ପାପ ବିନାଶ ତକ୍ଷଣେ କରନ୍ତି ।
ତପ୍ତ ବୈତରଣୀ ନଦୀ ହେଲେ ହୁଏ ପାରି
ସ୍ୱର୍ଗ ସୁଖ ଭୋଗ କଲେ ଫଳରେ ତାହାରି ।
ଯେଉଁ ପୁତ୍ର ପିତୃ ହିତ ମାନସି ଏପରି
କାର୍ଯ୍ୟମାନ କରେ ଭବିଷ୍ୟତକୁ ବିଚାରି ।
ନିଜର ଅକ୍ଷୟ ଧର୍ମ ବଢ଼େ ଦିନୁ ଦିନ
ଅଷ୍ଟସିଦ୍ଧ ନବନିଧି ମିଳଇଟି ଜାଣ ।
ଗତି ମୁକତି ଲଭଇ ନ ରହଇ ପାପ
ବୈକୁଣ୍ଠ ଲଭଇ ସୁଖ ସେ ଜନ ଅମାପ ।
ଅନ୍ୟ ପରକାର ଦାନ ଆତୁର କାଳରେ
ଉପଦେଶ ଦେଇଛନ୍ତି ମୁନିଏ ଶାସ୍ତ୍ରରେ ।
ଆଠ ପ୍ରକାରର ଦାନ ଅଛଇ ପ୍ରମାଣ
କହୁଅଛି ତା'ର ବିଧି ମନ ଦେଇ ଶୁଣ ।
ତିଳ ସୁବର୍ଣ୍ଣ ଯେ ଲୌହ ତଇଳ ଲବଣ
ତୁଳା ଧାନ୍ୟ ଯେ ତଣ୍ଡୁଳ ଏହି ଆଠ ପୁଣ ।
ଦାନ ଦେଇ ପାଦେ ନମି ମାଗିବ ଏ ଦୋଷ
ମୁହିଁ ଦୁରାଚାର ପାପୀ କ୍ଷମ ମୋର ଦୋଷ ।
ଆତୁର କାଳରେ ବିପ୍ର ଡାକି ଦେବ ଦାନ
ନର୍କ ଭୋଗ ଆଦି ନାଶ ହୋଇବ ତକ୍ଷଣ ।
ପଞ୍ଚଦାନ କହୁଅଛି ଶୁଣ କରି ହେତୁ
ହରଡ଼ ମସୁର ବୁଟ ବିରି ମୃଗ ତତୁ ।
ଏହି ପାଞ୍ଚ ଶର୍ଯ୍ୟା ଦାନ ବ୍ରାହ୍ମଣକୁ ଦେବ
ଭୋଜନେ ସନ୍ତୋଷୀ ଯେ ଦକ୍ଷିଣାମାନ ଦେବ ।
ପାପ ବିନାଶ ହୁଅଇ ମିଳେ ଦିବ୍ୟ ଗତି
ମୁନିମାନେ ପୁରାଣ ଶାସ୍ତ୍ରରେ ବଖାଣନ୍ତି ।
ତ୍ରିଦାନ ବିଧି ଅଛଇ କହୁଛି ବିଚାରି
ଅତି ଆତୁର ଲୋକର ଏହା ହିତକାରୀ ।
ଗୋଧୂମ ତଣ୍ଡୁଳ ଘୃତ ଯତ୍ନେ ସଜାଡ଼ିବ
ବ୍ରାହ୍ମଣଙ୍କୁ ଡାକି ଯେଉଁ ଜନ ଦାନ ଦେବ ।
ପାପ ବିନାଶ ହୋଇଣ ଲଭେ ଦିବ୍ୟଭୋଗ
ଦାନର ଫଳେ ମିଳଇ ତାକୁ ସିନା ସ୍ୱର୍ଗ ।
ଏଥିରେ ଯଦ୍ୟପି ହେବ କେହିଟି ଅକ୍ଷମ
ଏକ ଦାନ କରିବ ସେ ନ ହୋଇବ ଭ୍ରମ ।
ତ୍ରିକାଳ ଦାନ ବୋଲିଣ କହନ୍ତି ତାହାକୁ
ଶୁକ୍ଳ କୃଷ୍ଣ ବର୍ଣ୍ଣ ଖୋଜି ଆଣୁ କର୍ପୂରକୁ ।
ଉତ୍ତମ ବ୍ରାହ୍ମଣ ଡାକି ଦାନକୁ ସମର୍ପି
ଦକ୍ଷିଣା ଦେବ ହରଷେ ନ ହେବ ସନ୍ତାପି ।
ମୃତ୍ୟୁ କାଳରେ ତ୍ରିକାଳ ଦାନ ଅଟେ ଏହା
ଅନ୍ୟ ପ୍ରକାରେ ଅଛଇ କହୁଅଛି ତାହା ।
ଲୌହପାତ୍ରେ ତୈଳ ଭରି ଲୌହରେ ନିର୍ମାଣ
ଦଣ୍ଡ ଅଙ୍କୁଶ ଖଡ଼ଗ ଆଦି ଶସ୍ତ୍ର ପୁଣ ।
ତୈଳପାତ୍ର ସହିତରେ ବ୍ରାହ୍ମଣକୁ ଦେବ
ଦକ୍ଷିଣା ଦେଇ ବିନୟେ ତାହାକୁ ତୋଷିବ ।
ଯମର ଆୟୁଧ ଏହି ଦାନକୁ କହନ୍ତି
ଯମଦୂତେ ଦେଖି ତାହା କରନ୍ତି ଯେ ଭ୍ରାନ୍ତି ।
ଯମ ସନ୍ତୋଷ ହୁଅଇ ଏହି ଦାନ ଦେଲେ
ପେତ୍ରଭୂମି ଦରଶନ ନ କରେ ସେ ହେଲେ ।
ଆଉ ଏକ ଗୋପନୀୟ ଦାନ ଅଛି ଶୁଣ
ଆତୁର କାଳରେ ତାହା ଅଟଇ ପ୍ରମାଣ ।
ସ୍ୱର୍ଣ୍ଣ ପଦ୍ମ ସ୍ୱର୍ଣ୍ଣ ଧେନୁ ମୁଦ୍ରିକା କୁଣ୍ଡଳ
ସ୍ୱର୍ଣ୍ଣ ଯଜ୍ଞସୂତ୍ର ଅବା ସୁବର୍ଣ୍ଣ କେବଳ ।
ଉତ୍ତମ ବ୍ରାହ୍ମଣ ଡାକି କରିବ ଯେ ଦାନ
ଅନ୍ତେ ବଇକୁଣ୍ଠ ପୁରେ କରିବ ଗମନ ।
ମିଷ୍ଟାନ୍ନ ଭୋଜନ ଦେଇ ବିପ୍ରେ ସନ୍ତୋଷିବ
ପାଟବସ୍ତ୍ର ଦେଇଣ ଦକ୍ଷିଣା ସମର୍ପିବ ।
ଦେବଦାନ ବୋଲି ଶାସ୍ତ୍ରେ ପ୍ରମାଣ ଅଛଇ
ଦେବତା ସନ୍ତୋଷ ହ୍ୱନ୍ତି ଦେଲେ ଦାନ ଏହି ।
ଯମଦଣ୍ଡ ନ ଦେଖଇ ନେତ୍ରରେ ଯେ ଦାନୀ
ସ୍ୱର୍ଗସୁଖ ଭୋଗ କରେ ସେ ଜନ ସୁଜ୍ଞାନୀ ।
ଦାନମାନଙ୍କରେ ସାର ଅଟେ ସ୍ୱର୍ଣ୍ଣ ଦାନ
ସର୍ବପାପ ବିନାଶକ ଅଟେ ସେହି ପୁଣ ।
ଅନ୍ତିମେ ସ୍ୱର୍ଗରେ ସୁଖ ମିଳଇ ତାହାକୁ
ସ୍ୱର୍ଗ ଭୋଗ ପରେ ଜନ୍ମ ମିଳଇ ତାହାକୁ ।
ରାଜକୁଳେ ଜନ୍ମ ହୁଏ ଲଭେ ବହୁ ସୁଖ
ଅକଳନ୍ତି ଧନ ମିଳେ ନ ପାଏ ସେ ଦୁଃଖ ।
ଧନ ସୁତ ଦାସଦାସୀ ପାତ୍ର ମନ୍ତ୍ରୀଗଣ
ପରିପୂର୍ଣ୍ଣ ଭାବେ ମିଳେ ହୁଏ ସେ ରାଜନ ।
ଆବର ଅଛଇ ଦାନ ଶୁଣ ହେ ଗରୁଡ଼
ସେ ଦାନେ ଯେମନ୍ତେ ଫଳ ହୁଅଇ ନିଗୂଢ଼ ।
ଏକ ଏକ କରି ସବୁ କହିବି କେବଳ
ଦାନମାନଙ୍କର ଅଟେ ନିର୍ମଳ ହିଁ ଫଳ ।

Digitized by srujanika@gmail.com

ତୁଳାଦାନେ ଯମଦୂତେ ସନ୍ତୋଷ ହୁଅନ୍ତି
ଯମ କାଳପାଶ ଗଳେ କେବେ ନ ପକାନ୍ତି ।
ଯମରାଜା ଭୟ ପାଇ ଲବଣକୁ ଦାନ
ଚିତ୍ରଗୁପ୍ତକୁ ସନ୍ତୋଷେ କର ଦାନ ଧ୍ୟାନ ।
ତିଳ ସୁବର୍ଣ୍ଣ ଲବଣ କାର୍ପାସ ଲୌହକୁ
ଦାନ ଦେଲେ ଖଣ୍ଡେ ଜାଣ ସମନ ବାଧାକୁ ।
ଶୁକ୍ଳଧାନ୍ୟେ ବିନାଶ ଯେ ହୁଅଇ ତ୍ରିତାପ
ଆବର ଦାନ ଅଛଇ ବିଶେଷେ ସେ ସପ୍ତ ।
ମୁଗ୍ଧ ରାଜ ମାସ ବ୍ରୀହି ପୁଣି ଗୋଧୂମରେ
ଶାଳୀଧାନ୍ୟ ତୈଳ ଘୃତ ପୂର୍ଣ୍ଣ ସପ୍ତମୀରେ ।
ବ୍ରହ୍ମହତ୍ୟା ଆଦି ପାପ ନାଶ ହୋଇ ପୁଣ
ବଢ଼ଇ ଚନ୍ଦ୍ରମା ପ୍ରାୟ ଜାଣ ଦିନୁ ଦିନ ।
ରତଗାଭୀ ସହିତରେ ବୃଷଭ ଯେ ଏକ
ଗୋ ଚର୍ମ ଲକ୍ଷ ହୁଅଇ ଏ ଦାନ ବିବେକ ।
ଜୀବ ମୁକ୍ତି ପାଇଁ ଏଥେ ହୋଇଛି ପ୍ରମାଣ
ତୀର୍ଥ ବ୍ରତ ଆଦି ସର୍ବ ନୁହେଁ ସରିସମ ।
ଅନ୍ୟ ଦାନମାନ ଯେତେ ଯେତେ ଅଛି ଜାଣ
ରାଜ୍ୟ ପାପ ପାଇଁକିଟି ଅଟେ ଭୂମି ଦାନ ।
ଅନ୍ୟମତେ ଭୂମିଦାନ ରହିଅଛି ବିଧି
ସେ ଦାନ ପ୍ରମାଣ କର ଶ୍ରବଣେ ଏ ବିଧି ।
ବୃକ୍ଷଫଳ ସହିତରେ ଭୂମିଦାନ ଦେଲେ
ତାହାର ପୂଣ୍ୟ ନ ସରେ କଥାରେ କହିଲେ ।
ରାଜ୍ୟ ପାପୀ ତହିଁ ଦୂର ହୁଅଇ କେବଳ
ଅନ୍ତେ ସ୍ୱର୍ଗେ ଇନ୍ଦ୍ରପଦ ଲଭଇ କେବଳ ।
କ୍ରମେ କ୍ରମେ ବଢ଼େ ଯଶ ମହାପାପ ପାଶ
ଅନ୍ୟ ଦାନରେ ଏ ଫଳ ନାହିଁ ପକ୍ଷୀ ଈଶ ।
ଭୂମିଦାନ ଠାରୁ ବଳି ନାହିଁ ଅନ୍ୟ କେହି
ଡକାଇ ବ୍ରାହ୍ମଣ ଦାନ କର ପାପ ପାଇଁ ।
ପାପ ନାଶ ହୁଅନ୍ତେ ଯେ ପୁଣ୍ୟ ହୁଏ ବୃଦ୍ଧି
ମିଳଇ ଅକ୍ଳେଶେ ମର୍ତ୍ତ୍ୟେ ତାକୁ ସର୍ବସିଦ୍ଧି ।
ଦେଇଥିବା ଭୂମି ଯେବେ ରାଜା ବଳେ ହରେ
ମହାପାପ ହୁଏ ତା'ର କହିଲେ ନ ସରେ ।
ଯେତେଦିନ ନର୍କେ ରହେ ତାହାର ଶରୀର
ସେତେଦିନ ନର୍କଭୋଗ କରଇ ଅପାର ।
ଯେତେଦିନ ଅନନ୍ତ ଧରିଛି ଏ ମହିକି
ସେତେଦିନ ନର୍କ ଭୋଗ ମିଳେ ନୃପତିକି ।

ନୁହଇ ଖଣ୍ଡନ କେବେ ଅନ୍ୟ ଦାନ କଲେ
ଲକ୍ଷେ ଭୂମିଦାନ ଦେଲେ ନ ଖଣ୍ଡଇ ଭଲେ ।
ତାହାର ପୁତ୍ର ଯଦ୍ୟପି ପୁରାଣ ଶୁଣିବ
ବିଧିମତେ ଗୁପ୍ତଦାନ ବ୍ରାହ୍ମଣକୁ ଦେବ ।
ସୁବର୍ଣ୍ଣ ଦାନକୁ ଗୁପ୍ତଦାନ ବୋଲି କହି
ଧେନୁଦାନକୁ ପୁରାଣେ ଋଷିମାନେ କହି ।
ସୁବେଦୀ ବ୍ରାହ୍ମଣ ଜଣେ ବରଣ କରିବ
ଧେନୁ ଦାନ ଦେବି ବୋଲି ମୁଖରେ କହିବ ।
ଶିବମୂର୍ତ୍ତି ସହିତରେ ବ୍ରାହ୍ମଣ ହସ୍ତରେ
ସେହି ଦାନକୁ ଅରପି ବିଧି ଅନୁସାରେ ।
ଧେନୁ ଦାନ ଆଠ ଯେ ପ୍ରକାରେ କୁହାଯାଏ
ରୁଦ୍ରଧେନୁ ଅନ୍ତଧେନୁ ମୋକ୍ଷଧେନୁ ହୁଏ ।
ଋଣ ଧେନୁ ଯୁକ୍ତଧେନୁ କ୍ରୟ ଧେନୁ ମାନ
କପିଳାଧେନୁ ସବତ୍ସା କରାଯାଏ ଦାନ ।
ଅଷ୍ଟଧେନୁ ଦାନ ଏହିପରି ଅଟେ ଜାଣ
ଏହାର ଫଳ ଅମାପ ଅଟେ ହେ ସୁପର୍ଣ୍ଣ ।
ଅରୁଦ୍ର ଦେନୁ ଦାନ ଦେବେ ଶରୀର ନିଷ୍ପାପ
ଋଣନ୍ତଧେନୁ ଦାନେ ପୃଥ୍ୱୀ ଫଳଇ ଅମାପ ।
ଋଣନ୍ତଧେନୁ ଦାନେ ହୁଏ ଜନ୍ମେ ଜନ୍ମେ ସୁଖି
ମୋକ୍ଷଧେନୁ ଦାନେ ମୋକ୍ଷଫଳ ବୋଲି ଲେଖି ।
କପିଳା ଧେନୁ ସବତ୍ସା କରିଲେଟି ଦାନ
ବହୁଧନ ମିଳେ ମର୍ତ୍ତ୍ୟେ ହୁଅଇ ରାଜନ ।
ଦୁଗ୍ଧବତୀ ବତ୍ସା ସହିତରେ ଯେ କପିଳ
ଦାନେ ମହାପୁଣ୍ୟ ହୁ, ଜାଣ ଆରେ ବାଳ ।
ରୁଦ୍ରଧେନୁ ଆଦି କରି ଅଷ୍ଟଧେନୁ ଫଳ
ଅସୀମ ଅଟଇ ବ୍ରହ୍ମା ଜାଣନ୍ତି କେବଳ ।
ଦାନର ବିଧାନମାନ ବୁଝାଇ କହିବି
ତୁମ୍ଭର ମନରୁ ପୁଣି ସନ୍ଦେହ ନାଶିବି ।
ପୂର୍ବରୁ ସୁବେଦୀ ଦ୍ୱିଜ ବରଣ କରିବ
ଗନ୍ଧଚନ୍ଦନ ଓ ପୁଷ୍ପ ଧୂପଦୀପ ଦେବ ।
ରୁଦ୍ରାଭିଷେକ ମନ୍ତ୍ରରେ ଅଭିଷେକ କରି
ରୁଦ୍ରତାଣ୍ଡବ ମହିମା ଯତ୍ନେ ପାଠ କରି ।
ମିଷ୍ଟାନ୍ନ ନୈବେଦ୍ୟ କରି ବ୍ରାହ୍ମଣେ ଭୁଞ୍ଜାଇ
ସବତ୍ସା କପିଳାଧେନୁ ଦାନ କରିବଇଁ ।
ଦାନ ପରେ ବିଧିମତେ ଦକ୍ଷିଣା ଯେ ଦେବ
ନମୋ ରୁଦ୍ରଦେବ କହି ଶରଣ ପଶିବ ।

Digitized by srujanika@gmail.com

ପାପମାନ ନାଶ ମୋର କର ଆଶୁତୋଷ
ଶରଣ ପଶିବି ପାଦପଦ୍ମେ କରି ଆଶ ।
ଏହି ଦାନଫଳ ଅନ୍ତେ ମିଳେ ବହୁ ସୁଖ
କାଳଦଣ୍ଡେ ଯମଦଣ୍ଡ ନ ହୋଇବ ଦୁଃଖ ।
ପରଜନ୍ମେ ମହାସୁଖୀ ହୋଇ ଜନମିବ
ରୁଦ୍ର ଧେନୁ ଦାନ ମିଳେ ଏ ସନକ ଭାବ ।
ଋଣଧେନୁ ଦାନଫଳ ହେ ଗରୁଡ଼ ଶୁଣ
ଯମଦ୍ୱାରେ ବନ୍ଧନ ନ ହୁଏ କଦାଚନ ।
ନାନା ଦୁଃଖେ ପଡ଼ି କରେ ପରଠାରୁ ଋଣ
ତଥାପି ପେଟ ତାହାର ନ ପୂରଇ ଜାଣ ।
ଜ୍ଞାନେ ବା ଅଜ୍ଞାନେ ଋଣ କରି ନ ଶୁଝଇ
ଅନ୍ତଃକାଳେ ଜନ୍ତୁପତି ସେ ଧନ ମାଗଇ ।
ସେ ପୁରେ ବା ଧନ କାହୁଁ ପାଇବ ଯେ ଦେବ
ଉପାୟଶୂନ୍ୟ ହୁଅଇ ପାଇଣ ପ୍ରାଭବ ।
ବିଧି ବିଧାନେ ନରକ ଯନ୍ତ୍ରଣା ଭୋଗଇ
ପଶୁପକ୍ଷୀ ଆଦି ଯୋନି ଜନମ ଲଭଇ ।
ପୂର୍ବଋଣ ପରିଶୋଧ ଯାଏ ନର୍କେ ଥାଇ
ଋଣ ଶୁଝିଲେ ସେ ଦଣ୍ଡୁ ମୁକତ ହୁଅଇ ।
ଅନାଡୁହ ଦାନ ଯେବେ ତା'ର ପୁତ୍ର କରେ
ତେବେ ତା' ପିତା ମୁକତି ଲଭଇ କାଳରେ ।
ଏଥିପାଇଁ ଋଣଧେନୁ ବୋଲି ନାମ ତା'ର
ଏବେ କହୁଅଛି ମୋକ୍ଷ ଧେନୁର ବିଚାର ।
ଧନ ଦେଇ କଳା ଗାଈ ଆଣିବ ଯେ କିଣି
ବ୍ରୀହି ଘାସ ଆଦି ଭୁଞ୍ଜାଇବ ତାକୁ ପୁଣି ।
ଡକାଇ ଉତ୍ତମ ଦ୍ୱିଜ ଆସନାଦି ଦେଇ
ଗନ୍ଧଚନ୍ଦନ ସମର୍ପି ସନ୍ତୋଷ କରାଇ ।
ପକ୍ୱଫଳ ଓ ମିଷ୍ଟାନ୍ନ ଭୁଞ୍ଜାଇ ଯତନେ
ପୁଷ୍ପ ଚନ୍ଦନାଦି ଦେଇ ପୂଜିବ ତକ୍ଷଣେ ।
ଅଳଙ୍କାର ପାଟବସ୍ତ୍ର ଆଦି ସମର୍ପିବ
ଦକ୍ଷିଣା ସହିତେ ଧେନୁ ତାଙ୍କୁ ଦାନ ଦେବ ।
ଏହି ଦାନେ ବୈତରଣୀ ନଦୀ ହୁଏ ପାର
ମୋକ୍ଷଦାନ ଏହାକୁ କହନ୍ତି ପକ୍ଷୀବର ।
ତ୍ରିପାପ ମୋଚନ ହୁଏ ଏହି ଦାନ ଫଳେ
ତ୍ରିପାପ କହନ୍ତି ଶୁଣ ମନର ନିଶ୍ଚଳେ ।
କିଶୋର ବୟସେ କରେ ଦୁଷ୍କୃତ ଅନେକ
ଯୌବନେ ଜ୍ଞାନେ କରଇ ବହୁତ ପାତକ ।
କନ୍ଦର୍ପ ଆସକ୍ତ ହୋଇ ହୁଏ ଉନମତ୍ତ
ଭଲମନ୍ଦ ବିଚାର ସେ ନ କରଇ ଚିତ୍ତ ।
ବାର୍ଦ୍ଧକ୍ୟେ କରଇ ଗର୍ବ ପୁତ୍ର କନ୍ୟା ଦେଖି
ଜ୍ଞାନ ହାରିଣ ଅଜ୍ଞାନେ କାହାକୁ ନ ଦେଖି ।
ଏହି ପାପକୁ ତ୍ରିପାପ ବୋଲିଣ କହନ୍ତି
ବୈତରଣୀ ଦାନେ ଏଥୁ ମୁକତି ଲଭନ୍ତି ।
ପୂର୍ବଜନ୍ମ ପାପମାନ ବିନାଶ ହୁଅଇ
ଲବେ ମାତ୍ର ପାପ ଅଙ୍ଗେ ତା'ର ନ ରହଇ ।
ପାପକର୍ମ ପାଇଁ ସାର ଅଟେ ଏହି ଦାନ
ପ୍ରତିକାର ଅଟେ ତାହା ଇହ ପରଜନ୍ମ ।
ମଧ୍ୟାହ୍ନ ପ୍ରଭାତ ସନ୍ଧ୍ୟାକାଳ ପାପ ଯେତେ
ଗୁରୁ ଜ୍ଞାତି ଗୁରୁଜନ ନିନ୍ଦାଦି ସହିତେ ।
ପାପକୁ ଦାନ କେବଳ ଅଟଇ ପ୍ରମାଣ
ପୁରାଣ ବଚନ କେଭେ ନ ହୋଇବ ଆନ ।
କପିଳା ଧେନୁ ବାଛୁରୀ ସହିତରେ ଦାନ
ଦକ୍ଷିଣା ଦେଇ ସନ୍ତୋଷ କର ବିପ୍ର ମନ ।
କପିଳା ଦାନର ପୁଣ୍ୟ ସଙ୍ଗେ ଆଉ କିଛି
ସମାନ ନ ହେବ ଏହି ପୁରାଣ କହିଛି ।
ବେଦଜ୍ଞ ବ୍ରାହ୍ମଣେ ଦେଲେ ସୁଫଳ ଫଳଇ
ମୂର୍ଖ ଦ୍ୱିଜେ ଦେଲେ ତାହା ନିଷ୍ଫଳ ହୁଅଇ ।
ଅଜ୍ଞାନରେ ଦାନ ଦେଲେ ବିପ୍ର ପାପୀ ହୁଏ
ମହାଦୋଷେ ଦୋଷୀ ଜାଣ ହୁଏ ସେ ନିଶ୍ଚୟେ ।
ଏହି ମତେ ଧେନୁ ଦାନ କଲେ ବୈନତେୟ
ଜୀବ ଉଦ୍ଧାର ହୁଅଇ ଏ କଥା ନିଶ୍ଚୟ ।
ଜୀବ ଉଦ୍ଧାର ନିମନ୍ତେ ଅଛି ଆଉ ଯାହା
ସଂକ୍ଷେପି କହିବି ତୁମ୍ଭ ଆଗେ ମୁହିଁ ତାହା ।
ସୁସ୍ଥ ଶରୀରରେ ଶ୍ରଦ୍ଧାଯୁକ୍ତେ ଦାନ ଦେଲେ
ସହସ୍ର ଲକ୍ଷ ଦାନ ଯେ ନୁହେଁ ତା'ର ତୁଲେ ।
ପ୍ରାଣ ପ୍ରୟାଣ କାଳରେ ଯେହୁ ଦିଏ ଦାନ
ବହୁଗୁଣେ ଦାନ ତା'ର ହୁଅଇ ବର୍ଦ୍ଧନ ।
ଅପାତ୍ରେ ନ ଦେବ ଦାନ ବିଫଳ ହୋଇବ
ଯେତେ ପୁଣ୍ୟ କରିଥିବ ସର୍ବ ନାଶଯିବ ।
ପୌରାଣିକ ବେଦାନ୍ତିକ ବ୍ରାହ୍ମଣ କରିବ
ଶୁଚିମନ୍ତ ହୋଇ ତାଙ୍କୁ ଦାନମାନ ଦେବ ।
ଉପକାର ଆଶା ନ ପୋଷିବ ହୃଦୟରେ
ତାଙ୍କ ଠାରୁ ପ୍ରତିଦାନ ନ ନେବ କାଳରେ ।

Digitized by srujanika@gmail.com

ସେହି ଦାନକୁ ସାତ୍ତ୍ୱିକ ଦାନ ଯେ କହନ୍ତି
ତାହାଦ୍ୱାରା ନିଶ୍ଚୟ ମିଳଇ ଜାଣ ମୁକତି ।
ପରାନ୍ନ ଭୋଗୀ ଯେ ଦ୍ୱିଜ ଅବା ପରଗୃହୀ
ବେଦଶାସ୍ତ୍ର ଯେଉଁ ଦ୍ୱିଜ କେବେ ପଢ଼େ ନାହିଁ ।
ପାପପୁଣ୍ୟକୁ ଯେ ଭୟ ନ କରଇ ତିଳେ
ସନ୍ଧ୍ୟା ତର୍ପଣ ଗାୟତ୍ରୀ ନ କରଇ ବେଳେ ।
ଏପରି ବିପ୍ରଙ୍କୁ ଯେଉଁ ଦାନମାନ ଦେବା
ସବୁ ଅକାରଣ ଘୃତ ଭସ୍ମରେ ପଡ଼ିବା ।
ସେହିପରି ବ୍ରାହ୍ମଣ ଯଦ୍ୟପି ଲୋଭେ ଦାନ
ଗ୍ରହଣ କରଇ ନର୍କେ ହୁଅଇ ପତନ ।
ପ୍ରେତପୁରେ ପ୍ରେତପତି ବହୁତ ଦଣ୍ଡଇ
ବହୁତ ଯାତନା ଭୋଗ ସେ ଦ୍ୱିଜ କରଇ ।
ଜ୍ଞାନୀ ବ୍ରାହ୍ମଣକୁ ଦାନ ଦେଲେ ହେ ଖଗେଶ
ଜନ୍ମ ଜନ୍ମାନ୍ତର ପାପ ହୋଇବ ବିନାଶ ।
ଦାନ ଦେବା ଲୋକ ମୋକ୍ଷ ସହଜେ ଲଭଇ
ବ୍ରାହ୍ମଣ ମଧ୍ୟ ବୈକୁଣ୍ଠ ପୁରକୁ ଗମଇ ।
ବ୍ରାହ୍ମଣ ବରଣ କରି ଦାନ ତାଙ୍କୁ ଦେବ
ତାଙ୍କ ପାଦେ ପଡ଼ି ନମସ୍କାର ଯେ କରିବ ।
ମୋର ପାପମାନ ନାଶ କରନ୍ତୁ ହେ ଦେବ
ଏହିପରି ଭିକ୍ଷା ତାଙ୍କ ପାଦରେ କରିବ ।
ଆନ ବିଧିମାନ ଅଛି ଶୁଣ ହେ ଗରୁଡ଼
କହୁଅଛି ତାହା ତୁମ୍ଭେ ମନ କର ଦୃଢ଼ ।
ହୋମ କରାଇବ ଘୃତ ଯବ ତିଳ ଦେଇ
ଅଗୁରୁ ଗୁଗୁଳେ ଖଣ୍ଡ ତଣ୍ଡୁଳ ମିଶାଇ ।
ବିଧିମତେ ପଞ୍ଚାମୃତ କରି ଅଗ୍ନି ଶାନ୍ତି
କରାଇବ ଦ୍ୱିଜ ଦ୍ୱାରା ନ କରିଣ ଭ୍ରାନ୍ତି ।
ଅଗ୍ନିକୁ ଶାନ୍ତ ନ କଲେ ହୁଏ ମହାପାପ
ଯମରାଜା ବାନ୍ଧି ଦଣ୍ଡ ଦିଅଇ ଅମାପ ।
ଦାନ ଥରେ ଦେଲି ବୋଲି ନ କରିବ ଗର୍ବ
ଋଣ କରି ଦାନ କଲେ ନର୍କେ ହେବ ଠାବ ।
ସାତ ପାଞ୍ଚ ମିଳି ଭାଗ କରି ଯେବେ ଦାନ
ଦେବେ ତେବେ ନର୍କଗତି ପୁରାଣ କଥନ ।
ଦାନୀୟ ଜୀବର ଗତି ନ ହୁଅଇ ଭଲ
ସେଥିରୁ ଉଦ୍ଧାର ଶୁଣ ହୋଇ କରି ସ୍ଥିର ।
କୃଷ୍ଣଧେନୁ ଅଳଙ୍କାର ମଣ୍ଡନ କରାଇ
ବ୍ରାହ୍ମଣ ହସ୍ତରେ ଯେବେ ତାକୁ ଦାନ ଦେଇ ।

ତେବେ ସେହି ପାପ ନାଶ ହୋଇବ ଅବଶ୍ୟ
ତେବେ ସେ ବିଧାନ ଏବେ ଶୁଣ ଖଗଈଶ ।
ପଦରେ ରଜତ ଶୃଙ୍ଗେ ସୁବର୍ଣ୍ଣ ଛାଏଣି
କୃଷ୍ଣବର୍ଣ୍ଣ ବସନକୁ ଅଙ୍ଗେ ଦେବ ପୁଣି ।
କର୍ଣ୍ଣେ ସ୍ୱର୍ଣ୍ଣ ଅଳଙ୍କାର କଣ୍ଠରେ ଘାଗୁଡ଼ି ।
ବ୍ରିହୀ ତଣ୍ଡୁଳ ସେ କୃଷ୍ଣଦୁର୍ବା ଦେବ ଲୋଡ଼ି
ଉତ୍ତମ ବସ୍ତ୍ରେ ରଖିବ ତାମ୍ର ଚଟ ଏକ
କଳା ମୁରୁଜରେ ଯମ ମୂରତିକୁ ଲେଖ ।
ସୁବର୍ଣ୍ଣ ପ୍ରତିମା ଏକ ନିର୍ମାଣ କରିବ
ତାମ୍ରଘଟ ମଧ୍ୟରେ ସେ ମୂର୍ତ୍ତିକି ରଖିବ ।
ଆଖୁ ବୃକ୍ଷେ ବୋଇଲେକ କରିଣ ନିର୍ମାଣ
ପାଟ ସୂତା ତା'ର ଦେହେ କରିବ ବେଷ୍ଟନ ।
ଗଭୀର ଗର୍ତ୍ତ କରିଣ ତାହାର ପାଖରେ
ସୁବାଷିତ ଜଳ ପୂରାଇବ ସେ ଗର୍ତ୍ତରେ ।
ସେ ନାବରେ ପାଞ୍ଚମନ ପ୍ରକୃତି ସହିତେ
ସ୍ଥିର କରି ନାବ ବୋଲି ଭାବିବ ସୁଚିତ୍ତେ ।
ସେହି ସ୍ଥାନେ ତଣ୍ଡୁଳ ଯେ ଶ୍ରୁବକୁ ଧରିବ
କୁଶ ଜଳ ମିଶ୍ରିତରେ ସଂକଳ୍ପ କରିବ ।
ସପ୍ତଦ୍ରବ୍ୟ ଚିନ୍ତା ଯେ କରିବ ସ୍ଥିର ଚିତ୍ତେ
ବିଧି ବିଧାନେ ପୂଜିବ ଧେନୁକୁ ନିୟତେ ।
ପୂର୍ବମୁଖ ହୋଇ ବିଜ୍ଞ ବ୍ରାହ୍ମଣ ହସ୍ତରେ
ସେହି ଧେନୁ ସହିତରେ ଦ୍ରବ୍ୟ ଦାନ କଲେ ।
ବିପ୍ରଙ୍କୁ ଶିବ ସ୍ୱରୂପେ ପ୍ରାର୍ଥନା କରିବ
ଏ ମାୟା ସଂସାରୁ ମୋତେ ପାରି କରିଦେବ ।
ତୁମ୍ଭେ ହରିହର ଦୟାସାଗର ଗୋସାଇଁ
ମୋର ପାପ ନାଶି ଦିବ୍ୟଗତି ଦେବ ସେହି ।
ଏହିପରି ସ୍ତୁତି କରି ପ୍ରଣତି କରିବ
ତପ୍ତ ବୈତରଣୀ ତରି ଭେଳାରେ ସେ ଯିବ ।
ଧେନୁକୁ ମଧ୍ୟ ପ୍ରାର୍ଥନା କରିବ ଏପରି
ସୁଫଳ ଫଳୁ ମୋହର ତୋ' ଦୟାରୁ କରି ।
ମାତା ପିତା ଭାଇବନ୍ଧୁ ଜ୍ଞାତିଙ୍କ ପାତକ
ଖଣ୍ଡନ କର ଗୋମାତ ପ୍ରାର୍ଥନା ଏତେକ ।
ମୁହିଁ ଦୁରାଚାର ପାପୀ କ୍ଷମ ମୋର ଦୋଷ
ବିପ୍ରେ ଦାନ ଦେଲି ମାଗୋ ନ ବହିବ ରୋଷ ।
ତୁମ୍ଭ ପୁଚ୍ଛ ଧରି ବୈତରଣୀ ହେବି ପାରି
ଜନ୍ତୁନାଥ ଆଗୋ ମାତ କହିବୁ ବିସ୍ତାରି ।

Digitized by srujanika@gmail.com

ତୁମ୍ଭ ଆଶିଷ ଲଭିଲେ ନ ଦଣ୍ଡିବ ଯମ
ତୁମ୍ଭେ ଲକ୍ଷ୍ମୀରୂପା ମାତା ଧେନୁଙ୍କ ଉତ୍ତମ ।
ଏହିପରି ସ୍ତୁତି କରି କରି ପ୍ରଦକ୍ଷିଣ
ସର୍ବ ଦୋଷ ଶାନ୍ତି ହୁଏ କଲେ ଏ ବିଧାନ ।
ଯମଦଣ୍ଡ ନ ଲାଗଇ ତାହାକୁ କିଞ୍ଚିତେ
ଇନ୍ଦ୍ର ସଙ୍ଗେ ସୁଖଭୋଗ କରେ ସ୍ୱର୍ଗେ ନିତ୍ୟେ ।
ଅକାଳରେ ଦାନ କଲେ ନୁହେଁ କିଛି ଫଳ
ପୂଣ୍ୟକାଳେ ଦାନ କଲେ ଅଧିକ ତା' ଫଳ ।
ତୀର୍ଥେ ବଟଛାୟା ତଳେ ଦେବତା ମନ୍ଦିରେ
ଅମାବାସ୍ୟା ସଂକ୍ରାନ୍ତି ବା ପୂର୍ଣ୍ଣିମା ଦିନରେ ।
ଧର୍ମ ମାସେ ପିତୃପକ୍ଷେ ଗ୍ରହଣାଦି ବେଳେ
ସୁଚିତ୍ତରେ ଦାନ ଦେଲେ ବହୁ ଫଳ ମିଳେ ।
ଏଥୁ ଏକ ଦିନ ଅଟେ ଅତ୍ୟନ୍ତ ଗୁପତ
ସିଦ୍ଧମନ ଯେତେବେଳେ ହୋଇବ ନିଶ୍ଚିତ ।
ସେହି ବେଳ ଗୋଟି ଜାଣ ମହତ ଅଟଇ
ଅଳପ ଦାନରେ ବହୁ ଫଳ ଯେ ମିଳଇ ।
ଧନ ଯଉବନ ସଦା ପାଶରେ ନ ରହେ
ଧ୍ୟାନ ମନ୍ତ୍ର ମନେ ସଦା ସର୍ବଦା ନ ଥାଏ ।
କେତେବେଳେ ଅଜଣାରେ ମୃତ୍ୟୁ ଯେ ଆସିବ
କେଶ ଧରି ବଳାତ୍କାରେ ଓଟାରିଣ ନେବ ।
ଆଗୁ ସାବଧାନ ହୋଇ ସୁସ୍ଥ ଶରୀରରେ
ଶୁଦ୍ଧ ମନ ହୋଇ ଦାନ ଦେବ ସେ ବିଧିରେ ।
କ୍ଷଣ ଭଙ୍ଗୁର ଏ ଦେହ ସଂସାରେ ଅଟଇ
କାହାରି ଉପରେ ପୂର୍ଣ୍ଣ ଆସ୍ଥା ନ ରହଇ ।
ବୈରାଗ୍ୟ ଜନମେ ଯେବେ ଚିତ୍ତରେ ସତତ
ତେବେ ଯାଇଁ ଜନ୍ମବନ୍ଧୁ ହୋଇବ ମୁକତ ।
ଦୁଃଖିତ ମନରେ ଯଦି ଦାନକୁ କରିବ
ସେ ଦାନର ଫଳ କେବେ ଭଲ ନ ହୋଇବ ।
ଅଳ୍ପ ଦେଇ ବହୁତ କରିଣ କହି ଦେଲେ
ନର୍କ ବାସ ତାହାର ହୁଅଇ ଜାଣ ଭଲେ ।
ନର୍କ ଭୋଗ ପରେ ମର୍ତ୍ତ୍ୟେ ପଙ୍ଗୁହୋଇ ଜନ୍ମେ
ନିରନ୍ତର କଷ୍ଟ ଭୋଗ କରେ ଖାଦ୍ୟ ବିନେ ।
ନିଜେ ଦାନ କରେ ପୁତ୍ରେ ଯେ କରାଏ ଦାନ
ସୁଚିତ୍ତରେ ନ ହୋଇଣ କେବେ ଖେଦ ମନ ।
ଅନ୍ତକାଳେ ସେହି ଜନ ମୁକତି ଲଭଇ
ଦାନର ଫଳେ ସେ ଦିବ୍ୟ ଭୋଗକୁ ଭୁଞ୍ଜଇ ।

ସଂସାରେ ସାର ଅଟଇ ମନୁଷ୍ୟ ଜୀବନ
ଦାନ ଧର୍ମ ମୋକ୍ଷଦ୍ୱାର ଅଟେ ବୋଲି ଜାଣ ।
ଯେ ଜନ କରଇ ଯମ ଦଣ୍ଡ ନ ଲାଗଇ
ମୋକ୍ଷ ଗତି ସେହି ଜନ ଅବଶ୍ୟ ଲଭଇ ।
ଧନ ପୁତ୍ର ଗୃହ ଦେହ ପତ୍ନୀ କନ୍ୟାମାନ
ଦାସ ଦାସୀ ସମ୍ପଦ ଏ ମାୟାର ଭିଆଣ ।
ଆତ୍ମାର ଆତ୍ମା ହିଁ ବନ୍ଧୁ ନୁହଇ ଅପର
ଜୀବନ ଯିବା କାଳରେ ଆତ୍ମା ଚିନ୍ତା କର ।
ଜୀବ ଥାଉ ଜୀବଦାନ ଯେ ଜନ ଦିଅଇ
କାହାର ସୁକୃତ ମୁଖେ କହି ଯେ ନୁହଇ ।
ଜୀବନ ଦେଲେ ଜୀବ ଏ ନୁହଇ ନିସ୍ତାର
ଜୀବ ଜନ୍ମ ହେଲେ ଜୀବ ଲଭଇ ଉଦ୍ଧାର ।
ପୁରାଣ ପଠନ ନାମ ମନ୍ତ୍ରାଦିର ଜପ
ଚିତ୍ତେ ଜପ କଲେ ତିଳେ ନ ରହଇ ପାପ ।
ଜୀବର ମୁକତି ମୂଳ ହରିନାମ ସିନା
ବ୍ରହ୍ମହତ୍ୟା ପାପ ନାଶ ନୁହେଁ ନାମ ବିନା ।
ଜୀବ ଯିବାର କାଳରେ ସାହା କେ ନୋହିବେ
ମିଛେ ମିଛେ କନ୍ଦାକଟା ମିଳି କରୁଥିବେ ।
କହୁଥିବେ ଥୋକେ ଭଲ ହେଲା ଗଲା ମରି
କିଏ ଏତେ ଦୁଃଖ ଭୋଗ କରନ୍ତା କିପରି ।
ଜୀବକୁ ଯମର ଦୂତେ ଯେପରି ବାନ୍ଧନ୍ତି
ବନ୍ଧୁ ବାନ୍ଧବେ ସେପରି ବାନ୍ଧି ଘେନିଯାନ୍ତି ।
କାଷ୍ଠ ସଜାଇଣ ତହିଁରେ ଶୁଆଇଣ ଜୁଇ
ମୁଖରେ ସଂଯୋଗ ସେ କରନ୍ତି ପୁଣି ନେଇ ।
କେହି ବା ଗାତ ଖୋଳିଣ ପୋତିଣ ଦିଅନ୍ତି
ଶ୍ୱାନ ଶୃଗାଳ ଯେ ଗୃଧ ଆହାର କରନ୍ତି ।
ଦଶ ଦିନ ପରିଯନ୍ତେ ଜ୍ଞାତି ପୁତ୍ର ଦାରା
ଲୋକ ଦେଖାଣିଆ ଦୁଃଖ କରନ୍ତି ସେ ପରା ।
କେତେ ପାପ କରି ଧନ ଅର୍ଜି ରଖିଥିବ
ମଲାବେଳେ କେହି ତାହା ସଙ୍ଗରେ ନ ନେବ ।
ପୁତ୍ର ପତ୍ନୀ ଦାନ ଦେବ ସେ ଧନ କଢ଼ାଏ
ସାଇତି ରଖିଲେ ଆଗମନ କରିଥାଏ ।
ପୂର୍ବ କର୍ମ ବଳେ ଜୀବ ଲଭଇ ମୁକତି
ପାପ ଫଳେ ତାହାରଟି ହୁଏ ନର୍କ ଗତି ।
ସଂସାର ଅଟଇ ମାୟା ନୁହେଁ ତିଳେ ସତ୍ୟ
ଗୃହ ଧନ ଦାରାସୁତ ସର୍ବ ଅନିଶ୍ଚିତ ।

Digitized by srujanika@gmail.com

ସନ୍ଧ୍ୟାକାଳେ ନାନା ପକ୍ଷୀ ନାନା ଦେଶୁ ଆସି
ବୃକ୍ଷ ପରେ ଯେଉଁ ପରି ସର୍ବେ ଥାନ୍ତି ବସି ।
ସୂର୍ଯ୍ୟେ ଉଦୟ ହୋଇଲେ ଇଚ୍ଛା ଅନୁସାରେ
ଭିନ୍ନ ଭିନ୍ନ ସ୍ଥାନରେ ଗମନ୍ତି ଖରତରେ ।
ସେହିପରି ଏ ସଂସାର ବୃକ୍ଷ ଏକ ଅଟେ
କେହି ନୁହନ୍ତି କାହାର ବୃଥା ସର୍ବ ଘଟେ ।
କିଏ କାହା ପୁତ୍ର କିଏ କାହାର ଜନକ
କେବା ପତ୍ନୀ କେବା ପତି ସର୍ବେ ଅବିବେକ ।
ଯେଉଁ ଶରୀର ପୋଷଣେ ଜୀବ ଆଶା କରେ
ସେ ତ ନିଜର ନୁହଇ ଅନର୍ଥ ପଚାରେ ।
ତେଣୁ ହେ ଗରୁଡ଼ ଏକା ରଖିଥିବ ମନ
ସଂସାରେ କରତା ଏକା ସେହି ଭଗବାନ ।
ସବୁଟି ତାହାଙ୍କ ମାୟା ସେ ସର୍ବ ନିୟନ୍ତା
ଚର ଅଚର ପ୍ରାଣୀଙ୍କ ସେହି ଜନ୍ମଦାତା ।
ଯାହାଙ୍କ ନାମ ସ୍ମରଣେ ପାତକ ନାଶଇ
ଅନ୍ତେ ବଇକୁଣ୍ଠ ଗତି ଜୀବ ଯେ ଭୁଞ୍ଜଇ ।
ଧର୍ମ ଅର୍ଥ କାମ ମୋକ୍ଷ ଚତୁର୍ବର୍ଗ ଫଳ
ଯାହାଙ୍କ ନାମ ସ୍ମରିଲେ ହୋଇବ ମଙ୍ଗଳ ।
ଫଳ ପତ୍ର ପୁଷ୍ପ ଦେଇ ତାହାଙ୍କୁ ପୂଜିବ
ତାଙ୍କ ପ୍ରୀତି ପାଇଁ ଧେନୁ ଦାନ ଯେ କରିବ ।
ଧର୍ମ କାର୍ଯ୍ୟମାନ ଯାହା କରୁଥିବ ନିତି
ତାହାଙ୍କ ପାଦପଦ୍ମରେ ସମର୍ପିବ ଚିନ୍ତି ।
ସେ ହରି ସ୍ମରଣ କରି ଯିବାବେଳେ ପ୍ରାଣ
ସ୍ୱର୍ଣ୍ଣଧେନୁ ଆଦି ସେହି କରିଥାଏ ଦାନ ।
କି ଅବା ପିତାର ଆସେ ଆତୁର ସମୟ
ଜାଣି ପୁତ୍ର ଦାନ ଦିଏ ସ୍ମରି ଦୟାମୟ ।
ବିଷ୍ଣୁ ତୋଷେ ଦାନ ଦେଇ ପ୍ରାର୍ଥନା କରଇ
ମୋର ପିତାଙ୍କୁ ସୁଗତି ଦିଅ ଭାବଗ୍ରାହୀ ।
ପିତା ମାତା ଖୁଡୁତା ବା ଖୁଡ଼ି ଆଦି ପାଇଁ
ଯେଉଁ ଜନ ଧେନୁ ଆଦି ଦାନକୁ କରଇ ।
ସେମାନେ ମୁକତି ଲଭି ସ୍ୱର୍ଗରେ ବସନ୍ତି
ତାହାଙ୍କ କଲ୍ୟାଣେ ପୁତ୍ର ପାଏ ସଦ୍‌ଗତି ।
କହିଲେ ନ ସରେ ସେହି ଜନର ଭାଗ୍ୟକୁ
ମଣ୍ଡନ କରଇ ସେହି ଦେବଙ୍କ ସଭାକୁ ।
ପରିଚାର ପରି ଯେ ଦେବତାମାନେ ମିଳି
ସଦାସରବଦା ସେବା କରୁଥାନ୍ତି ଭାଳି ।
ବହୁକାଳ ସ୍ୱର୍ଗସୁଖ ଲଭଇ ସେ ଜନ
ଦେବୀମାନେ ଚାମର ଢାଳନ୍ତି ଅନୁକ୍ଷଣ ।
ସ୍ୱର୍ଗ ଭୋଗ ଅନ୍ତେ ମର୍ତ୍ତ୍ୟେ ହୁଅଇ ଜନମ
ଉଚ୍ଚ ବଂଶରେ ଭୋଗଇ ବହୁ ସୁଖମାନ ।
ଏହିପରି ଦାନ ଫଳ ପ୍ରତ୍ୟକ୍ଷ ଅଟଇ
ପିଣ୍ଡ ଦାନ ଧେନୁ ଦାନ ସ୍ୱର୍ଣ୍ଣ ଦାନ କହି ।
ପଚାରିବା କଥାମାନ ବୁଝାଇ କହିଲି
ବହୁ ଗୁପ୍ତତ ଚରିତ ତୋତେ ବୁଝାଇଲି ।
ଚିତ୍ତରୁ ସନ୍ଦେହ ତୋର ହୋଇଲା ନା ନାଶ
ସନ୍ଦେହ ଥିଲେ ପଚାର କହିବି ଅବଶ୍ୟ ।
ଏତେ କହି ନିରୁତ୍ତର ହୋଇଲେ ଶ୍ରୀହରି
ଗରୁଡ଼ ସାଷ୍ଟାଙ୍ଗେ ପ୍ରଣିପାତ ପାଦେ କରି ।
ବହୁତ ବିନୟ କରି ବଚନ କହିଲା
ଶ୍ରୀହରି ଚରଣତଳେ ଶରଣ ପଶିଲା ।
ସେ ପ୍ରଭୁ ଭୃତ୍ୟଙ୍କ ପଦ କମଳେ ଏ ଦୀନ
ଆର୍ତ୍ତତ୍ରାଣ ସ୍ମରି ଏବେ ପଶିଲା ଶରଣ ।
ଆହେ ମହାବାହୁ କମଳାଙ୍କ ପ୍ରାଣବନ୍ଧୁ
ଉଦ୍ଧାର କରିବ ଦାସେ ଏହି ଭବ ସିନ୍ଧୁ ।
ସ୍ୱର୍ଗ ବା ନରକେ ବାସ ଦିଅନ୍ତୁ ଶ୍ରୀହରି
ତବ ପାଦପଦ୍ମ ଚିତ୍ତେ ଥିବି ଯେତ୍ନେ ଧରି ।
ସ୍ୱର୍ଗ ସମ ପୁର ମଧ୍ୟେ ବିହରି ଆନନ୍ଦେ
ତବ ପାଦପଦ୍ମ ଧରିଥିବି ସଦା ହୃଦେ ।
ସେତିକି ମୋହର ଆଶା ଆହେ ଦୟାମୟ
ଅଧମ ଦାସାନୁଦାସେ ବାରେ ଦୟାବହ ।
ଦୟାସାଗରୁ ବିନ୍ଦୁଏ ଦିଅ ଏ ଦୀନକୁ
ଗତି ମୁକତି ଦୟାକୁ ଆନ୍ତିମ କାଳକୁ ।
ପ୍ରେତ ପ୍ରତି କରାଳ ବଦନ ରକ୍ତ ଚକ୍ଷୁ
ଏ ଦୀନ ଯେପରି ବାରେ ନୟନେ ନ ଦେଖୁ ।
ଏତିକି ମାତ୍ରକ ଅଳି ଚରଣ ସରୋଜେ
ଦୟା କରି ଦୟାନିଧି ଦେବ ଦୀନ ଦ୍ୱିଜେ ।

ଇତିଶ୍ରୀ ଶ୍ରୀ ଗରୁଡ଼ ପୁରାଣେ ନୈମିଷାୟୋ
ପାଖ୍ୟାନେ ଭଗବାନ ଗରୁଡ଼ ସମ୍ବାଦେ
ଆତୁରାଣାଂ ଧେନୁଦାନାଦିଫଳ ନିରୂପଣଂ
ନାମ ନବମୋଽଧ୍ୟାୟୋଃ

—o—

Digitized by srujanika@gmail.com

ଦଶମ ଅଧ୍ୟାୟଃ

ପାପପୁଣ୍ୟ ବିଚାର

ଗରୁଡ଼ ଉବାଚ୍

ପୁଣି ଗରୁଡ଼ ପୁଚ୍ଛଇ ଶ୍ରୀହରି ଛାମୁରେ
ତୁମ୍ଭର କୀର୍ତ୍ତି ରହିଛି ଯୁଗ ଯୁଗାନ୍ତରେ ।
ଆବର ଦାନ ପ୍ରସଙ୍ଗ ବୁଝାଇ କହିଲେ
ସେ ଦାନରେ କେତେ ପୁଣ୍ୟ ଅଛି କୁହ ଭଲେ ।
ଜୀବ ଯିବା କାଳେ କଲେ ସେ ବିଧିର ଦାନ
କେଉଁ ମୁକତି ଲଭନ୍ତି କହ ମର୍ତ୍ତ୍ୟ ଜନ ।
ସକଳ ବୁଝାଇ ମୋତେ କହିବ ଗୋସାଇଁ
ତୁମ୍ଭର ଦାସାନୁଦାସ ଅଟେ ସିନା ମୁହିଁ ।
ଏହା କହିଣ ଗରୁଡ଼ ପୟରେ ଲୋଟିଲା
ଭକତିଭରେ ପାଦୁକା ଶିରପରେ ଦେଲା ।
ତାହାର ଭକତି ଭାବ ଦେଖିଣ ଶ୍ରୀହରି
ଧୀର ଗମ୍ଭୀର ବଚନେ କୁହନ୍ତି ବିସ୍ତାରି ।

ଶ୍ରୀ ଭଗବାନ ଉବାଚ୍

ଯାହା ପଚାରିଲ ତୁମ୍ଭେ ଅବଶ୍ୟ କହିବି
ତୁମ୍ଭର ଅବାଞ୍ଛା ମୁହିଁ ବିନାଶ କରିବି ।
ଧ୍ୟାନ କର ଗୁରୁମନ୍ତ୍ର ଶ୍ରୀଗୁରୁ ଚରଣ
ଜପ କର ଅଷ୍ଟାକ୍ଷର ମନ୍ତ୍ର ପୁଣ ପୁଣ ।
ମନ୍ତ୍ର ଜପେ ଖଣ୍ଡଇଟି ସକଳ ପାତକ
ଅନ୍ତେ ମିଳଇ ସୁଗତି ମିଳେ ସ୍ୱର୍ଗଲୋକ ।
ଅନ୍ତିମ କାଳ ହୋଇଲେ ଦୃଢ଼ କରି ଧର
ତୁଳସୀ ବୃକ୍ଷ ଅଟଇ ମୋକ୍ଷ ମାର୍ଗେ ସାର ।
ଗୋମୟରେ ଚଉରାକୁ ଆନନ୍ଦେ ଲିପିବ
ତାହାପରେ ଛାୟା ମଣ୍ଡପକୁ ନିର୍ମାଣିବ ।
ପଞ୍ଚ ବର୍ଣ୍ଣ ମୁରୁଜରେ ମଣ୍ଡଳ କରିଣ
ତହିଁ ଦିବ୍ୟାସନ ଏକ କରିବ ସ୍ଥାପନ ।
ତିଳ ତଣ୍ଡୁଳ ତୁଳସୀ କୁଶ ପୁଷ୍ପ ହୋଇ
ତାମ୍ର ପାତ୍ରୀ ଗୁବାକ ଯେ ପଞ୍ଚାମୃତ ନେଇ ।
କଳା ଖସା ସେ ଆସନେ ବର୍ତ୍ତୁଳେ ରଖିବ
କିଛି କୁଶ ତାହା ପରେ ସଜାଡ଼ି ଥୋଇବ ।
ଭିନ୍ନ ଭିନ୍ନ ରଙ୍ଗେ ପାଟ ବସ୍ତ୍ରମାନ ତହିଁ
କର୍ପୂର ଚନ୍ଦନ ଆଦି ସିଞ୍ଚିବକ ନେଇ ।
ଶଳଗ୍ରାମ ମୂର୍ତ୍ତି ତାହା ଉପରେ ବସାଇ
ଧୂପ ଦୀପ ନୈବେଦ୍ୟାଦି ସମର୍ପିବ ନେଇ ।
ଶୁଦ୍ଧ ଚିତ୍ତେ ଶ୍ରଦ୍ଧା ସହିତରେ ପୂଜା କରି
ପ୍ରସନ୍ନ କରାଇବ ଯେ ଦେବ ନରହରି ।
ତାଙ୍କ ପ୍ରସାଦେ ବିନାଶ ହେବ ସର୍ବ ପାପ
ଦିନକୁ ଦିନ ବଢ଼ଇ ଧର୍ମର ସ୍ୱରୂପ ।
ଡରି ଯମଗଣେ ସେହି ସ୍ଥାନକୁ ନ ଯାନ୍ତି
ଦୂରରୁ ପ୍ରଣାମ କରି ଲେଉଟି ଆସନ୍ତି ।
ଶାଳଗ୍ରାମ ସମ୍ମୁଖରେ ବିସର୍ଜିଲେ ପ୍ରାଣ
ସଂସାର ବନ୍ଧନୁ ଉଦ୍ଧରନ୍ତି ଜୀବଗଣ ।
ମୋର ସୋଦରୁ ଯେ ତିଳେ ଜନମ ହୋଇଲା
ପାପ ବିନାଶନ କାର୍ଯ୍ୟେ ଆବଶ୍ୟକ ହେଲା ।
ତିଳ ଦେଖିଲେ ଅସୁରେ ଭୟ ଯେ କରନ୍ତି
ତାହାର ପ୍ରଭାବେ ପାଶେ ପଶି ନ ପାରନ୍ତି ।
ମୋ ଅଙ୍ଗ ବିଭୂତି ହେତୁ କୁଶ ଜନମିଲା
କୁଶ ପବିତ୍ର ହେତୁଟି ବ୍ରହ୍ମା ଘେନିଗଲା ।
ଏଣୁ କୁଶାସନେ ଶୋଇ ପ୍ରାଣ ବିସର୍ଜିଲେ
ଉଦ୍ଧାର ହୁଅଇ ଜୀବ ଜାଣିଥାଅ ଭଲେ ।
କୁଶ ଅଗ୍ରେ ସଦାଶିବ କରନ୍ତି ଯେ ବାସ
ମଧ୍ୟରେ ଶ୍ରୀହରି ପୁଣି କରନ୍ତି ନିବାସ ।
କୁଶ ଧେନୁ ବିପ୍ର ଅଗ୍ନି ଆବର ତୁଳସୀ
ପବିତ୍ର କରିବା ଲାଗି ସର୍ବଦା ପ୍ରୟାସୀ ।
ଶୁଭା ଶୁଭ କାର୍ଯ୍ୟରେ ଯେ ଲୋଡ଼ା ହୁଏ କୁଶ
କୁଶ ଜଳେ ବ୍ୟାଧିମାନ ହୁଅଇ ବିନାଶ ।
କୁଶାସନେ କୁଶ ଆମ୍ଭେ ଦେଉଅଛୁ ଜାଣ
କୁଶ ତିଳ ଯବ ଯେ ତୁଳସୀ ଜଳ ସମ ।
ଆମ୍ଭର ପାଦୁକା ମନ୍ତ୍ର ଅଛି ବିପ୍ର ମୁଖେ
ସେ ମନ୍ତ୍ର ପାଦୁକା ପାନ କରିଲେଟି ସୁଖେ ।
ଶୁଦ୍ଧମନେ ଶୁଦ୍ଧ ଜଳେ ବ୍ରାହ୍ମଣ ସିଞ୍ଚିଲେ
ପବିତ୍ର ହୁଅନ୍ତି ଜୀବେ ଜାଣିଥାଅ ଭଲେ ।
ବ୍ରାହ୍ମଣେ ମର୍ତ୍ତ୍ୟରେ ମୋକ୍ଷଦାତା ଯେ ଅଟନ୍ତି
ମୋକ୍ଷା ମୋକ୍ଷର କରତା ସେ ସିନା ଅଟନ୍ତି ।
କୁଶ ଯେପରି ଅଶୁଦ୍ଧ ହୁଏ କହୁଅଛି
ଶୁଣିବାକୁ ତାହା ମୁହିଁ ତୁମ୍ଭଙ୍କୁ କହୁଛି ।
ପ୍ରେତ ଶ୍ରାଦ୍ଧ ପିତୃଶ୍ରାଦ୍ଧ ପିଣ୍ଡଦାନେ କୁଶ
ମହାନଷ୍ଟ କୁଶ ଅଟେ ସର୍ବ କରେ ନାଶ ।

Digitized by srujanika@gmail.com

ନଷ୍ଟ କୁଶ ଅପବିତ୍ର କରଇ ଜୀବକୁ
ପୁଣ୍ୟ କାର୍ଯ୍ୟ କରେ ଭୋଗ କରଇ ନର୍କକୁ ।
ନଷ୍ଟ କୁଶ ଯେତେ ପରିତ୍ୟାଗ କରି ତାହା
ଶୁଦ୍ଧ କୁଶରେ କରିବ କର୍ମମାନ ଯାହା ।
ନୀଚ ଜାତି ହୋଇ ବିଷ୍ଣୁ ମନ୍ତ୍ର ଅଭ୍ୟାସିଲେ
ଜପ ତପ ବି ଅର୍ଥ ହୁଅଇ ଜାଣ ଭଲେ ।
ନରକେ କ୍ଲେଶ ଦିଅନ୍ତି ଯମ ଦୂତମାନ
ଜାତି କୁଳ ତାହାରଟି ହୁଅନ୍ତି ନାଶନ ।
ନୀଚ ଦ୍ୱାରେ ମୋ ବସତି କଦାପି ନ ହୁଏ
କେବଳ ଭକତ ହେଲେ ନ ଥାଏ ସଂଶୟେ ।
ନିତି ଗୋମୟେ ଲେପନ କରି ପଦ୍ମ ଲେଖି
ମୋର ରୂପ ତହିଁ ପରେ ନେଇକରି ରଖି ।
ମଣ୍ଡଳ ଛିଦ୍ର ହୋଇଲେ ମୁଁ ନ ବସେ ତହିଁ
ଅଛିଦ୍ର ମଣ୍ଡଳ ଲେଖା ଆନନ୍ଦେ ଘେନଇ ।
ଷଡ଼ଚକ୍ରେ ପଞ୍ଚାଶ ଯେ ବର୍ଣ୍ଣରୂପେ ବସେ
ଚକ୍ର ଅଧିଷ୍ଠାତା ରୂପେ ସ୍ୱରୂପ ପ୍ରକାଶେ ।
ଦେବା ଦେବୀ ପିତାଗଣ ଆସନ ଭୋଜନ
କହୁଅଛି ମୁହିଁ ଏବେ ଦେବାର ବିଧାନ ।
ଗୋମୟ ଲେପନ କରି ତୁଳସୀର ଜଳ
ସିଞ୍ଚି ପବିତ୍ର କରିବ ସେହି ପୂଜାସ୍ଥଳ ।
ତୁଳସୀ ଅଭାବେ ମୋର ନାମ ମୁଖେ ସ୍ମରି
ପବିତ୍ର ହୋଇବ ସ୍ଥାନ ସିଞ୍ଚିଦେଲେ ବାରି ।
ଭୂତ ପ୍ରେତ ପିଶାଚାଦି ଆସି ଯମଦୂତେ
ସେ ସ୍ଥାନକୁ ନ ଆସିବେ ଜାଣିତା ନିଶ୍ଚିତେ ।
ଅପବିତ୍ର ସ୍ଥାନେ ସଦା ସେ ବାସ କରନ୍ତି
ଅପବିତ୍ର ସ୍ଥାନେ ପୂଜା ତେଣୁ ନ କରନ୍ତି ।
ଶୁଦ୍ଧ ଜଳକୁ ଦେବତା ଘେନନ୍ତି ସତ୍ୱର
ସେ ଜଳରେ ଭୂମିକୁ ଯେ କରଇ ସଂସ୍କାର ।
ଏହିପରି ଭୂମିକୁ ସଂସ୍କାର କଲାପରେ
କୁଶାସନ ଏକ ତହିଁ ପକାଇ ସତ୍ୱରେ ।
ଶାଳଗ୍ରାମ ମୂର୍ତ୍ତି ତହିଁ ରଖିଣ ପୂଜିବ
ଶାଳଗ୍ରାମୋଦକ ପାନ ଆନନ୍ଦେ କରିବ ।
ମହାପାପ କରିଥିଲେ ଜଳିଯାଏ କ୍ଷଣେ
ତୁଳା ପର୍ବତକୁ ଅଗ୍ନିକଣା ପରମାଣେ ।
ବିନ୍ଦୁଏ ବିଷ୍ଣୁଙ୍କ ପଦ ଉଦକ ସତ୍ୱରେ
ସକଳ ପାପ ବିନାଶ କରଇ ମର୍ତ୍ତ୍ୟରେ ।

ଗଙ୍ଗା ମୃତ୍ତିକା ଲଲାଟେ ତିଳକ କରିବ
ଜ୍ଞାନ ଅଜ୍ଞାନ ପାପମାନ ବିନାଶ କରିବ ।
କୋଟି ତୀର୍ଥ ଜଳ ସଙ୍ଗେ ସମ ଗଙ୍ଗାଜଳ
ଅସୀମ ଅଟଇ ସେହି ଗଙ୍ଗାଜଳ ଫଳ ।
ବିଷ୍ଣୁ ନଖ କୋଣୁ ଜାତ ହୋଇଅଛି ଯେଣୁ
ମହା ମହିମା ତାହାର ପ୍ରକାଶଇ ତେଣୁ ।
ଗଣ୍ଡୁଷେ ପାନ କରିଲେ ଗଙ୍ଗାର ଜଳକୁ
ହେଳାରେ ବିନାଶ କରେ ସକଳ ପାପକୁ ।
ଜନ୍ମ ଜରା ମୃତ୍ୟୁ ପାଶୁ ହୁଅଇ ମୁକତ
ସ୍ୱର୍ଗେ ବାସ ସଦାକାଳେ କରଇ ନିୟତ ।
ମହାପାପମାନ ତା'ର ବିନାଶ ହୁଅଇ
ଶ୍ରୀମୁଖ ବଚନ ଏହା ଜାଣ ବାବୁ ତୁହି ।
ପ୍ରାଣ ଯିବାକାଳେ ଗଙ୍ଗା ମୃତ୍ତିକା ଧାରଣ
ଗଙ୍ଗା ଜଳ ଯଦି କେହି କରିଥାଏ ପାନ ।
ନାଶଇ ସକଳ ପାପ ଯାଏ ସ୍ୱର୍ଗ ପୁରେ
ନରକ ଦର୍ଶନ ନ ହୁଅଇ ତା' ଭାଗ୍ୟରେ ।
ସେ କାଳେ ଶ୍ରୀ ଭାଗବତ ପୁରାଣ ଶୁଣିଲେ
ପାପରାଶି ନାଶ ହୁଏ ଜାଣିଥାଅ ଭଲେ ।
ବିଷ୍ଣୁ ନାମ ମାଳା ହୃଦେ ଆରତି କରିଲେ
ବିଷ୍ଣୁ ନାମ ଥରେ ଯେବେ ମୁଖରେ କହିଲେ ।
ବ୍ରାହ୍ମଣ କ୍ଷତ୍ରିୟ ବୈଶ୍ୟ ଶୂଦ୍ର ଚାରି ଜାତି
ବିଷ୍ଣୁ ନାମ ଉଚ୍ଚାରଣେ ହୋଇବେକ ମୁକ୍ତି ।
ଗୀତା ପଢ଼ିବ ଶୁଣିବ ମୃତ୍ୟୁକାଳ ଜାଣି
ପୂର୍ବେ କହିଅଛୁ ତା'ର ଯାହା ଫଳ ପୁଣି ।
ମୋ' ମୁଖରୁ ବ୍ରାହ୍ମଣେ ଯେ ଉତ୍ପତ୍ତି ହୋଇଲେ
ବାହୁରୁ କ୍ଷତ୍ରିୟ ଜାତି ଜନମ ଲଭିଲେ ।
ଉରୁରୁ ବୈଶ୍ୟ ଶୂଦ୍ର ଯେ ପାଦରୁ ସମ୍ଭୂତ
ମୋହର ସ୍ୱରୂପ ଜାଣ ଏହାଙ୍କର ତତ୍ତ୍ୱ ।
ବ୍ରାହ୍ମଣଙ୍କ ମୁଖୁ ତେଣୁ ଶୁଣିବ ପୁରାଣ
ତିଳେ ହେଲେ ଯମ ବାଧା ନ ଲାଗଇ ଜାଣ ।
ବାର୍ଦ୍ଧକ୍ୟ କାଳ ଆସିଲେ ଗୁରୁମନ୍ତ୍ର ଘେନି
ସନ୍ନ୍ୟାସ ଆଶ୍ରମ ହକର ଦିବସ ରଜନୀ ।
ନିଜ ନିଜ ଜାତି ଦଣ୍ଡ ଧାରଣ କରିବ
ମୋର ମନ୍ତ୍ର ଜପି ନିଷ୍ଠିତରେ ଦିନ ନେବ ।
ଚତୁର୍ବିଂଶାକ୍ଷର ଜପ ନ୍ୟାସ ଆଦି କରି
ସ୍ୱାହା ସ୍ୱଧା ଅଗ୍ନିକୁଣ୍ଡେ କରିବ ବିଚାରି ।

Digitized by srujanika@gmail.com

ନ୍ୟାସ କରି ଗାୟତ୍ରୀକି ବିଧିମତେ ଜପି
ନେତ୍ର ନାସା ଆଦି ଅଧେ ଦ୍ୱାରକୁ ନିରୋପି ।
ଯୋଗବଳେ ପ୍ରାଣବାୟୁ ଊର୍ଦ୍ଧ୍ୱକୁ ତୋଳିବ
ତାଲୁକାଦ୍ୱାରେ ତାହାକୁ ନିର୍ଭରେ ଛାଡ଼ିବ ।
ସର୍ବ ଇନ୍ଦ୍ରିୟ ଯେ କ୍ଷୀଣ ହୁଅନ୍ତି ସେ କାଳେ
ପବନ ଯିବାକୁ ବାଟ କେଉଁଠି ନ ମିଳେ ।
ଆତ୍ମେ ଯେ ପବନ ରୂପି ପବନଟି ଜୀବ
ଭିନ୍ନ ନୁହେଁ ଆତ୍ମଠାରୁ ବୋଲିଣ ଜାଣିବ ।
ଜୀବ ଥିବା ଯାକେ ଅହଙ୍କାର କରୁଥାଇ
ଜୀବ ଗଲେ ସର୍ବ ଗର୍ବ ବିନାଶ ହୁଅଇ ।
କାଳ ଆସି ଦିନ ରାତି ବସିଥାଏ ଜଗି
ପାପ ପୁଣ୍ୟ ହେତୁ ଦୁଃଖ ସୁଖ ଦେବା ଲାଗି ।
ସେ କାଳରେ ଗୁରୁଦତ୍ତ ମନ୍ତ୍ର ସୁମରିଲେ
ବିଷ୍ଣୁ ଦୂତେ ସହାୟ ହୁଅନ୍ତି ତାକୁ ହେଳେ ।
ଯମଦୂତଙ୍କୁ ଦୂରକୁ ଘଉଡ଼ି ଦିଅନ୍ତି
ରଥରେ ବସାଇ ବଇକୁଣ୍ଠକୁ ନିଅନ୍ତି ।
ଗର୍ବେ ଯେଉଁଜନ ବିଷ୍ଣୁ ସ୍ମରଣ ନ କରେ
ମଲେ ତିନିଭାଗେ ଦେହ ମିଶଇ ମାଟିରେ ।
ଭସ୍ମ ବା ମୃତ୍ତିକା ଅବା କୀଟ ରୂପ ହୁଏ
ଶେଷ ପରିଣତ ଏହିପରି ଦେହ ବହେ ।
ଏହି ଶରୀର ହୋଇଛି ଯେପରି ଭିଆଣ
କହୁଅଛି ତାହା ମୁହିଁ ମନ ଦେଇ ଶୁଣ ।
ଜଳ ଅଗ୍ନି ବାୟୁ ଭୂମି ସହିତେ ଆକାଶ
ନିର୍ମାଣିଲେ ମିଶାଇ ଯେ ସାବିତ୍ରୀ ବିଳାସ ।
ମୃତ୍ୟୁକାଳେ ଢାଳେ ଜଳ ତେଜ ଯେ ଅଗ୍ନିରେ
ପବନେ ଆକାଶ ଯେ ଆକାଶରେ ।
ଭୂମି ଭୂମିରେ ମିଶଇ ଶୂନ୍ୟ ଦେହ ପଡ଼େ
ବିନା ଦେହେ ଜୀବ ଆକାଶରେ ଯାଇ ଉଡ଼େ ।
ପାପ ପୂଣ୍ୟ କର୍ମ ବଳୁ ଶରୀର ମିଳଇ
ସେ ଶରୀରେ ଆନନ୍ଦରେ ଜୀବ ପ୍ରବେଶଇ ।
ମାୟା ଶରୀର ଅଟଇ ସେହି ଗୋଟିଏ ସିନା
କେବଳ ସହିବା ପାଇଁ ଦୁଃଖର ଯନ୍ତ୍ରଣା ।
ଦୋଷାଦୋଷ ବିଚାରିଣ ଶମନ ରାଜନ
ଜୀବଗଣେ ନିରନ୍ତର ଦିଅଇ କଷଣ ।
ପାଞ୍ଚମନ ସହିତରେ ପଚାଶ ପ୍ରକୃତି
ପାପ ପୁଣ୍ୟଫଳ ଭୋଗ ସେମାନେ କରନ୍ତି ।

ଜୀବ ଉଦ୍ଧାର କାରଣ ପୁରାଣ ପଠନ
ଅଥବା ବ୍ରାହ୍ମଣ ମୁଖୁଁ କରିବ ଶ୍ରବଣ ।
ଗୁରୁଦତ୍ତ ମନ୍ତ୍ର ଜପ ଅଟେ ସେହି ପରି
ଦାନ ଧ୍ୟାନ ତା'ର ସଙ୍ଗେ ଅଟେ ସମ ସରି ।
ଏମାନ କରିଣ ଥିଲେ ପାପ ହୁଏ ନାଶ
ନିତନ୍ତର ମିଳେ ପୁଣି ତାକୁ ସ୍ୱର୍ଗବାସ ।
ଅତ୍ୟନ୍ତ ପାପୀ ଯେ ପୁଣି ଧର୍ମ ନ କରଇ
ତା'ର ମୃତ୍ୟୁକାଳେ ଯମ ଆସି ପ୍ରବେଶଇ ।
ମହିଷ ବାହନ ଚଢ଼ିକାଳ ଯେ ବିକାଳ
ସଙ୍ଗେ ଘେନି ଜନ୍ତୁପତି ଆସଇ ତତ୍‌କାଳ ।
ଗଳେ ଚର୍ମ ପାଶ ଦେଇ ନିଅଇ ଓଟାରି
ପାପୀକୁ ସେ ଜନ୍ତୁ ପତି ଆଗୁଁ ଘିର କରି ।
ନାନାଦି ନରକ ଦୁଃଖ ଦିଅଇ ତାହାକୁ
ମୁକତି ନ ପାଏ ସେହି ଜନ୍ମ ଜନ୍ମାନ୍ତକୁ ।
ଯେହୁ ଧର୍ମଜ୍ଞ ଅଟଇ ଦାନୀ ବ୍ରତୀ ଯତି
ମୋର ମନ୍ତ୍ର ମୋର ଗୀତା ଯେ ପାଠ କରନ୍ତି ।
ଗୁରୁଦତ୍ତ ମନ୍ତ୍ର ଜପି ପାଦୁକା ମନ୍ତ୍ରକୁ
ହାର କରି ପକାଇଣ ଥାଏ ନିଜ ବୁକୁ ।
ଅବା ସ୍ୱର୍ଣ୍ଣ ପତ୍ରେ ଲେଖି କରଇ ଧାରଣ
ଦେଖିଣ ଦୂରୁ ପଳାଇଯାଏ ତାକୁ ଯମ ।
ଦଶମ ଅଧ୍ୟାୟ ବାଣୀ ଅପୂର୍ବ ଚରିତ
କହିଲି ତୋ' ଆଗେ ତୁହି ଯାହା ପୁଛିଲୁ ତ ।
ଭାବେ ଯେହୁ ହରିନାମ ଗୁଣକୁ ସ୍ମରଇ
ତାହାର ଅଙ୍ଗରୁ ପାପ ବିଦାୟ ହୁଅଇ ।
ଶୁଣିଣ ଗରୁଡ଼ କୃତ୍ୟ କୃତ୍ୟ ହୋଇ କରି
ଶ୍ରୀହରି ଚରଣେ ଶତଗୋଟି ନମଃ କରି ।
ଶରଣ ପଶିଲା ତାଙ୍କ ଅଭୟ ଚରଣେ
ସେ ପାଦ ସ୍ମରଣେ ଆର୍ତ୍ତତ୍ରାଣ ଦାଶ ଭଣେ ।
ସାଧୁ ସୁଜ୍ଞଜନମାନେ ନ ଧରିବ ଦୋଷ
ଅଳପ ମୋହର ବୁଦ୍ଧି ଜ୍ଞାନ ପରକାଶ ।
ଜ୍ଞାନୀମାନେ ପରଦୋଷ ତିଳେ ନ ଧରନ୍ତି
ଗୁଣରେ ସନ୍ତୋଷ ସିନା ସେମାନେ ହୁଅନ୍ତି ।
କୋଟି କୋଟି ନମସ୍କାର ତୁମ୍ଭର ପାଦରେ
ଦୋଷ ଥିଲେ କ୍ଷମା ଦେବ ଏ ଦୀନ ଜନରେ ।
ଖଳ ଲୋକମାନଙ୍କୁ ମୁଁ କରୁଛି ବିନୟ
ଦୋଷ ନ ଧରିବେ ମୋର ଆହେ ମହାଶୟ ।

Digitized by srujanika@gmail.com

ମହାପୁରୁଷେ ଅଟନ୍ତି କ୍ଷୁଦ୍ର ତୁମ୍ଭ ପାଶେ
ଅତି କ୍ଷୁଦ୍ର ମୁହିଁ ବୋଲି ଭାବଇ ମାନସେ ।
କୃତାଞ୍ଜଳିପୁଟେ ମୁହିଁ କରୁଛି ପ୍ରଣତି
ଦୋଷ ନ ଧରିବ ଆର୍ତ୍ତତ୍ରାଣ ଯେ ବଦତି ।

ଇତିଶ୍ରୀ ଗରୁଡ଼ ପୁରାଣେ ନୈମିଷାରଣ୍ୟେ
ପାଖ୍ୟାନେ ଶ୍ରୀ ଭଗବାନ ଗରୁଡ଼ ସମ୍ବାଦେ
ପାପ ପୁଣ୍ୟ ବିଚାରଣଂ ନାମ
ଦଶମୋଽଧ୍ୟାୟୋଃ ।

—o—

ଏକାଦଶ ଅଧ୍ୟାୟ

ଶବଦାହ ଓ ପ୍ରେତକୃତ୍ୟ ବିଧି

ଗରୁଡ଼ ଉବାଚ

ପୁନରପି ଗରୁଡ଼ ଯେ ଚରଣେ ପ୍ରଣମି
ବିନତି କରି କହଇ ଶୁଣ ଦେବ ସ୍ୱାମୀ ।
ସଂସାରରେ ଜୀବ ଯେବେ ମରଣ ଲଭଇ
ପଞ୍ଚଭୂତ ପଞ୍ଚଭୂତେ ତୁରିତେ ମିଶଇ ।
ପିଣ୍ଡ ଖାଲି ପଡ଼ି ରହିଥାଏ ଭୂମି ପରେ
ଲୋକେ ଦହନ କରନ୍ତି ତାହାକୁ ଅଗ୍ନିରେ ।
କେହି ବା ପୋତନ୍ତି ତାକୁ ଶ୍ୱାନାଦି ଭକ୍ଷନ୍ତି
ଜଳେ ଫିଙ୍ଗି ଦ୍ୟନ୍ତି କେହି ସମାଧି ଦିଅନ୍ତି ।
ଅନଳେ ଦାହ କରିଲେ କି ଧର୍ମ ହୁଅଇ
ସ୍ୱାମୀ ଚିତାନଳେ ପତ୍ନୀ ପଡ଼େ କାହିଁ ପାଇଁ ।
ବୁଝାଇ କହିବ ମୋତେ ଏଥିରେ କାରଣ
ତୁମ୍ଭେ ଦେବ ନାରାୟଣ ମୁଁ ପଦେ ଶରଣ ।
ଶୁଣିଣ ଭକତ ବାଣୀ ଦୟାମୟ ହରି
ତହିଁର କାରଣ କହୁଛନ୍ତି ଯେ ବିସ୍ତାରି ।

ଶ୍ରୀ ଭଗବାନ ଉବାଚ

ଜଳଦ ଗମ୍ଭୀର ବାଣୀ କହନ୍ତି ଶ୍ରୀହରି
ଶୁଣ ହେ ଗରୁଡ଼ ଏବେ ଚିତ୍ତ ସ୍ଥିର କରି ।
ଯେତେବେଳେ ପ୍ରାଣୀପ୍ରାଣ ଛାଡ଼ଇ ବହନ
ପରଲୋକେ ଇଚ୍ଛାକରେ ତା'ର ଆତ୍ମା ଜାଣ ।
ପିଣ୍ଡ ଗୋଟି ପୃଥିବୀରେ ପଡ଼ିଥାଏ ପୁଣି
ପୁଣି କରଇ ଅନ୍ତ୍ୟେଷ୍ଟି କ୍ରିୟାଟିକୁ ଜାଣି ।
ପିତାର ବୀର୍ଯ୍ୟରୁ ଜାତ ଯେବଣ କୁମର
ବେଦ ବିଧାନେ ସେ କୃତ୍ୟ କରିବ ପିତାର ।
ସେପରି ଯେଉଁ ସନ୍ତାନ କରେ କର୍ମମାନ
ପିତାକୁ ଉଦ୍ଧାରି ନିଜେ ବସେ ସ୍ୱର୍ଗେ ପୁଣ ।
ନିଜ ପତ୍ନୀ ଗର୍ଭେ ଜାର ପୁରୁଷ ବୀର୍ଯ୍ୟରେ
ଜନ୍ମିଥିଲେ ପୁତ୍ର ସେହି କାର୍ଯ୍ୟକୁ ନ କରେ ।
ପିଣ୍ଡ ଆଦି କାର୍ଯ୍ୟ ତା'ର ନିଷ୍ଫଳ ହୁଅଇ
ଜାଣ ହେ ଗରୁଡ଼ ଶାସ୍ତ୍ରେ ବିହି ଲିହିଛଇ ।
ମୃତାହେ ପିଣ୍ଡ ଦେଇଣ ଚିତାନଳେ ପୁଣି
ମୃତ ଦେହକୁ ସଂସ୍କାର ହୋମ ସଙ୍ଗେ ଗଣି ।
ଯେତେ ଦାନଦେଲେ ଅବା ହୋଇପାରେ କିସ
ପିତୃମାତୃ ଶେଷେ କ୍ରିୟା ନ କରି ଯେ ଲେଶ ।
ପିତାମାତାଙ୍କର ମୃତ୍ୟୁ ହୁଏ ଯେତେବେଳେ
ପୁତ୍ର ମଣ୍ଡନ ହୁଅଇ ଜାଣ ତତକାଳେ ।
ତାହାପରେ ଜ୍ଞାତି ବନ୍ଧୁ ସଙ୍ଗେ ସର୍ବେ ମିଳି
ସ୍ନାନ କରିଣ ଏକତ୍ରେ ଯିବ ସର୍ବେ ଚଳି ।
ସଦ୍ୟ ଜଳାଶ୍ରୟୁ ଜଳ ଆଣିବ ସତ୍ୱର
ଶିବଙ୍କୁ ସ୍ନାନ କରାଇଦେବ ସେ ଜଳର ।
ନୂତନବସ୍ତ୍ର ପିନ୍ଧାଇ ଗନ୍ଧ ଚନ୍ଦନରେ
ନାନା ଅଳଙ୍କାର ମାନ ଭୂଷିତ ଦେହରେ ।
ଗଙ୍ଗା ମୃତ୍ତିକା ତୁଳସୀ ମୂଳର ମୃତ୍ତିକା
ଶବରଶିରରେ ଚିତା ଦେବ ଅବା ଟୀକା ।
ଦକ୍ଷିଣକୁ ମୁଖ କରି ନିଜେ ଯେ ବସିବ
ଶବ ଅଭିମୁଖେ ପିଣ୍ଡଦାନକୁ କରିବ ।
ଗୋତ୍ରେ ନାମକୁ ଉଚ୍ଚାରି ବ୍ରାହ୍ମଣ ବଚନେ
ସୁଚିତ୍ତେ ପିଣ୍ଡ କରିବ ପ୍ରେତର କଲ୍ୟାଣେ ।
ପିଣ୍ଡାନ୍ତେ ସେ ଜଳ ନିଜେ ଶବକକୁ ଯେ ଦେବ
ତାହା ପରେ ଶବସ୍ପର୍ଶ ସକଳେ କରିବ ।
ତଦପରେ ଅଧିଷ୍ଠାତା ଦେବତାମାନଙ୍କୁ
ଯଥାବିଧି ପିଣ୍ଡଦାନେ ସନ୍ତୋଷି ଚିତ୍ତକୁ ।
ପଥରେ ସେହି ଦାନରେ ସର୍ବତୋଷ ହୋଇ
ମୃତ୍ୟୁସ୍ଥାନେ ପିଣ୍ଡ ଦେଲେ ବହୁ ପୁଣ୍ୟ ପାଇ ।
ସ୍ଥାନ ପିଣ୍ଡ ପରେ ଶବ ଧରିଣ ବସିବ
ଦ୍ୱାର ପାଶେ ରଖି ପୁଣି ପିଣ୍ଡ ଏକ ଦେବ ।
ଶବଘରୁ ବାହାରିଲେ ଭୂତମାନେ ଆସି
ଶବ ନିକଟରେ ରହି ଶବକୁ ଆକର୍ଷି ।
ପିଣ୍ଡ ଦେଇଣ ସନ୍ତୋଷ ତାହାଙ୍କୁ କରିଲେ
ଶବ ଆକର୍ଷଣ ସେହୁ ନ କରିନ୍ତି ଭଲେ ।

Digitized by srujanika@gmail.com

ପିଣ୍ଡ ପାଇବ ସନ୍ତୋଷ ଭୂତ ପ୍ରେତଗଣ
ଶିବ ଛାଡ଼ିଣ ସେଠାରୁ ଚଳନ୍ତି ବହନ ।
ତାହା ପରେ ଶବ ଧରି ପଥେ ପ୍ରବେଶିବ
ପଥ ମଧ୍ୟେ ଶବ ରଖି ପଥ ଶ୍ରାଦ୍ଧ ଦେବ ।
ଶବ ମାଂସ ଲୋଭେ ବହୁ ପିଶାଚ ଖେଚର
ଶବ ପଛେ ପଛେ ଥାନ୍ତି ଗୋଡ଼ାଇ ସତ୍ୱର ।
ତେଣୁ ପଥ ମଧ୍ୟେ ପଥ ଶ୍ରାଦ୍ଧକୁ କରିବ
ସେମାନଙ୍କୁ ବିଧିମତେ ସନ୍ତୋଷ କରିବ ।
ପିଣ୍ଡର ଉପକରଣ ନୂତନ ଆଣିଣ
ପିଣ୍ଡଦାନ ବିଧିକି ଯେ କରିବ ଭିଆଣ ।
ପୂର୍ବ ଶ୍ରାଦ୍ଧେ ବଳିଥିବା ପଦାର୍ଥରେ ଶ୍ରାଦ୍ଧ
କେବେ ନ କରିବ ଏହା ଜାଣନ୍ତୁ ବିବୁଧ ।
ଉଚ୍ଛିଷ୍ଟ ସଙ୍ଗେ ସମାନ ଅଟଇ ସେମାନ
ତହିଁ ଶ୍ରାଦ୍ଧ କଲେ ମିଳଇ କୁଫଳମାନ ।
ପଥ ଶ୍ରାଦ୍ଧ ପରେ ଶବ ଘେନି କରି ଯିବ
ପ୍ରେତ ଭୂମିରେ ଯତନେ ତାହାକୁ ରଖିବ ।
ଉତ୍ତର ଦିଗକୁ ଶବ ମୁଖ କରାଇବ
ପେତ୍ର ଭୂମିରେ ଯେ ପୁଣି ପିଣ୍ଡଦାନ ଦେବ ।
ଚାରିହାତ ଲମ୍ବ ବେଦୀ କରିବ ସେଠାରେ
ଗୋମୟ ଲେପନ ତାହା କରିବ ସତ୍ୱରେ ।
ଦୁଃଖ ହେତୁ ଉର୍ଦ୍ଧ୍ୱ ରେଖା ହେବ ବେଦୀ ପରେ
ଭକ୍ତିଚିତ୍ତେ ବସି ତହିଁ ପବିତ୍ର ମନରେ ।
ଅନାମିକା ବୃଦ୍ଧାଙ୍ଗୁଷ୍ଟେ କୁଶକୁ ଧରିଣ
ଦଶଧାରା ବେଦୀପରେ ଦେବ ତତ୍କ୍ଷଣ ।
ତାହା ପରେ ସେ ବେଦୀରେ ଅଗ୍ନି ଯେ ସ୍ଥାପନ
ଗନ୍ଧ ପୁଷ୍ପ ବିଧିମତେ କରିବ ପୂଜନ ।
କର୍ମେଭ୍ୟ ସ୍ୱାହା ବୋଲିଣ ମୁଖରେ କହିବ
କର୍ମେଭ୍ୟ ସ୍ୱାହା ବୋଲିଣ ପରେ ଉଚ୍ଚାରିବ ।
ଶିରଭ୍ୟଃ ମାଂସେଭ୍ୟ ପୁଣି ଅସ୍ତିଭ୍ୟୋ କହିଣ
ପ୍ରସ୍ଥାନ କରନ୍ତୁ ବୋଲି କହିବ ଆପଣ ।
ଯଥା ବିଧାନରେ ହୋମ ସମ୍ପାଦନ କରି
ମନ ମଧ୍ୟ ଅଗ୍ନିକୁ ପାର୍ଥୀବ ଏହିପରି ।
ହେ କ୍ରବ୍ୟାଦି ଦେବଗଣ ତୁମ୍ଭେ ଶେଷକାଳେ
ପଞ୍ଚ ଭୌତିକ ଶରୀରେ ବସ ଏକମେଳେ ।
ଜଗତର ମୂଳ ତୁମ୍ଭେ ପଞ୍ଚଭୂତ ସାର
ସର୍ବପ୍ରାଣୀ ତମ୍ଭ ଯୋଗୁଁ ହୁଅନ୍ତି ସଞ୍ଚାର ।

କ୍ଷୁଧାରେ ଆତୁର ଯେହ୍ନେ ଏ ପ୍ରେତ ନ ହେବ
ତେସନେ ବିଚାର ଦେବ ତୁମ୍ଭେ ଯେ କରିବ ।
ତୁମ୍ଭ ଅଂଶରେ ଜନମ ମନୁଷ୍ୟ ଅଟଇ
ସଦଗତି ଦିଅ ବୈଶ୍ୱାନର ଦୟାବହି ।
ଏହିପରି ପ୍ରାର୍ଥନା କରିବ ଅଗ୍ନିଦେବ
ସେହି ଅଗ୍ନିରେ ଯେ ଚିତା ଯତନେ କରିବ ।
ସମିଧ ପାଇଁ ଆଣିବ ଏହି କାଷ୍ଠମାନ
ଶ୍ରୀଖଣ୍ଡି ତୁଳସୀ ଅଶ୍ୱତ୍ଥ ପଳାଶ ପୁଣ ।
ଘୃତେ ବୁଡ଼ାଇଣ ତାହା ଚିତାପରେ ଦେବ
ଚନ୍ଦନ କର୍ପୂର ଧୂପ ଝୁଣା ନିକ୍ଷେପିବ ।
ଏ ବିଧିରେ ଚିତାନଳ ପ୍ରସ୍ତୁତ କରିଣ
ଶବକୁ କରିବ ତିନିବାର ପ୍ରଦକ୍ଷିଣ ।
ଶେଷେ ଚିତା ଶଯ୍ୟା ପରେ ଶବକୁ ଶୁଆଇ
ପୁଣି ପିଣ୍ଡଦାନ ପୁତ୍ର କରେ ତୋଷ ହୋଇ ।
ଚିତାର ଆରମ୍ଭ ଠାରୁ ଶେଷଯାଏ ପୁଣି
ସପିଣ୍ଡୀକରଣ ପରିଯନ୍ତେ ପ୍ରେତ ଭଣି ।
ସେ ପର୍ଯ୍ୟନ୍ତ ପ୍ରେତ ରୂପ ଧରି ଜୀବ ରହେ
ମର୍ତ୍ତ୍ୟେ ଭ୍ରମଣ କରଇ ଉଦାସୀନ ପାଏ ।
ପାଞ୍ଚଗୋଟି ପିଣ୍ଡ ଦେଲେ ସନ୍ତୋଷ ସେ ହୁଏ
ପାଞ୍ଚ ପିଣ୍ଡକୁ ନ ଦେଲେ ମୁକତି ନ ହୁଏ ।
ତଥାପି ପ୍ରେତ ଜନ୍ମରୁ ଉଦ୍ଧାର ନୁହଇ
ପୁତ୍ର ଜନ୍ମ କରିବା ତାହାର ବ୍ୟର୍ଥ ହୋଇ ।
ପ୍ରେତଙ୍କ ଯେ ପିଣ୍ଡଦାନ ଦେବ ବିଧିମତେ
ମନ୍ତ୍ର ଉଚ୍ଚାରିଣ ପିଣ୍ଡକୁ ଅଗ୍ନିରେ ଯେମନ୍ତେ ।
ତେବେଟି ସେହି ପୁତ୍ର ଯେ ହୋଇବ ସୁପୁତ୍ର
ଏପରି କହି ଅଛଇ ଜାଣ ବାବୁ ଶାସ୍ତ୍ର ।
ସେହି ଅଗ୍ନିରୁ ଯେ ପୁତ୍ର ତୃଣେକ ଆଣିବ
ନିରଗ୍ନିକ ସାଗ୍ନିକଙ୍କୁ ବିଚାରିଣ ଦେବ ।
ଶରଣ ପଞ୍ଚକ ଅଗ୍ନି କାହାକୁ ନ ଦେଇ
ତଦନ୍ତେ ଦେବ ବିଧାନେ ଅଗ୍ନି ସମର୍ପଇ ।
ଶରଣ ପଞ୍ଚକ ଯେବେ କେହି ଯାଏ ନାଶ
ସୁଗତି ନ ମିଳେ ତାକୁ ଏହା ଶାସ୍ତ୍ର ଭାଷ ।
ସେପରି ଲୋକଙ୍କୁ ଦାହ ନ କରିବ କେବେ
ନିଜର ମୃତ ହୋଇବ ଯେ ଜନ କରିବେ ।
ଧନିଷ୍ଠାର ଅର୍ଦ୍ଧଠାରୁ ମରଣ ହୁଅଇ
ପଞ୍ଚ ନକ୍ଷତ୍ର ବୋଲିଣ ପଞ୍ଚକ ଯେ କହି ।

Digitized by srujanika@gmail.com

ଏହି ପଚାଅଁଟି ନକ୍ଷତ୍ର ନୁହଇଟି ଶୁଭ
ତେଣୁ ପାଞ୍ଚଦିନ ଦାହ ତ କରିବ ଶବ ।
ଶରଣ ପଞ୍ଚକେ ଯେହ୍ନୁ ଲଭଇ ମରଣ
ପୁତ୍ର ପୌତ୍ର ବିନାଶ ହୁଅଇ ନିଶ୍ଚେ ଜାଣ ।
ପଞ୍ଚକର ସ୍ୱତନ୍ତ୍ର ବିଧାନ ଜାଣ ଅଛି
ତାହା କରିଣ ପାରିଲେ ଦୋଷ ନାହିଁ କିଛି ।
ସେହି ଶବ ନିକଟରେ ମାଟିର ପ୍ରତିମା
ନିର୍ମାଣ କରି ରଖିବ ଶବ ସୀମା ସୀମା ।
ସୁବର୍ଣ୍ଣକୁ ତପ୍ତ କରି ନାମକୁ ଲେଖିବ
ପେତ୍ର ଜୟନ୍ତୀ ମନ୍ତ୍ରରେ ହୋମକୁ କରିବ ।
ଆଗ ସେହି ପିତୁଳାକୁ ଦହନ କରିବ
ତଦପରେ ପ୍ରେତ ଦେହ ନିଶ୍ଚିନ୍ତେ କରିବ ।
ସପିଣ୍ଡୀକରଣ ଦିନ ହୋଇବ ଯେ ଦିନେ
ନକ୍ଷତ୍ର ଶାନ୍ତି କରିବ ବେଦର ବିଧାନେ ।
ତିଳ ପାତ୍ର ପାଞ୍ଚଗୋଟି ପ୍ରଥମ ଦିବସେ
ସୁବର୍ଣ୍ଣ ଦାନ କରିବ ଦ୍ୱିତୀୟ ଦିବସେ ।
ଏହି କ୍ରମେ ଦିନେ ଦିନେ ଏକ ଏକ ଦାନ
କାଂସ୍ୟପାତ୍ର ଘୃତ ଦାନ କରି ସମାପନ ।
ଏହିପରି ରକ୍ଷ ଶାନ୍ତି ବିଧାନକୁ କଲେ
ଶରଣ ପଞ୍ଚକ ଦୋଷ ନ ଲାଗଇ ତିଳେ ।
ପୁତ୍ର ମୃତ୍ୟୁମୁଖେ ଆଉ ନ ହୁଏ ପତିତ
ସକଳ ବିଘ୍ନ ତାହାର ହୁଏ ବିଦୁରିତ ।
ପ୍ରେତକୁ ମୋକ୍ଷ ପ୍ରାପତ ହୁଅଇ କାଳରେ
ମୃତାହ ଦାହ ବିଧାନ ଏହି ପରକାରେ ।
ଏବେ ଶବ ମରଣର କାରଣ କହିବା
ତୋହର ମନରୁ ସଂଶୟକୁ ଯେ ନାଶିବା ।
ସ୍ୱାମୀ ମୃତ୍ୟୁପରେ ନାରୀ ହୁଅଇ ବିଧବା
ବହୁ କଷ୍ଟ ଭୋଗ କରେ କି ଅବା କହିବା ।
ସ୍ୱାମୀ ପ୍ରତି ଅନୁରକ୍ତ ଥାଏ ଯେ ନାରୀର
ସ୍ୱାମୀ ମରଣରେ ଦୁଃଖ ନ କରି ମନର ।
ଆନନ୍ଦ ଚିତ୍ତରେ ସ୍ନାନ କରିଣ ସତ୍ୱରେ
କେଶ ବେଶ କରିବ ଯେବେ ଯତନ ଭାବରେ ।
ସିନ୍ଦୁରବିନ୍ଦୁ ଲଲାଟେ ଯତନରେ ଘେନି
ଅଞ୍ଜନ ରଞ୍ଜିବ ନେତ୍ରେ ସୁହାଗୀ କାମିନୀ ।
ନାନା ଭୂଷଣେ ଭୂଷିତ କରିବ ଅଙ୍ଗକୁ
ନୂତନ ବସ୍ତ୍ର ପିନ୍ଧିଣ ଡାକି ବ୍ରାହ୍ମଣଙ୍କୁ ।

ଶକ୍ତି ଅନୁସାରେ ଦାନ ଦେବ ହୃଷ୍ଟ ଚିତ୍ତେ
ମଧୁର ବଚନେ ସନ୍ତୋଷିବ ଜ୍ଞାତି ଯେତେ ।
ଗୁରୁ ବିପ୍ରେ ନମସ୍କାର କରିଣ ସତ୍ୱର
ମନ୍ଦିରୁ ଆନନ୍ଦ ଚିତ୍ତେ ହୋଇବ ବାହାର ।
ସେ ସ୍ଥାନରୁ ଦେବାଳୟେ କରିବ ଗମନ
ଭକ୍ତିଭରେ ଶ୍ରୀ ହରିଙ୍କୁ କରିବ ଦର୍ଶନ ।
ସ୍ୱାମୀର ମଙ୍ଗଳ ମାନ କାମନା କରିବ
ପୁନର୍ମିଳନ ହେବାକୁ ପ୍ରାର୍ଥନା କରିବ ।
ନାରୀକେଳ ଏକ ଗୋଟି ହସ୍ତରେ ଧରିଣ
ଶ୍ମଶାନ ଭୂମିକୁ ତହୁଁ କରିବ ଗମନ ।
ଲଜ୍ଜା ମୋହ ଆଦି ଛାଡ଼ି ମିଳିବ ଶ୍ମଶାନେ
ପତି ଦେବତାଙ୍କୁ ଧ୍ୟାନ କରୁଥିବ ମନେ ।
ସ୍ୱାମୀ ଚିତା ସାତବାର ପ୍ରଦକ୍ଷିଣ କରି
ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଇଣ ନମସ୍କାର କରି ।
ସ୍ୱାମୀ ଶବକୁ କୋଳରେ କରିବ ଧାରଣ
ଚିତାନଳେ ପ୍ରବେଶ ଯେ କରିବ ତକ୍ଷଣ ।
ଚିତାନଳେ ତା' ଦେହରେ ସ୍ପର୍ଶ କଲେ ଯାଇ
ଚନ୍ଦନ ପରାୟ ତା'ର ଦେହକୁ ଲାଗଇ ।
ପରଜନ୍ମେ ସ୍ୱାମୀ ସଙ୍ଗେ ମିଳନ ହୁଅଇ
ପତିବ୍ରତା ନାରୀ ବୋଲି ଶାସ୍ତ୍ରେ ତାକୁ କହି ।
କିନ୍ତୁ ଯଦି ଗର୍ଭବତୀ ନାରୀ ହୋଇଥିବ
ସ୍ୱାମୀ ମରଣରେ ଅନୁଗାମିନୀ ନୋହିବ ।
ଗର୍ଭସ୍ଥ ସନ୍ତାନ ନାଶ ହେଲେ ମହାଦୋଷ
ଶିଶୁ ହତ୍ୟା ମହାପାପ ବୋଲି ଶାସ୍ତ୍ର ଭାଷ ।
ସ୍ୱାମୀ ଯଦ୍ୟପି ହୁଅଇ ତା'ର ପାପାଚାରୀ
ପତ୍ନୀଗଣେ ମୋକ୍ଷ ଗତି ହୁଅଇ ତାହାରି ।
ଯେତେ ଜନ୍ମ ଯାଏ ସ୍ୱଇଚ୍ଛାରେ ଏହିପରି
ଅନୁଗମନ କରିବ ପତୀ ସଙ୍ଗେ ନାରୀ ।
ସେତେ ଜନ୍ମ ଯାଏ ସେହି ପତି ପତ୍ନୀ ଦୁହେଁ
ସେହି ଭାବରେ ମିଳନ ହୋନ୍ତି ସର୍ବ ଦେହେ ।
ଏଣୁ କରି ନାରୀମାନେ ପତିସେବା କରି
ଏ ଭବସାଗର ହେଳେ ଯାନ୍ତି ସିନା ତରି ।
କାୟମନବାକ୍ୟେ ପତି ସେବା ଯେ କରଇ
ପତିପରାୟଣା ସାଧ୍ୱୀ ଅଟେ ସିନା ସେହି ।
ଯେତେବେଳେ ପତି ତା'ର ଲଭଇ ମରଣ
ଜୀବିତାବସ୍ଥା ସଦୃଶ କରଇ ସେବନ ।

Digitized by srujanika@gmail.com

ଶେଷେ ସ୍ୱାମୀ ଶବ କ୍ରୋଡ଼େ ଧରିଣ ସେ ନାରୀ
ଚିତାନଳେ ଝାସ ଦିଏ ମନରେ ବିଚାରି ।
ଅରୁନ୍ଧତୀର ସମାନ ସ୍ୱର୍ଗଭୋଗ କରେ
ସ୍ୱାମୀ ପାଶରୁ କଦାପି ନ ରୁହେ ଅନ୍ତରେ ।
ସ୍ୱର୍ଗେ ଅପସରାମାନେ ନୃତ୍ୟ କରି ପାଶ
ଦିନୁ ଦିନ ତା' ଚିତ୍ତକୁ କରନ୍ତି ସନ୍ତୋଷ ।
ଚଉଦ ଇନ୍ଦ୍ର ପର୍ଯ୍ୟନ୍ତ ପତି ସଙ୍ଗେ ରହେ
ପିତୃକୁଳ ପତିକୁଳ ଉଦ୍ଧାରିଣ ନିଏ ।
ସୂର୍ଯ୍ୟ କିରଣ ସଦୃଶ ଦିବ୍ୟ ରଥେ ବସି
ସ୍ୱାମୀ ସଙ୍ଗେ କ୍ରୀଡ଼ା କରେ ମନେ ହୋଇ ଖୁସି ।
ସ୍ୱର୍ଗ ଭୋଗ ପରେ ପୁଣି ଅକ୍ଷୟ ଭୁବନ
ବୈକୁଣ୍ଠ ବିହାର ସେ କରନ୍ତି ରାତ୍ର ଦିନ ।
ଯେଉଁ ସ୍ତିରୀମାନେ ପତି ସେବାକୁ କରନ୍ତି
ବିଷ୍ଣୁସମ ମଣି ତାକୁ ନିତି ଯେ ପୂଜନ୍ତି ।
ସ୍ୱାମୀର ମରଣ କାଳେ ହୁଏ ସହମୃତ
ସଂସାର ବନ୍ଧନୁ ସେ ତ ହୋଇଯାଏ ମୁକ୍ତ ।
ସ୍ତିରୀଜନ୍ମ ନ ହୁଅଇ କଦାପି ତାହାର
ସ୍ୱାମୀ ଅଙ୍ଗେ ମିଶି ରହେ ସର୍ବଦା କାଳର ।
ଭୋଗଇଚ୍ଛା ଯେବେ ସେହି କାମିନୀ କରଇ
ଦିବ୍ୟ ରୂପ ଧରି ସ୍ୱାମୀ ସଙ୍ଗେ ବିହରଇ ।
ବୁଦ୍ଧିମନ୍ତ ତ୍ୟାଗୀ ମାନୀଜ୍ଞାନୀ ଧର୍ମଶୀଳ
ଗୃହେ ଜନ୍ମି ସୁଖଭୋଗ କରେ ବହୁକାଳ ।
ସୁଖଭୋଗେ ସ୍ପୃହା ତା'ର ଯେବେ ନ ରହଇ
ପୁନରପି ସେ ବୈକୁଣ୍ଠ ପୁରକୁ ଗମଇ ।
ପାପ ମଧ୍ୟରେ ନ ପଡ଼େ କଦାପି ସେ ବାରେ
ପୂର୍ବ ଧର୍ମ ସହାୟ ହୁଅଇ ନିରନ୍ତରେ ।
ଇଚ୍ଛା କଲେ ସେହି ନାରୀ ପୁରୁଷ ହୁଅଇ
ଯାହା ଇଚ୍ଛା କରେ ତାହା ଅବଶ୍ୟ ମିଳଇ ।
ଶାସ୍ତ୍ରର ବଚନ ଏହା ଧ୍ରୁବ ବୋଲି ଜାଣ
ଉପହାସ ମତ୍ତ ଗର୍ବ ନ କରିବ ପୁଣ ।
ଆନ ବିଧି ମାନ ପୁଣି ତୋତେ ଯେ କହିବା
ସଂଶୟ ହୃଦରୁ ତୋର ବିନାଶ କରିବା ।
ସ୍ୱାମୀ ଅର୍ଦ୍ଧ ଦଗ୍ଧ ବେଳେ ଅସମ୍ପୂର୍ଣ୍ଣ ବେଳେ
ଫୁଟାଇଣ ଦେବ ବ୍ରହ୍ମ ତାଳୁକା ସେ ବେଳେ ।
କାଷ୍ଠରେ ଦାହ କରିବ ଶବର ଶରୀର
ଶ୍ରୀ ଫଳ ଫଟାଇ ଦେବ ତା' ତାଳୁକା ଦ୍ୱାର ।

ଯୋଗୀମାନଙ୍କର ପ୍ରାଣ ବ୍ରହ୍ମରନ୍ଧ୍ର ଦେଇ
ମୃତ୍ୟୁକାଳେ ଗତି କରେ ଜାଣିଥାଅ ତୁହି ।
କର୍ମଯୋଗୀମାନଙ୍କର ଜାନୁ ଫୁଟାଇବ
ପ୍ରାଣବାୟୁ ସେହିବାଟେ ଗମନ କରିବ ।
ସନ୍ନ୍ୟାସୀମାନଙ୍କ ତାଳୁ ଭେଦକୁ କରିଣ
ଗଙ୍ଗାଜଳେ ସେ ଶବକୁ ଦେବ ବିସର୍ଜନ ।
ଏହିପରି କଲେ ବହୁ ଫଳ ଯେ ମିଳଇ
ସେ ଫଳ ମହିମା ମୁଖେ କହି ଯେ ନୁହଇ ।
ବ୍ରହ୍ମ ରନ୍ଧ୍ରକୁ ଯଦ୍ୟପି ତା'ର ନ ଫିଟାଇ
ବାରମ୍ବାର ଜଗତରେ ଜନମ ହୁଅଇ ।
ଯେଉଁ ପୁତ୍ର ବ୍ରହ୍ମରନ୍ଧ୍ର ଫିଟାଇ ଶବକୁ
ଅଗ୍ନିରେ ଦାହ କରଇ ପିତାର ଦେହକୁ ।
ବେଦୋକ୍ତ ମନ୍ତ୍ର ବିଧାନେ ପିଣ୍ଡକୁ ଦହିବ
ସୁପୁତ୍ର ବୋଲିଣ ତାକୁ କହନ୍ତି ଯେ ଧ୍ରୁବ ।
ବିଷ୍ଣୁଙ୍କ ଶ୍ରୀମୁଖୁ ବେଦ ହୋଇଛି ଜନମ
ଅଗ୍ନିମୟ ଅଟେ ଦେବ ଭଲ କରି ଚିହ୍ନ ।
ବାକ୍ୟ ଅଟଇ ଅଗ୍ନିର ଗୁଣ ବୋଲି ଜାଣ
ସେହି ସିନା କ୍ଷେତ୍ର ବୋଲି ହୋଇଛି ପ୍ରମାଣ ।
ଅଗ୍ନି ଆରାଧନା ଏହିପରି ଯେ କରିବ
ଆହେ ଦେବ ବୈଶ୍ୱାନର ତୁମ୍ଭେ ବ୍ରହ୍ମ ଦେବ ।
ଜ୍ୟୋତି ସ୍ୱରୂପ ତୁମ୍ଭର ତୁମ୍ଭେ ଶକ୍ତିଦାତା
ତ୍ରିଭୁବନର ପାଳକ ତୁମ୍ଭେ ଶକ୍ତିଦାତା ।
ଏହି ଆତ୍ମା ଆସିଥିଲା ଅବିନାଶ ଦେଶୁ
ତୁମ୍ଭ ଦୟା ବଳେ ପୁଣି ଯାଇଁ ତହିଁ ମିଶୁ ।
ତେଜୋମୟ ଦିବ୍ୟପୁର ଉପରକୁ ଯାଇଁ
ତେଜରୁ ବ୍ରହ୍ମାଣ୍ଡ ଉତପତ୍ତି ହେଇଛଇଁ ।
ଆହେ ଅଗ୍ନିଦେବସ୍ଥୂଳ ଦେହ ନାଶ କର
ତୁମ୍ଭେ ତେଜରେ ଏହାକୁ ବିନାଶ ସତ୍ୱର ।
ଏହିପରି ଅଗ୍ନିଦେବ ପ୍ରାର୍ଥନା ବାକ୍ୟରେ
ସନ୍ତୋଷ କରିବ ଅଗ୍ନି ଘୃତ ଆହୁତିରେ ।
ସେହି ସ୍ଥାନେ ବହି ଅଗ୍ନି କୁଣକୁ ଗୁଣିବ
ତାଙ୍କ କୀର୍ତ୍ତିମାନ ସେହି ସ୍ଥାନରେ ଗାଇବ ।
ଶବଦାହ ଶେଷେ ଜ୍ଞାତି ସଙ୍ଗତେ ମିଶିଣ
ନଦୀରେ ପ୍ରବେଶି କରିବ ହେ ଶୁଦ୍ଧସ୍ନାନ ।
ସ୍ନାନାନ୍ତେ ତ୍ରିଛକ ପଥେ ଆସି ପ୍ରବେଶିବ
ତିଳୋଦକ ଦାନ ଯେ ଦକ୍ଷିଣା ତହିଁ ଦେବ ।

Digitized by srujanika@gmail.com

ନାମ ଗୋତ୍ରକୁ ଉଚ୍ଚାରି କରିବ ଏ ମାନ
ତାହା ପରେ ନିମ୍ବ ପତ୍ର କରିବ ଭକ୍ଷଣ ।
ମିଷ୍ଟାନ୍ନ ଭୋଜନ ନ କରିବ ସେ ଦିନରେ
ମୃତ ଜନର ସଦ୍‌ଗୁଣ ଗାଇବ ମୁଖରେ ।
ନାରୀମାନେ ପ୍ରଥମରେ ଗୃହେ ପ୍ରବେଶିବେ
ପୁରୁଷ ପଛରେ ଗୃହେ ଗମନ କରିବେ ।
ଗୃହେ ପ୍ରବେଶି ସକଳେ କରିବେ ସ୍ୱାହାନ
ଧେନୁମାନଙ୍କୁ ଯେ ଦେବ ସନ୍ତୋଷ ଭୋଜନ ।
ସେ ଦିନରେ ଅନ୍ନ ହେ ଭୋଜନ ନ କରିବ
ନିମ୍ବ ଭକ୍ଷି ଶୀତଳ ହେ ଭକ୍ଷଣ କରିବ ।
ମୃତ ସ୍ଥାନକୁ ଗୋମୟ ଉତ୍ତମ ଭାବରେ
ଲେପନ କରିବ ଶୁଦ୍ଧ ହେବା ମାନସରେ ।
ସେହି ସ୍ଥାନେ ଦ୍ୱାଦଶ ଅଙ୍ଗୁଳି ଗର୍ତ୍ତ କରି
ତୈଳ ଦୀପ ଏକ ସେ ଗର୍ଭରେ ଦେବ ଜାଳି ।
ବିସର୍ଜନ ପରିଯନ୍ତେ ଜଳିବ ସେ ଦୀପ
ନ ଲିଭିବ ଯେଉଁପରି କରିବ ତଦ୍ରୁପ ।
ସୂର୍ଯ୍ୟାସ୍ତେ ପ୍ରେତର ପୁତ୍ର ତିନିଦିନ ଯାଏ
ଶ୍ମଶାନେ ତ୍ରିପଥେ ଅବା ପ୍ରେତ ଅଭିପ୍ରାୟେ ।
ତିନିଖଣ୍ଡ କାଠେ ରଜ୍ଜୁତ୍ରିଗୁଣରେ ବାନ୍ଧି
କଦଳୀ ପତ୍ରରେ ଏକ ପାତ୍ର କରି ସିଦ୍ଧି ।
କଞ୍ଚା ମାଟିରେ କରିବ ଗୋଟିଏ ଯେ ପତ୍ର
ନୀର କ୍ଷୀର ମିଶାଇଣ ଦେଉଥିବ ନିତ୍ୟ ।
ସେ ତ୍ରିକାଠ ଛକି ପରେ ସେ ପାତ୍ର ରଖିବ
ଏହିପରି ବଚନ ଯେ ବିନୟେ କହିବ ।
ହେ ଦେବ କୁଟୁମ୍ବେ ଛାଡ଼ି ଦେଇ ଚାଲିଗଲ
ଶ୍ମଶାନରେ ଅଗ୍ନିଦାହ ହୋଇଣ ରହିଲ ।
ସେଠାରେ ତୁମ୍ଭର କଷ୍ଟ ଦୂର ହେବା ପାଇଁ
କ୍ଷୀର ନୀର ଅର୍ପୁଛି ହେ ଘେନ ଦୟାବହି ।
ଏହିପାତ୍ରେ ଥିବା କ୍ଷୀର ତୁମ୍ଭେ ପାନ କର
କ୍ଷୁଧା ତୃଷାକୁ ହେ ଦେବ ହେଳେ ପରିହର ।
ଏହିପରି ତିନିଦିନ ଦେଇ କରି ପୁତ୍ର
ଚତୁର୍ଥ ଦିବସେ ଯହୁଁ ହେବ ଉପଗତ ।
ବିଷ୍ଣୁ ପୁରାଣେ ଯେପରି ହୋଇଛି ନିର୍ଣ୍ଣୟ
ଯେପରି ଭାବେ କରିବ ଅସ୍ଥି ଯେ ସଞ୍ଚୟ ।
ଚତୁର୍ଥ ଦିବସେ ହେବ ବିପ୍ରମାନଙ୍କର
କ୍ଷତ୍ରିୟ ମାନଙ୍କରଟି ତିନିଦିନ କର ।

ବୈଶ୍ୟମାନଙ୍କର ହେବ ଦ୍ୱିତୀୟ ଦିନରେ
ଅସ୍ଥି ସଞ୍ଚୟନ କର ବିଧି ଅନୁସାରେ ।
ଶ୍ମଶାନରେ ଯିବ ପୁତ୍ର କୁଟୁମ୍ବ ସହିତେ
ସ୍ନାନ କରି ଦେହ ଶୁଦ୍ଧି କରିବ ନିୟତେ ।
ଶ୍ମଶାନରେ ପ୍ରବେଶିଣ ଭକତି ଚିତ୍ତରେ
ଶବ ପରି ପ୍ରତିମାଏ କରିବ ମାଟିରେ ।
ପୁତ୍ରକୁ ବେଷ୍ଟନ ସେହି ପିତୁଳାରେ କରି
କହିବ ଶ୍ମଶାନବାସୀ ସମ୍ବୋଧନ କରି ।
ମାଂସ ବଳି ଦୟାବହି କରନ୍ତୁ ଗ୍ରହଣ
ଭୋଦେବ ଯମାୟ ସ୍ୱାହା କରି ଉଚ୍ଚାରଣ ।
ମୁଖେ କହି ତିନିବାର ପ୍ରଦକ୍ଷିଣ କରି
ଦେବ ଦୁଗ୍ଧ ଧାରା ଚିତା ଧାରାର ଉପରି ।
ତଦପରେ ଜଳ ଆଣି ଚିତା ଶୀତଳିବ
ଅସ୍ଥି ଅବଶେଷୁ ମଧ୍ୟୁ ଖଣ୍ଡିଏ ଆଣିବ ।
ନୀରକ୍ଷୀର ମିଶାଇଣ ଧୋଇବ ଅସ୍ଥିକୁ
ମୃତ୍ତିକା ପାତ୍ରରେ ନେଇ ଭରିବ ତାହାକୁ ।
ଯଥା ବିଧାନରେ ଶ୍ରାଦ୍ଧ ସେହି ସ୍ଥାନେ କରି
ଗୋମୟ ଲେପନ ସ୍ଥାନ ଯତନରେ କରି ।
ତ୍ରିକୋଣ କରିବ ଦକ୍ଷିଣ ହେ ପଶ୍ଚିମରେ
ଉତ୍ତର ଦିଗରେ ପୁଣି କୋଣ ଏକ କରେ ।
ଦକ୍ଷିଣକୁ ମୁଖ କରି ପିଣ୍ଡଦାନ ଦେବ
ଚିତାଭସ୍ମ ସବୁ ଏକ ସ୍ଥାନେ କୁଢ଼ାଇବ ।
ଆତପ ତଣ୍ଡୁଳ ଅନ୍ନ ଦଧି ଦୁଗ୍ଧ ଘୃତ
ମିଶାଇଣ ବଳିଦେବ ହୋଇ ଆନନ୍ଦିତ ।
ଏହିପରି ଯେ ଶୀତଳ ଦେଇ ପାଞ୍ଚଦଶ
ପାଦଦେଇ ଉତ୍ତର ମୁଖରେ ଗୃହେ ଆସ ।
ପଞ୍ଚଦଶ ପାଦରେ ଗର୍ତ୍ତେକ ଖୋଳିବ
ପାତ୍ରରେ ଥିବା ଅସ୍ଥିକି ତହିଁ ପୋତିଦେବ ।
ସେ ଅସ୍ଥି ଉପରେ ନିଜ ନାମ ଗୋତ୍ର ସହ
ପିଣ୍ଡ ଦେବା ବିଧାନଟି ଅଟଇ ନିର୍ଣ୍ଣୟ ।
ଏହି ପିଣ୍ଡ ଦେଲେ ପ୍ରେତ ହେତୁ ଦାହମାନ
ଶୀତଳ ହୁଅଇ ବୋଲି ଏହାର ବିଧାନ ।
ଅସ୍ଥିର ଚନ୍ଦନ ଆଦି ହରିଦ୍ରା କୁଙ୍କୁମ
ଭକ୍ତିଭରେ ଦେଇ ଲଗାଇବ ହୃଦେ ପୁଣ ।
ମସ୍ତକରେ ତାହା ପରେ ଲଗାଇବ ନେଇ
ପ୍ରଦକ୍ଷିଣ କରି ନମସ୍କାର କରି ତହିଁ ।

Digitized by srujanika@gmail.com

ଦଶ ଦିନ ମଧ୍ୟେ ଯାର ପୁତ୍ର ସେ ଅସ୍ଥିକୁ
ବିଧିମତେ ନିକ୍ଷେପିଣ କରଇ ଗଙ୍ଗାକୁ ।
ସେହି ଅସ୍ଥି ଗଙ୍ଗାଜଳେ ଯେତେଦିନ ଥିବ
ସେତେଦିନ ଯାଏ ପ୍ରେତ ସ୍ୱର୍ଗେ ବିଳସିବ ।
ଗଙ୍ଗାଜଳର ମହିମା ମୁଖେ ନୁହେଁ କହି
ତାହାର ଲହରୀ ଯେତେଦୂର ଯାଏ ବହି ।
ତା' ମଧ୍ୟରେ ପାପ ରହି ନ ପାରଇ କେବେ
ଗଙ୍ଗାନାମ ଉଚ୍ଚାରଣେ ପାପ ନାଶଯିବେ ।
ମୋ' ପାଦ କମଳୁ ଗଙ୍ଗା ହେଲେ ଉତ୍ପତ୍ତି
ବ୍ରହ୍ମା କମଣ୍ଡଳୁ ମଧ୍ୟେ କଲେ ସେ ଯେ ସ୍ଥିତି ।
କପିଳ ମହର୍ଷି କୋପେ ସଗର ସନ୍ତାନେ
ଦହନ ହୁଅନ୍ତେ ଭଗୀରଥ ବହୁଦିନେ ।
କଠୋର ତପସ୍ୟା କରି ନିଦ୍ରା ମଇଥୁନ
ଆହାର ପ୍ରଭୃତିକୁ କରିଣ ବିସର୍ଜନ ।
ବହୁକାଳ ଏକନିଷ୍ଠେ ତପସ୍ୟା କରନ୍ତେ
ଗଙ୍ଗା ପ୍ରସନ୍ନ ହୋଇଲେ ଭଗୀରଥ ଭକ୍ତେ ।
ମର୍ତ୍ତ୍ୟକୁ ଆସିଲେ ଦେବୀ ଭକ୍ତର କାର୍ଯ୍ୟରେ
ସାଗର ପୁତ୍ରଙ୍କୁ ତହୁଁ ଉଦ୍ଧରିଲେ ହେଳେ ।
ସେହି ଦିନୁ ମର୍ତ୍ତ୍ୟେ ବାସ ହୋଇଲା ତାଙ୍କର
ମର୍ତ୍ତ୍ୟବାସୀଙ୍କୁ କରନ୍ତି ଗଙ୍ଗା ଯେ ଉଦ୍ଧାର ।
ଯମଦୂତ ପାପୀଙ୍କୁ ଯେ ଦଣ୍ଡ ଦେଉଥାନ୍ତି
ଅସ୍ଥି ଗଙ୍ଗାରେ ପଡ଼ିଲେ ଭକତି କରନ୍ତି ।
ପୁରାତନ କଥା ଏକ ଶୁଣ ମନଦେଇ
ଶମ୍ଭୁନାମେ ଏକ ବ୍ୟାଧ ବନେ ରହିଥାଇ ।
ପଶୁ ହିଂସା କରି ପେଟ କରଇ ପୋଷଣ
ଏହିପରି ବହିଗଲା ତହିଁ କେତେଦିନ ।
ଅସଂଖ୍ୟ ପଶୁଙ୍କୁ ହିଂସା କରିଲା ସେ ବ୍ୟାଧ
ତାହାର ଚିତ୍ତରେ ତିଳେ ନ ଥାଏ ଉପ୍ରୋଧ ।
ଦିନକର ଏକ ସିଂହ ତାହାକୁ ଦେଖିଲା
ବଳାତ୍କାର ଧରି ତା'ର ମାଂସକୁ ଖାଇଲା ।
ସେ ବ୍ୟାଧ ମରଣେ ଯମଦୂତ ଯେ ଅଇଲେ
ତାହାର ଆତ୍ମାକୁ ବଳେ ବାନ୍ଧି ଘେନି ଗଲେ ।
କାଳସୂତ୍ର ନର୍କେ ବାସ ହୋଇଲା ତାହାର
ନିରନ୍ତର ଯମଦୂତ କରନ୍ତି ପ୍ରହାର ।
କ୍ଷୁଧା ତୃଷା କଷ୍ଟ ବହୁ ସହଇ ସେଠାରେ
ମାରିଥିବା ପଶୁମାନେ ମିଳି ସେ ଠାବରେ ।

ତାହାର ଦେହରେ ସେ କରନ୍ତି ନଖାଘାତ
କେବା ଦନ୍ତାଘାତ କରେ କେ ଶୃଙ୍ଗେ ଆଘାତ ।
ଏଣେ ସିଂହ ତା'ର ମାଂସ ଖଣ୍ଡ ଖଣ୍ଡ କରି
ଖାଇ ଚାଲିଗଲା ବନେ ବନୁ ଗତି କରି ।
କିଛିଦିନ ପରେ ହେଲା ପ୍ରବଳ ବରଷା
କ୍ଷୁଦ୍ର ଅସ୍ଥି ଖଣ୍ଡ ଭାସିଗଲା ଯେ ସହସା ।
ଗଙ୍ଗାର ଜଳରେ ତାହା ପଡ଼ିଲାକ ଯାଇ
ନର୍କ କୁଣ୍ଡେ ଦିବ୍ୟ ଦେହ ଧରିଲାକ ସେହି ।
ବିଷ୍ଣୁଦୂତ ମିଳିଲେକ ଆସିଣ ସେଠାରେ
ରଥରେ ବସାଇ ନେଇଗଲେ ସ୍ୱର୍ଗପୁରେ ।
ବହୁ ସୁଖ ଭୋଗ କରି ଆନନ୍ଦେ ରହିଲା
ଗଙ୍ଗା ଜଳର ମହିମା ଏସନକ ଭଲା ।
ଯେଉଁ ନାରାୟଣ ନାମ ଧରି ଅଜାମିଳ
ପାପ ନାଶି ବୈକୁଣ୍ଠରେ ରହିଲା କେବଳ ।
ସେ ନାରାୟଣ ଚରଣ ସରୋଜୁ ଜନମ
ଗଙ୍ଗା ହୋଇଅଛି ଯେଣୁ ଦିଏ ମୁକ୍ତି ଧାମ ।
ଯଦି କେହି ବନ ପଥେ ସର୍ପ ବ୍ୟାଘ୍ର ମୁଖେ
ଅଗ୍ନିରେ ବା ଚୋରିକରେ ପଡ଼େ ମୃତ୍ୟୁମୁଖେ ।
ବୃକ୍ଷୁ ପଡ଼ି ଜଳେ ବୁଡ଼ି କୁମ୍ଭୀର ମୁଖରେ
ପଡ଼ିଣ ପ୍ରାଣ ହରଇ ଅସ୍ଥି ନ ମିଳିଲେ ।
ପିତାର ମରଣ ଯେବେ ଶୁଣିବ କୁମର
ଚାଉଳକୁ ବାଟି ଏକ ଗୋଟି ମୂର୍ତ୍ତି କର ।
ପଳାଶ କାଷ୍ଠକୁ ଏକହସ୍ତ ପ୍ରମାଣରେ
ଅବୟବ ମାନଙ୍କୁ ଯେ କରିବ ତହିଁରେ ।
ତା'ର ନାଭିସ୍ଥଳେ ତୈଳ ଦୀପେକ ଜାଳିବ
ସେ ମୂର୍ତ୍ତିକି ପ୍ରାଣ ପ୍ରତିଷ୍ଠାଦି ଯେ କରିବ ।
ଗୋତ୍ର ନାମ ଉଚ୍ଚାରିଣ ହଂସରୂପୀ ପ୍ରାଣ
ଇନ୍ଦ୍ରିୟମାନଙ୍କ ସଙ୍ଗେ କରିବ ସ୍ଥାପନ ।
ଚକ୍ଷୁ କର୍ଣ୍ଣର ସହିତ ନଖ ଲୋମ ଆଦି
ପିତୁଳା ଦେହରେ କଳ୍ପି ମାନସିକ ବିଧି ।
ପୂର୍ବ ପରକାରେ ବିଷ୍ଣୁ ନାମକୁ ସ୍ମରଣ
ନାନାଦି କରିବ ଡାକି ଉତ୍ତମ ବ୍ରାହ୍ମଣ ।
ଆବର ଦାନମାନଙ୍କୁ ଦେବ ସେହି କାଳେ
ଦାନ ଶେଷେ ସେ ଦୀପକୁ ଲିଭାଇବ ହେଳେ ।
ଶବକୁ ଶ୍ମଶାନେ ନେଇ ସଂସ୍କାର ବିଧିରେ
ଚିତାନଳେ ଦହି ଅସ୍ଥି ଆଣିବ ସତ୍ୱରେ ।

Digitized by srujanika@gmail.com

ସେହି ଭସ୍ମମାନଙ୍କୁ ଯେ ଏକତ୍ର କରିଣ
ଗଙ୍ଗା ଜଳରେ ନିକ୍ଷେପ କରିବ ତକ୍ଷଣ ।
ସେହିଦିନଠାରୁ ଗଣି ଦଶାହ ବିଧିରେ
ପ୍ରେତକୃତ୍ୟ ସମାପନ କରି ବିଧାନରେ ।
ବର୍ଷଶେଷେ ବର୍ଷ ଶ୍ରାଦ୍ଧ ସୁଚିତ୍ତେ କରିବ
ଏହିପରି କଲେ ପ୍ରେତ ମୁକତି ଲଭିବ ।
ଗର୍ଭବତୀ ନାରୀ ଯେବେ ତେଜଇ ଜୀବନ
ତା'ର ସ୍ୱାମୀ ଅସ୍ତ୍ର ଧରି ଗର୍ଭ ବିଦାରିଣ ।
ବାଳକ ଯଦିବା ଆଗୁ ଯାଇଥାଏ ମରି
କିବା ଜନ୍ମ ମାତ୍ରେ ମୃତ୍ୟୁ ହୁଅଇ ତାହାରି ।
ତେବେ ତାହାକୁ ଗଙ୍ଗାରେ ପକାଇବ ଯତ୍ନେ
ପୋଡ଼ା ପୋତା ନ କରିବ ତାହାକୁ କିଞ୍ଚିତେ ।
ସତାଇଶ ମାସୁ ଯଦି ଅଧିକ ବୟସ
ହୋଇଥିବ ଯାହାରଟି ଦହିବ ଅବଶ୍ୟ ।
ଗଙ୍ଗା ଜଳରେ ପକାଇ ଜଳକୁମ୍ଭ ଦାନ
ତାହାର ପାଇଁ କି ଦେବ ବିନତା ନନ୍ଦନ ।
ପାଞ୍ଚ ବରଷରେ ଯେତେବ କୁମର ମରଇ
ତାହାର ବିଧାନ ମାନ ଶୁଣ ମନ ଦେଇ ।
ସମାନ ବୟସ ଶିଶୁମାନଙ୍କୁ ଆଣିବ
ମିଷ୍ଟାନ୍ନ ଭୋଜନ ଦେଇ ସନ୍ତୋଷ କରିବ ।
ପୌଗଣ୍ଡ କାଳରେ ମଲେ ବର ଏହିପରି
ତେବେ ସୁଗତି ପ୍ରାପତ ହୁଏ ଶିଶୁ ମାରି ।
ବ୍ରତ ହୋଇ ଯେବେ ମରେ ବ୍ରାହ୍ମଣ ସନ୍ତାନ
ଶୌଚାଦି କାର୍ଯ୍ୟ କରିବ ତାହାର ବହନ ।
ପ୍ରାୟସାନ୍ନ ଯତନରେ କରିବ ପ୍ରତ୍ୟହ
ପିଣ୍ଡ ଦାନ ଦେବ ଦିନେ ଦିନେ ଦଶ ଶହ ।
ଏକାଦର୍ଶ ଦ୍ୱାଦଶ ଦିନରେ ବୃଷୋତ୍ସର୍ଗ
ବିଧିବିଧାନ କରିବ ନାନା ଦାନ ଯୋଗ ।
ବାଳକର ପିତା ଯେବେ ବଞ୍ଚି ରହିଥାନ୍ତି
ସପିଣ୍ଡୀ କରଣ ନ କରିବ ଭାବି ଚିନ୍ତି ।
ଅନ୍ୟ କର୍ମମାନ ତା'ର ସଫଳ ହୋଇବ
ଏକୋଦ୍ଦିଷ୍ଟ ଶ୍ରାଦ୍ଧ ତାହା ପାଇଁକି କରିବ ।
ଯେଉଁମାନଙ୍କର ବ୍ରତ ବିଧାନ ଅଛଇ
ସେମାନଙ୍କ ପାଇଁ ଏହି ବିଧି କହିଲଇଁ ।
ତରୁଣ ବୟସେ ଯେବେ ବିସର୍ଜଇ ପ୍ରାଣ
ସମସ୍ତ କର୍ମ ତାହାର ହେବ ସମ୍ପାଦନ ।

ସନ୍ନ୍ୟାସୀ ମରିଲେ ଦାହ ନ କରିବ ଶବ
ଯତିମାନଙ୍କରେ ପୁଣି ତାହାହିଁ କରିବ ।
ଭୂମି ମଧ୍ୟରେ ଯତନେ ପୋତିଦେବ ନେଇ
ଦାନ ନ କରିବ ଶାସ୍ତ୍ରେ ନିଷେଧ ଅଛଇ ।
ଏମାନଙ୍କ ପାଇଁ ପ୍ରେତ ମନ୍ତ୍ର ଉଚ୍ଚାରିଣ
ବିଷ୍ଣୁ ମନ୍ତ୍ରକୁ ଶରୀରେ ନ୍ୟାସିବ ବହନ ।
ଦଣ୍ଡ କମଣ୍ଡଳୁ ସହ ସମାଧି କରିବ
ଉଦକ କ୍ରିୟାକୁ ଦଶଦିନ କର୍ମଭାବ ।
ସମସ୍ତ କରିବ ବିଧି ବିଧାନାନୁଯାୟୀ
ତାଙ୍କ ଆତ୍ମା ପ୍ରେତପୁରେ କଦାପି ନ ଯାଇ ।
ଦଣ୍ଡଧର ସନ୍ନ୍ୟାସୀ ଯେ ନାରାୟଣ ସମ
ତ୍ରିଦଣ୍ଡ ଯଦି ସନ୍ନ୍ୟାସୀ କରଇ ଧାରଣ ।
ବୈକୁଣ୍ଠ ଗମନ ସେହି କରଇ ସତ୍ୱର
ପ୍ରେତଭୂମି ଦରଶନ ନ ହୁଏ ତାହାର ।
ସନ୍ନ୍ୟାସୀର ସଙ୍ଗେ ସଙ୍ଗି ହୋଇଥାଏ ଯେହୁ
ସେ ମଧ୍ୟ ମୁକତ ହୁଏ ତା' କଥା କେ କହୁ ।
ଏହାକୁ ଯେ ନର ଶୁଣେ ଆନନ୍ଦ ମନରେ
ପାପ ନାଶି ଧର୍ମ ଦିନୁ ଦିନ ହେଲେ ।
ମୁକ୍ତ ହୋଇ ସ୍ୱର୍ଗ ସୁଖ ସେ ଭୋଗ କରଇ
ତାହାର ମହିମା ବାବୁ ମୁଖେ ନୁହେ କହି ।
ଯେଉଁ ନାରୀ ଏ ପୁରାଣ ବ୍ୟାଖ୍ୟାନ ଶୁଣିବ
ପତିବ୍ରତା ସତୀ ହୋଇ ସୁଖେ ବିଳସିବ ।
ଅଷ୍ଟାଦଶ ପୁରାଣରୁ ସାରକୁ ଉଦ୍ଧାରି
ଏ ପୁରାଣକୁ ରଚିଲେ ହୃଦରେ ବିଚାରି ।
ବ୍ୟାସଦେବ ନାରାୟଣ ସ୍ୱରୂପ ଅଟନ୍ତି
ତାଙ୍କ ଦୟାରୁ ପୁରାଣ ସର୍ବେ ହେଲେ ଖ୍ୟାତି ।
ପ୍ରାଣୀମାନଙ୍କର ଉପକାର କରିବାରେ
ଗୀତ ବନ୍ଧେ ବିରଚନ କଲି ମୁଁ ତାହାରେ ।
ସେ ମହାଜନମାନଙ୍କ ପଦ କମଳରେ
ଶତ ଶତ ନମସ୍କାର ଦୀନ ହୀନ କରେ ।
ଦୟା କରି ସାଧୁଜନେ ମୋ ଦୋଷ ନ ଘେନ
ପ୍ରେତ ଉଦ୍ଧାର ଚରିତ ଅପୂର୍ବ ଆଖ୍ୟାନ ।
ପଢ଼ିଲେ ଶୁଣିଲେ ଗତି ମୁକତି ଲଭିବ
ଲକ୍ଷ୍ମୀନାରାୟଣ ଦଶା ନିଶ୍ଚୟ ପାଇବ ।
ଦୀନ ହୀନ ଆର୍ତ୍ତତ୍ରାଣେ ଦାସ ନିବେଦଇ
ଗୁଣଗ୍ରାହୀ ଗୁଣ ଘେନ ଦୋଷ ଫିଙ୍ଗିଦେଇ ।

Digitized by srujanika@gmail.com

ଇତିଶ୍ରୀ ଗରୁଡ଼ ପୁରାଣେ
ନୈମିଷାୟୋପାଖ୍ୟାନେ ଭଗବାନ ଗରୁଡ଼
ସମ୍ବାଦେ ଶବଦାହ ବିଧି ନିରୂପଣଂ ନାମ
ଏକଦଶୋଽଧ୍ୟାୟୋଃ ।

—o—

ଦ୍ୱାଦଶୋ ଅଧ୍ୟାୟଃ

ଦଶାହବିଧି ଓ ନିଃସନ୍ତାନ ପ୍ରେତକୃତ୍ୟ ବିଚାର

ଗରୁଡ଼ ଉବାଚ୍

ପୁନର୍ବାର ଗରୁଡ଼ ଯେ ହୋଇଣ ବିନୟୀ
ପାଦତଳେ ପ୍ରତି ମୁଖେ ବାଣୀ ଉଚ୍ଚାରଣ ।
ଏହି ଦୀନ ହୀନ ପ୍ରତି ଦୟା କରି ଦେବ
ଦଶାହ ବିଧି ସଂକ୍ଷେପ ବୁଝାଇ କହିବ ।
ଯେଉଁ ଜନ ନିଃସନ୍ତାନ ହୋଇଣ ମରଇ
ତା'ର ପ୍ରେତ କୃତ୍ୟ କିଏ କିପରି କରଇ ।
ବୁଝାଇ କହିବ ମୋତେ କମଳା ରମଣ
ତୁମ୍ଭେ ଆର୍ତ୍ତତ୍ରାଣ ମୁହିଁ ଅଟେ ଆର୍ତ୍ତଜନ ।
ଗରୁଡ଼ ବଚନ ଶୁଣି ଦେବ ଯଦୁପତି
ମୃଦୁ ମନ୍ଦେ ହସି ଧୀରେ ବଚନ କହନ୍ତି ।

ଶ୍ରୀ ଭଗବାନୁବାଚ

ଆହେ ବିନତା ନନ୍ଦନ ପଚାରିଲୁ ଯାହା
ସଂକ୍ଷେପରେ କହୁଅଛି ତୋତେ ମୁହିଁ ତାହା ।
ଦଶାହ ବିଧାନ ଦଶ ରାତ୍ରର ବିଧାନ
ଅପୁତ୍ରିକ ଜନର ଯେ ପ୍ରେତକୃତ୍ୟ ମାନ ।
ସକଳ ବୁଝାଇ ମୁହିଁ କହିଦେବି ତୋତେ
ଧୀରସ୍ଥିର ହୋଇ ଶୁଣ ତାହା ଶ୍ରଦ୍ଧା ଚିତ୍ତେ ।
ଦଶାହ ଦଶ ରାତ୍ରର କ୍ରିୟାବିଧିମାନ
କରିଲେ ସୁପୁତ୍ର ବାଚ୍ୟ ହୁଅନ୍ତିଟି ଜନ ।
ପିତୃଋଣ ପରିଶୋଧ ସେହି ଜନ କରେ
ସତ୍‌ପୁତ୍ର ବୋଲିଣ ଚିହ୍ନାଯାଏ ଜଗତରେ ।
ପୁତ୍ର ଧୈର୍ଯ୍ୟକୁ ଧରିଣ ଶୋକ ତ୍ୟାଗ କରି
ସାତ୍ତ୍ୱିକ ଭାବରେ ପିତୃ ଯଜ୍ଞକୁ ଆଚରି ।
ପିତାଙ୍କର ପିଣ୍ଡଦାନ ଆଦି ପ୍ରେତ କର୍ମ
କରିବ କଦାପି ଅଶ୍ରୁ ନ କରି ବର୍ଜନ ।
ଯେବେ ବା ପୁତ୍ର କରଇ ଅଶ୍ରୁ ବିସର୍ଜନ
ବନ୍ଧୁମାନେ ଶୋକେ ଯେବେ କରନ୍ତି କ୍ରନ୍ଦନ ।
ତେଣୁ ପ୍ରେତ ପିଣ୍ଡ ଅନ୍ନ ଭକ୍ଷି ନ ପାରଇ
ଏମାନଙ୍କ ଶୋକ ଦେଖି ବିକଳ ହୁଅଇ ।
ଏଣୁ କରି ପ୍ରେତ କୃତ୍ୟ କରିବା କାଳରେ
ରୋଦନ କରିବ ନାହିଁ କଦାପି ଶୋକରେ ।
ସହସ୍ର ବର୍ଷ ଯଦ୍ୟପି ପ୍ରାଣୀ ବଞ୍ଚିରହେ
ଆହୁରି ବଞ୍ଚିବା ପାଇଁ ମନେ ଭାବୁଥାଏ ।
କଦାପି ମରିବ ବୋଲି ମନେ ନ ଭାଳଇ
ଅମର ହୋଇବ ବୋଲି ସେ ଅଭିଳଷଇ ।
ଜନ୍ମ ହୋଇଲେ ମରଣ ନିଶ୍ଚୟ ଘଟିବ
ମରଣ ହେଲେ ଜନମ ନିଶ୍ଚୟ ଲଭିବ ।
ଜନ୍ମ ମରଣର ସତ୍ୟ ଭବ ପାରାବାରେ
ମୁହୁ ମୁହୁ ଲାଗି ଅଛି ସର୍ବଦା କାଳରେ ।
ମରଣ ପାଇଁକି କେବେ ଶୋଚନା ନ କରି
ଜନ୍ମ ମରଣ ବିଧାନେ ଦେବ ବଳେ ବଳି ।
ମୃତ୍ୟୁ ମୁଖରେ ପତିତ ହୁଏ ଯେଉଁ ପ୍ରାଣୀ
କୋଟି ଭୟ କରିଲେ ନ ଫେରେ ସେ ପୁଣି ।
ଯାହାତ ହେବାର ତାହା ନିଶ୍ଚୟ ହୋଇବ
ନ ହେବାର କଥା ଗୋଟି କଦାପି ନ ହେବ ।
ଯଦି ବଦଳି ପାରନ୍ତା ନ ହୋଇବା କଥା
ପୂର୍ବ ମହାଜନେ କିମ୍ପା ନ କରନ୍ତେ ତଥା ।
ନଳ ରାମ ଯୁଧିଷ୍ଠିର ମହାବୀର ତିନି
ସତ୍ୟ ତ୍ରେତା ଦ୍ୱାପର ଯୁଗର କାରେଣୀ ।
କରି ନ ପାରିଲେ ଆନ ଦୈବର ଗତିକି
ମରଣ ଲଭିଲେ କାଳେ ତେଜି ପୃଥିବୀ କି ।
କଥା ମାତ୍ର ରହିଅଛି ପୁଣି ରହିଥିବ
ଚିରସ୍ଥାୟୀ ହୋଇକରି କେହି ନ ରହିବ ।
ଦେବତା ଜନ୍ମଇ ଯେବେ ଦେହ ବହି ଏଥି
କାଳେ ମୃତ୍ୟୁ ଲଭେ ରହିଥାଏ ସେହି ପୃଥ୍ୱୀ ।
ତେଣୁ ପ୍ରେତକୃତ୍ୟ ପିଣ୍ଡଦାନ ବେଳେ ପୁଣ
ଅଶ୍ରୁମୋଚନ କରିବା ଅଟେ ଅନୁକ୍ଷଣ ।
ଯେଉଁ କର୍ମକୁ କରିଲେ ସୁପୁତ୍ର ହୁଅଇ
ପିତୃଋଣ ମୁକତି ଯେ ସେ ପୁତ୍ର ଲଭଇ ।

Digitized by srujanika@gmail.com

ଧୈର୍ଯ୍ୟ ଧରି ପ୍ରେତକୃତ୍ୟମାନଙ୍କୁ କରିବ
ସାତ୍ତ୍ୱିକ ଭାବରେ ରହି ପିଣ୍ଡଦାନ ଦେବ ।
ଅଶ୍ରୁ ବର୍ଷଣ କରିଲେ ପିଣ୍ଡଦାନ କାଳେ
ପ୍ରେତ ସନ୍ତୋଷ ନ ହୁଏ ଏହି ଅଶ୍ରୁଜଳେ ।
ଏଣୁ କରି ସୁବିବେକୀ ଜନ ଯେ ଅଟଇ
ଦଶାହ କର୍ମକୁ କରେ ଚିତ୍ତେ ତୋଷ କହି ।
ପିତୃକାର୍ଯ୍ୟ ଯେଉଁ ଜନ କରଇ ହରଷେ
ସତ୍‌ପୁତ୍ର ବୋଲି ତାହାକୁ ପୁରାଣ ଯେ ଭାଷେ ।
ପୁତ୍ର ମୃତ୍ୟୁ ହୋଇଥିଲେ ପୁତ୍ରବଧୂ କରେ
ପୁତ୍ର ନ ଥିଲେ ଭାରିଯା କରିବ ବିଧିରେ ।
ଭାର୍ଯ୍ୟା ନ ଥିଲେ ବି ସହୋଦର ଭାଇ କରି
ଭ୍ରାତା ପୁତ୍ର ଥିଲେ ପିଣ୍ଡଦାନେ ଅଧିକାରୀ ।
ପୁତ୍ର ଅଭାବରେ ନାତି କରେ କର୍ମମାନ
ଅଧିକାରୀ ଅଟେ ସେହି ଶାସ୍ତ୍ରର ବିଧାନ ।
ମୃତାହ ଦିବସ ଠାରୁ ଦଶାହ ପର୍ଯ୍ୟନ୍ତ
ପୂର୍ବୋକ୍ତ ବିଧାନେ ସେ କରିବେଟି ନିୟତ ।
ସହୋଦରଙ୍କ ମଧ୍ୟରେ ଜଣକର ସୁତ
ହୋଇଥାଏ ଯଦି ନ ହୁଅଇ କାହାରି ତ ।
ସମସ୍ତଙ୍କର ସେ ସିନା ଅଟଇ କୁମର
ସମସ୍ତଙ୍କ ପିଣ୍ଡ ଦେବା ତା'ର ଅଧିକାର ।
ଏକ ପତି ଯେବେ ବହୁ ପତ୍ନୀ ବିଭା ହୋଇ
ସନ୍ତାନହୀନା ହୁଅନ୍ତି ସବୁ ପତ୍ନୀ ତହିଁ ।
ଏକ ପତ୍ନୀର ହୁଅଇ ଯଦ୍ୟପି କୁମର
ସର୍ବମାତା ପିତାଙ୍କର ପିଣ୍ଡେ ଅଧିକାର ।
ଏ ସମସ୍ତ ଅଭାବରେ ମିତ୍ର ଥାଏ ଯଦି
ସେ କରି ପାରଇ ଏହି ଦଶାହର ବିଧି ।
କ୍ରିୟା ଲୋପ କଦାଚନ ନ କରିବ କେବେ
ଏତେ ଲୋକ ସେହି ପିଣ୍ଡ ଶ୍ରାଦ୍ଧାଦି କରିବେ ।
ଏସର୍ବ ଅଭାବ ଯଦି ହୋଇବ କାହାର
କୁଳପୁରୋହିତ କାର୍ଯ୍ୟ କରିବେ ତାହାର ।
ସ୍ତିରୀକି ପୁରୁଷ ହେଉ ହୋଇଲେ ଅରକ୍ଷ
ତାହାକୁ ଉଦ୍ଧାର କଲେ ପାଇବଟି ମୋକ୍ଷ ।
ଅରକ୍ଷ ପ୍ରେତର ପ୍ରେତକୃତ୍ୟ ଯେହୁ କରେ
କୋଟି ଯଜ୍ଞ ଫଳ ଲାଭ କରେ ଏକାଥରେ ।
ପିତା ପିଣ୍ଡ ପୁତ୍ର କରେ ଶାସ୍ତ୍ରର ବିଧାନ
ଅଭାବ ହେଲେ ଏପରି ଦେବ ପିଣ୍ଡ ଦାନ ।

ବଂଶ ମଧ୍ୟେ ଜ୍ୟେଷ୍ଠ ଜନ ଯଦି ମରିଥାଇ
କନିଷ୍ଠ ପିଣ୍ଡ ପ୍ରାପତେ ହୋଇ ନ ପାରଇ ।
ପିତା ଥିଲେ ପୁତ୍ର ପିଣ୍ଡଦାନ ପାଇବ
ଶାସ୍ତ୍ରରେ ଅଛଇ ବାବୁ ଏମନ୍ତ ଯେ ଭାବ ।
ସ୍ନେହ ହେତୁ ପିତା ଯେବେ ପୁତ୍ର ପ୍ରେତକୃତ୍ୟ
କରି ପିଣ୍ଡାଦି ଦିଅଇ ହୁଏ ନର୍କ ଗତ ।
ଗୋଟିଏ ପିତାର ଯେବେ ବହୁ ପୁତ୍ର ଥିବେ
ସମସ୍ତେ ମିଳିଣ ଏକ ପିଣ୍ଡ ଯେ କରିବେ ।
ସର୍ବେ ଏକ ଏକ କରି ପ୍ରେତ କୃତ୍ୟ କରି
ଯମପୁରକୁ ଗମନ୍ତି ସେହୁ ପିଣ୍ଡକାରୀ ।
ଦଶରାତ୍ର ପରିଯନ୍ତେ ପିଣ୍ଡଦାନ ଦେବେ
ସପିଣ୍ଡୀକରଣ କରି ନିଶ୍ଚିନ୍ତ ହୋଇବେ ।
ଜ୍ୟେଷ୍ଠ ପୁତ୍ର ଏହି କାର୍ଯ୍ୟ କରିବା ଉଚିତ
ତାହାର ଅଭାବେ କରିପାରେ ତା' କନିଷ୍ଠ ।
ପୁତ୍ରମାନେ ପିତୃଧନ ବାଣ୍ଟ ଘେନିଯାନ୍ତି
ମାତ୍ର ପିଣ୍ଡଦାନ ବଡ଼ ପୁଅକୁ ଦିଅନ୍ତି ।
ବାଣ୍ଟ କରି ଯଦ୍ୟପି କରନ୍ତି ପ୍ରେତ କୃତ୍ୟ
କୁଫଳ ଫଳଇ ନିଶ୍ଚେ ହୁଅଇ ଅନିଷ୍ଟ ।
ସବୁ ବାଣ୍ଟି ହୋଇପାରେ ସମ୍ପତ୍ତି ଗୃହର
ଶ୍ରାଦ୍ଧ ବାଣ୍ଟି ନ ହୁଅଇ ଜାଣିଥା ନିକର ।
ଦଶରାତ୍ର ବିଧାନ ଯା ଆଗରୁ କହିଛି
ବଡ଼ପୁଅ କରିବଟି ସେ କର୍ମକୁ ବାଛି ।
ପିତାମାତାଙ୍କୁ ଉଦ୍ଧାର କରି କ୍ରିୟାଦାନେ
ଦଶ ରାତ୍ରି କ୍ରିୟାମାନ କରିବ ବିଧାନେ ।
ବରଷ ଶେଷ ପର୍ଯ୍ୟନ୍ତ କ୍ରିୟାକୁ ଧରିବ
ଦିବସରେ ଏକବାରଭୋଜନ କରିବ ।
ଭୂମିରେ ଶୋଇବ ବ୍ରହ୍ମଚାରୀ ପରି ହୋଇ
ସପ୍ତବାର ପୃଥ୍ୱୀ ପର୍ଯ୍ୟଟନ ଯେ କରଇ ।
ତୀର୍ଥ ସେବା ସହିତରେ କରିବେଟି ଯାହା
ଫଳ ମିଳଇ ବ୍ରତୀକି ପ୍ରେତ କୃତ୍ୟେ ତାହା ।
କୂପ ବାପୀ ପୁଷ୍କରିଣୀ ଖନନ କରିଲେ
ବିଷ୍ଣୁ ଶିବାଦି ମନ୍ଦିର ତୋଳାଇଲେ ଭଲେ ।
ଯେଉଁ ପୁଣ୍ୟ ହୁଏ ପ୍ରେତକୃତ୍ୟ କଲେ ପୁତ୍ର
ନିଶ୍ଚୟ ଅଧିକ ଫଳ ପାଇବ ନିୟତ ।
କୂପ ତଡ଼ାଗ ଅଥବା ବିଶ୍ରାମ ମନ୍ଦିରେ
ତୀର୍ଥରେ ବା ଦେବାଳୟ ସ୍ଥାନମାନଙ୍କରେ ।

Digitized by srujanika@gmail.com

ଯେ କୌଣସି ଏକ ସ୍ଥାନ ଗମନ କରିବ
ବିଶୁଦ୍ଧ ହୋଇଣ ବୃକ୍ଷ ମୂଳେ ବା ବସିବ ।
ମଣ୍ଡଳ ସଦୃଶ୍ୟ ଏକ ବେଦୀକି ନିର୍ମାଣି
ଗୋମୟ ଜଳେ ଲେପନ କରିବାକ ପୁଣି ।
ମନ୍ତ୍ରଜଳ ସିଞ୍ଚି ପୁଣି ବିଶୁଦ୍ଧ କରିବ
ତାହାର ଉପରେଗୁଳ୍ମ ଆଣି ଆଚ୍ଛାଦିବ ।
ବ୍ରାହ୍ମଣ କୁଶ ବେଷ୍ଟନ ତହିଁରେ କରିବ
ପାଦ୍ୟ ଅର୍ଘ୍ୟ ବିଧିମାନ ତହିଁ ନିର୍ଭାଇବ ।
ଅତସୀ ମନ୍ତ୍ରରେ କରି ଦଣ୍ଡ ପ୍ରଲମ୍ବନ
ସେହି ବେଦିକା ଉପରେ ଦେବ ପିଣ୍ଡ ଦାନ ।
ପିଣ୍ଡର ନିମନ୍ତେ କୁଶ ଆସନ ପାରିବ
ତହିଁ ପବିତ୍ର ଭାବରେ ପିଣ୍ଡ ଆରମ୍ଭିବ ।
ଆତପ ତଣ୍ଡୁଳ ପାକ କରିବ ବିଧିରେ
ପଞ୍ଚାମୃତ ଦେଇ ପିଣ୍ଡ ବେଦ ବିଧାନରେ ।
ଅଥବା ଯବ ସେ ସକ୍ତୁ ଦୁଗ୍ଧ ଖଣ୍ଡ ସହ
ପିଣ୍ଡର ବିଧାନ ତହିଁ କରିବ ନିଶ୍ଚୟ ।
ଅମାନ୍ନ ଦୁଗ୍ଧ ଯେ ଖଣ୍ଡ ପାଚିଲା କଦଳୀ
ମିଶାଇ ପିଣ୍ଡ କରିବ ଯାକୁ ଯାହା ମିଳି ।
ଭୃଙ୍ଗରାଜ ପୁଷ୍ପ ବେଣାମୂଳକୁ ପିଣ୍ଡରେ
ଦେବ ଭକତି ଚିତ୍ତରେ ଯତ୍ନ ସହକାରେ ।
ଧୂପ ଦୀପ ନୈବେଦ୍ୟ ଯେ ସମର୍ପଣ କରି
କ୍ରାମୁକ ତାମ୍ବୁଳ ମୁଖବାସ ଯାଏ କରି ।
ପିଣ୍ଡୋପରି ନୂଆ ବସ୍ତ୍ର ଦେବଟି ଯତନେ
ବସ୍ତ୍ରାଭାବେ ନୂଆବସ୍ତ୍ର ଦେବ ଯା ବିଧାନେ ।
ଚୁତ ପତ୍ରେ କାକ ବଳୀ ଦେବ ବହି ତୋଷ
କଦାପି ମନ ମଧ୍ୟରେ ନୋହିବ ବିରସ ।
ଶୁଦ୍ଧାଭାବେ ଜଳାଞ୍ଜଳି ଅରପଣ କରି
ସୂର୍ଯ୍ୟାର୍ଘ୍ୟ ଦେବ ବିଧାନେ ମନ୍ତ୍ରକୁ ସୁମରି ।
ମୋର ପ୍ରଦତ୍ତ ପଦାର୍ଥ ଅମୃତ କରିଣ
ପ୍ରେତରୂପୀ ପିତା ତୁମ୍ଭେ କର ହେ ଗ୍ରହଣ ।
ଆହେ ପ୍ରେତ ତୁମ୍ଭେ ଆସି ଏଠାରେ ପ୍ରବେଶ
କରି ଜଳ ତିଳୋଦକେ ହୁଅ ସେ ସନ୍ତୋଷ ।
ପ୍ରେତର ଉଦ୍ଦେଶ୍ୟେ ବିପ୍ର ଦେବ ଯେଉଁ ଦାନ
ପ୍ରେତ ତାହା ପାଏ ଏହା ଶାସ୍ତ୍ରର ବିଧାନ ।
ମରିବା ଦିନରୁ ପ୍ରେତ ମୋକ୍ଷ ହେବାଯାଏ
ସପିଣ୍ଡୀକରଣ ଯେଉଁଦିନ ପୁଣି ହୁଏ ।
ନାରୀ ବା ପୁରୁଷ ହେଉ ବିଧି ଅନୁସାରେ
ପ୍ରେତ କାର୍ଯ୍ୟକୁ କରିବ ଭକତି ଭାବରେ ।
ପ୍ରଥମ ଦିନରୁ ଯେଉଁ ବିଧି ଶାସ୍ତ୍ରେ ଅଛି
ସେହି ବିଧାନରେ ପିଣ୍ଡ ଦେବ ପ୍ରେତ ବସି ।
ନବମ ଦିନ ପର୍ଯ୍ୟନ୍ତ ଏକ ଏକ ପିଣ୍ଡ
କରିଣ ତାରିବ ଦୁଃଖ ହେଲେ ପ୍ରେତ ପିଣ୍ଡ ।
ନବମ ଦିବସ ଠାରୁ ସପିଣ୍ଡୀକ ଯାଏ
ବିଧି ଅନୁସାରେ କାର୍ଯ୍ୟମାନଙ୍କୁ କରାଏ ।
ଦଶଦିନ ଦିନ କ୍ଷୌର ସ୍ନାନକୁ କରିବେ
ସ୍ନାନାନ୍ତେ ଯେ ପ୍ରେତ ସ୍ୱର୍ଗ ଗମନ କରିବେ ।
ଦୁର୍ବା ଲାଜା ହସ୍ତେ ଧରି ବନ୍ଧୁ ଜ୍ଞାତି ମିଳି
ନଦୀ ବା ପୋଖରୀ ଜଳେ ସ୍ନାନ କାର୍ଯ୍ୟ ସାରି ।
ପ୍ରଥମରେ ନାରୀମାନେ ସ୍ନାହାନ କରିବେ
ତାହାପରେ ପୁରୁଷ ଯେ ସ୍ନାନ ଆଚରିବେ ।
ଦୁର୍ବା ଲାଜା ଘେନିବାର କାରଣ ଯେ ଏହି
ଦୁର୍ବପରି ବଂଶ ବୃଦ୍ଧି ହୋଇବାର ପାଇଁ ।
ଲାଜା ଯେପରି ବିଶୁଦ୍ଧ ସ୍ୱଚ୍ଛ ଅତି ବିଶେ
ସେପରି ବଂଶ ବିଶୁଦ୍ଧ ହୋଇବ ମାନସେ ।
ଲାଜା ଗ୍ରହଣ କରନ୍ତି ଜାଣ ବୈନତେୟ
ଏହି କଥା ମାନ ଶୁଣ ମନେ କରି ଥୟ ।
ଦୁର୍ବା ଓ ଲାଜାକୁ କରି ପ୍ରାର୍ଥନା ଏପରି
ବନ୍ଧୁବାନ୍ଧବ ସହିତେ ଗୃହେ ଆସି ଫେରି ।
ଦଶମ ଦିନରେ ଗଣ୍ଡା ଅବା ମୃଗମାଂସେ
ଶ୍ରାଦ୍ଧ ବିଧାନ କରିବ ମନର ସନ୍ତୋଷେ ।
ସର୍ବ ଯୁଗେ ମାଂସ ଶ୍ରାଦ୍ଧ ବିଧାନ ଅଛଇ
କଳିଯୁଗରେ ନିଷେଧ ଶାସ୍ତ୍ର ଯେ କରଇ ।
ମାଂସସ୍ଥାନେ ମାଂସଦେବା ବିଧାନ ହୋଇଲା
ମାଂସପିଣ୍ଡେ ପିତୃଗଣ ସନ୍ତୋଷିନ୍ତି ଭଲା ।
ଦଶମ ଦିନେ ଯେ ସ୍ୱଲଗ୍ନିକ ଜ୍ଞାତିମାନେ
ମଣ୍ଡନ କରିବେ ମୁଣ୍ଡେ ବିହିତ ବିଧାନେ ।
ପ୍ରତିଦିନ ଦଶଜଣ ବ୍ରାହ୍ମଣ ବରିବ
ସନ୍ତୋଷ ଚିତ୍ତେ ତାହାଙ୍କୁ ଭୋଜନ ଯେ ଦେବ ।
ଭୋଜନ ଶେଷେ ତାମ୍ବୁଳ ଦକ୍ଷିଣା ସହିତେ
ବିନୟ ଭାବରେ ଦେବ ନୋହି ଖେଦ ଚିତ୍ତେ ।
ଦେଶ ବିଦେଶରେ ପୁଣି ଭିନ୍ନ ଭିନ୍ନ ବିଧି
ଅଛି ଲୋକାଚାର ପୂର୍ବାପୂର୍ବ ଯେଉଁ ସିଦ୍ଧି ।

Digitized by srujanika@gmail.com

ସେହିପରି ପ୍ରେତକୃତ୍ୟ ପିଣ୍ଡଦାନ ଦେବ
ଲୋକାଚାର ପଦ୍ଧତିକୁ ତିଳେ ନ ବର୍ଜିବ ।
ଶିଷ୍ଟାଚାରଠାରୁ ବଳି ଅଟେ ଲୋକାଚାର
ଏହି କଥାଗୋଟି ମନେ ରଖ ପକ୍ଷୀବର ।
ବ୍ରାହ୍ମଣ ଭୋଜନ ଶେଷେ ବ୍ରାହ୍ମଣ ପ୍ରାର୍ଥନା
ପ୍ରେତ ମୁକ୍ତି ହେଉ ଆଶୀର୍ବାଦ କର କିନା ।
ନାରାୟଣ ନାମ ମନ୍ତ୍ର ସ୍ମରଣ କରିବ
ପ୍ରେତ ମୁକ୍ତି ପାଇଁ ତାଙ୍କୁ ପ୍ରାର୍ଥନା କରିବ ।
ଅତସୀ ବରନ ପ୍ରଭୁ ଯାହାଙ୍କ ଶରୀର
ପୀତବସ୍ତ୍ର ଶୋଭା ପାଏ ଅଙ୍ଗରେ ଯାହାର ।
ତ୍ରିତାପ ତାପହରଣକାରୀ ବାସୁଦେବ
ଦୟା କରି ପ୍ରେତକୁ ହେ ଉଦ୍ଧରନ୍ତୁ ଦେବ ।
ଅକ୍ଷୟ ଅବ୍ୟୟ ନିରଞ୍ଜନ ଦେବ ହରି
କୃପାମୟ ଦୀନବନ୍ଧୁ ଅଘନାଶକାରୀ ।
ଅନନ୍ତ ମୁକୁନ୍ଦ ମଧୁସୂଦନ ମାଧବ
ପାପ ବିନାଶନ ଦେବ ଦେବ ହେ ମାଧବ ।
ମୁକୁନ୍ଦ ମାଧବ ଯଜ୍ଞ ପୁରୁଷ ଶ୍ରୀପତି
ତୁମ୍ଭର ଶରଣ ଗଲି ରଖ ବିଶ୍ୱପତି ।
ବିଶ୍ୱମ୍ଭର ତୁମ୍ଭେ ଜଗତର ପାପ ନାଶ
ଦୟାବହି ପେତ୍ରତ୍ୱକୁ କରନ୍ତୁ ବିନାଶ ।
ପ୍ରତିଦିନ ଶ୍ରାଦ୍ଧ ଶେଷେ ପ୍ରାର୍ଥନା ଏପରି
କରି ଶରଣ ପଶିବ ଶ୍ରୀପଦ ସୁମରି ।
ଦଶମ ରାତ୍ରର କାର୍ଯ୍ୟ କରୁଛି ଏଣିକି
ଶୁଣିଲେ ମନରୁ ଭ୍ରାନ୍ତି ତୁଟିଯାଏ ନିକି ।
ସନ୍ଧ୍ୟା ସମୟରେ ସର୍ବ ଜ୍ଞାତିକୁ ଡ଼ାକିବ
ଦଶାହ ଅନ୍ନ ବ୍ୟଞ୍ଜନ ଭୋଜନ କରିବ ।
ଏକାବେଳେ ଅନ୍ନ ରାତ୍ର କାଳରେ ଭୁଞ୍ଜିବ
ଦିନବେଳେ ଉପବାସ କରିଣ ରହିବ ।
ଭୋଜନାନ୍ତେ ପାକହାଣ୍ଡି ମାନ ଠୁଳ କରି
ପାକପଦାର୍ଥ ରଖିବ ତହିଁ ଯତ୍ନ କରି ।
ପ୍ରେତ ପିଶାଚଙ୍କୁ ତୃପ୍ତି କରିବା ନିମନ୍ତେ
ସେହି ପିଣ୍ଡମାନ ଗ୍ରାମ ବାହାରର ପ୍ରାନ୍ତେ ।
ରଖି ଦେଇଣ ଆସିବ ବିଷ୍ଣୁ ମନ୍ତ୍ର ଜପି
ତୈଳଦୀପ ଏକ ଯେ ଜାଳିବ ଗୃହେ ଥାପି ।
ଉଜାଗରେ ସେ ରଜନୀ ପୁହାଇବ ପୁଣି
ତୈଳଦୀପ ନ ଲିଭିବ ଏହା ଥାଅ ଜାଣି ।
ରାତ୍ରଯାପନ କରିବ ଶ୍ରୀହରି ସୁମରି
ପ୍ରେତ ମୁକ୍ତିପାଇଁ ଏହିପରି କର୍ମ କରି ।
ଦଶମ ଦିନ ରାତ୍ରର କର୍ମ ମୁଁ କହିଲି
ଦଶାହ ବିଧିବିଧାନ ସର୍ବ ଶୁଣାଇଲି ।
ଆଉ କିବା ଶୁଣିବାକୁ ଇଚ୍ଛା ଅଛି ତୋର
ପଚାରିଲେ କହିବଇଁ ଯେଣୁ ଭକ୍ତ ମୋର ।
ଶୁଣି ଏ ବଚନ ଅତି ବିନୟ ଭାବରେ
ଗରୁଡ଼ ପଡ଼ିଲା ପାଦେ ଭକତି ଅନ୍ତରେ ।
ଆହେ ସାଧୁ ସନ୍ଥେ ମୋର ନ ଧରିବ ଦୋଷ
ଗୀତବନ୍ଧେ ବିଚରଇ ଆର୍ତ୍ତତ୍ରାଣ ଦାସ ।
ଗରୁଡ଼ ପୁରାଣ ବାଣୀ ଅପୂର୍ବ ଭାରତୀ
ଶୁଣିଲେ ପାପ ପଙ୍କରୁ ହୋଇବ ମୁକତି ।
ଦଶାହ ପିଣ୍ଡ ବିଧାନ ଦଶରାତ୍ର ବିଧି
ଗରୁଡ଼େ କହିଣ ଥିଲେ ଯାହା ଦୟାନିଧି ।
ବ୍ୟାସଦେବଙ୍କ ଭକତି ଯେଉଁ ପରକାରେ
ସେହିପରି ଲେଖିଲି ମୁଁ ଗୀତ ନିୟମରେ ।
ଚଉଦ ଅକ୍ଷରୀ ବାଣୀ ରଚନା କରିଲି
ଦୋଷ ଥିଲେ କ୍ଷମା ଦେବ ସାଧୁ ଏ ଭାବିଲି ।
ତେଣୁ ସାହସ କରିଲି ଲେଖିବା ପାଇଁକି
ଦୟାଳୁ ଅଟନ୍ତି ସାଧୁଜନେ ଯେ ବିବେକୀ ।
ଦୋଷ ନ ଘେନନ୍ତି ପରର ଯେ ଦୋଷ ଗୁଣ
ସେହି ହେତୁ କରିଲି ମୁଁ ପୁରାଣ ଲିଖନ ।
ତୁମ୍ଭ ପାଦପଦ୍ମେ ମୁହିଁ ଶରଣ ପଶିଲି ।
ଦୋଷ ଥିଲେ କ୍ଷମାଦେବ ଶେଷେ ନିବେଦିଲି ।
ମୁହିଁ ଦୀନହୀନ ଆର୍ତ୍ତ ତୁମ୍ଭେ ଦୟାନିଧି
ଜାଣ ସକଳ ବିଧାନ ସକଳ ଯେ ନିତି ।

ଇତିଶ୍ରୀ ଗରୁଡ଼ ପୁରାଣେ
ନୈମିଷାୟୋପାଖ୍ୟାନେ ଭାଗବଦ୍ ଗରୁଡ଼
ସମ୍ବାଦେ ଦଶାହ ଓ ଦଶରାତ୍ର ବିଧି ବିଚାରଣଂ
ନାମ ଦ୍ୱାଦଶୋଽଧ୍ୟାୟଃ ।

—୦—

Digitized by srujanika@gmail.com

ତ୍ରୟୋଦଶ ଅଧ୍ୟାୟଃ

ଏକାଦଶାହ ପିଣ୍ଡଦାହ

ଗରୁଡ଼ ଉବାଚ

ଶୁଣିଲି ଦଶାହ ବିଧି ଶ୍ରୀମୁଖୁ ତୁମ୍ଭର
ଏକାଦଶାହ ବିଧି ମୁଁ ଶୁଣିବି ଆବର ।
କୁହ ଦେବ ଦୟାନିଧି ସୁଚିତ୍ତେ ଦାସକୁ
ଏକାଦଶେ ପିଣ୍ଡ କେହ୍ନେ ଦିଅନ୍ତି ପ୍ରେତକୁ ।
ସଂକ୍ଷେପେ କହିବ ମୋତେ ସକଳ ବିଧାନ
ମୁହିଁ ଯେଣୁ ତୁମ୍ଭ ଦାସ କମଳଲୋଚନ ।
ତୁମ୍ଭର ମୁଖୁ ଶୁଣିଲେ ଉଦ୍ଧାର ହୋଇବି
ଭବପାରାବାର ମୁଁ ଅକ୍ଳେଶେ ତରିଯିବି ।
ଶୁଣିବାକୁ ଏକାଦଶ ଦିନର ବିଧାନ
ଜଳଦ ଗମ୍ଭୀରେ ଦେବ କହନ୍ତି ବଚନ ।

ଶ୍ରୀ ଭଗବାନ ଉବାଚ

ଏକାଦଶ ଦିବସର ଯେ ବିଧି ବିଧାନ
କହୁଅଛି ମୁହିଁ ତାହା ମନଦେଇ ଶୁଣ ।
ପ୍ରାତଃକାଳୁ ଉଠି କରି ଜଳାଶୟେ ସ୍ନାନ
କରି ଗୋତ୍ରୀୟ ବ୍ରାହ୍ମଣ ବେଗେ ଡାକିଆଣ ।
ବିନୟରେ ନମସ୍କାର କରି ପାଦତଳେ
ପ୍ରେତ ଉଦ୍ଧାର କରନ୍ତୁ ଦୟାବହି ବାରେ ।
ବିନୟ କରିଣ ଏହି ପରକାରେ ତାଙ୍କୁ
ଅନୁମତି ନେଇହେବ ତତ୍ପର କାର୍ଯ୍ୟକୁ ।
କାର୍ଯ୍ୟାରମ୍ଭେ ମନ ମଧ୍ୟେ ବିଷ୍ଣୁ ସୁମରିବ
ତାହାଙ୍କ ବିନାଟି କାର୍ଯ୍ୟ ସଫଳ ନୋହିବ ।
ଏଣେ ପ୍ରଥମରେ ବିଷ୍ଣୁ କରିବ ସ୍ମରଣ
ଖଣ୍ଡିତ ହୋଇବ ସର୍ବ ବାଧା ବିଘ୍ନମାନ ।
ଜ୍ଞାତି କୁଟୁମ୍ବମାନଙ୍କୁ ଡକାଇ ଆଣିବ
ସମସ୍ତେ ମିଳିଣ ପିଣ୍ଡକାର୍ଯ୍ୟକୁ କରିବ ।
ସୁବର୍ଣ୍ଣର ବିଷ୍ଣୁରୂପ କରିବ ନିର୍ମାଣ
ତାମ୍ର ନିର୍ମିତ ପ୍ରତିମା ରୁଦ୍ରଙ୍କର ଜାଣ ।
ଯମର ପ୍ରତିମା ଲୌହ ନିର୍ମାଣ କରାଇ
ପଶ୍ଚିମ ଦିଗେ ବିଷ୍ଣୁଙ୍କ କଳସ ବସାଇ ।
ସେ କଳସ ନିକଟରେ ବିଷ୍ଣୁଙ୍କ ପ୍ରତିମା
ସ୍ଥାପି ପୂଜିବ ଯତନେ ଯାଜକ ଉତ୍ତମା ।
କଳସେ ସେ ଗଙ୍ଗା ଉଦକ ବିଧାନରେ ଦେବ
ହଳଦିଆ ବସ୍ତ୍ର ଯେ ତାହାଙ୍କୁ ପିନ୍ଧାଇବ ।
ପୂର୍ବ ଦିଗରେ ସ୍ଥାପିବ ବ୍ରହ୍ମାଙ୍କ କଳସ
ରୌପ୍ୟ ମୂର୍ତ୍ତି ରଖି ପୂଜା କରିବ ତା' ପାଶ ।
କ୍ଷୀର ଜଳେ ପୂରାଇବ ସେ କଳସ ଗୋଟି
ଶ୍ୱେତବସ୍ତ୍ର ଉତ୍ତରୀୟ ତାହାଙ୍କୁ ଦେବଟି ।
ଉତ୍ତରେ ଶିବକଳସ ସ୍ଥାପନ ଯେ କରି
ତାମ୍ର ଶିବ ରୂପ ତହିଁ ରଖି ଯତ୍ନ କରି ।
ମଧୁଘୃତେ ପୂରଣ କରିବ କଳସକୁ
ରକ୍ତ ବସ୍ତ୍ର ପିନ୍ଧାଇବ ସେ ରୁଦ୍ର ଦେବଙ୍କୁ ।
ଦକ୍ଷିଣରେ ଯମଙ୍କର କଳସ ରଖିବ
ବର୍ଷାଜଳ ସେ କଳସ ମଧ୍ୟେ ପୂରାଇବ ।
ଲୌହ ପ୍ରତିମା ତା' ପାଶେ କରିବ ସ୍ଥାପନ
କୃଷ୍ଣବସ୍ତ୍ର ତାହାଙ୍କୁ କରିବ ପରିଧାନ ।
ମଧ୍ୟ ଦେଶେ ଏକଗୋଟି ମଣ୍ଡଳ କରିବ
କଉଶିକଙ୍କୁ ମଣ୍ଡଳେ ଆହ୍ୱାନ କରିବ ।
ଦକ୍ଷିଣ ଦିଗକୁ ମୁଖ କରିବ ଯେ କର୍ତ୍ତା
ତର୍ପଣ ବିଧି କରିବ ହୋଇ ସ୍ଥିର ଚେତା ।
ବ୍ରହ୍ମା ବିଷ୍ଣୁ ଶିବଙ୍କୁ ଯେ ବିଧି ଅନୁସାରେ
ତର୍ପଣ କରିବ ବେଦତୀର୍ଥେ ଭକତିରେ ।
ତଦନ୍ତେ ହୋମ ବିଧାନ କରିବ ସତ୍ୱର
ଶ୍ରାଦ୍ଧ ଦଶଘାଟ ପୂଜା ତହିଁ ପରେ କର ।
ଶ୍ରାଦ୍ଧର ଶେଷରେ ଧେନୁ ଦାନ ଯେ କରିବ
ସେ ଦାନରେ ପ୍ରେତ ନିଶ୍ଚେ ସ୍ୱର୍ଗେ ବିଳସିବ ।
ପ୍ରେତର ବ୍ୟବହାରୀୟ ଯେଉଁ ଦ୍ରବ୍ୟମାନ
ଗୃହରେ ଥିବ ସେମାନ କରିଦେବ ଦାନ ।
ଘୃତପୂର୍ଣ୍ଣ କାଂସ୍ୟପାତ୍ର ଦାନ ଯେ କରିବ
ସପ୍ତଧାନ୍ୟ ତିଳାଷ୍ଟମ ବିପ୍ରେ ବରିଦେବ ।
ତାହାପରେ ଶଯ୍ୟାଦାନ କରିବ ବିଧାନେ
ଶକ୍ତି ଅନୁସାରେ ଯାହା ମିଳେ ଯଜମାନେ ।
କାଷ୍ଠ ଖଟ ରେଙ୍ଗାଇ ଯେ ତୁଳାରେ କରାଇ
ବିଛଣା ଚାଦର ତାହା ଉପରେ ବିଛାଇ ।
ଉତ୍ତମ ତକିଆ ଦୁଇ ଦେବ ସଜାଡ଼ିଣ
ଦକ୍ଷିଣା ସହିତେ ଦେବ ବରିଣ-ବ୍ରାହ୍ମଣ ।

Digitized by srujanika@gmail.com

ଦାନ ଦେଇ ବ୍ରାହ୍ମଣଙ୍କୁ ମିଷ୍ଟାନ୍ନ ଭୁଞ୍ଜାଇ
ଯଥାରୀତିରେ ସନ୍ତୋଷେ କରିବା ବିନୟୀ ।
ଶଯ୍ୟା ପରେ ପ୍ରେତମୂର୍ତ୍ତି ସୁବର୍ଣ୍ଣେ ଗଢ଼ାଇ
ଥୋଇ ଅନ୍ୟ ଉପହାର ଦ୍ରବ୍ୟମାନ ଦେଇ ।
ଆଚାର୍ଯ୍ୟଙ୍କୁ ଡାକି ଯେ କହିବ ବିନୟରେ
ଏହି ଶଯ୍ୟାଦାନ ମୁହିଁ ପ୍ରେତ ଉଦ୍ଦେଶ୍ୟରେ ।
ସଡ଼ାଡ଼ିଛି ଆପଣଙ୍କୁ କରିବଇଁ ଦାନ
ହେ ଆଚାର୍ଯ୍ୟବର ଏହା କରନ୍ତୁ ଗ୍ରହଣ ।
ଆଶିଷ ଦିଅନ୍ତୁ ପ୍ରେତ ଲଭୁ ଯେ ସଦ୍‌ଗତି
ଏହିପରି କହି ଦେବ ଦାନକୁ ସମ୍ପ୍ରତି ।
ଏହିପରି ଦାନ ଦେଇ ବ୍ରାହ୍ମଣେ ଭୋଜନ
ଦେଇ ଦକ୍ଷିଣା କରିବ କର୍ମ ସମାଧାନ ।
ଜ୍ଞାତିମାନଙ୍କ ସହିତ ମାର୍ଜନ ହୋଇବ
ଦଧି ମଧୁ ଘୃତ ଦୀପ ଅର୍ପଣ କରିବ ।
ଅନ୍ତରର ଯଥା ଶକ୍ତି ବୃଷୋତ୍ସର୍ଗ କର୍ମ
କିରବା ଅଟଇ ବାବୁ ଶାସ୍ତ୍ରର ବିଧାନ ।
ନ କରିଲେ ବୃଷୋତ୍ସର୍ଗ ପୂର୍ଣ୍ଣାଙ୍ଗ ଯେ କର୍ମ
ନ ହୁଏ କଦାପି ଏହା ଭଲ କରି ଜାଣ ।
ବୃଷୋତ୍ସର୍ଗର ବିଧାନ କହୁଅଛି ମୁହିଁ
ପ୍ରେତକୃତ୍ୟରେ ପ୍ରଧାନ ଅଟଇଟି ସେହି ।
ବୃଷୋତ୍ସର୍ଗ ପୁତ୍ର ଯଦି ପ୍ରେତ ଉଦ୍ଦେଶ୍ୟରେ
କରିପାରେ ପ୍ରେତ ତେବେ ଯାଏ ସ୍ୱର୍ଗପୁରେ ।
ଦେବଦେବୀ ମାନଙ୍କର ସହିତେ ବିହରେ
ସ୍ୱର୍ଗ ସୁଖ ଭୁଞ୍ଜି ନିରନ୍ତର କ୍ରୀଡ଼ା କରେ ।
ହୀନାଙ୍ଗ ବା ରୋଗୀ କ୍ଷୀଣ ଶିଶୁ ବୃଦ୍ଧ ଜାଣ
ବୃଷୋତ୍ସର୍ଗ ନିମନ୍ତେଟି କଦାପି ନ ଆଣ ।
ସତେଜ ବୟସ୍କ ବୃଷ ଦେଖିଣ ଆଣିବ
ପିଙ୍ଗଳ ବର୍ଣ୍ଣ ସ୍ୱର୍ଣ୍ଣାଭ ଚକ୍ଷୁ ହୋଇଥିବ ।
ଶିଙ୍ଗ ଦୁଇ କଳା ପାଦ ଯେ ଆରକ୍ତ ବର୍ଣ୍ଣ
ଏହିପରି ବୃଷ ଉତ୍ସର୍ଗିବ ଯେ ବହନ ।
ବୃଷର ପୃଷ୍ଠ ହେ ଶ୍ୱେତବର୍ଣ୍ଣ ଥିବ ହୋଇ
ଉତ୍ତମ ବ୍ରାହ୍ମଣ ବରି ତାକୁ ଦାନ ଦେଇ ।
ରକ୍ତବର୍ଣ୍ଣ ବୃଷଭକୁ କ୍ଷତ୍ରିୟ ଉତ୍ସର୍ଗ
ପୀତବର୍ଣ୍ଣ ବୃଷ ବୈଶ୍ୟ ଜାତିର ଯେ ଯୋଗ୍ୟ ।
ଶୂଦ୍ରମାନେ କୃଷ୍ଣବର୍ଣ୍ଣ ବୃଷ ଉତ୍ସର୍ଗିବେ
ବୃଷଭ ଚିହ୍ନ ଏପରି ପ୍ରତ୍ୟେକ ବାଛିବେ ।

ପିଙ୍ଗଳ ବୃଷ ଉତ୍ସର୍ଗ ବିଧାନେକ ଅଛି
ତାହାର ସ୍ୱରୂପ ଏବେ ବର୍ଣ୍ଣନା କରୁଛି ।
ପିଙ୍ଗଳ ବୃଷ ସକଳ ଅଙ୍ଗ ପ୍ରତ୍ୟଙ୍ଗାଦି
ପିଙ୍ଗଳ ବର୍ଣ୍ଣ ହୋଇବ ଜାଣ ସେହି ବିଧି ।
କେବଳ ତା' ପଛପାଦ ଦୁଇ ଶୁକ୍ଳ ହୁଏ
ପିଙ୍ଗଳ ବୃକ୍ଷ ବୋଲିଣ ସେ ବୃଷ ବୋଲାଏ ।
ଏପରି ବୃଷଭ ଯେବେ ପିତୃ ଉତ୍ସର୍ଗନ୍ତି
ପିତୃମାନେ ପରିତୃପ୍ତି ତହିଁରେ ହୁଅନ୍ତି ।
ବୃଷଭ ଚରଣ ମୁଖ ଶ୍ୱେତବର୍ଣ୍ଣ ହେଲେ
ନୀଳବୃଷ ସେହି ଗୋଟି ବୋଲାଏଟି ଭଲେ ।
ଯେଉଁ ବୃଷଭ ସର୍ବାଙ୍ଗ ଲୋହିତ ଦିଶଇ
ପୁଚ୍ଛ ବସନ ତାହାର କପିଳ ଯେ ହୋଇ ।
କ୍ଷୁରା ଚୂଳ ଯଦି ତା'ର ହୋଇବ କପିଳ
ରକ୍ତନୀଳ ବୃଷ ଜାଣ ଶାସ୍ତ୍ରର ବିଚାର ।
ଏକରଙ୍ଗ ଯୁକ୍ତ ବୃଷ ପୁଚ୍ଛ କ୍ଷୁରା ଯେବେ
କୃଷ୍ଣରଙ୍ଗ ଦିଶେ ତାହା ଶରୀରଟି ତେବେ ।
ନୀଳ ପିଙ୍ଗଳ ବୃଷଭ ତାହାକୁ କହନ୍ତି
ପ୍ରେତ ଉଦ୍ଧାରକୁ ଶ୍ରେଷ୍ଠ ଶାସ୍ତ୍ରର ଭକତି ।
ପାରା ପରି ଚିତ୍ରବର୍ଣ୍ଣ ଯେଉଁ ବୃଷଗୋଟି
ଲଲାଟେ ଚକ୍ର ପରାୟେ ତିଳକ ଥିଲେଟି ।
ସେ ବୃଷକୁ ରକ୍ତ ନୀଳ ବୃଷଭ କହନ୍ତି
ଏହି ଦାନ ଦେଲେ ପିତୃଗଣ ତରିଯାନ୍ତି ।
ପୃଥୁଳ ମାଂସାଳ ଦେବ ରକ୍ତଭ ନୟନ
ମହାନୀଳ ଅଟଇ ଯେ ବୃଷଭର ନାମ ।
ଏପରି ବର୍ଣ୍ଣ ଚିହ୍ନାଦି ବୃଷ ଉତ୍ସର୍ଗରେ
ପ୍ରେତମାନେ ମୁକତି ଲଭନ୍ତି ଯେ ସତ୍ତ୍ୱରେ ।
ଯଦ୍ୟପି କୌଣସି ଲୋକ ଗୋଷ୍ଠୀରେ ଏପରି
ଜନମ ହୁଅଇ ଯଦି ଅଣ୍ଡିରା ବାଛୁରୀ ।
କ୍ଷୀର ଛାଡ଼ିଲା ମାତ୍ରକେ ତାକୁ ଛାଡ଼ିଦେବ
କଦାପି ଗୋଷ୍ଠ ମଧ୍ୟରେ ତାକୁ ନ ରଖିବ ।
ଏହାଙ୍କ ହେତୁ ହୁଅଇ ବହୁ ଅମଙ୍ଗଳ
ଯେତେ ଧନ ଥିଲେ ସେହି ଧରାଇବ ଥାଳ ।
ବ୍ରାହ୍ମଣ ଭିନ୍ନ କପିଳ ଧେନୁ ବା ବୃଷଭ
ଅନ୍ୟ ତିନି ଜାତି ପ୍ରତି ନୁହଁଇଟି ଶୁଭ ।
ଶାସ୍ତ୍ରାଚାର ଲୋକାଚାର ଏହା ଅଛଇଟି
ଏପରି ଗାଈ ରଖିବା ଉଚିତ ନୁହେଁଟି ।

Digitized by srujanika@gmail.com

ପିତୃମାନେ ସର୍ବଦା ଯେ ଏପରି ଚିନ୍ତନ୍ତି
ଆମ୍ଭ ବଂଶରେ ହୁଅନ୍ତି ବହୁତ ସନ୍ତତି ।
ଗୟା ଶ୍ରାଦ୍ଧାଦି କରିବେ ଅବଶ୍ୟ ଯେ କେହି
ବୃଷ ଉତ୍ସର୍ଗ କରିବେ ଅବା କେହି କେହି ।
କୂଳେ ଉତ୍ତମ ନନ୍ଦନ ହୋଇବେଟି ଜାତ
ବୃଷ ଉତ୍ସର୍ଗ କରିଣ ପିତୃଙ୍କୁ କୃତାର୍ଥ ।
ଗୟାତୀର୍ଥେ ପିଣ୍ଡଦାନ ଦେଇଣ ପିତୃଙ୍କୁ
ନର୍କ ଯନ୍ତ୍ରଣାରୁ ତାରି ପଠାଏ ସ୍ୱର୍ଗକୁ ।
ଯେଉଁ ପୁତ୍ର ଏହିକାର୍ଯ୍ୟ କରିଣ ପାରଇ
ଉତ୍ତମ ପୁତ୍ର ମଧ୍ୟରେ ଗଣନା ହୁଅଇ ।
ଅନେକ ପୁତ୍ର ଅଛନ୍ତି ତାହାଙ୍କ ଦୋଷରେ
ନର୍କ ଗାମୀ ପିତୃଗଣ ହୁଅନ୍ତି କାଳରେ ।
ସେହି ବଂଶେ ଯଦି କେହି ବୃଷୋତ୍ସର୍ଗ କରେ
ପିତୃଗଣ ଉଦ୍ଧାର ଯେ ହୁଅନ୍ତି ସତ୍ୱରେ ।
ପ୍ରେତକୃତ୍ୟ ଯେତେ ଆମ୍ଭେ କହିଲୁ ବୁଝାଇ
ସବୁଥିରେ ଶୁଭଫଳ ପିତୃଙ୍କୁ ମିଳଇ ।
ବୃଷ ଉତ୍ସର୍ଗରେ ଫଳ ସବୁଠୁ ଅଧିକ
ଶାସ୍ତ୍ର ପୁରାଣରେ କହିଛନ୍ତି ଜ୍ଞାନୀ ଲୋକ ।
ସଂକ୍ଷେପରେ ତା'ର ବିଧି କହୁଅଛି ମୁହିଁ
ଶୁଣ ହେ ଗରୁଡ଼ ତାହା ତୁମ୍ଭେ ମନ ଦେଇ ।
ଭଲ ଲକ୍ଷଣ ଦେଖିଣ ବୃଷେକ ଆଣିବ
ବସ୍ତ୍ର ଅଳଙ୍କାରେ ତା'ର ଶରୀର ମଣ୍ଡିବ ।
ମନ୍ତ୍ରରେ ବୃଷକୁ ପୂଜା କରିବ ବହନ
ତଦନ୍ତରେ ଯଥାଶକ୍ତି କରିବ ଯେ ହୋମ ।
ବସ୍ତ୍ରାଙ୍କୁ ପୂଜା କରିବ ବିଧି ଅନୁସାରେ
ବୃଷଭକୁ ମନ୍ତ୍ରସ୍ନାନ କରାଇବ ହେଳେ ।
ରୁଦ୍ର କୁମ୍ଭରେ ଯେ ଜଳ ନେଇ ସିଞ୍ଚି ତାକୁ
ଗନ୍ଧପୁଷ୍ପ ମାଳାଦିରେ ମଣ୍ଡିବ ତାହାକୁ ।
ସେ ବୃଷର ବକ୍ଷ ଜାନୁ ତ୍ରିଶୂଳ ଚିହ୍ନରେ
ଚକ୍ର ଚିହ୍ନ ଦେବ ତା'ର ବାମ ଜାନୁ ପରେ ।
ପ୍ରଦକ୍ଷିଣ ସେ ବୃଷକୁ ବିନୟରେ କରି
ବନ୍ଧନ ରଜ୍ଜୁ ବିମୁକ୍ତ କରିବ ବିଚାରି ।
ଭୂମିରେ ସାଷ୍ଟାଙ୍ଗ ନମି ଭକତି କରିବ
ନିମ୍ନ ମତେ ବୃଷଭକୁ ପ୍ରାର୍ଥନା କରିବ ।
ହେ ଧର୍ମ ନନ୍ଦନ ତୁମ୍ଭେ ବିଶ୍ୱରୂପ ଧରି
ପ୍ରେତକୁ ଭବସାଗରୁ କରିବାକୁ ପାରି ।

ସ୍ରଷ୍ଟା ସବୁ ତେଣୁ କରି ଭିଆଣ କରିଛି
ମୋର ପିତୃଗଣ ମୁକ୍ତିକର ନିବେଦୁଛି ।
ମୋର ଯେତେ ପିତୃଗଣ ପାପ ହେତୁ ଦେବ
ନର୍କ ଯନ୍ତ୍ରଣାରେ ପାଉଛନ୍ତି ପରାଭବ ।
ତାହାଙ୍କ ପାପ ବିନାଶ କରନ୍ତୁ ଉଦ୍ଧାର
ତୁମ୍ଭ ପାଦପଦ୍ମେ ମୋର ଅଶେଷ ଜୁହାର ।
ଅକ୍ଷୟ ସ୍ୱର୍ଗ ଭୁବନ ତୁମ୍ଭର ପ୍ରସାଦେ
ମୋର ପିତୃଗଣ ଲାଭ କରନ୍ତୁ ଆନନ୍ଦେ ।
ଏହିପରି ପ୍ରାର୍ଥନା କରିଣ ବୃଷଭକୁ
ବ୍ରାହ୍ମଣଙ୍କ ହସ୍ତେ ନେଇ ଦେବ ଦକ୍ଷିଣାକୁ ।
ନତଶିରେ ବ୍ରାହ୍ମଣଙ୍କ କଲ୍ୟାଣ ଘେନିବ
ସେତିକି ବେଳରେ ପ୍ରେତ ଉଦ୍ଧାର ପାଇବ ।
ମୃତ୍ୟୁପରେ ପୁତ୍ର ଏହି ଦାନକୁ କରନ୍ତି
ଜୀବନ୍ତେ କରିବା ବିଧି ଶାସ୍ତ୍ରେ ନିଷେଧନ୍ତି ।
କିନ୍ତୁ କେହି ହୁଏ ଯଦି ପୁତ୍ରହୀନ ଲୋକେ
ମୃତ୍ୟୁ ପୂର୍ବରୁ କରିବା ଉଚିତ ତା' ପକ୍ଷେ ।
ସେପରି ଭାବରେ ବୃଷ ଉତ୍ସର୍ଗ କରିଲେ
କାଳ କାଳ ବିଚାର ଯେ କରିବଟି ଭଲେ ।
କାର୍ତ୍ତିକ ମାଘ ବୈଶାଖ ମାସ ହୋଇଥିବ
ସୂର୍ଯ୍ୟଙ୍କ ଉତ୍ତରାୟଣ ଯେବେ ହୋଇଥିବ ।
କୃଷ୍ଣପକ୍ଷ ଦ୍ୱାଦଶୀ ତିଥିଟି ଭଲ ଜାଣ
ଗ୍ରହଣ ଦିନରେ ପୁଣି ଅଧିକ ଯେ ପୁଣ୍ୟ ।
ମେଷ ବୃଷ ସଂକ୍ରାନ୍ତିର ଦିନରେ କରିଲେ
ପୁଣ୍ୟ ଅଧିକ ହୁଅଇ ଏହା ଜାଣ ଭଲେ ।
ଯୁଗାବ୍ଦ ଆରମ୍ଭ ଯେଉଁ ଦିନରେ ହୁଅଇ
ସେ ଦିନରେ ବୃଷୋତ୍ସର୍ଗ ଯେ ଜନ କରଇ ।
ଅଧିକ ହୁଅଇ ପୁଣ୍ୟ ପାପ ଯାଏ ନାଶ
ଏହା ଲେଖି ଯାଇଣ ଅଛନ୍ତି ବେଦବ୍ୟାସ ।
ସ୍ନାନାନ୍ତେ ଶଉଚ ହେବ ଶୁଭ ମୁହୂର୍ତ୍ତରେ
ଉତ୍ତମ ବ୍ରାହ୍ମଣ ଡାକି ଶିବ ମନ୍ଦିରରେ ।
ପାଦ୍ୟ ଅର୍ଘ୍ୟ ଦେଇ ଯତ୍ନେ ପୂଜାକୁ କରିବ
ପୂର୍ବୋକ୍ତ ବିଧାନ ତାଙ୍କ ହସ୍ତେ କରାଇବ ।
ଶାଳଗ୍ରାମ ଶିଳାସ୍ଥାପି ପୂଜି ଭକତିରେ
ବୃଷୋତ୍ସର୍ଗ ବିଧିମାନ କରି ଆନନ୍ଦରେ ।
ବ୍ରାହ୍ମଣ ଭୋଜନ ଦେଇ ଦକ୍ଷିଣାକୁ ଦେବ
ଶେଷେ ନମସ୍କାର କରି ଭକତି କରିବ ।

Digitized by srujanika@gmail.com

ଘେନିବ ଆଶିଷ ଆନନ୍ଦରେ ତାଙ୍କ ଠାରୁ
ବିଦାୟ କରିବ ହର୍ଷେ ବ୍ରାହ୍ମଣ ଗୃହରୁ ।
ଏହିପରି ଯଦି କେହି ପୁତ୍ରହୀନ କରେ
ପୁତ୍ରଦାନଠାରୁ ସେ ଅଧିକ ହୋଇପାରେ ।
ଦିନକୁ ଦିନ ତାହାର ନାଶ ଯାଏ ପାପ
ଅଖଣ୍ଡ ଧର୍ମ ହୁଅଇ ତାହାର ସ୍ୱରୂପ ।
ତା'ର ପିତୃଗଣ ସ୍ୱର୍ଗପୁରେ ବିଳସନ୍ତି
ସ୍ୱର୍ଗରୁ ଆଶିଷ ଧାରା ତାହାକୁ ଦିଅନ୍ତି ।
ପିତୃଙ୍କୁ ତାରି ଯେ ଜନେ ଭବପାରାବାର
ଅକ୍ଳେଶରେ ତା' ପ୍ରଭାବେ ହୋଇଯାଏ ପାର ।
ଯେତେ ଦାନ ହୋମ ଯଜ୍ଞ ଅଛଇ ବର୍ଣ୍ଣିତ
ତହିଁରୁ ଅଧିକ ଫଳ ହୁଅଇ ପ୍ରାପତ ।
ବାଲ୍ୟେ ଯୌବନେ ଅଥବା ବାର୍ଦ୍ଧକ୍ୟ କାଳରେ
ଜ୍ଞାନେ ବା ଅଜ୍ଞାନେ ପାପ ଯାହା ଯାହା କରେ ।
ନିତ୍ୟ ନୈମିତିକ ପାପ ସ୍ୱର୍ଣ୍ଣସ୍ତେୟ ପୁଣି
ପରସ୍ତ୍ରୀ ହରଣ ଗୁରୁଦ୍ରୋହ ଆଦି ଘେନି ।
ମିତ୍ରଦ୍ରୋହୀ କୃତଘ୍ନତା ବିଶ୍ୱାସଘାତକତା
ସୁରାପାନ ବେଶ୍ୟା ନାରୀ ହରଣ କରତା ।
ବ୍ରହ୍ମସ୍ୱ ଦେବସ୍ୱ ପୁଣି ପରସ୍ୱ ହରଣ
ବୃଷଳି ହରଣ ଅବା ଯେ ପଶୁ ହରଣ ।
ଅଧମ ଜାତି ରମଣୀ ରମଣ ଯେ କରେ
ସର୍ବପାପ ନାଶଯାଏ ବୃଷ ଉତ୍ସର୍ଗରେ ।
ଏହା ସମାନରେ ଦାନ ନାହିଁ କିଛି ଆନ
ଶତ ପୁରୁଷ ଉଦ୍ଧାର ଏଥେ ହୁନ୍ତି ପୁଣ ।
ସ୍ୱାମୀ ପୁତ୍ର ଥାଉଁ ଥାଉଁ ରମଣୀ ମରଇ
ସ୍ୱର୍ଗପୁରକୁ ଗମନ ହେଲେ ସେ କରଇ ।
ତାହା ପାଇଁ ବୃଷୋତ୍ସର୍ଗ ନୁହଇଁ ଉଚିତ
ଦୁଗ୍ଧବତୀ ଗାଭୀ ଦାନ ତା' ପାଇଁ ବିହିତ ।
ବିଧବା ରମଣୀ ପାଇଁ ବୃଷ ଉତ୍ସର୍ଗିବ
ଦୁଷ୍କୃତ ବିନାଶି ସେହି ସ୍ୱର୍ଗପୁରେ ଯିବ ।
ବୃଷର କନ୍ଧରେ ବସି ସେ ଜନ ଗମଇ
ବୃଷଭକୁ ନିର୍ଦ୍ଦୟରେ ପ୍ରହାର କରଇ ।
କଳ୍ପେ ପରିଯନ୍ତେ ନର୍କେ ବସେ ସେହି ଜନ
ନାନାଦି ଯନ୍ତ୍ରଣା ଭୋଗ ମୂର୍ଖତା କାରଣ ।
ସେ ପାପ ବିନାଶ ପାଇଁ ବୃଷୋତ୍ସର୍ଗ କର
ପିତୃ ପିତାମହାଦିଙ୍କୁ ନର୍କରୁ ଉଦ୍ଧାର ।

ମୃତାହ ଷୋଡ଼ଶ ଦାନ ବୃଷୋତ୍ସର୍ଗ ଆଦି
ଗୋଟି ଗୋଟି କରିଣ ମୁଁ କହିଲି ସମ୍ପାଦି ।
ମୃତ୍ୟୁ ପୂର୍ବ ଦାନେ ବିଧି ପୁରାଣ ଶ୍ରବଣ
ଗଙ୍ଗା ମୃତ୍ତିକା ବା ଜଳ ପ୍ରଭୃତି ସେବନ ।
ମୃତ୍ୟୁ ସ୍ଥାନଠାରୁ ଅର୍ଦ୍ଧ ବାଟରେ ବ୍ୟବସ୍ଥା
ଚିତା ଆରୋହଣ ପୁଣି ପିଣ୍ଡ ଦାନ କଥା ।
ଶୀତଳିକରଣ ଆଦି ଅସ୍ଥି ସଞ୍ଚୟନ
ଦଶାହ ବିଧି ବିଧାନ ଯେ ଦିନ ଯେ ଦାନ ।
ଏକାଦଶ ଦିନ କ୍ରିୟା ଷୋଡ଼ଶ ବ୍ୟବସ୍ଥା
ବୃଷୋତ୍ସର୍ଗ ବିଧି ପୁତ୍ରହୀନ ଦାନ କଥା ।
ସଂକ୍ଷେପରେ କହିଲି ମୁଁ ପୂର୍ବ ଷୋଡ଼ଶକୁ
ଉତ୍ତର ଷୋଡ଼ଶ ବିଧି କହିବି ତୁମ୍ଭଙ୍କୁ ।
ପ୍ରଥମରେ ଶ୍ରୀକୃଷ୍ଣଙ୍କୁ ପିଣ୍ଡଦାନ ଦେବ
ଦ୍ୱିତୀୟ ପିଣ୍ଡଟି ମହେଶଙ୍କୁ ସମର୍ପିବ ।
ତୃତୀୟ ପିଣ୍ଡଟି ଦେବ ଯମ ଦେବତାଙ୍କୁ
ଚତୁର୍ଥ ପିଣ୍ଡ ପ୍ରଦାନ କରି ସେମାନଙ୍କୁ ।
ପଞ୍ଚମ ପିଣ୍ଡ ଅଗ୍ନିଙ୍କୁ କରି ସମର୍ପଣ
ଷଷ୍ଠ ପିଣ୍ଡ ହବ୍ୟବାହନଙ୍କୁ ଦେବ ପୁଣ ।
ସପ୍ତମ ପିଣ୍ଡଟି ଜାଣ ବରୁଣକୁ ଦେବ
ଅଷ୍ଟମ ପିଣ୍ଡଟି ଇନ୍ଦ୍ରଦେବ ସମର୍ପିବ ।
ନବମ ପିଣ୍ଡ ପରମ ପୁରୁଷଙ୍କୁ ଜାଣ
ଦଶମ ପିଣ୍ଡ ପ୍ରେତକୁ କରିବ ପ୍ରଦାନ ।
ଏକାଦଶ ପିଣ୍ଡଗୋଟି ନାରାୟଣଙ୍କର
ଦ୍ୱାଦଶ ପିଣ୍ଡରେ ବ୍ରହ୍ମାଙ୍କର ଅଧିକାର ।
ତ୍ରୟୋଦଶ ପିଣ୍ଡ ମଧୁସୂଦନଙ୍କୁ ଦେବ
ଚତୁର୍ଦ୍ଦଶ ପିଣ୍ଡ ଶିବେ ପ୍ରଦାନ କରିବ ।
ପଞ୍ଚଦଶ ପିଣ୍ଡଗୋଟି ଦେବ ଶମନଙ୍କୁ
ଷୋଡ଼ଶ ପିଣ୍ଡକୁ ଦେବ ସପ୍ତପୁରୁଷଙ୍କୁ ।
ଦ୍ୱିତୀୟ ଷୋଡ଼ଶ ଅବା ଉତ୍ତର ଷୋଡ଼ଶ
ଏହାକୁ କହିଅଛନ୍ତି ଦେବ ବେଦବ୍ୟାସ ।
ପ୍ରତ୍ୟେକ ଦ୍ୱାଦଶୀ ଦିନ ପିଣ୍ଡଦାନ ଦେବ
ପାକ୍ଷିକ ଶ୍ରାଦ୍ଧ ଯତନ ଭାବରେ କରିବ ।
ମାସକ ତ୍ରୟମାସିକ ଷାଣ୍ମାସିକ ପୁଣି
ସାମ୍ୱତ୍ସରିକ ଯେ ପିଣ୍ଡ ଦାନ ବିଧି ଜାଣି ।
ଯତନେ କରିବ ଏହି ପିଣ୍ଡ ଦାନ ପୁତ୍ର
ଉତ୍ତର ଷୋଡ଼ଶ ବୋଲି ଏ ପିଣ୍ଡ କଥିତ ।

Digitized by srujanika@gmail.com

ତିଳ ତଣ୍ଡୁଳ ଏକତ୍ର ଘରେ ପକ୍ୱ କରି
ଏକାଦଶ ଦିନେ ପ୍ରେତ ସମର୍ପିବ କରି ।
ଏହିପରି ପିଣ୍ଡମାନ ଯେ ଅଠଚାଳିଶ
ଦେଲେ ଜାଣ ପ୍ରେତର ପ୍ରେତତ୍ୱ ଯିବ ନାଶ ।
ଏହା ଫଳେ ପ୍ରେତ ପେତତ୍ୱରୁ ନାଶ ଯାଇ
ପିତୃଗଣଙ୍କ ମଧ୍ୟରେ ଆନନ୍ଦେ ମିଶଇ ।
ପିତୃଗଣଙ୍କର ମେଳ ହେବା ପାଇଁ ଜାଣ
ଶାସ୍ତ୍ରେ ବିହିତ ଅଟଇ ତ୍ରିଷୋଡ଼ଶ ପୁଣ ।
ତ୍ରିଷୋଡ଼ଶେ ଊଣା ହୁଏ ଯାର ଶ୍ରାଦ୍ଧ ଏକ
ସେହି କେବେ ପ୍ରେତତ୍ୱରୁ ମୁକ୍ତି ନ ପାଏକ ।
ବଂଶ ମଧ୍ୟରେ କେହି ଏ ଶ୍ରାଦ୍ଧ ଦେବା ଯାଏ
ପ୍ରେତ ଦେହ ଧରି ଏଣେ ତେଣେ ଭ୍ରମୁଥାଏ ।
ତେଣୁ ପୁତ୍ରଟିଏ ଏକା କର୍ତ୍ତବ୍ୟ ଅଟଇ
ତ୍ରୟ ଷୋଡ଼ଶ ବିଧାନ ଯତ୍ନେ କରିବଇଁ ।
ସ୍ୱାମୀର ଉଦ୍ଦେଶ୍ୟ ପତ୍ନୀ ଏ ଶ୍ରାଦ୍ଧ କରିଲେ
ଅନନ୍ତ ଫଳ ମିଳଇ ପ୍ରେତକୁଟି ଭଲେ ।
ମାସ ପକ୍ଷ ତିଥି ପୁଣି ଅଧିମାସ ହେଲେ
ମୃତ ଦିବସକୁ ନିର୍ଦ୍ଦୋଷ ଯେ ସେହୁ ଭଲେ ।
ଏଣୁ କରି ସେହି କଥା ମନେ ରଖିଥିବ ।
ଆଶ୍ୱିନ ମାସରେ ରବି କନ୍ୟାରେ ରହିବ ।
କୃଷ୍ଣପକ୍ଷେ ଶ୍ରାଦ୍ଧ ଯେବେ କରିବ ହରଷେ
ସେହି ଶ୍ରାଦ୍ଧ ପିତୃପକ୍ଷ ମନକୁ ସନ୍ତୋଷେ ।
ପୁତ୍ର ଥିବା ପତ୍ନୀ ସହ ମରଣ ନ କରେ
ଏହି ଶ୍ରାଦ୍ଧ କରି ସ୍ୱାମୀ ଉପକାର କରେ ।
ବଞ୍ଚି ରହିବାର ଫଳ ଯଥାର୍ଥ ହୁଅଇ
ମରଣାନ୍ତେ ସ୍ୱାମୀ ସଙ୍ଗେ ଅବଶ୍ୟ ମିଳଇ ।
ଦୈବ ବଶେ ଯଦି କେହୁ ଅଗ୍ନି ବା ଜଳରେ
ମରଣ ଲଭଇ ତେବେ ଶାସ୍ତ୍ର ବିଧାନରେ ।
ନାରାୟଣ ବଳି ଦେଇ କରି ପ୍ରାୟଶ୍ଚିତ
କ୍ରିୟାମାନ କଲେ ନର୍କୁ ହୁଏ ପ୍ରେତମୁକ୍ତ ।
ମୃତାହ ସଂସ୍କାରଠାରୁ ଶେଷ ବିଧିମତେ
ପୁତ୍ର ସମ୍ପାଦନ ଯେ କରିବ ପିତୃ ଅର୍ଥେ ।
ସର୍ପ ଦଂଶନରେ ଯେବେ ମରଣ ହୁଅଇ
ପଞ୍ଚମୀ ଦିନରେ ପିଣ୍ଡଦାନ ଯେ ଦିଅଇ ।
ଶୁକ୍ଳ ମୁରୁଜ କରିଣ ସର୍ପର ଆକୃତି
ଲେଖି ଗନ୍ଧ ପୁଷ୍ପ ପୂଜା କରିବାକୁ ଧାଡି ।
ତିଳ ତୁଣ୍ଡଳୁ ତାହାରେ ନିକ୍ଷେପିବ
ପିଷ୍ଟକ ଆମ୍ବ ସହିତେ କ୍ଷୀର ମିଶାଇବ ।
ନୈବେଦ୍ୟ କରିବ ସେହି ସର୍ପାକୃତି ପାଶେ
ସର୍ପ ମଧ୍ୟେ ସ୍ୱର୍ଣ୍ଣ ରଖି ଦାନ ଦେବ ତୋଷେ ।
ବେନି ହସ୍ତକୁ ଯୋଡ଼ିଣ କରିବ ପ୍ରାର୍ଥନା
ଆହେ ନାଗରାଜା ପୂଜା କର ମୋର ଘେନ ।
ନାଗକୁ ବନ୍ଦାଇ ନାରାୟଣକୁ ପୂଜିବ
ପୂର୍ବପରକାରେ ନାରାୟଣେ ବଳି ଦେବ ।
ସର୍ପଦଂଷ୍ଟ ପ୍ରାଣୀ ନର୍କୁ ଉଦ୍ଧାର ହୁଅଇ
ଏହିପରି ପ୍ରେତକର୍ମ ଯେ ଜନ କରଇ ।
ଉତ୍ତମ ବ୍ରାହ୍ମଣ ଡାକି ପାଦ୍ୟଅର୍ଘ୍ୟ ଦେବ
ଅନ୍ନ ଜଳଘଟ ଦାନ ତାହାକୁ କରିବ ।
ବର୍ଷ ଶେଷ ପରିଯନ୍ତେ ପୂର୍ଣ୍ଣ ଜଳ ଘଟ
ବ୍ରାହ୍ମଣକୁ ଦାନ ଦେଲେ ତୁଟଇ ସଙ୍କଟ ।
ଏକାଦଶ ଦିନେ ଅବା ତିନିଶ ଷାଠିଏ
ଜଳଘଟ ଦାନ ବିପ୍ରଗଣେ ଡାକି ଦିଏ ।
ଯେବେ ସେହି ପ୍ରେତ ନର୍କୁ ହୁଅଇ ଉଦ୍ଧାର
ଦୁଷ୍କୃତମାନ ବିନାଶ ହୁଅଇ ତାହାର ।
ଶଯ୍ୟା ଆଦି ଦାନ ବିଧି ଅଛଇ ଯେପରି
ଏକାଦଶ ଦିନେ ଦାନ କରିବ ସେପରି ।
ଏହିପରି ଏକାଦଶ ଦାନର ବିଚାର
ଶାସ୍ତ୍ରେ ବିହିତ କରିଣଛନ୍ତି ବେଦବର ।
ଏକାଦଶ ଦିନ ବିଧି ବିଧାନ କହିଲି
ଆଉ କି ପଚାର ବାବୁ କହିବି ବୋଇଲି ।
ଏକା ଶୁଣି ଗରୁଡ଼ ଯେ ହେଲା କୃତ କୃତ୍ୟ
ନାରାୟଣ ପାଦପଦ୍ମେ କଲା ପ୍ରଣିପାତ ।
ବିନୟ ହୋଇଣ ବହୁ ସ୍ତୁତି ଆରମ୍ଭିଲା
ନିସ୍ତରିଲି ନିସ୍ତରିଲି ବୋଲିଣ ବୋଇଲା ।
ଆହେ ଜଗନ୍ନାଥ ତୁମ୍ଭ ଦୟା ହେତୁ କରି
ଶୁଣିଣ ବହୁ ବିଷୟ ହେବି ଭବୁ ପାରି ।
ତୁମ୍ଭ ପରି ପ୍ରଭୁ ଯାର କି ଅଭାବ ତା'ର
ବ୍ରହ୍ମାଣ୍ଡ ଠାକୁର ତୁମ୍ଭେ ମୁଁ ତୁମ୍ଭ କିଙ୍କର ।
ଯାହାଙ୍କ ଆଜ୍ଞାରେ ବ୍ରହ୍ମା ବ୍ରହ୍ମାଣ୍ଡ ସର୍ଜଇ
ଯାହାଙ୍କ ଆଜ୍ଞାରେ ସୂର୍ଯ୍ୟ ତପ ବିତରଇ ।
ଯାହାଙ୍କ ଆଜ୍ଞାରେ ଅଗ୍ନି ଜଠରେ ରହିଣ
ଚର୍ବ୍ୟଚୁଷ୍ୟାଦି ଭକ୍ଷଣ କରଇଟି ପୁଣ ।

Digitized by srujanika@gmail.com

ବାୟୁ ବହେ ଯା ଆଜ୍ଞାରେ ପୃଥ୍ୱୀ ସ୍ଥିର ହୋଇ
ନାନା ଶସ୍ୟ ଦାନ କରି ଜୀବଙ୍କୁ ପୋଷଇ ।
ଅନନ୍ତ ଜ୍ଞାନବଳରେ ପୃଥିବୀ ଧରିଛି
ହିମାଳୟ ସ୍ଥିର ହୋଇ ଆଜ୍ଞାରେ ରହିଛି ।
ସେ ପ୍ରଭୁଙ୍କୁ କେଉଁ କଥା ଅବା ଅଗୋଚର
ଶୁଣି ତାହାଙ୍କ ଶ୍ରୀମୁଖୁ ହେବି ଭବୁ ପାର ।
ସେ ପ୍ରଭୁ ଭୃର୍ତ୍ୟଙ୍କ ପାଦପଦ୍ମେ କରି ଆଶ
ଗୀତ ବନ୍ଧେ ବିଚାରଇ ଆର୍ତ୍ତତ୍ରାଣ ଦାଶ ।

ଇତିଶ୍ରୀ ଗରୁଡ଼ ପୁରାଣେ
ନୈମିଷାୟୋପାଖ୍ୟାନେ ଭଗବାନ ଗରୁଡ଼
ସମ୍ବାଦେ ଏକାଦଶାହ ବିଧି ବିଚାରଣଂ
ବୃଷୋତ୍ସର୍ଗ ପ୍ରେତତ୍ୱ ମୁକ୍ତି କଥନଂ
ନାମ ତ୍ରୟୋଦଶ ଅଧ୍ୟାୟଃ ।

—o—

ଚତୁର୍ଦ୍ଦଶ ଅଧ୍ୟାୟଃ
ଦ୍ୱାଦଶାହ ପଣ୍ଡିଦାନ ଓ ଶୌଚାଶୌଚ ବ୍ୟବସ୍ଥା

ଗରୁଡ଼ ଉବାଚ୍

ହେ ରମାରମଣ ଅଗତିମିର ନାଶନ
ଜୟ ଦୀନବନ୍ଧୁ ଜୟ ପତିତପାବନ ।
ଅଗତି ଗତିଦାୟକ କରୁଣା ସାଗର
ଜୟ ଧର୍ମ ଅର୍ଥ କାମ ମୋକ୍ଷ ଗନ୍ତାଗର ।
ଦୈତ୍ୟାରୀ ଦାନବ ବିନାଶନ କୃପାସିନ୍ଧୁ
ପତିତଜନ ଉଦ୍ଧାର ଦେବ ଦୀନବନ୍ଧୁ ।
ମୁହିଁ ଅତି ଦୀନ ହୀନ ପକ୍ଷୀ ଜନ୍ମ ମୋର
ଦୟା ବହି ପାପ ନାଶ କମଳାଠ ବର ।
ଦ୍ୱାଦଶାହ ପିଣ୍ଡ ଦାନ କରନ୍ତି ଜଗତେ
ଦୟାବହି ତା'ର ବିଧି କୁହ ଦେବ ମୋତେ ।
କିପରି ହୁଏ ସେ ଦାନ କାହିଁକି କରନ୍ତି
କଲେ ମିଳେ କିବା ଫଳ କୁହ ଲକ୍ଷ୍ମୀପତି ।
ତୁମ୍ଭର ଦାସାନୁଦାସ ଅଟେ ସିନା ମୁହିଁ
ତୁମ୍ଭଠାରୁ ନ ଶୁଣିଲେ କାହୁଁ ଶୁଣିବଇଁ ।
ଏହା ଶୁଣି ନାରାୟଣ ବଚନ କହିଲେ
ପଚାରିଲୁ ଯାହା ତାହା କହିବଇଁ ଭଲେ ।

ଶ୍ରୀ ଭଗବାନ ଉବାଚ୍

ଶୁଣ ହେ ଗରୁଡ଼ ତୁମ୍ଭ ପ୍ରଶ୍ନର ଉତ୍ତର
ଯାହା ପଚାରିଲ ତାହା ଚିତ୍ତ କରି ସ୍ଥିର ।
ଦ୍ୱାଦଶାହ ଦିବସ ପିଣ୍ଡଦାନ ଯେ କରିବ
ନ କଲେ ପ୍ରେତ ମୁକତ କଦାପି ନୋହିବ ।
ଅଗ୍ନିହୋତ୍ରୀ ବ୍ରାହ୍ମଣଙ୍କୁ କରିବ ବରଣ
ଦ୍ୱାଦଶାହ ପିଣ୍ଡଦାନ କରିବ ପ୍ରଦାନ ।
ସେ ପିଣ୍ଡ କର୍ମକୁ କେବେ ଲୋପ ନ କରିବ
ପିଣ୍ଡ ଲୋପ କଲେ ନିଜ ବଂଶ ଲୋପ ହେବ ।
ଦ୍ୱାଦଶାହ ପିଣ୍ଡ ପିଣ୍ଡ ମଧ୍ୟରେ ପ୍ରଧାନ
ସେ ପିଣ୍ଡ ନ କଲେ ବୃଥା ଅନ୍ୟ ପିଣ୍ଡ ମାନ ।
କୋଟି ତୀର୍ଥ ବ୍ରତ ଯଜ୍ଞ ଫଳ ମିଳେ ତହିଁ
ଦ୍ୱାଦଶ ଦିନରେ ପିଣ୍ଡ ଦୂରିତ ନାଶଇ ।
ମୃତାହ ଗୃହକୁ ଗୋମୟରେ ଯେ ଲିପିବ
ତୀର୍ଥଜଳ ଆଣି ତାହା ଉପରେ ସିଞ୍ଚିବ ।
କଦଳୀ ଶାଳୁଆ ବର ପଣସ ପତର
ପଳାଶପତ୍ର ଅଥବା ଆଣିବ ସତ୍ୱର ।
ସେ ପତ୍ରମାନଙ୍କେ ଚଉପଦୀ ନିର୍ମାଣିଣ
ପିଣ୍ଡ ପଦାର୍ଥମାନଙ୍କୁ ତହିଁରେ ଭରିଣ ।
ଆବଶ୍ୟକ ଦ୍ରବ୍ୟ ଆଗୁ ଯୋଗାଡ଼ିଣ ଥିବ
ପିଣ୍ଡସ୍ଥାନକୁ ଆନନ୍ଦେ ସେମାନ ଆଣିବ ।
ଜ୍ଞାତିବନ୍ଧୁ କୁଟୁମ୍ବାଦି ମିଳିତ ହୋଇଣ
ପିଣ୍ଡ ଦେବା ପୂର୍ବୁ ସର୍ବେ କରିବଟି ସ୍ନାନ ।
ଗନ୍ଧ ପୁଷ୍ପ ଧୂପ ଦୀପ ନୈବେଦ୍ୟ ସହିତେ
ପିଣ୍ଡସ୍ଥାନେ ଦେଇ ପୂଜା କରି ଭକ୍ତି ଯୁକ୍ତେ ।
ବ୍ରାହ୍ମଣ ବରଣ କରି ମୁଖରେ କହିବ
ଯଥାଶକ୍ତି ପିଣ୍ଡଦ୍ରବ୍ୟ ସଜାଡ଼ିବ ସର୍ବ ।
ଅଳ୍ପ ବହୁତ ନ ଭାବି ସନ୍ତୋଷ ଚିତ୍ତରେ
ପିଣ୍ଡକାର୍ଯ୍ୟ ସମାପନ କରନ୍ତୁ ବିଧିରେ ।
ତୁମ୍ଭେ ନାରାୟଣ ରୂପ ବଚନେ ତୁମ୍ଭର
ମୋର ପିତାମାତା ମୁକ୍ତି ଲଭିବେ ନିକର ।
ଏହିପରି କହି ବ୍ରାହ୍ମଣକୁ ତୋଷ କରି
ପିଣ୍ଡଦାନ କରିବ ଯେ ମନ୍ତ୍ରକୁ ଉଚ୍ଚାରି ।
ସପିଣ୍ଡୀକରଣ କରି ସମାନ ପିଣ୍ଡକୁ
କୁଶାଗ୍ରରେ ଦୁଇଭାଗ କରିବ ତାହାକୁ ।

Digitized by srujanika@gmail.com

ଯତ୍ନେ ପିଣ୍ଡ ବିଧିମାନ ସମାପନ କରି
ଦୃଷ୍ଟି ସୂର୍ଯ୍ୟାର୍ଘ୍ୟ ବିଧିକି ଭକ୍ତିରେ ଆଚରି ।
ପ୍ରାର୍ଥନା କରିବ ସୂର୍ଯ୍ୟଦେବଙ୍କୁ ବିଧିରେ
ଅର୍ଘ୍ୟଘେନି ଦେବ ପିତୃ ଦ୍ୱାଦଶ କର୍ମରେ ।
ତୁମ୍ଭେ ସର୍ବ ସାକ୍ଷୀ ସର୍ବ ଅନ୍ତର୍ଯ୍ୟାମୀ ଯେଣୁ
ଅର୍ଘ୍ୟଦାନ କରୁଅଛି ତୁମ୍ଭଙ୍କୁ ମୁଁ ତେଣୁ ।
ତୁମ୍ଭର ପ୍ରସାଦେ ପିତା ମୁକତି ଲଭିବେ
ପ୍ରେତପୁରୀ ଛାଡ଼ି ସ୍ୱର୍ଗ ପୁରକୁ ଗମିବେ ।
ଏହିପରି ସୂର୍ଯ୍ୟଅର୍ଘ୍ୟ ପ୍ରଦାନ କରିଣ
ବୈଶ୍ୱଦେବ ବିଧିକି ଯେ କହିବାକୁ ପୁଣ ।
ପୂର୍ବମୁଖ କରି ବିଶ୍ୱଦେବଙ୍କୁ ସ୍ଥାପିବ
ଗନ୍ଧ ପୁଷ୍ପ ଧୂପ ଦୀପ ପ୍ରଦାନ କରିବ ।
ବୈଶ୍ୱଦେବ ପିଣ୍ଡ ଦାନ ବିଧି ବିଧାନରେ
କରି ନବବସ୍ତ୍ର ଦେବ ପିଣ୍ଡର ଉପରେ ।
ତଦଅନ୍ତରେ କରିବ ସମାନୀ ପିଣ୍ଡକୁ
ସେ ପିଣ୍ଡରେ ପ୍ରେତଯାଏ ପିତୃଙ୍କ ପାଶକୁ ।
ସମାନୀ ପିଣ୍ଡ ସମାପ୍ତେ ଯେ ବିକୀର୍ଣ୍ଣ ପିଣ୍ଡ
ପ୍ରଦାନେ କରିବ ପ୍ରେତ ଉଦ୍ଦେଶ୍ୟେ ସେ ପିଣ୍ଡ ।
ବିକୀର୍ଣ୍ଣ ପିଣ୍ଡ ନ ଦେଲେ ପିତୃଗଣ ତୋଷ
ନ ହୁଅନ୍ତି କଦାଚନ ଜାଣ ପକ୍ଷୀଈଶ ।
ଗନ୍ଧପୁଷ୍ପ ଧୂପ ଦୀପ ଦେଇଣ ପୂଜିବ
ପିତୃ ପିତା ପ୍ରପିତାଙ୍କୁ ଭକ୍ତିରେ ପୂଜିବ ।
ପିତୃପିଣ୍ଡ ଦେବାକାଳେ ପ୍ରେତ ପିଣ୍ଡ ଏକ
ଖଣ୍ଡ ଦୂରରେ ସ୍ଥାପିବ ସୁଜ୍ଞାନୀ ବିବେକ ।
ପିଣ୍ଡ କାଳେ ସେ ପିଣ୍ଡକୁ କଦାପି ନ ଛୁଇଁ
ଶାସ୍ତ୍ରର ବିଧିବିଧାନ ଏପରି ଅଛଇ ।
ପିଣ୍ଡାନ୍ତେ ପିତୃଗଣଙ୍କୁ କରିବ ପ୍ରାର୍ଥନା
ଆହେ ପିତୃଗଣ ମୋର କଥା କର ଘେନା ।
ଅର୍ପିଲି ଯେ ପିଣ୍ଡ ମୋର ଶକ୍ତି ଅନୁସାରେ
ଘେନା କର ସେ ପିଣ୍ଡକୁ ସଦୟ ଅନ୍ତରେ ।
ପିଣ୍ଡ ତୋଷ ହୋଇ ମୋର ପିତାଙ୍କୁ ସଙ୍ଗତେ
ଆଜିଠାରୁ ସ୍ଥାନ ଦିଅ ତୁମ୍ଭରି ସହିତେ ।
ବ୍ରାହ୍ମଣଙ୍କ ବଚନରେ ମୋର ଯଥା ଶକ୍ତି
ଶକ୍ତି ଅନୁଯାୟୀ ପିଣ୍ଡ ଦେବି ମୁଁ ସମ୍ପ୍ରତି ।
ତୁମ୍ଭମାନଙ୍କ ସନ୍ତୋଷେ ମୋହର ପିଅର
ତୁମ୍ଭ ସଙ୍ଗରେ ସମାନ ହୋଇବେ ନିକର ।
ମୁହିଁ ପାପୀ ହୀନ ଜନ୍ମ ତୁମ୍ଭଠାରୁ ସିନା
ଦୟା କରି ମୋ ପିତାଙ୍କୁ ସଙ୍ଗରେ ଘେନିମା ।
ମୋରଠାରେ ଦୟାକର ହେ ପିତୃପୁରୁଷ
କ୍ଷମା କରିବ ଅବଶ୍ୟ ଥିଲେ ମୋର ଦୋଷ ।
ଏହିପରି କହି ପୂର୍ବ ସମାନୀ ପିଣ୍ଡକୁ
ତିନିଖଣ୍ଡ କରି କୁଶେ କାଟିବ ତାହାକୁ ।
ତିନିଭାଗୁ ଏକ ଭାଗ ହସ୍ତରେ ଧରିବ
ପିତୃପିଣ୍ଡ ମଧ୍ୟେ ତାକୁ ଯତ୍ନେ ମିଶାଇବ ।
ଜଣ ଜଣଙ୍କର ନାମ କରି ଉଚ୍ଚାରଣ
ପ୍ରେତୋଦ୍ଧାର ମନ୍ତ୍ର ତାହା ସଙ୍ଗତେ ପଢ଼ିଣ ।
ପୁଣି ପିତୃଗଣେ ଗନ୍ଧ ପୁଷ୍ପରେ ପୂଜିବ
ଭକତି ପୂତ ଅନ୍ତରେ ପ୍ରାର୍ଥନା କରିବ ।
ଅତିଥି ସତ୍କାର ତାହାପରେ କରିବଟି
ଶ୍ରାଦ୍ଧ ଶେଷେ ଷୋଡ଼ଶ ଗ୍ରାସକୁ ଯେ ଦେବଟି ।
ଏହିପରି କଲେ ମୁନି ଋଷିଏ ସନ୍ତୁଷ୍ଟ
ଜୀବଙ୍କ ସେବାରେ କେବେ ନ ହୁଅନ୍ତି ରୁଷ୍ଟ ।
ପିଣ୍ଡଶେଷେ ବିପ୍ର ପାଦେ ନମସ୍କାର କରି
ଗନ୍ଧପୁଷ୍ପ ଦେଇ ପୂଜା କର ଯତ୍ନ କରି ।
ତାହାଙ୍କ ପାଦକୁ ଦେବ ପାଦୁକା ଯୁଗଳ
ଚିତ୍ର ବିଚିତ୍ର ହୋଇଣ ଥିବ ତା' ଉପର ।
ସୁବର୍ଣ୍ଣାଳଙ୍କାରମାନ ଶକ୍ତି ଅନୁସାରେ
ପିତାମ୍ବର ଯୁଗଳ ଯେ ଦେବଟି ଶ୍ରଦ୍ଧାରେ ।
ସେହିଦିନୁ ଏକବର୍ଷ ପୂରିବା ପର୍ଯ୍ୟନ୍ତ
ମିଷ୍ଟାନ୍ନେ ଅତିଥି ତୋଷୁଥିବ ଶୁଦ୍ଧଚିତ୍ତେ ।
ନିଜ ଶକ୍ତି ଅନୁସାରେ ପିତୃ ଭକ୍ତି ପଣେ
ଧେନୁସ୍ୱର୍ଣ୍ଣ ରୌପ୍ୟ ବସ୍ତ୍ର ଜଳ ଅନ୍ନ ଦାନେ ।
ଅଥବା ଛତ୍ର ବ୍ୟଞ୍ଜନ ଆଦି ଯେ ମିଳିବ
ନିତି ପ୍ରତି ବ୍ରାହ୍ମଣଙ୍କୁ ଦାନ ଦେଉଥିବ ।
ଦିନେ ଛାଡ଼ିବ ଦାନ ବର୍ଷ ଶେଷଯାଏ
ଏହିପରି ଦାନ କଲେ ପ୍ରେତ ମୋକ୍ଷ ହୁଏ ।
ବର୍ଷ ସମାପନେ ସାମ୍ବତ୍ସରିକ ଯେ ଶ୍ରାଦ୍ଧ
କରିବ ସନ୍ତୋଷେ ପିଣ୍ଡ ନୋହି ବିତ୍ତଶ୍ରଦ୍ଧ ।
ଶ୍ରାଦ୍ଧ ସମାପନ କରି ସ୍ୱସ୍ତି ବଚନକୁ
କରି କରିବ ଯେ ସାଙ୍ଗ ପ୍ରେତର କର୍ମକୁ ।
ତଦନ୍ତେ ଅଭିଷେକ ବିଧିକି କରିବ
ମଙ୍ଗଳ ନିମନ୍ତେ ଏକ କଳସ ସ୍ଥାପିବ ।

Digitized by srujanika@gmail.com

ଗଣେଶଙ୍କୁ ପ୍ରଥମରେ ସେ ଘଟରେ ପୂଜି
ଇନ୍ଦ୍ରାଦି ଦେବଗଣଙ୍କୁ ଯତନରେ ଭଜି ।
ପଞ୍ଚପୋଚାରରେ ଅବା ଦଶ ଉପଚାରେ
ଷୋଡ଼ଶ ଉପଚାରରେ କେବା ପୂଜା କରେ ।
ଗନ୍ଧ ପୁଷ୍ପ ଧୂପ ଦୀପ ନୈବେଦ୍ୟାଦି ଦେଇ
ରକ୍ଷା କରଇ ସୂତ୍ରକୁ ତଥିପରେ ଥୋଇ ।
ପୂଜା ଶେଷେ ବେଦମନ୍ତ୍ର ପଢ଼ିଣ ବ୍ରାହ୍ମଣ
ଦକ୍ଷିଣ ମଣିବନ୍ଧରେ ସେ ସୂତ୍ର ବନ୍ଧନ ।
ପୂର୍ଣ୍ଣ କୁମ୍ଭ ଜଳ ନେଇ ଯଜମାନ ଶିରେ
ସିଞ୍ଚି ଶାନ୍ତି କରିବେ ଯେ ବ୍ରାହ୍ମଣ ସତ୍ୱରେ ।
ମହାମନ୍ତ୍ର ପଢ଼ି ଶାନ୍ତ୍ୟୁଦକ ଯେ କରିବେ
ଜ୍ଞାତି ବନ୍ଧୁକୁଟୁମ୍ବେ ଯେ ଉପସ୍ଥିତ ଥିବେ ।
ଦର୍ପଣାଦିରେ ଯେ ତହୁଁ ମୁଖକୁ ଦେଖିବ
ସମସ୍ତ ଶଉଚ ବିଧି ସେଦିନ ସରିବ ।
ବ୍ରାହ୍ମଣଙ୍କଠାରୁ ଆଶୀର୍ବାଦ ଯେ ଗ୍ରହଣ
ଭକତି ଭରେ କରିଣ ପଶିବ ଶରଣ ।
କମଣ୍ଡଳୁ କୁଶ ଜଳେ ଦର୍ପଣାଦି ଦେଇ
ସ୍ୱର୍ଣ୍ଣ ବା ରୌପ୍ୟ ବେଣ୍ଟରେ ଚାମର କରାଇ ।
ଧୂପ ଦୀପ ଗନ୍ଧ ପୁଷ୍ପ ଦେଇଣ ବିପ୍ରଙ୍କୁ
ବିଧି ବିଧାନରେ ପୂଜା କରିବ ତାହାଙ୍କୁ ।
ଏ ବିଧି ବିଧାନ ପରେ କରି ଏକ ବେଦୀ
ଗୋମୟରେ ଲେପନ କରିଣ କର ଶୁଦ୍ଧି ।
ପୂର୍ଣ୍ଣକୁମ୍ଭ ଏକ ତହିଁ କରିବ ସ୍ଥାପନ
ପଞ୍ଚବର୍ଣ୍ଣ ମୁରୁଜରେ କର ଏକ ପଦ୍ମ ।
ସେ କୁମ୍ଭେ ପଞ୍ଚାଶକ୍ଷର ଷଡ଼ଚକ୍ର ଜଳ
ଷଡ଼ଚକ୍ର କରି ପଦ୍ମପଦ ଷଷ୍ଠଦଳ ।
କୁଶାସନ କିମ୍ବା ସ୍ୱର୍ଣ୍ଣାସନ ଏକ କରି
ଲକ୍ଷ୍ମୀନାରାୟଣ ମୂର୍ତ୍ତି ରଖି ତଦୁ ପରି ।
ନାନା ଭୂଷଣେ ଭୂଷିତ ତାହାଙ୍କୁ କରିବ
ନାନା ଉପଚାରେ ତାହାଙ୍କୁଟି ଯେ ପୂଜିବ ।
ପିତା ମୃତ୍ୟୁ ହୋଇଥିଲେ ବ୍ରାହ୍ମଣଙ୍କୁ ଦାନ
ମାତା କାର୍ଯ୍ୟେ ବ୍ରାହ୍ମଣଙ୍କୁ କରିବ ପ୍ରଦାନ ।
ବ୍ରାହ୍ମଣୀକୁ ଯଦ୍ୟପି ଏ ଦାନକୁ ଅର୍ପିବ
କୁଙ୍କୁମ ଅଳତା କଳା ସିନ୍ଦୁରକୁ ଦେବ ।
ନବ ବସ୍ତ୍ର ପିନ୍ଧାଇ ଭୂଷଣ କରାଇବ
ପାଦେ ପୂଜା ଅର୍ଘ୍ୟମାନ ତାହାଙ୍କୁ କରିବ ।

ପ୍ରଥମରେ ଘଟପୂଜା ଦ୍ୱିତୀୟେ ଦେବତା
ତୃତୀୟରେ ପୂଜିବ ଯେ ଦାନର ଗ୍ରହିତା ।
ଶକ୍ତି ଅନୁସାରେ ତହୁଁ ଦାନମାନ ଦେବ
ପୁଷ୍ପାଞ୍ଜଳି ଧରି ତାଙ୍କୁ ପ୍ରାର୍ଥନା କରିବ ।
ଏହିପରି ଦ୍ୱାଦଶାହ ପିଣ୍ଡଦାନ ବିଧି
ଜୀବ ତରିଯାଏ ଜାଣ ସଂସାର ବାରିଧି ।
ଏକ ଏକ ବିପ୍ରେ ଏକ ଏକ ଦାନ ଦେବ
ବହୁଦାନ ଏକ ବିପ୍ରେ କଦାପି ନ ଦେବ ।
ପୁତ୍ର ଯଦି ପିତୃ ଉଦ୍ଦେଶ୍ୟରେ ହର୍ମ୍ୟଦାନ
କିମ୍ବା ଭୂମି ଦାନ କରେ ସାଧୁ ପୁତ୍ର ଜାଣ ।
ପରଲୋକ ପିତୃ ସୁଖୀ ହୁଅଇ ନିଶ୍ଚୟ
ଏଥିରେ ସନ୍ଦେହ ତିଳେ ନାହିଁ ବୈନତେୟ ।
ନିରନ୍ତରେ ସ୍ୱର୍ଗ ସୁଖ ଲଭଇ ଯେ ପିତା
ଚାମର ସେବା କରନ୍ତି ଅମର ବନିତା ।
ପାରିଜାତ ପୁଷ୍ପ ତା'ର ଅଙ୍ଗରେ ସଜାଇ
ପୁଷ୍ପକ ଯାନରେ ବୁଲେ ମହାସୁଖୀ ହୋଇ ।
ବିଷ୍ଣୁଙ୍କ ଦର୍ଶନ କରି ହୁଅଇ କୃତାର୍ଥ
ବୈକୁଣ୍ଠ ଭୁବନେ ସୁଖେ ବିଳସେ ସେହିତ ।
ଏହି ଦାନମାନ ଯେବେ ପୁତ୍ର କରିଥାଇ
ପିତା ବୈକୁଣ୍ଠେ ରହଇ ସୁଖ ଭୋଗେ ଯାଇ ।
ପୁଣ୍ୟ ଶେଷେ ମର୍ତ୍ତ୍ୟେ ପୁଣି ମହାଜନ ଘରେ
ଜନ୍ମି ମହାସୁଖ ଭୋଗ କରଇ ସଂସାରେ ।
ଗତି ମୁକ୍ତି ବିଧାୟକ କେତେ କାମ ଅଛି
ସେ କଥା ତୁମ୍ଭଙ୍କୁ ମୁହିଁ ସଂକ୍ଷେପେ କହୁଛି ।
ଦାନ ମଧ୍ୟରେ ସୁସିଦ୍ଧ ପଞ୍ଚପାଦ ଦାନ
ଛତ୍ର ବସ୍ତ୍ର କମଣ୍ଡଳୁ ପୁଣି ଯେ ଆସନ ।
ମୁଦ୍ରିକା ସହିତେ ଏହି ପାଞ୍ଚଗୋଟି ଦାନ
ଏମାନ ଦେଇ ଦକ୍ଷିଣା କରିବ ପ୍ରଦାନ ।
ଚତୁଃପାଦ ଦାନ ପୁଣ ଅଟଇ ଯୁକତେ
ଦଣ୍ଡ ତାମ୍ର ପାତ୍ର ଯଜ୍ଞସୂତ୍ର ଗଡୁ ଯୁତେ ।
ଏହି ଦାନ କରିବାକୁ ବିଧି ଅଛି ଜାଣ
ପ୍ରେତ ମୁକତି ନିମନ୍ତେ ଅଟଇ କାରଣ ।
ତ୍ରିୟୋଦଶ ଦାନ ବିଧି କହନ୍ତି ଆବର
ପାଦାସନ କାଷ୍ଠାସନ ଅର୍ଘ୍ୟପାତ୍ର ସାର ।
କୁଣ୍ଡଳ ମୁଦ୍ରିକା, ଯେ ବ୍ୟଞ୍ଜନ ଧୂପ ଦୀପ
ମିଷ୍ଟାନ୍ନ କର୍ପୂର ଯେ ତାମ୍ବୁଳ ସମରପ ।

Digitized by srujanika@gmail.com

ପଞ୍ଚରତ୍ନ ସହିତରେ ପ୍ରଦାନ କରନ୍ତି
ତ୍ରୟୋଦଶ ଦାନ ବିଧି ଏହାକୁ କହନ୍ତି ।
ବେଦାଭ୍ୟାସୀ ଦ୍ୱିଜକୁ ଯେ ବରଣ କରିବ
ଆସନାଦି ଦେଇ ଭକ୍ତି ସହିତେ ପୂଜିବ ।
ମିଷ୍ଟାନ୍ନ ଭୋଜନ ଦେଇ ଭୋଜନ ଦକ୍ଷିଣା
ପରେ ଦାନ ଦେଇ ସମର୍ପିବ ଯେ ଦକ୍ଷିଣା ।
ମୂର୍ଖ ଦ୍ୱିଜେ ଦାନ ଦେବା ନୁହଇ ଉଚିତ
ପ୍ରେତ ଅଧୋଗତି ତହୁଁ ହୁଅଇ ପ୍ରାପତ ।
ମୃତ୍ୟୁ ପରେ ଯମଦୂତେ ଜୀବେ ଘେନିଯାନ୍ତି
ଯାତନା ପଥରେ ବହୁ ଯନ୍ତ୍ରଣା ଦିଅନ୍ତି ।
ବିଭିନ୍ନ ନର୍କ ନିବାସ ହେତୁ ଦୁଃଖ ଯେତେ
କଥାରେ କହି ନୁହଇ ତାହାଟି କିଞ୍ଚିତେ ।
ସେହି ଦୁଃଖରୁ ଉଦ୍ଧାର ହେବା ପାଇଁ ଯେବା
ଜୀବନ୍ତେ ଦାନ କରଇ ପୂଜି ଦ୍ୱିଜ ଦେବା ।
ଅଥବା ମୃତ୍ୟୁର ପରେ ପୁତ୍ର ଶ୍ରଦ୍ଧା ସହ
ପ୍ରେତକୃତ୍ୟ ନିୟମରେ କରେ ନୋହି ମୋହ ।
ତେବେ ପ୍ରେତ ପ୍ରେତପୁରୁ ମୁକତି ଲଭଇ
ଅସୀମ୍ ସୁଖ ସମ୍ଭୋଗ ସ୍ୱର୍ଗରେ କରଇ ।
ସେ ମହାପଥରେ ଖରା ନିବାରଣ ପାଇଁ
ଛତ୍ରଦାନ କଲେ ତାକୁ ତାପ ନ ବାଧଇ ।
ତୃଷା ନିବାରଣ ପାଇଁ ଯେହୁ ଜଳଦାନ
ଗ୍ରୀଷ୍ମ ତାପ ପାଇଁ ଦେବ ଦାନ ଯେ ବ୍ୟଞ୍ଜନ ।
କ୍ଷୁଧା ନିବାରଣ ପାଇଁ ଅନ୍ନଦାନ ଦେବ
ଲଜ୍ଜା ନିବାରଣ ବସ୍ତ୍ର ଦାନ ଯେ କରିବ ।
ଏହିପରି ଦାନମାନ କରିଲେ ଭକ୍ତିରେ
ପ୍ରେତ ଦୁଃଖ ତିଳେହେଲେ ନ ପାଏ ସେ ପୁରେ ।
ପାକ୍ଷିକ ମାସିକ ତ୍ରିପାକ୍ଷିକ ଷାଣ୍ମାସିକ
ଶ୍ରାଦ୍ଧ କରି ପିଣ୍ଡ ଦେବ ଅଥବା ବାର୍ଷିକ ।
ପୂର୍ବତିଥି ଅନୁସାରେ ପିଣ୍ଡମାନ ଦେଇ
ପ୍ରେତକୃତ୍ୟ କଲେ ପ୍ରେତ ଯାଏ ମୋକ୍ଷ ହୋଇ ।
ପାକ୍ଷିକ ଶ୍ରାଦ୍ଧ ନିୟମ କହିବି ଥୋକାଏ
ସୁଚିତ୍ତେ ଶୁଣିବ ତୁମ୍ଭେ ଆହେ ଖଗରାଏ ।
ପୂର୍ଣ୍ଣମୀ ଦିବସେ ଯେବେ ମୃତ୍ୟୁ ଲଭେ କେହି
ଚତୁର୍ଦ୍ଦଶୀରେ ପାକ୍ଷିକ ଶ୍ରାଦ୍ଧକୁ କରଇ ।
ଚତୁର୍ଥୀରେ ମୃତ୍ୟୁ ହେଲେ ନବମୀରେ ହେବ
ନବମୀରେ ହେଲେ ଚତୁର୍ଦ୍ଦଶୀରେ କରିବ ।

ଏହିପରି ବିଧି ଅଛି ପାକ୍ଷିକ ଶ୍ରାଦ୍ଧରେ
ମାସିକ ଶ୍ରାଦ୍ଧ ବିଧାନ ଶୁଣ ସୁଚିତ୍ତରେ ।
ତିନି ପ୍ରକାରେ ମାସର ଗଣନା ହୁଅଇ
ଚାନ୍ଦ୍ରାୟଣ ସୂର୍ଯ୍ୟାୟଣ ମାସ ଯେ ବୋଲାଇ ।
ଏହି ଦୁଇମାସରେ କରିବ ପିଣ୍ଡ ଦାନ
ଚାନ୍ଦମାସେ ପିଣ୍ଡ ସର୍ବେ କରନ୍ତି ବିଧାନ ।
ମଳମାସର ବିଚାର ଅଟଇ ସ୍ୱତନ୍ତ୍ର
ସେ ମାସରେ ପିଣ୍ଡ ଦେଲେ ଫଳଇ ବହୁତ ।
ଯେଉଁମାସେ ରାଶିରେ ରବି ନ ରହିବେ
କ୍ଷୟମାସ ତାହାକୁଟି କହନ୍ତି ସାଧବେ ।
ତିରିଶ ଦିନରେ ଯେ ସ୍ପର୍ଶ ଦୁଇମାସ
ବେନିମାସେ ଏକମାସୀ ଶ୍ରାଦ୍ଧକର ଶେଷ ।
କାର୍ତ୍ତିକ ବା ମାର୍ଗଶିର କ୍ଷୟମାସ ହେଲେ
ପୂର୍ବମାସରେ ଯେ ଶ୍ରାଦ୍ଧ କରିବ ନିଶ୍ଚଳେ ।
ଯେ ମାସରେ ଯେଉଁ ପକ୍ଷେ ଯେଉଁ ତିଥି ଦିନ
ମୃତ୍ୟୁ ହୁଏ ସେ ତିଥିରେ ଦେବ ପିଣ୍ଡ ଦାନ ।
ଦିବସେ ଅଧିକ ହେଲେ ମାସ ଶେଷେ ଦେବ
ନ୍ୟୁନ ହେଲେ ଦୁଇମାସ ଏକତ୍ର କରିବ ।
ପ୍ରତି ଦିବସରେ ମଧ୍ୟ ଶ୍ରାଦ୍ଧ ବିଧି ଅଛି
ଯେ କରିପାରଇ ତା'ର ପୁଣ୍ୟ ନୁହେଁ କିଛି ।
ସାମ୍ବତ୍ସରେ ତ୍ରୟୋଦଶୀ ପୂର୍ଣ୍ଣିମା ହୋଇଲେ
ଶେଷ ପୂର୍ଣ୍ଣିମାରେ ଶ୍ରାଦ୍ଧ ଅଧିବାସ କଲେ ।
ଶ୍ରାଦ୍ଧାନ୍ତେ ଭୋଜନ ଦେବ ବ୍ରାହ୍ମଣ ଦେବତା
ଦକ୍ଷିଣା ଦେଇ ତୋଷିବ ହୋଇ ଶାନ୍ତଚେତା ।
ସାମ୍ବତ୍ସରିକେ ଶ୍ରଦ୍ଧାନ୍ତେ ବ୍ରାହ୍ମଣ ଭୋଜନ
କରି ଦକ୍ଷିଣା ପ୍ରଦାନ କରିବଟି ପୁଣ ।
ଜ୍ଞାତି ବନ୍ଧୁ କୁଟୁମ୍ବଙ୍କୁ ଅନ୍ନ ବ୍ୟଞ୍ଜନରେ
ସନ୍ତୋଷ କରିବ ନୋହି କୃପଣ ଚିତ୍ତରେ ।
ଏକୋଦ୍ଦିଷ୍ଟ ପିଣ୍ଡବିଧି ଯେମନ୍ତ ପ୍ରକାର
ବ୍ରହ୍ମାଙ୍କ ବାକ୍ୟରେ ତାହା କରି ତତ୍ପର ।
ସାମ୍ବତ୍ସରିକ ଶ୍ରାଦ୍ଧରେ ଏକୋଦ୍ଦିଷ୍ଟ ବିଧି
କେବେହେଁ କରିବ ନାହିଁ ପ୍ରେତ ଅର୍ଥେ ସିଦ୍ଧି ।
ସୁଫଳ ନ ହୋଇ ହୁଏ କୁଫଳ ତାହାର
ଜନ୍ମ ଜନ୍ମାନ୍ତରେ ନର୍କେ ପଡ଼ିଇ ସତ୍ୱର ।
ଗୟାପିଣ୍ଡ ଦେଲେ ମୁକ୍ତ ହୁଅଇ ଦୋଷରୁ
ଏକୋଦ୍ଦିଷ୍ଟ ପିଣ୍ଡ ଦାନ କୁଫଳ ହେତୁରୁ ।

Digitized by srujanika@gmail.com

ଗଜ ଛାୟାପିଣ୍ଡ ବିଧି ଅଛି ଏକ ପୁଣି
ସେ ବିଧି ବିଧାନ ଏବେ କହିବି ବଖାଣି ।
ସିଂହଚନ୍ଦ୍ର ମଘାନାମ ନକ୍ଷତ୍ର ହୋଇଲେ
ଚନ୍ଦ୍ର ଗ୍ରହଣ ବା ସୂର୍ଯ୍ୟ ପରାଗ ହୋଇଲେ ।
ଗଜଛାୟାସ୍ଥିତ ପୂର୍ବେ ମୁଖର ବିଧାନ
ଦକ୍ଷିଣ ମୁଖ ହୋଇଣ ଦେବ ପିଣ୍ଡ ଦାନ ।
ଯୁଗାଦି ସୁତିଥି ସୁ-ନକ୍ଷତ୍ର ଦିନେ ଜାଣ
ଆନନ୍ଦ ଚିତ୍ତରେ ପିଣ୍ଡ କରିବ ପ୍ରଦାନ ।
ଶୁକ୍ଳପକ୍ଷ ତ୍ରୟୋଦଶୀ ଭାଦ୍ରବ ମାସରେ
ଅବା ମାଘ ଅମାବାସ୍ୟା ତିଥିର ଦିନରେ ।
ବୈଶାଖ ଶୁକ୍ଳ ତୃତୀୟା ଅଟଇଟି ପୁଣି
କାର୍ତ୍ତିକ ଶୁକ୍ଳ ନବମୀ ଯୁଗ ମାନ ଜନ୍ମି ।
ବୈଶାଖ ଶୁକ୍ଳ ତୃତୀୟା ଜନ୍ମ ସତ୍ୟଯୁଗ
କାର୍ତ୍ତିକ ଶୁକ୍ଳ ନବମୀ ଜନ୍ମେ ତ୍ରେତାଯୁଗ ।
ମାଘ ଅମାବାସ୍ୟାରେ ଯେ ଦ୍ୱାପର ଜନମ
ଭାଦ୍ର ଶୁକ୍ଳ ତ୍ରୟୋଦଶୀ କଳି ଜନ୍ମ ଜାଣ ।
ଯୁଗାଦ୍ୟ ଦିନ ଜାଣିଣ ପିତୃଶ୍ରାଦ୍ଧ କଲେ
ବହୁଫଳ ହୁଏ ଜାଣ ଏହା ଯହିଁ ଭଲେ ।
ଦେଶ ଭେଦେ ଆଚାରର ଅଛି ଭେଦମାନ
ଯହିଁ ଯେଉଁପରି ବିଧି କରିବ ତା' ପୁଣ ।
ପ୍ରଥମ ବର୍ଷ ମଧ୍ୟରେ ଗୟା ପିଣ୍ଡ କରି
ପ୍ରେତ ମୁକତ କରିବ ବିଧି ଅନୁସରି ।
ପୁଣ୍ୟବାନ ଲୋକମାନେ ପିତୃ ସ୍ନେହ ହେତୁ
ପିଣ୍ଡ ବିଧି କରିଣ ବାନ୍ଧନ୍ତି ପୁଣ୍ୟ ସେତୁ ।
ପୁତ୍ର ଏହି କର୍ମମାନ ଯତନେ କରିବ
ଶେଷେ ନିଜେ ବହୁଫଳ ପାଇବ ସେ ହେଳେ ।
ମୁକତି ଲଭିବ ନିଜେ ଏହି ପୁଣ୍ୟ ଫଳେ ।
ପିତୃଗଣ ଆଶୀର୍ବାଦେ ଇହ ସଂସାରେ
ଧନ ଧାନ୍ୟ ଗୋପଲକ୍ଷ୍ମୀ ବଢ଼ଇ ସତ୍ୱରେ ।
ଉତ୍ତମ ପୁତ୍ର କନ୍ୟା ଯେ କୁଳରେ ଜନ୍ମନ୍ତି
ପିତୃ ଆଜ୍ଞା କଦାପି ଅବଜ୍ଞା ନ କରନ୍ତି ।
ସତୀ ସାଧ୍ୱୀ ରମଣୀ ସେବଇ ନିରନ୍ତର
ଗ୍ରହ ବାଧା ରିଷ୍ଟାରିଷ୍ଟ ନ ହୁଏ ତାହାର ।
ଜ୍ଞାତି ବନ୍ଧୁମାନେ ତାରେ ଶତ୍ରୁତା ନ କରି
ଆଜ୍ଞାବହ ହୋଇ ସେବା କରନ୍ତି ତାହାରି ।

ଭୂତ ପ୍ରେତଗଣ ତା'ର ଦୁର୍ଗତି ନ ଚିନ୍ତି
ଯାହା ଇଚ୍ଛେ ତାହା ତାକୁ ମିଳଇ ଝଟତି ।
ମାନ ସନମାନ ଦିନୁ ଦିନ ବଢ଼େ ତା'ର
ପ୍ରଶଂସା କରନ୍ତି ତାକୁ ଦେବାସୁର ନର ।
ଯଦ୍ୟପି କୌଣସି ଶତ୍ରୁ ହୁଏ ଉପଗତ
ପ୍ରଭାବ ପାଇଁ ପଳାଏ ସେହି ଯେ ତ୍ୱରିତ ।
ତେଣୁ ହେ ଗରୁଡ଼ ପିତୃ ଶ୍ରାଦ୍ଧ ପିଣ୍ଡଦାନ
ବ୍ରାହ୍ମଣ ବରି କରିବ ଯେ ବିଧି ବିଧାନ ।
ଦ୍ୱାଦଶ ଦିନର ପିଣ୍ଡମାନ ମୁଁ କହିଲି
ସାମ୍ବତ୍ସରିକ ବିଧାନ ମାନ ବଖାଣିଲି ।
ଏବେ ଶୌଚା ଶୌଚ ବିଧି ବିଧାନ କହିବି
ତାହା ମନେ ରଖ କାର୍ଯ୍ୟ କରିବଟି ଭାବି ।
ବର୍ଣ୍ଣଭେଦ ଶୌଚଦିନ ଭେଦ ଯେ ହୁଅଇ
ସଂକ୍ଷେପରେ ତୋତେ କହି ଦେବଇଁ ଯେ ମୁହିଁ ।
ବ୍ରାହ୍ମଣ ଦଶଦିନରେ କ୍ଷତ୍ରିୟ ଦ୍ୱାଦଶେ
ପନ୍ଦର ଦିନରେ ବୈଶ୍ୟ ଶୂଦ୍ର ଏକମାସେ ।
ମୃତାହ ଶୁଚି ହୁଅନ୍ତି ଜାଣ ହେ ବିଧାନ
ପ୍ରେତକୃତ୍ୟ ଗର୍ବେ ଯେବେ କେହି ନ କରଇ
ପିତୃନର୍କ ଯନ୍ତ୍ରଣାରେ ଅବଶ୍ୟ ଭୁଞ୍ଜଇ ।
ସେହି କ୍ରୋଧେ ବଂଶନାଶ କରଇ ଯେ ପ୍ରେତ
ନାନାଦି ବିପଦ ଆସି ହୁଅଇ ପ୍ରାପତ ।
ତେଣୁ ଦିବସ ବିଧାନେ ଶୌଚ ବିଧି କରି
ପିଣ୍ଡଦାନ କରିବ ଯେ ଶ୍ରୀହରି ସୁମରି ।
କାହାକୁ କେତେ ଦିବସ ପାଳନ କରିବ
ସେ କଥା ଜାଣିବା ଆଗ ଅଟଇ ପ୍ରସ୍ତାବ ।
ଶିଶୁଜନ୍ମ ହୋଇ ଯଦି ମରଣ ଲଭଇ
ତିନିଦିନ ତ୍ରିରାତ୍ରରେ ତା'ର ଶୁଦ୍ଧହୋଇ ।
ସପିଣ୍ଡୀକରଣ ଆଦି ପିଣ୍ଡମାନ ତା'ର
ନ ହୋଇବ ଶାନ୍ତ୍ୟୁଦକ କରିବ କେବଳ ।
ଜ୍ଞାତିମାନେ ତିନିଦିନେ ଶୁଦ୍ଧ ଯେ ହୋଇବେ
ସ୍ନାନମାତ୍ରେ ସଗୋତ୍ରୀୟ ବିଶୁଦ୍ଧ ଯେ ହେବେ ।
ଚାରିପୁରୁଷ ପର୍ଯ୍ୟନ୍ତ ଦଶରାତ୍ର ପାଳି ।
ଷଷ୍ଠ ପୁରୁଷ ହୋଇଲେ ଶୁଦ୍ଧ ଚାରିଦିନେ
ସପ୍ତମପୁରୁଷ ହୋଇଲେ ଶୁଦ୍ଧ ତିନି ଦିନେ ।

Digitized by srujanika@gmail.com

ଆଜ ପୁରୁଷ ଯଦ୍ୟପି ଅନ୍ତର ହୋଇବେ
ଏକାଦିନେ ଶୁଦ୍ଧ ବିଧି ମତେ ସେ କରିବ ।
ନବମ ପୁରୁଷ ହେଲେ ଓଳିଏ ଅଶୁଚି
ଦଶମ ପୁରୁଷ ସ୍ନାତମତେ ହୁଏ ଶୁଚି ।
ଜନ୍ମ ମରଣର ଶୁଦ୍ଧ କରି ଏହିପରି
ବିଶୁଦ୍ଧ ହୁଅନ୍ତି ଭବେ ନର ତନୁ ଧରି ।
ଯଦି କେହି ବିଦେଶରେ ମରଣ ଲଭଇ
ଯେଉଁ ଦିନ ସେ ସମ୍ବାଦ ଶ୍ରବଣ କରଇ ।
ଦଶଦିନ କରିବାକୁ ଯେତେ ଦିନ ଥିବ
ସେତିକି ଦିନ ତା' ପାଇଁ ପାଳନ କରିବ ।
ଦଶଦିନ ପୂରେ ଯେବେ ଶୁଣିବ ବାରତା
ତିନିଦିନ ପାଳି ଶୁଦ୍ଧି ହେବ ଶାସ୍ତ୍ରକଥା ।
ମୃତ୍ୟୁ ଏକ ବର୍ଷ ପରେ ଶୁଣିବ ବା ଯେବେ
ଏକଦିନ ପାଳି ଶୁଦ୍ଧ ହୋଇବଟି ତେବେ ।
ଯେତେ ଦିନ କହି କାର୍ଯ୍ୟମାନଙ୍କୁ କରିବ
ସେତେଦିନ ଅଶୌଚ ହୋଇଣ ରହିଥିବ ।
ଶୁଭ କାର୍ଯ୍ୟମାନ କିଛି ନ ପାରିବ କରି
ବଳେ କଲେ ଭୋଗ ହେବ ଜାଣ ନର୍କପୁରୀ ।
ସୁତକ ମଧ୍ୟରେ ଯେବେ ମୃତକ ପଡ଼ଇ
ଅଥବା ସୁତକେ ମୃତକ ବା ଯେବେ ହୋଇ ।
ଶଉଚ ବିଧାନମାନ କରି ଏହିପରି
ଶୁଦ୍ଧ ହୁଅନ୍ତି ଗରୁଡ଼ ଶୁଣ କର୍ଣ୍ଣ ଡେରି ।
ଅଶୌଚକୁ ଚାରିଭାଗ ବର୍ଣ୍ଣନ କରିବ
ଭାଗକରେ ତିନିଦିନ ଲେଖାଏଁ ପଡ଼ିବ ।
ପ୍ରଥମ ଭାଗରେ କିମ୍ବା ଦ୍ୱିତୀୟ ଭାଗରେ
ଅଶୌଚ ପୁଣି ହୋଇଲେ ସପିଣ୍ଡ କରିଲେ ।
ଶୁଦ୍ଧ ଦୁହେଁ ଯାକ ଜାଣ ହୁଅଇଟି ଭଲେ
ଭିନ୍ନ ଶୁଦ୍ଧ ନ କରିବ ଦେବ ଏକ ତୁଲେ ।
ସୁତକ ମୃତକ ଛଅ ଛଅ ଦିନରୁ ଅଧିକ
ହେଲେ ଅଶୌଚାନ୍ତେ ଶୁଦ୍ଧ ହୋଇବ ବାରେକ ।
ଦାନ୍ତ ନ ଉଠୁଣୁ ଯେବେ ବାଳକ ମରିବ
ସ୍ନାନ ମାତ୍ରେ ପିତାମାତା ତା'ର ଶୁଦ୍ଧି ହେବ ।
ଚୂଡ଼ାକର୍ମ ନୋହୁଣୁ ଯେ ବାଳକ ବିନାଶ
ଏକମାତ୍ର ପାଳି ଶୁଦ୍ଧ ହେବ ଶାସ୍ତ୍ର ଭାଷ ।
ବ୍ରତ ନୋହିଣ ଯଦ୍ୟପି ବାଳକ ମରିବ
ତାହାକୁ ଯେ ତିନିରାତ୍ର ପାଳନ କରିବ ।

ବ୍ରତ ପରେ ଯଦି ମୃତ୍ୟୁ ଲଭଇ ସେ ଜାଣ
ଦଶ ରାତ୍ର ତା'ର ପାଇଁ କରିବ ପାଳନ ।
ଶାସ୍ତ୍ର ବିଧି ଅନୁସାରେ ପ୍ରେତକୃତ୍ୟ କରି
ଶୁଦ୍ଧ ହେବ ତାହାକୁଟି ଜାଣ ପନ୍ନଗାରି ।
ଜନ୍ମ ହୋଇ ସାତମାସେ ଶିଶୁ ମରିଗଲେ
ସଦ୍ୟ ଶୌଚ ସର୍ବ ଜାତି କରିବ ମାତ୍ରରେ ।
ଶୁଦ୍ଧ ହେବ ବୋଲି ଶାସ୍ତ୍ରେ ନିୟମ ଅଛଇ
ଲୋକାଚାର ଯହିଁ ଯାହା ପାଳିବ ତା' ତହିଁ ।
କନ୍ୟା ବିବାହ ହୋଇଣ ପିତୃ ଗୃହେ ମଲେ
ପିତା ତିନିଦିନ ତାକୁ ପାଳିବଟି ଭଲେ ।
ଶ୍ୱଶୁର ଗୃହରେ ଦଶଦିନ ଯେ ପାଳିବେ
ଯଥାରୀତି ଶ୍ରାଦ୍ଧ ଆଦି ତାହାର କରିବେ ।
ଛଅମାସ ଗର୍ଭ ପାଇ ଯଦ୍ୟପି ହୁଅଇ
ସେ ଦୋଷ ମାତାକୁ ଲାଗେ ଶାସ୍ତ୍ର ଅଛି କହି ।
ଯେତେ ମାସ ଗର୍ଭଟିକୁ ହୋଇଥାଏ ଜାଣ
ଶୌଚ ହେବ ମାତା ସେତେ ଦିନକୁ ପାଳିଣ ।
ଏହିପରି ଶୌଚା ଶୌଚ ବିଧାନ ଶାସ୍ତ୍ରରେ
ସକଳ ଯୁଗରେ ଅଛି ଏମନ୍ତ ପ୍ରକାରେ ।
ଅଶୌଚ ନିମନ୍ତେ ହେବ ଶୌଚ ନ ହୋଇବ
ଦେବପୂଜା ଦେବର୍ଚ୍ଚନା ଯଜ୍ଞାଦି ନୋହିବ ।
ତ୍ରିସନ୍ଧ୍ୟାଦି ଜପ ହୋମ କଦାପି ନ କରି
ପିତୃକୃତ୍ୟ ଆଦି କେହି କରିଣ ନ ପାରି ।
ବ୍ରହ୍ମଚର୍ଯ୍ୟାଶ୍ରମେ ରହି ଯେହୁ ମନ୍ତ୍ର ଜପ
ପ୍ରତିଦିନ କରୁଥିବ ନ ଛାଡ଼ିବ ତପ ।
ସେମାନଙ୍କ ବ୍ରତ ଭଙ୍ଗ ନ କରିବ କେବେ
ଚାନ୍ଦ୍ରାୟଣାଦି ତାହାର ସମାନ ନୋହିବେ ।
ମନ୍ତ୍ର ମଧ୍ୟେ ମହାମନ୍ତ୍ର ପ୍ରଧାନ ଅଟଇ
ବ୍ରତ ମଧ୍ୟରେ ଉତ୍ତମ ବେଦ ଯେ ବୋଲାଇ ।
ତନ୍ତ୍ର ମଧ୍ୟେ ବିଷ୍ଣୁ ବ୍ରତ ଅଟଇ ଯେ ଶ୍ରେଷ୍ଠ
ବ୍ରାହ୍ମଣ ମଧ୍ୟରେ ଅଗ୍ନିହୋତ୍ରୀ ଯେ ଗରିଷ୍ଠ ।
ଏହିମାନେ ନିଜକୃତ୍ୟ ଅଶୌଚ ଫଳରେ
ତ୍ୟାଗ ନ କରିବ ବିଧି ଅଛଇ ଶାସ୍ତ୍ରରେ ।
ସନ୍ନ୍ୟାସୀମାନଙ୍କୁ କେବେ ଅଶୌଚ ନ ହୁଏ
ପାଳନ କରିବା ତାଙ୍କ ପକ୍ଷେ ନ ଯୋଗାଏ ।
ଅଗ୍ନି ଯେପରିଟି ଭଲ ମନ୍ଦକୁ ଭକ୍ଷଇ
ବିଚାରେ ତାହାର ପୁଣ ଦୋଷ ନ ହୁଅଇ ।

Digitized by srujanika@gmail.com

ସେହିପରି ସନ୍ନ୍ୟାସୀ ଯେ କୁଳ ତ୍ୟାଗ କରେ
ଅଶୌଚ ପାତକ କିମ୍ବା ଲାଗିବ ତାହାରେ ।
ଏହି ଅଶୌଚ ମଧ୍ୟରେ ଗୃହରେ ଭିକ୍ଷୁକୁ
ଉପସ୍ଥିତ ହେଲେ ଭିକ୍ଷା ନ ଦେବ ତାହାଙ୍କୁ ।
ଅଜଣା ଭାବରେ ଯେବେ ପାକ ଅନ୍ନ ଭୁଞ୍ଜେ
ତେବେ ପାପ ନ ଲାଗଇ ଜାଣ ଖଗରାଜେ ।
ଜାଣି ଶୁଣି ଗୃହୀ ଯେବେ ଅନ୍ନ ପରଷଇ
ଉଭୟ ନରକ ଯାନ୍ତି ଶାସ୍ତ୍ର ଏହା କହି ।
ବିପ୍ର ଯଦି ଧନ ଲୋଭେ ଅଶୌଚ ଲୁଚାଇ
ବିପଦ ଦିନକୁ ଦିନ ତାହାକୁ ପଡ଼ଇ ।
ଅଶୌଚ ବିଧାନମାନ ଅଛଇ ଏପରି
କହିଲି ସକଳ ମୁହିଁ ଆହେ ପନ୍ନଗାରୀ ।
ଏହି ବିଧିମାନ ପାଳି ଯେ ଶୁଦ୍ଧ ହୁଅଇ
ପ୍ରେତକୃତ୍ୟ ପିଣ୍ଡମାନ ଶ୍ରଦ୍ଧାରେ ଦିଅଇ ।
ସେ ଜନ ଆନନ୍ଦେ ସର୍ବପାପ ପରିହରି
ଅନ୍ତେ ଲଭଇଟି ନିଜେ ବଇକୁଣ୍ଠ ପୁରୀ ।
ପିତୃଗଣଙ୍କୁ ତାରଇ ଦାନ ଫଳେ ତା'ର
ସ୍ୱର୍ଗାଦି ସୁଖ ଲଭନ୍ତି ନରକୁ ଉଦ୍ଧାର ।
ଇହଲୋକ ଦିନୁ ଦିନ ବଢ଼ଇ ଯା ଯଶ
ଧନଜନ ଗୋପଲକ୍ଷ୍ମୀ ବଢ଼ଇ ଆୟୁଷ ।
ସୁଖେ ବିଳସଇ ସ୍ୱର୍ଗ ପରି ଏହି ପୁରେ
ବ୍ରାହ୍ମଣମାନଙ୍କ ଆଶୀର୍ବାଦ ବଚନରେ ।
ପଚାରିବା କଥାଯାକ ବୁଝାଇ କହିଲି
ତୁମ୍ଭର ହୃଦୟୁ ଅନ୍ଧକାର ବିନାଶିଲି ।
ଆଉ କିବା ଶୁଣିବାକୁ ବଳୁଅଛି ମନ
ଅକୁଣ୍ଠିତ ଚିତ୍ତେ ତାହା ପ୍ରକାଶ ବହନ ।
ବୁଝାଇ କହିବି ଆହେ ଖଗପତି ମୁହିଁ
ତୁମ୍ଭଠାରେ କପଟ ମୋ' ତିଳେ ହେଲେ ନାହିଁ ।
ଶୁଣି ଏ ବଚନ ତହିଁ ଗରୁଡ଼ ହରଷେ
ପ୍ରଭୁ ପାଦପଦ୍ମେ ପଡ଼ି ଧୀର ବାଣୀ ଭାଷେ ।
ଶୁଣିଲି ଦ୍ୱାଦଶ ଦିନ ପିଣ୍ଡ ବିଧିମାନ
ଆବର ଶୁଣିଲି ଶୌଚା ଶୌଚର ବିଧାନ ।
ପୁଣି ସନ୍ତୋଷ ହୋଇଲା ହୃଦୟ ମୋହର
ଏହି ଦୟା ଦାସାଧମେ ଥାଉ ନିରନ୍ତର ।
ସେ ପ୍ରଭୁ ଭୃତ୍ୟଙ୍କ ପାଦପଦ୍ମେ ମୋର ଆଶ
ଗୀତରେ ଭଣଇ ଦ୍ୱିଜ ଆର୍ତ୍ତତ୍ରାଣ ଦାଶ ।
ସାଧୁ ସୁଜ୍ଞ ପ୍ରଣ୍ଡିତ ମୋ ଦୋଷ ନ ଧରିବ
ଦୋଷ ଥିଲେ ନିଜଗୁଣେ କ୍ଷମା ମୋତେ ଦେବ ।

ଇତିଶ୍ରୀ ଗରୁଡ଼ ପୁରାଣେ ନୈମିଷାଯୋ-
'ପାଖ୍ୟାନେ ଭଗବତ୍ ଗରୁଡ଼ ସମ୍ବାଦେ
ଦ୍ୱାଦଶାହ ପିଣ୍ଡଦାନ ଶୌଚା ଶୌଚ
ବିଧି ବିଚାରଣଂ ନାମ
ଚତୁର୍ଦ୍ଦଶୋଽଧ୍ୟାୟଃ ।

—o—

ପଞ୍ଚଦଶ ଅଧ୍ୟାୟଃ

ଯମପୁର ବର୍ଣ୍ଣନା

ଗରୁଡ଼ ଉବାଚ

ଅନନ୍ତରେ ଗରୁଡ଼ ଯେ କୃତ୍ୟାକୃତ୍ୟ ହୋଇ
ନାରାୟଣ ଚରଣ ସରୋଜେ ମତି ଦେଇ ।
କର ଯୁଗଳ ଯୋଡ଼ିଣ ପାରୁଶରେ ବସି
ପୁଣି ପଚାରଇ ମନେ ମନେ ହୋଇ ଖୁସି ।
ଯମପୁରର ବର୍ଣ୍ଣନା ସଂକ୍ଷେପି କହିବ
ଧର୍ମସଭା କିପରି ବା ବୁଝାଇଣ ଦେବ ।
ସେ ସଭାରେ ଯେଉଁମାନେ ବିଜେ କରିଛନ୍ତି
କେଉଁ ଗ୍ରନ୍ଥମାନ ସେହି ସଭାରେ ପଢ଼ନ୍ତି ।
ସେ ସମସ୍ତ ବୁଝାଇଣ ମୋତେ ଦଇତାରୀ
ସଂକ୍ଷେପରେ ଏହିସବୁ କୁହନ୍ତୁ ବିଚାରି ।
ମୁହିଁ ଯେଣୁ ତୁମ୍ଭ ଦାସ ତେଣୁ ଦୟା ବହି
ଶରଣାଗତର ଦୁଃଖ ଜାଣ ଭାବଗ୍ରାହୀ ।
ଏହା ଶୁଣି ମହାପ୍ରଭୁ ଅଳପ ହସିଲେ
କୋମଳ ମଧୁର ସ୍ୱରେ ବଚନ କହିଲେ ।

ଭଗବାନ ଉବାଚ

ସଞ୍ଜିବନୀପୁର ଗୋଟି ଅତି ରମଣୀୟ
ତାହାର ମହିମା ଅଟେ ଯେ ଅକଥନୀୟ ।
ନାରଦାଦି ଋଷିମାନେ ସେ ଠାବକୁ ଯାନ୍ତି
ସେ ପୁରବାସୀଏ ନିଶ୍ଚଳରେ ରହିଥାନ୍ତି ।
ସୁରାସୁର ନିବେସନ୍ତି ସେହି ପୁରେ ଜାଣ
ସେ ପୁରର ଶୋଭା ବର୍ଣ୍ଣି ନ ପାରେ କେ ପୁଣ ।
ସେ ପୁର ଚାରି ପାରୁଶେ ଚାରିଟି ଦୁଆର
ପୂର୍ବ ପଶ୍ଚିମ ଦକ୍ଷିଣ ଆବର ଉତ୍ତର ।

Digitized by srujanika@gmail.com

ଦୀର୍ଘାକାର ପ୍ରାଚୀର ଯେ ଘେରିଛି ସେ ପୁର
ସହସ୍ର ଯୋଜନ ପୁର ଅଟଇ ବିସ୍ତାର ।
ବହୁ କାରୁକାର୍ଯ୍ୟ ତହିଁ ହୋଇଛି ନିର୍ମିତ
ହୀରା ନୀଳା ମାଣିକ୍ୟରେ ଖମ୍ଭ ଯେ ଶୋଭିତ ।
ବାଳସୂର୍ଯ୍ୟ ସମ କାନ୍ତି ଅଟଇ ତାହାର
ବିଚିତ୍ର ଅଟଇ ପୁର ନିର୍ମାଣ ପ୍ରକାର ।
ନବରତ୍ନ ବିଜଡ଼ିତ ତହିଁ ଏକ ପୁରେ
ଚିତ୍ରଗୁପ୍ତ ଆନନ୍ଦରେ ତହିଁ ବାସ କରେ ।
ନାନାରଙ୍ଗ ପତାକାରେ ପୁର ଶୋଭା ପାଏ
ଜିତେନ୍ଦ୍ରିୟ ମୁନି ମନ ପୁର ହରିନିଏ ।
ଦୀର୍ଘ ପଥମାନ ସେହି ପୁରେ ବିରାଜିତ
ଶତ ସହସ୍ର ବିମାନ କରେ ଗତାଗତ ।
ଅପସରାମାନେ ଗୀତ ନୃତ୍ୟାଦି କରନ୍ତି
ଯୋଗୀମାନେ ବହୁକାଳୁ ଯୋଗ ଅଭ୍ୟାସନ୍ତି ।
ନିଜ ନିଜ କାର୍ଯ୍ୟମାନଙ୍କରେ ସଦା ବ୍ୟସ୍ତ
ଯାହାର ଯାହା ଅଟଇ କର୍ମଟି ନିୟତ ।
କେହି କାହାର କାର୍ଯ୍ୟରେ ନ କରଇ ହେଳା
ସେ ପୁର ଦ୍ୱାଦଶ ବଳେ ବିହି ନିର୍ମାଣିଲା ।
ଏକ ଏକ ପୁର ତହିଁ ବର୍ଣ୍ଣି ନ ହୁଅଇ
ସମୁଦାୟ ପୁର କଥା କେ ବର୍ଣ୍ଣି ପାରଇ ।
ରୌପ୍ୟ ପର୍ବତ ସଦୃଶ ଦିଶଇ ଦୂରରୁ
ବିପଣୀ ବହୁଳ କୋଳାହଳ ଶୁଭେ ଦୂରୁ ।
ରାଣୀହଂସପୁର ଶୋଭା ବିଚିତ୍ର ଅଟଇ
ଦେଖିଲେ ମୁନିମାନଙ୍କ ମନ ବଶ ହୋଇ ।
ଅମୂଲ୍ୟ ପଦାର୍ଥମାନ ପଡ଼ି ରହିଅଛି
କେହି କାହାକୁ ଲୁଚାଇ ନେଇ ନ ଯାଉଛି ।
ଚୋରୀ ଡକାୟତି ତହିଁ ତିଳେ ହେଲେ ନାହିଁ
ପରଦାର ଆଦି ପାପ ନ କରନ୍ତି କେହି ।
ସେ ପୁରରେ ଅଧିକାର ଚିତ୍ରଗୁପ୍ତଙ୍କର
ପାଞ୍ଜି ଘେନି ବସିଥାନ୍ତି ସେହି ନିରନ୍ତର ।
ଯୋଗୀ ପଣରେ ଗରିଷ୍ଠ ଜ୍ଞାନରେ ଯେ ଶ୍ରେଷ୍ଠ
ତାହାଙ୍କ ସଦୃଶ ନାହିଁ ଆନ ତପୋନିଷ୍ଠ ।
ଏକଠାରେ ବସିଣ ସେ ସକଳ ଜାଣନ୍ତି
କେଉଁପୁରେ କିଏ କିସ କରୁଛି ସମ୍ପ୍ରତି ।
ପ୍ରତ୍ୟକ୍ଷ ପରାୟେ ସେହି ଦେଖନ୍ତି ସକଳ
ଲେଖନୀ ଘେନି ଲେଖନ୍ତି ପାଞ୍ଜିରେ ତାଙ୍କର ।

ଚିତ୍ରଗୁପ୍ତ ସିଂହାସନ ବିଚିତ୍ର ଅଟଇ
ନାନାରତ୍ନେ ବିଜଡ଼ିତ ହୋଇଅଛି ସେହି ।
ମହାଯୋଗ ସିଦ୍ଧ ଅଟଇ ସେ ସିଂହାସନ
ମୂର୍ଖେ ବର୍ଣ୍ଣି ନ ପାରିବେ କେହି ତାର ଗୁଣ ।
ସେ ସିଂହାସନେ ବସିଲେ ସକଳ ଦିଶିବ
ଯେଉଁ ପୁରେ ଯାହା ଯାହା ସେ ଜନ କରିବ ।
ଗ୍ରହଜ ପାପଜ କର୍ମଜ ହେ ଧର୍ମାଧର୍ମ
ସୁକୃତ ଦୁଷ୍କୃତ ଆଦି ଯେତେକ ବିଧାନ ।
ଚିତ୍ରଗୁପ୍ତ ପୁର ପୂର୍ବେ ଅଛଇଟି ଜାଣ
ସୂର୍ଯ୍ୟଙ୍କଠାରୁ ତା' ତେଜ ଅଧିକ ଯେ ପୁଣ ।
ବିସ୍ଫୋଟକ ଜ୍ୱର ଆଦି ଭୋଗୁଛନ୍ତି ରହି
ଦକ୍ଷିଣ ଦିଗରେ କଥା ଶୁଣ ମନ ଦେଇ ।
ଶୂଳ ଅଜୀର୍ଣ୍ଣ ଅରୁଚି ଆଦି ରୋଗମାନ
ରହିଛନ୍ତି ସେହି ପୁର ଦକ୍ଷିଣ ବେଢ଼ିଣ ।
କାଳ ପାଶ ଯମ ପାଶ ପଶ୍ଚିମରେ ଛନ୍ତି
ଯକ୍ଷ୍ମାଦି ରୋଗ ଉତ୍ତରେ ବାସ କରିଥାନ୍ତି ।
ଭ୍ରମ ବାତୁଳତା ଐଶାନ୍ୟରେ କରେ ସ୍ଥିତି
ନୈରତେ ଯେ ଅତିସାର କରଇ ବସତି ।
ଅଗ୍ନିକୋଣରେ ମୂର୍ଚ୍ଛାରୋଗ ବାସ କରିଥାଏ
ବାୟୁ କୋଣେ ପିତ୍ତରୋଗ ବସଇ ନିର୍ଭୟେ ।
ପଣ୍ଡୁ କାମଳ ଯେ ଶୋଥ ପ୍ରମେହ ସହିତେ
ବ୍ରଣ ଭଗନ୍ଦର ସନ୍ନିପାତ ଆଦି ଯେତେ ।
ଧାତୁକ୍ଷୟ ଶ୍ୱାସ କାଶ ଚୁଚୁନ୍ଦରି ଘେନି
ଧନୁଷ୍ଟଙ୍କାରାଦି ବାତ ବ୍ୟାଧିମାନ ପୁଣି ।
ଅପସ୍ମାର ପାର୍ଶ୍ୱ ଶୂଳ ମୂଳେ ଯେତେ ରୋଗ
ସେହି ପୁର ଚାରିଦିଗେ ହୋଇଛି ସଂଯୋଗ ।
ଏହି ରୋଗମାନ ଯେଉଁମାନଙ୍କୁ ଗ୍ରାସନ୍ତି
ଠିକେ ଠିକେ କହିଦେବି ତୋତେ ଖଗପତି ।
ଯେବା ଗର୍ବେ ଦେବ ବିପ୍ରମାନଙ୍କୁ ନିନ୍ଦଇ
ବିସୂଚିକା ରୋଗ ତାକୁ ଜାଣ ଆକ୍ରମଇ ।
ମହାଦେବଙ୍କ ଦ୍ରବ୍ୟକୁ ଯେ ହରଣ କରେ
ମୂତ୍ରକୃଚ୍ଛ୍ର ବ୍ୟାଧି ତା'ର ହୁଅଇ ଶରୀରେ ।
ସୁବର୍ଣ୍ଣ ପୁଷ୍ପ କରିଣ ପଲ୍ୟଙ୍କ ସହିତେ
ଦାନ ଦେଲେ ଏହି ରୋଗ ଛାଡ଼ଇ ନିୟତେ ।
ପରସୁଖ ଦେଖି ଦୁଃଖୀ ଯେ ଜନ ହୁଅଇ
କାମଳ ରୋଗ ତାହାକୁ ତୁରିତେ ଗ୍ରାସଇ ।

Digitized by srujanika@gmail.com

ତାହା ଜାଣି ଯଦି ସ୍ୱର୍ଣ୍ଣ ବିପ୍ରେ ଦାନ ଦେବ
କାମଳ ରୋଗ ତାହାର ଆରୋଗ୍ୟ ହୋଇବ ।
ଭ୍ରୁଣହତ୍ୟା କଲେ ଜଳୋଦରୀ ରୋଗ ହୁଏ
ଜଳଦାନ ଦେଲେ ଦେହୁ ଛାଡ଼ିଣ ପଳାଏ ।
ଲିଙ୍ଗଭଗ୍ନ ପାପ ଯେବେ ଲୋକେ କରିଥାନ୍ତି
ବ୍ରଣରୋଗେ ନାନା କଷ୍ଟ ସେମାନେ ଲଭନ୍ତି ।
ଦ୍ୱିମୁଖୀ ରୁଦ୍ରାକ୍ଷ ତୁଲେ ତିଳ ପୁଷ୍ପ ଦାନ
କଲେ ସେହି ପାପ ତା'ର ହୁଅଇ ଖଣ୍ଡନ ।
ଷଡ଼ରସ ଚୋରି କଲେ ବିଇଞ୍ଚ୍ ହୁଅଇ ।
ସ୍ୱର୍ଣ୍ଣଫଳ ଦାନ କଲେ ଆରୋଗ୍ୟ ଲଭଇ ।
ବିଶ୍ୱାସୀଘାତୀଙ୍କୁ ସନ୍ନିପାତ ରୋଗ ହୁଏ
ଶିବ ବା ବିଷ୍ଣୁ ମନ୍ଦିର ନିର୍ମାଣିଲେ ଯାଏ ।
ପରଦ୍ରବ୍ୟ ଚୋରି କଲେ ହୁଅଇ ଗ୍ରହଣୀ
ଭଲ ହୁଏ ଯଦି ଦେବେ ସ୍ତୁତିବାକ୍ୟ ଭଣି ।
ପିତାମାତାଙ୍କୁ କର୍କଶ ବଚନ କହିଲେ
ଶୂଳରୋଗ ତାହାର ହୁଅଇ ଜାଣ ଭଲେ ।
ସାଧୁ ବିପ୍ରେ ସନମାନି ସ୍ୱର୍ଣ୍ଣଦାନ ଦେବ
ସେହି ରୋଗ ତା' ଶରୀର ଛାଡ଼ି ଦୂରେ ଯିବ ।
ସମାନାହିଁ ସାଧୁଙ୍କୁ ଯେ ମାନ୍ୟ ନ କରଇ
ଧନୁଷ୍ଟଙ୍କାର ରୋଗକୁ ସେ ଜନ ଭୋଗଇ ।
ସୁବର୍ଣ୍ଣ ପ୍ରତିମା ଦାନ କଲେ ଛାଡ଼ିଯାଏ
ହରିନାମ ନ ଶୁଣିଲେ କର୍ଣ୍ଣରୋଗ ହୁଏ ।
ବିଷ୍ଣୁ ପୁରାଣ ଶ୍ରବଣେ ରୋଗ ହୁଏ ଭଲ
ଶାସ୍ତ୍ରର ବଚନ ଏହା ଜାଣ କରି ମୂଳ ।
ନିଜ ନାରୀ ଦୋଷ ଦେଇ ରମେ ପରନାରୀ
ଚକ୍ଷୁରୋଗ ହୁଏ ସ୍ୱର୍ଣ୍ଣ ପଦ୍ମ ଦାନେ ପାରି ।
ଦେବସ୍ୱ ବ୍ରହ୍ମସ୍ୱ ହରଣରେ ଗଣ୍ଡମାଳ
ସ୍ୱର୍ଣ୍ଣଶିବ ଦାନ କଲେ ହୁଅଇଟି ଭଲ ।
ପରଧନ ଦେଖି ଦୁଃଖୀ ହେଲେ ବାତ ବ୍ୟାଧି
ରଜତ ପଦ୍ମ ଦାନରେ ହରଇ ସେ ବ୍ୟାଧି ।
ବୈଷ୍ଣବଙ୍କ ବ୍ରତ ଭଗ୍ନ କଲେ କୁଷ୍ଠରୋଗ
ଲକ୍ଷେ ମାତ୍ର ସ୍ୱର୍ଣ୍ଣଦାନେ ହୁଅଇ ଆରୋଗ୍ୟ ।
ବିଶ୍ୱାସଘାତୀକୁ ଶିରପୀଡ଼ା ରୋଗ ହୋଇ
ସ୍ୱର୍ଣ୍ଣ ମୁଦ୍ରିକା ଦାନରେ ଆରୋଗ୍ୟ ଲଭଇ ।
ଏହିପରି ନାନାଦୋଷେ ରୋଗ ହୁଏ
ଉପଯୁକ୍ତ ପ୍ରତିକାର କଲେ ଶାନ୍ତି ହୁଏ ।

ଏହି ରୋଗମାନ ଚିତ୍ରଗୁପ୍ତ ଗୃହପାଶେ
ଜଗିରହି ଆଜ୍ଞା ମାନି ରଜନୀ ଦିବସେ ।
ଆଜ୍ଞା ଅବଜ୍ଞା କଦାପି ତା'ର ନ କରନ୍ତି
ବିଧି ଅନୁସାରେ ଦଣ୍ଡମାନଙ୍କୁ ଦିଅନ୍ତି ।
ପ୍ରେତମାନଙ୍କ ଗମନାଗମନ ସେ ପଥ
ଚାରିଭାଗେ ରହିଅଛି ଶୁଣିଛୁ ତୁହିତ ।
ପୂର୍ବାଦି ତ୍ରିପଥ ବିଧି କହିଅଛି ମୁହିଁ
ଦକ୍ଷିଣଦିଗେ ଯାତନା ବହୁତ ଅଛଇ ।
ପାପୀ ଯାତନା ମାର୍ଗରେ ଗମି ନର୍କେ ପଡ଼େ
ଧାର୍ମିକ ଉତ୍ତମ ପଥେ ଗମଇ ସତ୍ୱରେ ।
ଧର୍ମକାରୀ ଲୋକ ଧର୍ମ ସଭାକୁ ଗମଇ
ପୂର୍ବଦ୍ୱାର ଦେଇଣ ସେ ଭିତରେ ପଶଇ ।
ସର୍ବସୁଖ ପୂରି ରହିଅଛି ସେ ପଥରେ
ଶୋଭାର ସଦନ ସେହି ଅଟଇ ବିଧିରେ ।
ନାନା ପକ୍ଷୀ ରାବୁଥାନ୍ତି ମଧୁର କଣ୍ଠରେ
ଧାଡ଼ି ଧାଡ଼ି ହୋଇ ଶୋଭାପାନ୍ତି ସେ ସ୍ଥାନରେ ।
ସୁବାଷିତ ପୁଷ୍ପମାନ ସେଠାରେ ଅଛଇ
ଦୁର୍ବାଦଳ ବୃକ୍ଷମୂଳ ଶୋଭା ଦିଶୁଥାଇ ।
ମଳୟ ପବନ ଧୀରେ ବହେ ସଦାକାଳେ
ଯେଣିକି ଚାହିଁଲେ ତେଣେ ଜନମନ ହରେ ।
ସ୍ୱଚ୍ଛ ନୀର ଝରଣା ଯେ ସେଠାରେ ଝରଇ
କଳକଳ ନାଦ କରି ନିମ୍ନେ ଯାଏ ବହି ।
ଦେବର୍ଷି ମହର୍ଷିମାନେ ସେ ପଥେ ଥାଆନ୍ତି
ଧର୍ମରାଜ ସହିତରେ ସାକ୍ଷାତ କରନ୍ତି ।
ଶିବଭକ୍ତମାନେ ତହିଁ ବିହାର କରିଣ
ଗନ୍ଧର୍ବମାନଙ୍କ ଗୀତ କରନ୍ତି ଶ୍ରବଣ ।
ଗ୍ରୀଷ୍ମେ ଜଳ ଦାନ ଶୀତେ ଶୀତବସ୍ତ୍ର ଦାନ
ତୃଷାର୍ତ୍ତଙ୍କୁ ଜଳ କ୍ଷୁଧାର୍ତ୍ତଙ୍କୁ ଦିଏ ଅନ୍ନ ।
ବସ୍ତ୍ରଦାନ ଧନ ଦାନ କୂପାଦି ଖନନ
ପରିଶୋଧ କରେ ଯେବା ଋଣୀ ଋଣମାନ ।
ନିରାଶ୍ରୟେ ଆଶ୍ରୟ ଯେ ଭବେ ଦେଇଥାଇ
ସେ ଜନ ସର୍ବଦା ସତ୍ୟ ବଚନ କହଇ ।
ଗୁରୁଜନଙ୍କୁ ଗୌରବ କରଇ ନ ନିନ୍ଦି
ଧେନୁ ହସ୍ତୀ ଅଶ୍ୱ ଅଟ୍ଟାଳିକା ସେ ସମ୍ପାଦି ।

Digitized by srujanika@gmail.com

ଦାନ ଦେଇ ଦୁଃଖୀ ରଙ୍କି କରଇ ସନ୍ତୋଷ
ସେ ଜନ ସେହି ସ୍ଥାନରେ କରଇ ପ୍ରବେଶ ।
ପୁରାଣ ସଙ୍କଳ୍ପ କରି ଯେ ଜନ ଶୁଣାଇ
ବିଦ୍ୟାର୍ଥୀମାନଙ୍କୁ ଯେବା ତୋଷେ ବିଦ୍ୟା ଦେଇ ।
ଦରିଦ୍ର ବ୍ରାହ୍ମଣେ ଭୂମି ଦାନ କରେ ଯେବା
ଅଶ୍ୱମେଧାଦି ଯଜ୍ଞକୁ କରିଥାଏ କିବା ।
ସବତ୍ସା ଧେନୁ ଯେ ଦାନ କରଇ ବିପ୍ରକୁ
ଏହି ଦ୍ୱାରବାଟେ ଯେହ୍ନୁ ଯାଏ ଭିତରକୁ ।
ପୂର୍ବ ଦ୍ୱାରର ମହିମା ଏମନ୍ତ ଅଟଇ
ପାପୀ ଲୋକ କଦାଚନେ ପଶି ନ ପାରଇ ।
ଉତ୍ତରଦ୍ୱାର ରଚିତ ମନ ଦେଇ ଶୁଣ
ଯାହା ଶୁଣିଲେ ତୁଟିବ ପାପ ତାପମାନ ।
ରଥ ଅଶ୍ୱ ଗଜ କୋଟି ସଂଖ୍ୟାରେ ଅଛନ୍ତି
ଅପସରାମାନେ ନୃତ୍ୟ ସେଠାରେ କରନ୍ତି ।
ନବରତ୍ନେ ବିମଣ୍ଡିତ ବିମାନ ସମୂହ
ଦୃଷ୍ଟି ମାତ୍ରେ ଦର୍ଶକର ମନ ହୁଏ ମୋହ ।
ଅସମୟରେ ବସନ୍ତ ବହଇ ସେଠାରେ
ହଂସ ସାରାସାଦି ପକ୍ଷିଗଣ ଶୋଭା ଧରେ ।
ଜଳଚକ୍ର ବାକ ପକ୍ଷୀଗଣ ଶୋଭା ଧରେ
ଜଳେ ଚକ୍ର ବାକ ପକ୍ଷୀ କ୍ରୀଡ଼ନ୍ତି ଆନନ୍ଦେ
ମୟୁର ନୃତ୍ୟ କରନ୍ତି ପୁଚ୍ଛ ଟେକି ଦ୍ୱନ୍ଦେ ।
କାମଧେନୁ ସେହି ପଥ ଦେଇଣ ଗମନ
ରମଣୀୟ ପୁଷ୍କରିଣୀ ତହିଁ ଶୋଭାମାନ ।
ବୈଷ୍ଣବଗଣ ଶ୍ରୀହରି ଚନ୍ଦନ ଚର୍ଚ୍ଚିତ
ହୋଇ ନାମ ଗାଢ଼େ ସଦା ଥାନ୍ତି ଭୋଳଚିତ୍ତ ।
ଗମନ କରନ୍ତି ସେହି ପଥ ଦେଇ କରି
ଆନନ୍ଦେ ଉତ୍ଫୁଲ ହୋନ୍ତି ସରୋଜ ସବୁରି ।
ବହୁ ଜଳାଶୟ ତହିଁ ଶୋଭା ଆନୁଆନ
ରକ୍ତୋତ୍ପଳ କୁମୁଦ ଯେ ନିଳୋତ୍ପଳମାନ ।
ପଦ୍ମ ସହିତରେ ଶୋଭା କେଉଁ ସରୋବର
ଭ୍ରମରେ ଭ୍ରମରେ ପୁଷ୍ପେ କରନ୍ତି ବିହାର ।
ସ୍ୱଚ୍ଛ ନିର୍ମଳ ସଲିଳ ଧରେ ଜଳାଶୟ
ସ୍ନାନ ମାତ୍ରେ ଶାନ୍ତି ଲାଭ ହୁଅଇ ନିଶ୍ଚୟ ।
ପରମ ଜ୍ଞାନୀମାନଙ୍କ ଯୋଗସ୍ଥାନ ସେହି
ଶୌର ଶାକ୍ତ ଭକ୍ତେ ଠୁଳହୋନ୍ତି ଯାଇ ତହିଁ ।
ଧର୍ମଯୁଦ୍ଧେ ମୃତବୀରେ ସେ ପଥେ ଗମନ୍ତି
ତୀର୍ଥସ୍ନାନେ ଧ୍ୟାନୀ ଯୋଗୀ ଗମନ କରନ୍ତି ।
ବାରାଣସୀ ଆଦି ତୀର୍ଥେ ଯୋଗ ପ୍ରାଣ ତେଜେ
ଦେବକାର୍ଯ୍ୟେ କେଉଁ ଜନ ପରାଣ ବିସର୍ଜେ ।
ବେଦ ଭ୍ୟାସୀ ଦ୍ୱିଜେ ଦାନ ପୂଣ୍ୟ ଯେ କରଇ
ସାଧୁସନ୍ଥ ପୂଜେ ଯେହ୍ନୁ ଶ୍ରଦ୍ଧାଭାବ ବହି ।
ସେହିମାନେ ଏହିପଥେ ଗମନ୍ତି ନିଶ୍ଚୟ
ଅଧିକାର ନାହିଁ ଅନ୍ୟକାର ପକ୍ଷୀରାୟ ।
ଏବେ ପଶ୍ଚିମ ଦ୍ୱାରର କଥା ଶୁଣ ତୁହି
ସେ ଦ୍ୱାରର ଶୋଭା ଯେ କହିଲେ ନ ସରଇ ।
ମଣିମୟ ସ୍ତମ୍ଭମାନ ତହିଁରେ ଶୋଭିତ
ବିଚିତ୍ର କାରୁକାର୍ଯ୍ୟରେ ହୋଇଛି ମଣ୍ଡିତ ।
ହୀରା ଲୀଳା ଆଦି ନାନା ଜାତି ମଣିମାନ
ସ୍ଥାନେ ସ୍ଥାନେ ଖଞ୍ଜାହୋଇ ଦିଶଇ ଶୋଭନ ।
ମାଳ ମାଳ ପ୍ରବାଳ ଯେ ବନ୍ଧା ହୋଇଅଛି
ବିଚିତ୍ର ଚିତ୍ର ତୋରଣମାନ ବିରାଜିଛି ।
ସ୍ୱର୍ଣ୍ଣମୟ ସେହି ସ୍ଥାନ ରତ୍ନ ପ୍ରାୟ ଶୋଭା
ଦିବାନିଶି ବାରି ନୁହେଁ ରତନର ପ୍ରଭା ।
ସୂର୍ଯ୍ୟରଶ୍ମି ପଡ଼ି ପୁଣି ଦିଶେ ଦାଉ ଦାଉ
ଅଗ୍ନି ଝଲକି ଉଠଇ ସୂର୍ଯ୍ୟକାନ୍ତ ଦେହୁ ।
ଚନ୍ଦ୍ରକାନ୍ତ ମଣିରୁ ଯେ ନୀରଧାର ବହେ
ଚନ୍ଦ୍ରରଶ୍ମି ପଡ଼ିବାରୁ ଚନ୍ଦ୍ରକାନ୍ତ ଦେହେ ।
ପୁଷ୍କରିଣୀ ଝରଣା ଯେ ଅଛଇ ଅପାର
ସ୍ୱଚ୍ଛ ମଣିପରି କାନ୍ତି ଅଟେ ସେ ଜଳର ।
ନିରନ୍ତର ବେଦ ଧ୍ୱନି ହରିଧ୍ୱନି ହୁଏ
ନାନାବାକ୍ୟେ ନିନାଦିତ ସେ ସ୍ଥାନ ନିଶ୍ଚୟେ ।
ଯୋଗୀମାନେ ଯୋଗର ତପସ୍ୱୀ ଉପରେ
ବ୍ରହ୍ମ ନିଷ୍ଠାମୟେ ଲୟ ଲଗାନ୍ତି ବ୍ରହ୍ମରେ ।
ଐରାବତ ସମ ହସ୍ତୀ ପଲ ପଲ ହୋଇ
ଇତଃସ୍ତତ ଭ୍ରମୁଛନ୍ତି ମଦମତ୍ତ ହୋଇ ।
ଉଚ୍ଚୈଶ୍ରବା ସମ ଅଶ୍ୱମାନେ ରହିଛନ୍ତି
ଗନ୍ଧର୍ବମାନେ ଗାୟନ ସୁସ୍ୱରେ କରନ୍ତି ।
ବିଷ୍ଣୁମନ୍ତ୍ର ଉପାସକ ବ୍ରତୀ ତପୀ ଯେତେ
ଗମନ କରନ୍ତି ସଦା ସର୍ବଦା ଏ ପଥେ ।
ସତ୍ୟବନ୍ତ ଦାନଶୀଳ ପର ଉପକାରୀ
ସିଦ୍ଧ ବୈଷ୍ଣବ ପୁରାଣ ଶ୍ରବଣ ଯେ କରି ।
ବିଷ୍ଣୁ ଭକ୍ତ ବିଷ୍ଣୁ ଭିନ୍ନ ଆନ ଯେ ନ ଦେଖେ
ବିଷ୍ଣୁମୟ ବୋଲି ସର୍ବ ପ୍ରାଣୀଙ୍କୁ ଯେ ଦେଖେ ।

Digitized by srujanika@gmail.com

ଯେବେ ପତିବ୍ରତା ନାରୀ ପତି ସହିତରେ
ଚିତାନଳେ ପ୍ରବେଶିଣ ପ୍ରାଣ ତେଜେ ହେଳେ ।
ପତିସ୍ନେହୀ ପତିରତା ପତିର ସେବିକା
ପତି ଭିନ୍ନ ଅନ୍ୟ କେହି ନ କରଇ ଦେଖା ।
ଯେ ନର ଋତୁକାଳରେ ପତ୍ନୀରେ ରମଇ
ଅନ୍ୟସ୍ତ୍ରୀ ଦେଖିଲେ ମାତା ସମାନ ମଣଇ ।
ଯେହୁ ବିପନ୍ନ ଜନର କରେ ଉପକାର
ଅଶ୍ୱମେଧ ଯଜ୍ଞେ ପୂଜେ ଯେ ପରମେଶ୍ୱର ।
ଦେବର୍ଷି ମହର୍ଷି ଯେବା ଏହି ପଥେ ଯାନ୍ତି
ଅନ୍ୟର ଅଗମ୍ୟ ପଥ ଜାଣ ଖଗପତି ।
ମୋହର କାରଣ ଅଟେ ଏହି ଦ୍ୱାରଗୋଟି
ଭୀତକାଳେ ନାରାୟଣ ଜପ ଯେ କରେଟି ।
କଳଙ୍କ କାଳିମା ଯାର ତିଳେ ହେଁ ନ ଥାଏ
ପାପଶୂନ୍ୟ ହୋଇ ଧର୍ମ ଦେହ ମାତ୍ର ରହେ ।
ସେହି ଜନ ମୃତ୍ୟୁକାଳେ ଜାଣି ବିଷ୍ଣୁଦୂତେ
ନାନାବାଦ୍ୟ ବଜାଇ ବସାଇ ତାକୁ ରଥେ ।
ଏହି ପଥ ଦେଇଣ ଯେ ତାହାକୁ ଆଣନ୍ତି
ଶେଷେ ବଇକୁଣ୍ଠେ ସ୍ଥାନ ତାହାକୁ ଦିଅନ୍ତି ।
କେବଳ ଯମପୁରର ବାଟ ଦେଇ ଯାଏ
ତାହାକୁ ଦେଖିଣ ଦେବ ସେ ଦେବାଧିରାଯେ ।
ସିଂହାସନୁ ଉଠି କୋଳ କରିଣ ନିଅନ୍ତି
ନିଜ ସିଂହାସନ ପରେ ଆନନ୍ଦେ ବସାନ୍ତି ।
ମୃଦୁମନ୍ଦ ସ୍ମିତ ହାସ୍ୟେ ବିଲୋକନ କରି
କୋମଳ ବଚନେ ତାକୁ ପଚାରନ୍ତି ହରି ।
ଧନ୍ୟ ଧନ୍ୟ ତୁମ୍ଭେ ଧନ୍ୟ ତୁମ୍ଭ ଧାର୍ମିକତା ।
ଏହିପରି କହି ନାନା ଉତ୍ତମ ପଦାର୍ଥ
ଭୁଞ୍ଜାଇଣ ସ୍ୱଭକ୍ତିକୁ କରନ୍ତି କୃତାର୍ଥ ।
ମର୍ତ୍ତ୍ୟଲୋକେ ଦାନ ଧର୍ମ କରିବା ଫଳରେ
ସାକ୍ଷାତ ହୋଇଲା ତୁମ୍ଭ ଆମ୍ଭ ସହିତରେ ।
ପାଦ୍ୟ ଅର୍ଘ୍ୟ ଦେଇଣ ପୂଜନ୍ତି ସେବାକାରୀ
ନୃତ୍ୟ ଗୀତାଦିରେ ତୋଷନ୍ତି ଯେ ଦିବ୍ୟନାରୀ ।
ଏହିପରି ନାନାଭୋଗ ଭୁଞ୍ଜାଇ ସେଠାରେ
ଭକ୍ତମାନଙ୍କର ଗତି ପଶ୍ଚିମ ଦୂଆରେ ।
ଉଦ୍ଧାର କରନ୍ତି ଏକ ଦେବ ନାରାୟଣ
ତାଙ୍କ ବିନା ଜ୍ଞାନ ନାହିଁ ତ୍ରାଣର କାରଣ ।
ବହୁ ଦୂତ ଅଛନ୍ତି ଯେ ରଥ ସଜ କରି
ଧାର୍ମିକ ବ୍ୟକ୍ତିମାନଙ୍କୁ ନେବାକୁ ସେ ପୁରୀ ।
ପୁଣ୍ୟବନ୍ତ ଜନେ ଯେହୁ ପୁଣ୍ୟ ପ୍ରଭାବରେ
ପାଶ ନାଶ କରିଥାନ୍ତି ଗମନ୍ତି ସେ ପୁରେ ।
ନାନା ସୁଖେ ଭୋଗମାନ ସେଠାରେ କରନ୍ତି
ବିଷ୍ଣୁ ସମାନରେ ସୁଖଭୋଗ ସେ ଭୁଞ୍ଜନ୍ତି ।
ପାପୀ ଜନଙ୍କର ସେଥି ନାହିଁ ବାବୁ ସ୍ଥାନ
ଯହିଁରେ ବିଜୟ କରିଛନ୍ତି ନାରାୟଣ ।
ଦୟା ଧର୍ମ ଦାନ ପୁଣ୍ୟ ଯଜ୍ଞ କର୍ମମାନ
ନିରନ୍ତରେ ଯେହୁ ଜନ କରିଥାଏ ପୁଣ ।
ଫଳ ଲାଭ ଆଶା ଯେହୁ ଦୂରେ ବିସର୍ଜଇ
କର୍ତ୍ତବ୍ୟ ଦୃଷ୍ଟିରେ ଧର୍ମ କର୍ମକୁ କରଇ ।
ନାରାୟଣ ପ୍ରସାଦରେ ଦିବ୍ୟଗତି ପାଇ ।
ମହାସୁଖେ ବିଳସଇ ସତତ ସେ ପୁରେ
ଏହା ଛାଡ଼ି କାହିଁ ପାଇଁ ଲୋକ ପାପ କରେ ।
ସେ ଯାହା କରଇ ସେ ଲଭି ସେହି ପରି
ଧର୍ମେ ସୁଖ ପାପେ ଦୁଃଖ ଅନ୍ତେ ଭୋଗ କରି ।
ଧର୍ମରାଜପୁର ବାଣୀ ଅପୂର୍ବ ଅଟଇ
ଦକ୍ଷିଣ ଦ୍ୱାରଟି ପାପୀମାନଙ୍କର ପାଇଁ ।
ନିତ୍ୟ ପାପ କରେ ଯେହୁ ମତ୍ତଗର୍ବ ଭୋଳେ
ଦକ୍ଷିଣଦ୍ୱାର ପଥରେ ଗମେ ମୃତ୍ୟୁକାଳେ ।
ନାନାଦି ଦୁର୍ଦ୍ଦଶାମାନ ସେଠାରେ ଭୁଞ୍ଜଇ
ସେମାନ ସଂକ୍ଷେପି ଆଗୁ କହୁଅଛି ମୁହିଁ ।
ନିରନ୍ତର ହରିନାମ ଯେ କରେ ଗାୟନ
ଅଥବା ଶ୍ରବଣ କରେ କରେ ବା ଗାୟନ ।
ନିଦିଧ୍ୟାସନ କରଇ ଅଥବା ଶୁଣଇ
ସେହି ଜନ ଜାଣ ଅନ୍ତେ ବୈକୁଣ୍ଠ ଲଭଇ ।
ପୁରାଣ ଶ୍ରବଣ ସେହୁ ନିତି ପ୍ରତି କରେ
ଦାନ ଦେଉଥାଏ ଯେହୁ ଶକ୍ତି ଅନୁସାରେ ।
ସେହି ଜନମାନେ ଦିବ୍ୟଗତିକି ଲଭନ୍ତି
ନାନା ସୁଖେ ବୈକୁଣ୍ଠରେ ବିହାର କରନ୍ତି ।
କହିଲି ସଂକ୍ଷେପି ତୋତେ ସମସ୍ତ ବିଧାନ
ଆଉକି ଶୁଣିବୁ କହ ପନ୍ନଗ ଆଶନ ।
ଯାହା ପଚାରିଲୁ ତାହା ବୁଝାଇ କହିଲି
ତୋହର ସନ୍ଦେହମାନ ବିଦୂରିତ କଲି ।

Digitized by srujanika@gmail.com

ଶୁଣ ଏ ଭାରତୀ ଗତି ଗରୁଡ଼ ଲଭିଲା
ନାରାୟଣ ପାଦପଦ୍ମେ ସେ ଓଳଗି ହେଲା ।
ସେ ପ୍ରଭୁ ଭୃତ୍ୟଙ୍କ ପାଦପଦ୍ମେ ରଖି ଧ୍ୟାନ
ଗୀତ ବନ୍ଧେ ରଚନା କରଇ ଆର୍ତ୍ତତ୍ରାଣ ।
ଆହେ ପ୍ରଭୁ ଦୟାମୟ ଦୂରିତ ନାଶନ
ମୋ ଅଘତିମିର ନାଶ କରନ୍ତୁ ଆପଣ ।
ଜାଣି ଶୁଣି ନିରନ୍ତର ପାପ ଅରଜଇ
ତୁମ୍ଭ ନାମ ତିଳେହେଲେ ମନେ ନ ଗୁଣଇ ।
ତୁମ୍ଭ ପାପ ବିନାଶକ ମୁହିଁ ମହାପାପୀ
ଦୁଷ୍କୃତ ବିନାଶ କର ପ୍ରଭୁ ବିଶ୍ୱରୂପୀ ।
କୋଟି କୋଟି ଦଣ୍ଡବତ ତୋର ଶ୍ରୀପୟରେ
ଦୟାବହି ଅଧମକୁ ପାରି କର ବାରେ ।
ତୁମ୍ଭ ଦୟା ନାବେ ବସି ହେବି ଯେହ୍ନେ ପାରି
ମୃତ୍ୟୁକାଳେ ତୁମ୍ଭ ନାମ ସ୍ମରିବି ଯେପରି ।
ସେହି ଦୟା ଥିବ ଯେହ୍ନେ ଦାସେ ଲେଶ ମାତ୍ର
କି କରିପାରିବ ଅବା ଛାର ସେ କୃତାନ୍ତ ।
ନମୋ ନମୋ ନାରାୟଣ ନମୋ ହୃଷୀକେଶ
ତୁମ୍ଭ ଚରଣେ ଶରଣ ଆର୍ତ୍ତତ୍ରାଣ ଦାସ ।

ଇତିଶ୍ରୀ ଗରୁଡ଼ ପୁରାଣେ
ନୈମିଷାରଣ୍ୟୋପାଖ୍ୟାନେ ଭଗବାନ ଗରୁଡ଼
ସମ୍ବାଦେ ଯମପୁର ବର୍ଣ୍ଣନଂ ନାମ
ପଞ୍ଚଦଶୋଽଧ୍ୟାୟଃ ।

—o—

ଷୋଡ଼ଶ ଅଧ୍ୟାୟଃ
ସୁଗୃହୀ କର୍ତ୍ତବ୍ୟ ଓ ସ୍ୱର୍ଗାଦି ଲାଭର ଉପାୟ

ଗରୁଡ଼ ଉବାଚ

ଗରୁଡ଼ ବିନୟୀ ହୋଇ କରଯୁଗ ଯୋଡ଼ି
ପୁଣି ପଚାରଇ ନାରାୟଣ ପାଦେ ପଡ଼ି ।
ପରାତ୍ପର ପରମେଶ ଦୀନଜନ ବନ୍ଧୁ
ଅଗତି ଗତି ଦାୟକ ଦେବ କୃପାସିନ୍ଧୁ ।
ଧର୍ମତତ୍ତ୍ୱମାନ ମୁଁ ଶୁଣିଛି ତୁମ୍ଭଠାରୁ
ଅକ୍ଳେଶ ଭବସାଗର ତୁମର କୃପାରୁ ।
ତରିବି ନିଶ୍ଚୟ ଏଥି ସନ୍ଦେହ ହେ ନାହିଁ
ସଂଶୟ କଥାଏ ମୋର ଚିତ୍ତରେ ହୁଅଇ ।
ଦୟା କରି ତାହା ମୋତେ ସଂକ୍ଷେପି କହିବ
ମୋହର ଚିତ୍ତରୁ ସନ୍ଦେହକୁ ଯେ ଦହିବ ।
କେଉଁ କଥା ସ୍ୱଗୃହରେ କର୍ତ୍ତବ୍ୟ ଅଟଇ
କି କର୍ମ କରିଲେ ସ୍ୱର୍ଗେ ସୁଗତି ଲଭଇ ।
ଧର୍ମବନ୍ତ ପାପାଚାରୀ ମାତୃଗର୍ଭେ ପୁଣି
ନାନା ଯନ୍ତ୍ରଣା ଭୋଗିବ ଯୋନିରେ ଜନମି ।
ମାତୃଗର୍ଭରେ ବିଚାର ପୂର୍ବୁ ଶୁଣିଅଛି
ସେ କଷ୍ଟମାନ ନ ବାଧେ କିପରି ଶ୍ରୀବତ୍ସି ।
କିପରି ସୁଯଶ କୀର୍ତ୍ତି ଲଭଇ ମାନବ
ସେହି ସମସ୍ତ ଏ ଦାସେ ବୁଝାଇ କହିବ ।
ଶୁଣି ଗରୁଡ଼ର ବାଣୀ ଦେବ ନାରାୟଣ
ସସ୍ମିତେ କହନ୍ତି ତାଙ୍କୁ ମଧୁର ବଚନ ।

ଶ୍ରୀ ଭଗବାନୁବାଚ

ଯାହା ପୁଣି ପଚାରିଲୁ କହିବି ବୁଝାଇ
ତୋହର ସନ୍ଦେହମାନ ଦୂର କରିବଇଁ ।
ଯେପରି ମନୁଷ୍ୟ କର୍ମମାନଙ୍କୁ କରିଣ
ଯଶକୀର୍ତ୍ତି ଲାଭ କରେ କରିଛି ବ୍ୟାଖ୍ୟାନ ।
ଗୃହର କର୍ତ୍ତବ୍ୟ ଯାହା କହୁଛି ବୁଝାଇ
ହେତୁ କରି ମନ ମଧ୍ୟେ ତାହା ଧର ତୁହି ।
ଯୋଗ ଏକା ମନୁଷ୍ୟର ମୁକତି ସାଧନ
ଯଶକୀର୍ତ୍ତି ଦାୟକଟି ସ୍ୱର୍ଗର କାରଣ ।
ଯେଉଁ ଯୋଗବଳେ ଶିବ ହେଲେ ମୃତ୍ୟୁଞ୍ଜୟ
ଯେଉଁ ଯୋଗ ସିଦ୍ଧ ହେଲା ତାହାଙ୍କର କାୟ ।
ବ୍ରହ୍ମଚର୍ଯ୍ୟ ଆଶ୍ରମରେ ଗୁରୁ ଗୃହେ ରହି
ଯୋଗ ଅଭ୍ୟାସ କରିବ ଧୀରସ୍ଥିର ହୋଇ ।
ଚକ୍ରମାନ ଚିହ୍ନ ପ୍ରାଣବାୟୁକୁ ତୋଳିବ
କ୍ରମେ କ୍ରମେ ଊର୍ଦ୍ଧ୍ୱ ଦେଶେ ତାହାକୁ ଯେ ନେବ ।
ଜ୍ଞାନେନ୍ଦ୍ରିୟ କର୍ମେନ୍ଦ୍ରିୟଗଣକୁ ରୋଧିବ
ଚଞ୍ଚଳ ମନକୁ ବାନ୍ଧି ଆୟତ୍ତେ ରଖିବ ।
ଆଧାର ଚକ୍ରୁ ତୋଳିବ ପ୍ରାଣ ପବନକୁ
କଣ୍ଠ ଚକ୍ରେ ଧୀରେ ଧୀରେ ନେବ ଯେ ବାୟୁକୁ ।
ଚିହ୍ନି ସେହି ପଥେ ନେଇ ଲିଙ୍ଗଚକ୍ରେ ଜାଣ
ହୃଦୟ ଚକ୍ରକୁ ନେବ ତା'ପରେ ପବନ ।
ଇଅଁଳା ପିଅଁଳା ଶିଶୁମୁନା ନାଡ଼ୀକାକୁ
ତହୁଁ ନାଭିଚକ୍ରେ ନେବ ତା' ପରେ ତାହାକୁ ।

Digitized by srujanika@gmail.com

ଶେଷେ ଲଲାଟ ଚକ୍ରରେ ଦେଇ ପହଞ୍ଚାଇ
ସେଠାରେ ପୂର୍ଣ୍ଣବ୍ରହ୍ମଙ୍କୁ ଭେଟାଇବ ନେଇ ।
ଦର୍ଶନ କରିଲେ ପାପ ବିନାଶନ ହୁଏ
ସର୍ବ ପାପମାନ ତତ୍‌କ୍ଷଣେ ନାଶ ଯାଏ ।
ଯେବେ ବିଚଳିତ ମନ ସେଠାରେ କରିବ
ସବୁ ଜପ ତତ୍‌କ୍ଷଣେ ଅକାରଣ ହେବ ।
ଏ ମାନ କରିବା ପୂର୍ବୁ ଯାହା କରଣୀୟ
ତାହା କହୁଅଛି ବାବୁ ମନ କରି ଥୟ ।
ବିଧି ମତେ ନିତ୍ୟାଚାର ଦେବ ପୂଜାମାନ
କ୍ରମେ କ୍ରମେ କଲେ ତେବେ ସ୍ଥିର ହେବ ମନ ।
ତହୁଁ ପ୍ରାଣାୟାମ ବିଧି କରିବ ସୁସ୍ଥରେ
ଗୁରୁଙ୍କୁ ମେଲାଣି ମାଗି ଚଳିବ ସତ୍ୱରେ ।
ସୁକନ୍ୟା ଦେଖିଣ ଏକ ବିବାହ କରିବ
ଗୃହସ୍ଥାଶ୍ରମର ଧର୍ମ ନିରତେ ପାଳିବ ।
ପୂର୍ବକ୍ରିୟା ଅନୁସାରେ ଯୋଗ ଅଭ୍ୟାସିବ
ଯୋଗବଳେ ଜିତେନ୍ଦ୍ରିୟ ହୋଇ ବିଳସିବ ।
ଋତୁକାଳେ ଜାଣି ପତ୍ନୀ ସଙ୍ଗରେ ରମଣ
କରିବ ନ ତେଜ ଯାହା ଶାସ୍ତ୍ରର ବିଧାନ ।
ଋତୁମାନେ ନାରୀ ସଙ୍ଗେ ମାସେ ମାସେ କରି
ଅନ୍ୟଥା କରିଲେ ପାପ ହୁଅଇ ତାହାରି ।
ଋତୁମତୀ ହେଲେ ପତ୍ନି ଶୁଦ୍ଧିସ୍ନାନ କରି
ସେହିଦିନ ପତ୍ନୀ ସଙ୍ଗ କରିବ ବିଚାରି ।
ଅନ୍ୟ ଦିନେ ପତ୍ନୀ ଅଙ୍ଗ କେଭେ ନ ଛୁଇଁବ
ଛୁଇଁଲେ ପାପ ନିଶ୍ଚୟ ତାହାର ହୋଇବ ।
ଋତୁର ପ୍ରଥମ ଦିନେ ଚଣ୍ଡାଳୁଣୀ ନାରୀ
ନାରୀ ସଙ୍ଗ କଲେ ନର୍କୁ ନ ହୁଅଇ ପାରି ।
ଦ୍ୱିତୀୟ ଦିନରେ ଯେବେ କରି ରତି ରସ
ଲାଗଇ ତାହାକୁ ଜାଣ ଲିଙ୍ଗଭଗ୍ନ ଦୋଷ ।
ତୃତୀୟ ଦିନରେ ନାରୀ ରମେ ଯେ କାମରେ
ଶିଶୁହତ୍ୟା ଦୋଷ ଜାଣ ଲାଗଇ ତାହାରେ ।
ଚତୁର୍ଥ ଦିବସେ ଶୁଦ୍ଧ ସ୍ନାନ କଲେ ନାରୀ
ପବିତ୍ର ହୁଅଇ ଦେହ ଜାଣ ପନ୍ନଗାରୀ ।
ସେଦିନ ପବିତ୍ର ହୋଇ ପ୍ରାଣବାୟୁ ସାଧି
ରମିବ ମରଣୀ ସଙ୍ଗେ ଅଛଇଟି ବିଧି ।
କେଉଁ ସ୍ଥାନେ ଅଛି ସାତ ଦିନ ଯାଏ ନାରୀ
ଅପବିତ୍ର ହୁଏ ଅଙ୍ଗ ନ ଛୁଇଁ ତାହାରି ।

ଦେଶାଚାର କୁଳାଚାର ଧର୍ମାଚାର ତିନି
ମିଳାଇ କରିବ ଯାହା ପୂର୍ବା ପୂର୍ବ ବାଣୀ ।
ଦେଶାଚାର କୁଳାଚାର ଧର୍ମ ଯେବେ କରି
ପାନ ନ ହୁଏ ବୋଲିଣ କହନ୍ତି ବିଚାରି ।
ଯେଉଁଦିନ ଶୁଦ୍ଧ ସ୍ନାନ ରମଣୀ କରିବ
ବିଧି ଅନୁସାରେ ଦେବ ଦର୍ଶନ କରିବ ।
ପତିଦେବତାଙ୍କୁ ଯଥା ବିଧିରେ ସମ୍ମାନ
ଗୁରୁଜନେ ଭକ୍ତି କରିବ ସେ ନାରୀ ପୁଣ ।
ଅତିଥି ସେବା କରିବ ଶକ୍ତି ଅନୁସାରେ
ଗୃହ କର୍ମମାନ ସେ କରିବ ସୁଚିତ୍ତରେ ।
ନିଶି ଆଗମନେ ପୁଣି ସ୍ନାନ ଆଚରିବ
ଗୃହ ନର୍ମ କରି ଗୁରୁଜନେ ପରଷିବ ।
ବିବିଧ ଅନ୍ନ ବ୍ୟଞ୍ଜନ ପରଷିବ ଆଣି
ସନ୍ତୋଷ କରିବ ଗୃହଜନେ ସେ କାମିନୀ ।
ସ୍ୱାମୀ ଦେବତାଙ୍କୁ ଦେଇ ବିବିଧ ଭୋଜନ
ସନ୍ତୋଷ କରିବ ତାଙ୍କ ମନ ତତ୍‌କ୍ଷଣ ।
ଭୋଜନାନ୍ତେ ଦିବ୍ୟ ବେଶ କରି ପରିଧାନ
ଶୁଭ ମୁହୂର୍ତ୍ତ ଦେଖିଣ କରିବ ଶମନ ।
ସ୍ୱାମୀ ପାଦ ସେବା କରି କହିବ ମଧୁରେ
ପୁତ୍ରାର୍ଥିନୀ ମୁହିଁ ଦୟା କର ମୋହଠାରେ ।
ତାହା ଜାଣି ପତ୍ନୀ ସଙ୍ଗେ ରମଣ କରିବ
ଆନନ୍ଦ ମନରେ ରତି ରସରେ ମାତିବ ।
ସେହିଦିନ ରଜ ବୀର୍ଯ୍ୟ ଏକ ଯୋଗ ହେଲେ
ଉତ୍ତମ କୁମର ଜାତ ହୁଅଇଟି ଭଲେ ।
ଯୁଗ୍ମ ଦିବସରେ ପୁତ୍ର ଅଯୁଗ୍ମରେ ସୁତା
ଜନ୍ମ ହୁଏ ବୋଲି ଶାସ୍ତ୍ରେ ନିର୍ଣ୍ଣୟ ଏ କଥା ।
ପଞ୍ଚମ ଦିବସୁ ପତ୍ନୀ ଗର୍ଭ ହେବ ଜାଣି
ସୁମିଷ୍ଟ ଭକ୍ଷ ପଦାର୍ଥ ଦେଉଥିବ ଆଣି ।
କଟୁତିକ୍ତ କଷାୟ ଯେ କ୍ଷାର ଦ୍ରବ୍ୟମାନ
କଦାପି ନ ଦେବ ତାକୁ ଭୋଜନ କରିଣ ।
ଶୀତଳ ପଦାର୍ଥମାନ ଆହାର ନିମନ୍ତେ
ସୁବାସ ଦ୍ରବ୍ୟ ଲେପନ କରିବ ତା' ଗାତ୍ରେ ।
ଉତ୍ତମ ବସନ ତାକୁ ପିନ୍ଧିବାକୁ ଦେବ
ପୁଷ୍ଟିକର ଖାଦ୍ୟମାନ ତାକୁ ଭୁଞ୍ଜାଇବ ।
ଉତ୍ତମ ଖାଦ୍ୟ ଖାଇଲେ ଗର୍ଭିଣୀ ଗର୍ଭରେ
ସନ୍ତାନ ପୁଷ୍ଟ ହୁଅଇ ଜାଣିଥା କାଳରେ ।

Digitized by srujanika@gmail.com

ଅନ୍ୟ ନାରୀ ସଙ୍ଗତେ ରମିବ କାଳେ ନିଜେ
ବ୍ରହ୍ମଚର୍ଯ୍ୟ ବ୍ରତ ଧରିଥିବ ନିଜ କାର୍ଯ୍ୟେ ।
ଏହିପରି ନିୟମରେ ଯେ ଜନ ରମଇ
ଉତ୍ତମ ପୁତ୍ର ତାହାର ଜନମ ହୁଅଇ ।
କୋମଳ ଶଯ୍ୟା କରିଣ କରି ପ୍ରୀତି ରସ
କହିଦେବ ତାହାକୁ ଯେ ହିତ ଉପଦେଶ ।
ଗର୍ଭିଣୀ ନାରୀକି ବିଷ୍ଣୁ ଭକ୍ତି କଥା ମାନ
କହିବ ମଧୁର ଭାବେ କରିଣ ଯତନ ।
ଶୁକ୍ର ମାସେ ବୀଜ ରଜ ତାହାର ଆହାର
ଦିନୁ ଦିନ ପୁଷ୍ଟ ହୁଏ ସେ ମାତୃ ଗର୍ଭର ।
ଗର୍ଭାଶୟ କ୍ଷେତ୍ର ଅଟେ ତାହାର ପାଇଁକି
ସେଠାରେ ବଢ଼ଇ ଜୀବ ଜନମ ପାଇଁକି ।
ଦିନକୁ ଦିନ ତାହାର କାୟା ପ୍ରକାଶଇ
ନଖ ଚର୍ମ ଲୋମମାନ ଅଙ୍ଗେ ବିକଶଇ ।
କ୍ରମେ ଇନ୍ଦ୍ରିୟମାନେଟି ସତେଜ ହୁଅନ୍ତି
ଚେତା ଚୈତନ୍ୟ ଉଦୟ ତାହାର ହୁଅନ୍ତି ।
ଜ୍ଞାନ ଯେତେବେଳେ ଜୀବ ପାଏଟି ଗର୍ଭରେ
ବ୍ରହ୍ମଜ୍ଞାନ ସ୍ତୁତି କରେ ସେ ହରି ପୟରେ ।
ଜୀବ ଯେବେ ଗର୍ଭେ ସ୍ଥିତି ଜାଣିଣ ପାରିବ
ପୁଂସବନ କାର୍ଯ୍ୟମାନ ତାହାର କରିବ ।
ବିଧି ବିଧାନରେ ସର୍ବ କାର୍ଯ୍ୟ ଯେ କରଇ
କାଳେ ଉତ୍ତମ ନନ୍ଦନ କୋଳେ ସେ କରଇ ।
ଗର୍ଭସ୍ଥ ସନ୍ତାନ ଦଶମାସ ପୂର୍ଣ୍ଣ ହେଲେ
ସୂତି ବାୟୁବଳେ ଜନ୍ମ ହୁଏ ତତ୍‌କାଳେ ।
ଆଗରୁ ମାତୃଗର୍ଭରେ ଜ୍ଞାନମାନ ତୋତେ
ପ୍ରସଙ୍ଗ କ୍ରମରେ କହୁଅଛି ବିଧି ମତେ ।
ପୁନରପି ଏ ସ୍ଥାନରେ ନ କହିବ ଆଉ
ସଂକ୍ଷେପରେ କହୁଅଛି ଶୁଣ ଖଗରାହୁ ।
ପୁତ୍ର ଜନ୍ମ ହେଲେ ଦ୍ୱିଜବରଙ୍କୁ ଡାକିବ
ବିଧିମତେ ଜାତକର୍ମ ସଂସ୍କାର କରିବ ।
ନାନାବିଧ ଦାନ ଦେବ ବ୍ରାହ୍ମଣମାନଙ୍କୁ
ଅତିଥି ସେବା କରିବ ବିତରି ଧନକୁ ।
ଜ୍ୟୋତିଷ ଡାକିଣ ତା'ର ଜାତକ କରିବ
ଜନ୍ମ ଲଗ୍ନ ତାହାର ଯେ ବିଚାର କରିବ ।
ବଇରିଷ୍ଟ ଥିଲେ କର ତା'ର ପ୍ରତିକାର
ଭଲ ମନ୍ଦ ଲକ୍ଷଣ ତା' କରିବ ବିଚାର ।

ପୂର୍ବେ ଯେହୁ ତପ କରିଥାଏ ତପୀ ଘରେ
ଜନମ ଲଭଇ ତ ପୂରଣ ଅର୍ଥରେ ।
ଅନେକ ଧନ ରତନ ତାହାକୁ ମିଳଇ
ପୂର୍ବ ତପବଳେ ସଦା ସୁଖେ ବିଳସଇ ।
ବିଦ୍ୟା ବୁଦ୍ଧିରେ ନିପୁଣ ଶାସ୍ତ୍ରେ ବିଚକ୍ଷଣ
ସୁବକ୍ତା ଧନୀ ପାଳକ ହୁଅଇ ସେ ପୁଣ ।
ଧୀର ମତି ଗୁରୁଜନ ଅନୁରକ୍ତି ହୁଏ
ଧର୍ମମାର୍ଗେ ଚଳି କୀର୍ତ୍ତି ରଖେ ମହାଶୟେ ।
ଧର୍ମ ଅର୍ଥ କାମ ମୋକ୍ଷ ପ୍ରାପତ ହୁଅଇ
ଉତ୍ତମ ସାଧୁ ସଙ୍ଗତେ ସଙ୍ଗମ କରଇ ।
ଏହିପରି ଦିନୁ ଦିନ ବଢ଼ଇ ନନ୍ଦନ
ବୟସ ବୃଦ୍ଧି ସହିତେ ହୁଏ ବିଚକ୍ଷଣ ।
ଯେବା ଅଧର୍ମ କାମକୁ ପୂର୍ବେ କରିଥାଇ
ଅଶୁଭ ଲଗ୍ନରେ ମାତା ଗର୍ଭସ୍ଥ ହୁଅଇ ।
ଜନ୍ମଠାରୁ ବହୁ ଦୁଃଖ ବହୁ ପୀଡ଼ା ପାଏ
ମରଣାନ୍ତକ ଦୁଃଖରୁ ଭୋଗ କରୁଥାଏ ।
ବୟସ ବୃଦ୍ଧି ହୁଅନ୍ତେ ହୁଏ ବଡ଼ ଦୁଷ୍ଟ
କୁକାର୍ଯ୍ୟ କରଇ ପୁଣି ହୁଅଇ ଲମ୍ପଟ ।
ନାନା ନୀଚ କାର୍ଯ୍ୟମାନ ସେ ପୁଣି କରଇ
ବୟସ ବଳରେ କିଛି ସେ ବିଚାରେ ନାହିଁ ।
ନୀଚ କୂଳେ ଜନ୍ମ ନୀଚ ବୃତ୍ତିକୁ ଆଚରେ
ସାଧୁ ବୈଷ୍ଣବ ଦେଖିଲେ ଉପହାସ କରେ ।
ଗୁରୁ ଗୁରୁଜନ ସେବା ତିଳେ ନ କରଇ
କୁବଚନ ମାନ କହି ଗାଳି ଦେଉଥାଇ ।
ପୂର୍ବ କର୍ମ ଅନୁସାରେ ସଂସାର ମଧ୍ୟରେ
ଶୁଭାଶୁଭ କର୍ମମାନ କରଇ ବେଭାରେ ।
ସୁଖଦୁଃଖ ତେଣୁ ଭୋଗ କରଇଟି ଜୀବ
ପୂର୍ବ କର୍ମମାନ ତା'ର ହେତୁଟି ଜାଣିବ ।
ପୂର୍ବ ତପ ଥାଏ ଯାର ଉତ୍ତମ ଭୁଞ୍ଜଇ
ଦିବ୍ୟ ପ୍ରତିବ୍ରତା ନାରୀ ରମଣ କରଇ ।
ଧନ ଜନ ଗୋପଲକ୍ଷ୍ମୀ ମିଳଇ ତାହାକୁ
ପୁତ୍ର କନ୍ୟା ଜନମନ୍ତି ତାହାର କୋଳକୁ ।
ପୁତ୍ର କନ୍ୟା ପତ୍ନୀ ସର୍ବେ ଆଜ୍ଞାକୁ ମାନନ୍ତି ।
ମନ ଜାଣି ତା'ର ସେବା ସକଳ କରନ୍ତି ।
ପୂର୍ବ ତପ ନାହିଁ ଯାର ତାହାର ଏମାନ
ପ୍ରପାତ ନୁଅଇଁ ମର୍ତ୍ତ୍ୟପୁରେ କଦାଚନ ।

Digitized by srujanika@gmail.com

ଧର୍ମାଧର୍ମ ପାପ ପୂଣ୍ୟ ପୂର୍ବେ ଥିଲେ କରି
ସେହି ଅନୁସାରେ ଫଳ ମିଳେ ମର୍ତ୍ତ୍ୟପୁରୀ ।
ପୂର୍ବେ ନ କରିଲେ ଏବେ କାହୁଁ ତା' ମିଳିବ
ଦୁଃଖ କଷ୍ଟ କରି ନିଶ୍ଚେ କାଳ କଟାଇବ ।
ପରସୁଖ ଦେଖି ଦୁଃଖୀ ହୋଇଣ ଭାବିଲେ
କିଏ ଦେବ ସୁଖ ଅବା ମିଳିବ କା ବଳେ ।
ଜ୍ଞାନୀ ସକଳ ଆତ୍ମାକୁ ସମାନ ମଣଇ
ଅଜ୍ଞାନୀ ଯେ ତୋର ମୋର ସଦା ବିଚାରଇ ।
ସହସ୍ରକୁତ ତୁମ୍ବଙ୍କୁ ଥୋଇଲେ ଯେପରି
ସୂର୍ଯ୍ୟଙ୍କର ପ୍ରତିବିମ୍ବ ମଧ୍ୟରେ ସବୁରି ।
ଜଳାଧାର ଭେଦ ହୁଏ ପ୍ରତିବିମ୍ବ ଭିନ୍ନ
ପ୍ରକୃତ ସେ ବିମ୍ବ ସର୍ବେ ସୂର୍ଯ୍ୟର ସମାନ ।
ଜଳଘଟ ବିନାଶିଲେ ସୂର୍ଯ୍ୟ ସବୁ ମିଳେ
ସେହିପରି ଆତ୍ମା ସର୍ବ ଘଟେ ବିଜେ କରେ ।
ଭେଦ ଦିଶେ ହେଲେ ନାହିଁ ଏହା ଜ୍ଞାନୀଲୋକ
ନିରନ୍ତର ଏ ବିଚାର କରଇ ବିବେକ ।
ମୂର୍ଖ ସଦା ଅଜ୍ଞାନରେ ଭୋଳ ହୋଇଥାଇ
ତାହାର ଆଖିରେ ଭେଦ ସର୍ବେ ଦେଖାଯାଇ ।
ପୃଥ୍ୱୀ ଜଳ ଅଗ୍ନି ବାୟୁ ଆକାଶ ଏ ପାଞ୍ଚ
ପଞ୍ଚ ମହାଭୂତ ବୋଲାଅନ୍ତି ଏହି ପଞ୍ଚ ।
ପଞ୍ଚ ମହାଭୂତ ମିଶି ହୁଅଇ ଶରୀର
ପଞ୍ଚଭୌତିକ ବୋଲିଣ ବୋଲାଏ ନିକର ।
ଅସ୍ଥି ଚର୍ମ ଲୋମ ନାଡ଼ି ଜାଣ ଏହି ଚାରି
ଜାତ ହୁଅନ୍ତି ତା' ସଙ୍ଗେ ମିଶନ୍ତେଣ ବାରି ।
ପୃଥ୍ୱୀ ଅଂଶୁ ଏହି ପାଞ୍ଚ ହୁଅଇ ଜନମ
ମଳ ମୂତ୍ର ଶୁକ୍ର ରକ୍ତ ମଜ୍ଜା ଏହା ଜାଣ ।
ଜଳର ଅଂଶରୁ ଜାତ ଏହିମାନଙ୍କର
ଚିହ୍ନିଥାଅ ହେ ଗରୁଡ଼ କିଏ ବା କାହାର ।
କ୍ଷୁଧା ତୃଷ୍ଣା ନିଦ୍ରା କାନ୍ତି ଆଳସ୍ୟକୁ ଘେନି
ଏପାଞ୍ଚ ଜନମ ହୁନ୍ତି ତେଜ ଅଂଶ ଘେନି ।
ଆକୁଞ୍ଚନ ପ୍ରସାରଣ ଧାବନାଲିଙ୍ଗନ
ବେଷ୍ଟନ ଏପାଞ୍ଚ ଜାତ ପବନ ଅଂଶେଣ ।
ମନ ବୁଦ୍ଧି ଅହଂକାର ଚିତ୍ତ ଏହି ଚାରି
ହୃଦୟ ମଧ୍ୟରେ ବାସ ଜାଣ ଏହାଙ୍କରି ।
ଚର୍ମ କର୍ଣ୍ଣ ଚକ୍ଷୁ ଜିହ୍ୱା ନାସିକା ସହିତେ
ଆକାଶ ଅଂଶୁ ଜନମ ଜାଣ ତୁ ଯୁକତେ ।

ପାଣି ପାଦ ଗୁହ୍ୟଲିଙ୍ଗ ବଚନକୁ ଘେନି
କର୍ମେନ୍ଦ୍ରିୟ ବୋଲି କହି ଅଛନ୍ତି ଯେ ଜ୍ଞାନୀ ।
ଚର୍ମ କର୍ଣ୍ଣ ଚକ୍ଷୁ ଜିହ୍ୱା ପ୍ରାଣର ସହିତ
ଜ୍ଞାନେନ୍ଦ୍ରିୟ ଏହି ପାଞ୍ଚ ଅଟଇ ଯୁକତ ।
ଏହି ଇନ୍ଦ୍ରିୟମାନଙ୍କ ଦେବତା ଅଛନ୍ତି
ଅଗ୍ନି ସୂର୍ଯ୍ୟ ବରୁଣ ଯେ ବାୟୁ ଇନ୍ଦ୍ରଛନ୍ତି ।
ଶରୀର ଧାରଣ ପାଇଁ ନାଡ଼ି ତିନିଗୋଟି
ଇଡ଼ା ପିଙ୍ଗଳା ସୁଷୁମ୍ନା ତାହାଙ୍କ ନାମଟି ।
ଅଳମ୍ବୁଷା ଯଶସ୍ୱିନୀ କୁହୁ ଯେ ଶଙ୍ଖିନୀ
ଏହି ନାଡ଼ୀ ମାନ ମଧ୍ୟ ଶରୀର କାରେଣି ।
ପ୍ରାଣ ଅପାନ ସମାନ ବ୍ୟାଡ଼ ଯେ ଉଦାନ
ଏହି ପଞ୍ଚ ପବନଟି ଶରୀରର ପ୍ରାଣ ।
ନାଗ କୂର୍ମ କୃକିକାଯେ ବାୟୁ ଦେବଦତ୍ତ
ଆୟୁରକ୍ଷକ ଏମାନେ ଦେହ ମଧ୍ୟେ ସ୍ଥିର ।
ପ୍ରାଣ ପବନ ବସଇ ହୃଦୟ ମଧ୍ୟରେ
ଅପାନ ଗୁହ୍ୟେ ଏମାନ ନାଭି ମଣ୍ଡଳରେ ।
ଉଦାନ କଣ୍ଠରେ ଜ୍ଞାନ ସର୍ବଦେହ ଜାଣ
ସଞ୍ଚାର କରନ୍ତି ଭିନ୍ନ ଭିନ୍ନ ସ୍ଥାନେ ପୁଣ ।
ଉଦ୍‌ଗର କର୍ମ ହୁଅଇ ନାଗ ବାୟୁ ବଳେ
କର୍ମ ବାୟୁ ଉନ୍ମୀଳନ କାର୍ଯ୍ୟ ଗୋଟି କରେ ।
କ୍ଷୁଧା ଜନମାଏ ପ୍ରଭଞ୍ଜନ ବାୟୁ ପ୍ରାଣ
ଚର୍ମ ପାର୍ଶ୍ୱେ ଦେବଦତ୍ତ ନାମକ ପବନ ।
ପ୍ରାଣସଙ୍ଗେ ମିଳିଗଲେ ଅନ୍ୟ ତିନି ବାୟୁ
କ୍ଷୁଧା ତୃଷ୍ଣା ହେତୁ ମୃତ୍ୟୁ ଲଭେ କହୁ କହୁ ।
ଧନଞ୍ଜୟ ପବନଟି ଅନ୍ନାଦି ଭକ୍ଷଇ
ତେଣୁ ସର୍ବେନ୍ଦ୍ରିୟ ପୁଷ୍ଟ ଶରୀରେ ହୁଅଇ ।
ବ୍ୟାନ ପବନ ଶରୀରେ ଭ୍ରମଇ ନିରତ
ଖାଦ୍ୟସାର ସର୍ବାଙ୍ଗରେ କରେ ସଞ୍ଚାରିତ ।
ଖାଦ୍ୟ ଦ୍ରବ୍ୟମାନ ଦେହେ ହୁଏ ଦୁଇ ଭାଗ
ରସ ଅଂଶ ଭିନ୍ନ ଖାଦ୍ୟ ଅଂଶ ଭିନ୍ନ ଯୋଗ ।
ରସରୁ ଜଳ ଉତ୍ପନ୍ନ ହୁଅଇଟି ଜାଣ
ଖାଦ୍ୟ ସଙ୍ଗେ ନ ମିଶଇ ତାହା କଦାଚନ ।
ଭିନ୍ନ ହୋଇ ଶରୀରରେ କିଛିକ୍ଷଣ ରହେ
ମଳ ମୂତ୍ର ବୋଲାଇଣ ଭିନ୍ନେ ଭିନ୍ନେ ଥାଏ ।
ପାଶେ ଅଗ୍ନି ଥାଇ ତାହା କରଇ ଯେ ପାକ
ଜଳମଳ ସେ ଠାବରୁ ହୁଅଇ ପୃଥକ ।

Digitized by srujanika@gmail.com

ଜଳ ଉପରକୁ ରହେ ମଳ ଥାଏ ତଳେ
ଅଧୋଭାଗେ ଅଗ୍ନି ରହି ଜଳଇ ପ୍ରବଳେ ।
ବ୍ୟାନବାୟୁ ରହି ଅଗ୍ନି ପ୍ରଖର କରଇ
ରସସବୁକୁ ନାଡ଼ୀରେ ବାଣ୍ଟିଣ ଦିଅଇ ।
ରସନା ନାସିକା କର୍ଣ୍ଣ ଉପସ୍ଥ ଚକ୍ଷୁରେ
ନାଭି ଦନ୍ତ ନଖ ଗୁହ୍ୟ ସ୍ଥାନମାନଙ୍କରେ ।
ମଳ ବାହାରଇ ଜାଣ ଏହି ଦ୍ୱାର ଦେଇ
ଚିତ୍ତ ସ୍ଥିର କରି ଏହା ମନେ ରଖ ତୁହି ।
ଯେଉଁ ପରି ସୂର୍ଯ୍ୟଦେବ ହୋଇଲେ ଉଦୟ
ନିଜ କାର୍ଯ୍ୟେ ଲାଗି ଯାନ୍ତି ଯେହ୍ନେ ପ୍ରାଣୀଚୟ ।
ସେହିପରି ଏହି ବାୟୁ ସର୍ବଦା ଚଳନ୍ତି
ସେ ଚଳନ୍ତେ ସର୍ବେ ନିଜ କାର୍ଯ୍ୟରେ ଲାଗନ୍ତି ।
ଶରୀର ଭେଦ ବିଚାର ଅଟଇ ଏମନ୍ତ
ବୁଝି ଶୁଝି ହୁଅ ନିଜେ କାର୍ଯ୍ୟରେ ଆସକ୍ତ ।
ଧର୍ମ ଅର୍ଥ କାମ ମୋକ୍ଷ ଏ ବର୍ଗ ଚତୁର
ଏହି ପୁରୁଷାର୍ଥେ ଖୋଜେ ଯେ ପ୍ରାଣୀ ଚତୁର ।
ଯେତେ ଯେତେ ଏ ପୁରାଣେ କହିଲଇଁ ତୋତେ
ଧର୍ମ ସିନା ସର୍ବମୂଳ ଅଟେ ବିଧିମତେ ।
ଯଜ୍ଞଦାନ ଧର୍ମକ୍ରିୟା ପିଣ୍ଡ ଦାନ ବିଧି
ଜୀବ ଉଦ୍ଧାର ପାଇଁକି ଏହି ସର୍ବ ସିଦ୍ଧି ।
ଜନ୍ମିଲେ ମରଣ ନିଶ୍ଚେ ମରିଲେ ଜନମ
ଜନ୍ମ ମୃତ୍ୟୁ ଅବିଚ୍ଛେଦ୍ୟ ପରସ୍ପର ଜାଣ ।
ଯେ କର୍ମ କରିଲେ ଜୀଇ ନ ଜନ୍ମଇ ଆଉ
ସେହି କର୍ମକୁ କରିଲେ ଚିତ୍ତ ଶାନ୍ତ ହେଉ ।
ଦେହ ଧାରଣ ପାଇଁକି ଚନ୍ଦ୍ରକ୍ଷୟ ବିଧି
ସୂର୍ଯ୍ୟାୟଣ ଧରିଥିଲେ ହୁଏ ସର୍ବସିଦ୍ଧି ।
ଯେ ଜନ ଦେହକୁ ନିତ୍ୟେ ସମ୍ଭାଳି ପାରଇ
ଯୋଗୀ ବୋଲି ତାହାକୁଟି ଶାସ୍ତ୍ରେ ଛନ୍ତି କହି ।
ଯେ ଜନ ଏହି ପଥରେ ବ୍ରତୀ ଯେ ହୁଅନ୍ତି
ପରମେଶ୍ୱର ଶ୍ରୀହରି କରୁଣା କରନ୍ତି ।
ପାପୀଙ୍କ ପାପ ନାଶନ ଯେ କରୁଣା ସିନ୍ଧୁ
ତ୍ରୈଲୋକ୍ୟର ଚିନ୍ତାମଣି ଦେବ ଦୀନବନ୍ଧୁ ।
କରୁଣା କରନ୍ତି ତାକୁ ପାପ ଯାଏ ନାଶ
ଶେଷେ ବୈକୁଣ୍ଠ ପୁରରେ ପାଏ ସେହି ବାସ ।
ସର୍ବଦା ସ୍ତୁତି ବାକ୍ୟରେ ତାହାକୁ ପୋଷିବ
ତାହାଙ୍କ ଚରଣ ତଳେ ଭକତି କରିବ ।

ଆତ୍ମା ନିବେଦନ ନିତି ତାହାଙ୍କ ଚରଣେ
କରି ଏପରି ପ୍ରାର୍ଥନା କରୁଥିବ ମନେ ।
ଆହେ ଦେବ ଦୟାମୟ ଅହଲ୍ୟା ତାରକ
ମୃଗୁଣୀ ବିପଦହାରୀ ବ୍ୟାଧ ବିନାଶକ ।
ଗଜ ଆର୍ତ୍ତନାଶକ ହେ କରୁଣା ସାଗର
ଦ୍ରୌପଦୀର ଲଜ୍ଜା ପ୍ରଭୁ କରିଅଛ ଦୂର ।
ଶିବ ଧନୁ ଭାଙ୍ଗି ପର୍ଶୁରାମ ଗର୍ବ ଗଞ୍ଜି
ସୀତା ଛଳେ ରାବଣର ସ୍ୱର୍ଣ୍ଣଲଙ୍କା ଭାଞ୍ଜି ।
ଅଜାମିଳ ପାପୀ ପାପ ଦୂର କଲ ହେଳେ
ବିଲ୍ୱମଙ୍ଗଳ ତାରିଲ ପ୍ରଭୁ ଦୟାବଳେ ।
ଗୁରୁପୁତ୍ର ସଞ୍ଜିବନୀ ପୁରରୁ ଆଣିଲ
ଗୁରୁଙ୍କୁ ଦକ୍ଷିଣା ଦେଇ ସନ୍ତୋଷ କରିଲ ।
ଅନ୍ଧକୁ ଦେଲ ନୟନ ସୁଦାମା ତାରିଲ
ଷଣ୍ଢା ବକା ଅଘା ନାଶି କଂସ ସଂହାରିଲ ।
କେ ବର୍ଣ୍ଣିପାରିବ ପ୍ରଭୁ ତୁମ୍ଭର ମହିମା
ବ୍ରହ୍ମା ଶିବେ ଅଗୋଚର ତୋ' ମାୟାର ସୀମା ।
ଜୟ ଜୟ ଦୀନବନ୍ଧୁ କରୁଣା ସାଗର
ପତିତ ଜନକୁ ବାରେ ପ୍ରଭୁ ଦୟାକର ।
ମୋ' ପରି ପତିତ ଜନ ନାହାନ୍ତି ସଂସାରେ
ତୁମ୍ଭେ ପରା ହେ ପତିତପାବନ ତ୍ରିପୁରେ ।
ନାହିଁ ନୋହିଛି ନୋହିବ ଦ୍ୱିତୀୟଟି କେହି
ଆଶ୍ରା କଲା ଦୀନ ହୀନ ପାଦ ପଦ୍ମ ଦୁଇ ।
ମାର ଅବା ତା'ର ପ୍ରଭୁ ଯାହା ତୁମ୍ଭ ଇଚ୍ଛା
ଦୟା କରି ପୂରାଅ ହେ ମୋର ମନବାଞ୍ଛା ।
ତୁମ୍ଭ ଶ୍ରୀଚରଣେ ମୁହିଁ ନମେ ନିରନ୍ତର
ଦୟା କର ଦିନହୀନେ କମଳାର ବର ।
ତୁମ୍ଭର ଦୟାରୁ ଏହି ଗ୍ରନ୍ଥ ମୁଁ ଲେଖିଛି
ଖଳଲୋକମାନଙ୍କୁ ମୋର ଡର ହେଉଛି ।
ନିନ୍ଦିବେ ବହୁତ କରିଥିଲେ ଲେଶ ଦୋଷ
ତୁମ୍ଭ ବାନା ନିନ୍ଦା ହେବ ମୋର ଯିବ କିସ ।
ତ୍ରାହି କର ଦୀନବନ୍ଧୁ ଏ ଦୀନ ଦାସକୁ
ଚିତ୍ରଗୁପ୍ତ ହସ୍ତୁଛଡ଼ା ସେ ପାଞ୍ଜି ବିଡ଼ାକୁ ।
ମୋର ନାମ ତହୁଁ ପ୍ରଭୁ ଲିଭାଇଣ ଦିଅ
ଏତିକି ମାଗଇ ଏହି ଦୀନ ନିରାଶ୍ରୟ ।
କମଳା ସେବିତ ପାଦପଦ୍ମ ଯୁଗଳରେ
ନିରନ୍ତରେ ମତି ରହୁ ଭକ୍ତି ସହିତରେ ।

Digitized by srujanika@gmail.com

ସେ ପାଦ ରାଜିବେ ରହୁ ନିରନ୍ତର ଆଶ
ଏତିକି ମାଗୁଣି ମାଗେ ଅର୍ତ୍ତତ୍ରାଣ ଦାସ ।

ଇତିଶ୍ରୀ ଗରୁଡ଼ ପୁରାଣେ
ନୈମିଷାୟୋପାଖ୍ୟାନେ
ଭଗବାନ ଗରୁଡ଼ ସମ୍ବାଦେ ସୁଗୃହୀଣଃ
କର୍ତ୍ତବ୍ୟଂ ସ୍ୱର୍ଗ ଲାଭସ୍ୟୋପାୟ କଥନଂ
ନାମ ଷୋଡ଼ଶୋଽଧ୍ୟାୟଃ ।

—o—

ସପ୍ତଦଶ ଅଧ୍ୟାୟଃ
ବିରାଟ ପୁରୁଷ ବର୍ଣ୍ଣନ ଓ ଜୀବନ ଶରୀର ତ୍ୟାଗ

ଗରୁଡ଼ ଉବାଚ

ଗରୁଡ଼ ବିନୟ ହୋଇ ବିଷ୍ଣୁଙ୍କ ଛାମୁରେ
କରପତ୍ର ଯୋଡ଼ି ପୁଣି ପ୍ରଶ୍ନେକ ପଚାରେ ।
ବିରାଟ ପୁରୁଷଦେବ କାହାକୁ କହନ୍ତି
କିପରି ତାହାକୁ ଧ୍ୟାନ ମୁନିଏ କରନ୍ତି ।
ଜୀବ ଏ ଦେହ ଛାଡ଼ିଣ ଚଳଇ କିପରି
ଅଦ୍ୟପ୍ରାନ୍ତ କରି ତାହା କହିବ ଶ୍ରୀହରି ।
ବୁଝାଇଣ ଏହି ସର୍ବ କହିବ ଯେ ମୋତେ
ତୁମ୍ଭର ଭୃତ୍ୟ ଅଟଇ ମୁହିଁଟି ସାକ୍ଷାତେ ।
ଗରୁଡ଼ର ବାଣୀ ଶୁଣି କହନ୍ତି ଶ୍ରୀହରି
ପଚାରିଲୁ ଯାହା କହିବଇଁ ମୁଁ ବିସ୍ତାରି ।

ଶ୍ରୀ ଭଗବାନ ଉବାଚ

ଚତୁର୍ଦ୍ଦଶ ବ୍ରହ୍ମାଣ୍ଡରେ ଯେତେ ରୂପ ଅଛି
ବିରାଟ ପୁରୁଷ ଅଙ୍ଗେ ସକଳ ରହିଛି ।
ପାଦତଳେ ପାତାଳ ଯେ ବିରାଟ ରୂପର
ବିତଳ ରହଇ ଜାଣ ତାଙ୍କ ପାଦ ପର ।
ଜାନୁ ଦେଶରେ ସୁତଳ ବସଇ ସର୍ବଦା
ଜାନୁ ଉର୍ଦ୍ଧ୍ୱେ ମହାତଳ ବିରାଜଇ ସଦା ।
କଟିଦେଶେ ତଳାତଳ କରଇ ବସତି
ଗୁହ୍ୟରେ ଯେ ରସାତଳ କରିଅଛି ସ୍ଥିତି ।
କଟିତଳୁ ପାଦଯାଏ ସପତ ପାତାଳ
ବାସ କରି ରହିଛନ୍ତି ସପତ ମଣ୍ଡଳ ।
ନାଭି ମଧ୍ୟରେ ଭୂଲୋକ ଉର୍ଦ୍ଧ୍ୱେ ଭୁବ ଲୋକ
ହୃଦ ସ୍ୱର୍ଲୋକ କଣ୍ଠେ ଯେ ବସେ ମହାଲୋକ ।
ମୁଖେ ଜନ ଲୋକ ତପ ଲୋକ କପାଳରେ
ସତ୍ୟଲୋକ ବାସ କରେ ତା' ବ୍ରହ୍ମ ରନ୍ଧ୍ରରେ ।
ବ୍ରହ୍ମାଣ୍ଡ ପୁରାଣେ ଏହା ବିସ୍ତାର ହୋଇଛି
ଏହିପରି ଚତୁର୍ଦ୍ଦଶ ବ୍ରହ୍ମାଣ୍ଡ ରହିଛି ।
ହୃଦୟ ପଦ୍ମ ତ୍ରିକୋଣ ହୋଇ ବିରାଜିତ
ତହିଁ ଅଛି ସପ୍ତ କୁଳାଚଳ ଯେ ପର୍ବତ ।
ହୃଦ ସିଂହାସନ ପରେ ଯେଉଁ ପଦ୍ମ ଅଛି
ତ୍ରିକୋଣ ବିଶିଷ୍ଟ ହେତୁ ଶୋଭା ପ୍ରକାଶୁଛି ।
ସେହି ଠାବେ ଶିବ ବସି ଯୋଗ ସାଧୁଛନ୍ତି
ଏକ ଲୟ ପରଂବ୍ରହ୍ମ ରଖିଣ ଅଛନ୍ତି ।
ସେହି ତ୍ରିକୋଣରେ ମେରୁ ପର୍ବତ ହୋଇଲା
ତାହା ତଳେ ମନ୍ଦିର ଯେ ଶୋଭା ପ୍ରକାଶିଲା ।
ଦକ୍ଷିଣ ଦିଗେ କୈଳାସ ହିମାଳୟ ବାମେ
ନିଷେଧ ନାମରେ ଉର୍ଦ୍ଧ୍ୱ ରେଖା ସେହି ବାମେ ।
ସନ୍ନିଧେ ଗନ୍ଧମାର୍ଦ୍ଦନ ପର୍ବତ ପଶିଛି
ବାମରେଖା ପରେ ବୃଦ୍ଧି ସରଣ ରହିଛି ।
ଏସନ ପ୍ରକାରେ ଅଛି ସପ୍ତକୁଳାଚଳ
ବିରାଟ ପୁରୁଷ ଅଙ୍ଗେ ବସଇ ନିଶ୍ଚଳ ।
ସେହି ପୁରୁଷ ଅସ୍ଥିରେ ଜମ୍ବୁଦ୍ୱୀପ ଅଛି
ଶାକ ଦ୍ୱୀପ ମଜ୍ଜାରେ ସେ ବିରାଜ କରିଛି ।
ମାଂସରେ କୁଶଦ୍ୱୀପ ହେ ଶିରାମଧ୍ୟେ କ୍ରୌଞ୍ଚ
ଚର୍ମରେ ଶାଲ୍ମଳୀ ଦ୍ୱୀପ ହୋଇଛି ସୁସଞ୍ଚ ।
ପ୍ଲକ୍ଷଦ୍ୱୀପ ରୋମ ପରେ ବସେ ନିରନ୍ତର
ନର୍ମଦାଦି ତୀର୍ଥମାନେ ତାହାର ଶରୀର ।
ସପ୍ତ ସାଗରାଦି ପୁଣି ଅଛି ତହିଁରେ
ଲବଣ ସମୁଦ୍ରେ ଶୁଭ୍ରକାନ୍ତି ଶୋଭା ଧରେ ।
ତାଙ୍କ ଶୁକ୍ର କ୍ଷୀର ସାଗର ଯେ ଉତପତ୍ତି
ସୁରାସିନ୍ଧୁ ଦଧିସିନ୍ଧୁ ଶ୍ଳେଷ୍ମରୁ ସମ୍ଭୂତି ।
ମଜ୍ଜାରୁ ଘୃତସାଗର ହୋଇଲା ଜନମ
ରକ୍ତରୁ ଇକ୍ଷୁ ସାଗର ହେଲା ଉତପନ୍ନ ।
ବିନ୍ଦୁ ଚକ୍ରମାନ ତହିଁ ଅଛି ସ୍ଥାନେ ସ୍ଥାନେ
ନାଦ ବିନ୍ଦୁ ଚକ୍ର ବ୍ରହ୍ମ ଚକ୍ର ସନ୍ନିଧାନେ ।
ରୁନ୍ଧ୍ର ତଳେ ନାଦ ବିନ୍ଦୁ ବସଇ ନିରତେ
ବିଦ୍ରୁମ ବର୍ଣ୍ଣ ହୋଇଣ ଶୋଭଇ ଯୁକତେ ।
ତା' ଚହୁଁ ସ୍ଫଟିକ କାନ୍ତି ଅଛି ଏକ ବିନ୍ଦୁ
ଶୋଭା ପ୍ରକାଶଇ ଏକାଧାରେ ସୂର୍ଯ୍ୟ ଇନ୍ଦୁ ।

Digitized by srujanika@gmail.com

ନାଦଚକ୍ରେ ସୂର୍ଯ୍ୟବାସ କରଇ ନିୟତ
ବିନ୍ଦୁ ଚକ୍ରେ ଚନ୍ଦ୍ରମାନ ବାସ ସୁନିଶ୍ଚିତ ।
ଏବେ ଗ୍ରହମାନଙ୍କର ସ୍ଥିତି କହି ଦେବା
ବିରାଟ ପୁରୁଷ ଦେହେ ଦେଖାଇଣ ଦେବା ।
ନାଦେ ରବି ବିନ୍ଦୁ ପରେ ସୋମ ଯେ ଅଛଇ
ନୟନେ ମଙ୍ଗଳ ଗ୍ରହ ବିରାଜ କରଇ ।
ହୃଦୟରେ ବୁଦ୍ଧିବାସ ନାଭିରେ ଯେ ଗୁରୁ
ଶୁକ୍ରେ ଶୁକ୍ରଙ୍କ ବସତି କହିଛି ପୂର୍ବରୁ ।
ନାଭି ପରେ ଅର୍ଦ୍ଧାଙ୍ଗୁଳି ଛାଡ଼ି ଶନି ବସେ
ରାହୁ ମୁଖେ ନିରନ୍ତର ଅଛନ୍ତି ହରଷେ ।
କଣ୍ଠତଟେ କେତୁଗ୍ରହ ଅଛଇ ଜାଣିବ
ନବଗ୍ରହେ ଏହିପରି କରିଛନ୍ତି ଠାବ ।
ବିରାଟ ସ୍ୱରୂପ ଚିନ୍ତା ଯେମାନେ କରନ୍ତି
ପାପ ତାପ ନାଶି ସେ ବୈକୁଣ୍ଠେ ଚଳିଯାନ୍ତି ।
ଏହିପରି ବିରାଟ ପୁରୁଷ ରୂପ ଜାଣ
ଶରୀର ମଧ୍ୟରେ ତାହା ହୋଇଛି ବର୍ଣ୍ଣନ ।
ସେ ପୁରୁଷ ସୂକ୍ଷ୍ମ ରୂପେ ଅଛି ଏ ଦେହରେ
ସମସ୍ତେ ଅଛନ୍ତି ସୂକ୍ଷ୍ମ ଜାଣ ନିଶ୍ଚିନ୍ତରେ ।
ଏମାନ ଜାଣିବା ପାଇଁ ଗୁରୁ ସେବା କଲେ
ତାଙ୍କ ଅନୁଗ୍ରହେ ମହମନ୍ତ୍ରକୁ ଲଭିଲେ ।
ଅଜପା ମନ୍ତ୍ରକୁ ଯଦି ଜପିବ କେ ଜନ
ବିରାଟ ସ୍ୱରୂପ ତା'ର ହୋଇବ ଦର୍ଶନ ।
ଯୋଗ ସାଧି ସିଦ୍ଧ ସେହୁ ହୋଇବ ଜଗତେ
ଅଜପା ମନ୍ତ୍ର ଯେ ସିଦ୍ଧ ହେବ ସୁନିଶ୍ଚିତେ ।
ନିତ୍ୟକର୍ମ ସଦାଚାର ପ୍ରଭାତରୁ କରି
ବିଧିମତେ ଜପ ତପ ଦୃଢ଼ଭାବେ କରି ।
ପଦ୍ମାସନେ ବସି ଦୃଢ଼େ କରିଲେଟି ଧ୍ୟାନ
ଷଡ଼ ଚକ୍ରମାନ ହେବ ତପ୍ରରେ ଦର୍ଶନ ।
ଚକ୍ରର ଦେବତାମାନେ ଦରଶନ ଦେବେ
ଉର୍ଦ୍ଧ୍ୱକୁ ଗମନ ପାଇଁ ସାହାଯ୍ୟ କରିବେ ।
ଅଜପା ମନ୍ତ୍ର ଅଟଇ ଏହାର ନିମନ୍ତେ
ସାର ଅଟଇ ଜାଣିଥା ଏହା ହୃଦଗତେ ।
ଯନ୍ତ୍ର ମନ୍ତ୍ର ସିଦ୍ଧ କରି ଅଜପା ଜପିଲେ
ଅକ୍ଳେଶରେ ସର୍ବସିଦ୍ଧ ହୁଅଇଟି ଭଲେ ।
ଋଷିମୁନିମାନେ ଏହିପରି ଧ୍ୟାନ କରି
ଏ ଭବସାଗରୁ ଅକ୍ଳେଶରେ ଗଲେ ତରି ।

ବିରାଟ ରୂପ ତୋ' ଆଗେ କହିଲି ବିସ୍ତାରି
ଏବେ ଜୀବ ଦେହ ତ୍ୟାଗ ଶୁଣ ହେତୁ କରି ।
ପ୍ରଥମରେ କହୁଅଛି ଶରୀର ପ୍ରମାଣ
ତାହାକୁ ଶୁଣିଲେ ହେବ ସନ୍ତୋଷ ତୋ' ମନ ।
ପୃଥକ୍ ତେଜ ବାହୁ ସହ ଆକାଶ ଏ ପାଞ୍ଚ
ମିଳିଣ ଶରୀର ଗୋଟି ହୋଇଛି ସୁସଞ୍ଚ ।
ତିନିକୋଟି ପାଞ୍ଚଲକ୍ଷ ଯେ ଲୋମ ଦେହେ
ରହିଅଛି ଜାଣିଥାଅ ବିନତା ତନୟେ ।
ମସ୍ତକରେ କ୍ଳେଶ ସପ୍ତଲକ୍ଷ ଅଛି ପୁଣ
ବିଂଶ ସଂଖ୍ୟା ଆଙ୍ଗୁଳିର ଅଟଇ ପ୍ରମାଣ ।
ବତ୍ରିଶ ଦନ୍ତ ଅଟଇ ତୁଣ୍ଡର ମଧ୍ୟରେ
ସପ୍ତପଳ ମାଂସ ଅଛି ଜାଣ ସର୍ବାଙ୍ଗରେ ।
ରକ୍ତ ଶହେପଳ ପୁଣି ମେଦ ଶହେପଳ
ମଜ୍ଜା ବାରପଳ ମାତ୍ର ହୋଇଅଛି ଠୁଳ ।
ନବଗୋଟି ଦ୍ୱାର ଅଛି ଶରୀରରେ ଜାଣ
ତିନିଶ ଷାଠିଏ ଖଣ୍ଡ ଅସ୍ଥି ଦେହେ ପୁଣ ।
ସ୍ଥୂଳ ସୂକ୍ଷ୍ମ ନାଡ଼ୀ ମିଶି ସଂଖ୍ୟାରେ ଗୋଟିଏ
ପଚାଶପଳ ଯେ ପିତ୍ତ ଦେହ ମଧ୍ୟେ ଥାଏ ।
ଶେଷେ ପଞ୍ଚବିଂଶ ମଳ ପ୍ରମାଣ ହୋଇଛି
ପଞ୍ଚବିଂଶ ପଳ ମଳ ମୂତ୍ର ରହିଅଛି ।
ଦେହଧାରୀ ମାନବଙ୍କ ଶରୀର ପ୍ରମାଣ
ଏହିପରି ଗରୁଡ଼ ହୋ ସ୍ଥିର କରି ଜାଣ ।
ଯୋଗୀମାନେ ଯୋଗବଳେ ପ୍ରତ୍ୟକ୍ଷ କରନ୍ତି
ତିଳେମାତ୍ର ମନ ମଧ୍ୟେ ନକର ତୁ ଭ୍ରାନ୍ତି ।
ଚନ୍ଦ୍ର ସୂର୍ଯ୍ୟ ତାରା ଆଦି ସମୁଦ୍ର ସମୀର
ଦେହ ମଧ୍ୟରେଟି କରି ରହିଅଛି ଘର ।
ଷଡ଼ଚକ୍ରର ବସାଣ ଜାଣି ଯୋଗୀମାନେ
ପିଣ୍ଡ ବ୍ରହ୍ମାଣ୍ଡ ଦୁହିଁଙ୍କୁ ମଣନ୍ତି ସମାନେ ।
ଅଖିଳ ବ୍ରହ୍ମଣ୍ଡ ମଧ୍ୟେ ଅଛଇଟି ଯାହା
ଏହି ପିଣ୍ଡ ମଧ୍ୟରେଟି ଅଛି ସବୁ ତାହା ।
ବିରାଟ ପୁରୁଷ ଅଂଶ ଅଟେ ଏହି ଦେହ
ବ୍ରହ୍ମଜ୍ଞାନୀଏ ଜାଣନ୍ତି ଏହାର ଉପାୟ ।
ସର୍ବ ବିଷ୍ଣୁମୟ ଯେହୁ ବିବେଚନା କରେ
ଜନ୍ମମରଣ ତାହାର ଦୂରେ ପରିହାରେ ।
ଦେବତାମାନଙ୍କ ସଙ୍ଗେ ହୁଅଇ ସମାନ
ଦେବାସୁର ନାଗ ଯକ୍ଷେ କରନ୍ତି ସମ୍ମାନ ।

Digitized by srujanika@gmail.com

ବାସନା ବଳେ ସେ ପୃଥ୍ୱୀ ମଧ୍ୟୁ ଜନମିଲେ
ପୂର୍ବ ଜ୍ଞାନମାନ ତା'ର ଲୋପ ନୁହେଁ ଭଲେ ।
ଚେତା ଘଟ ସେହିମାନେ ଜଗତେ ବୋଲନ୍ତି
ଯୋଗବଳେ ପ୍ରଭାବରୁ ସକଳ ଜାଣନ୍ତି ।
ଯେ ଗତି ମୁକତିଦ୍ୱାର ଅଟଇ ତୁ ଜାଣ
ମୁକତି କୋଠ ଭଣ୍ଡାର ଯୋଗ ଅଟେ ପୁଣ ।
ଯୋଗସିଦ୍ଧ କରି ଯେବା ଯଥା ସମୟରେ
ପ୍ରାଣାୟାମ ବିଧାନରେ ପ୍ରାଣବାୟୁ ଧରେ ।
ଷଡ଼ଚକ୍ର ଭେଦି ବ୍ରହ୍ମ ରନ୍ଧ୍ରେ ଯିବ ନେଇ
ବ୍ରହ୍ମ ରନ୍ଧ୍ର ବାଟେ ପ୍ରାଣବାୟୁ ବିସର୍ଜଇ ।
ସୂର୍ଯ୍ୟାୟଣ ଜାଣିକରି ଏସନ ବିଚାର
ପ୍ରାଣତ୍ୟାଗ କଲେ ଜନ୍ମ ନ ହୁଏ ଆବର ।
ପଞ୍ଚଭୂତେ ପଞ୍ଚଭୂତ ମିଶଇ ତକ୍ଷଣ
ଜୀବ ପରମେ ମିଶଇ ଏକଥା ପ୍ରମାଣ ।
ବୈକୁଣ୍ଠଧାମରେ ଯାଇ ମିଶେ ବ୍ରହ୍ମ ଅଙ୍ଗେ
ପୂର୍ବୁ ସର୍ବ କହିଅଛି କଥାର ପ୍ରସଙ୍ଗେ ।
ନିତ୍ୟସ୍ଥଳ ସେହି ନାହିଁ ଭେଦା ଭେଦ ତହିଁ
ସେଠାରେ ରହିଣ ସର୍ବ ସୁଖ ସେ ଭୁଞ୍ଜଇ ।
ମହାପ୍ରଳୟ ପର୍ଯ୍ୟନ୍ତ କରଇ ବସତି
ପୁଣି ଆରମ୍ଭ ହୋଇଲେ ସକଳ ଯେ ସୃଷ୍ଟି ।
ପୂର୍ବ ସୃଷ୍ଟି ହେତୁ ନିଜ ବାସନା ବଳରେ
ଦେହ ବହିଣ ଜନମ ହୁଅନ୍ତି ସଂସାରେ ।
କହିଲି ଗରୁଡ଼ ପଚାରିବା କଥାମାନ
ସନ୍ଦେହ ଦୂର ହେଲା କି ନାହିଁ ତୋର ମନ ।
ଶୁଣି ଗରୁଡ଼ ହୋଇଲା ଅତ୍ୟନ୍ତ ସନ୍ତୋଷ
ନତ ଶିର କରି ଭକ୍ତି କରଇ ବିଶେଷ ।
ହେ ପ୍ରଭୁ ଭୃତ୍ୟପୟରେ ଲୋଟୁ ମୋ' ଶରୀର
ପଦରଜରେ ପବିତ୍ର ହେଉ ମୋର ଶିର ।
ସ୍ୱଜନ ଜନଙ୍କ ପାଦପଦ୍ମେ ମୋର ମତି
ମୋ' ଦୋଷ ନ ଘେନ ବାରେ ଏତିକି ବିନତି ।
ଦୋଷ ଥିଲେ କ୍ଷମା ମୋତେ ଅବଶ୍ୟ କରିବ
ଦ୍ୱିଜ ଆର୍ତ୍ତତ୍ରାଣ ଦାଣ ଅତ୍ୟନ୍ତ ଗରିବ ।
ଦରିଦ୍ରଜନଙ୍କୁ ସର୍ବେ ଦୟା ଯେ କରନ୍ତି
ବାରବାର ତୁମ୍ଭ ପାଦପଦ୍ମେ ମୋର ମତି ।
ଗୀତ ବନ୍ଧରେ ରଚିଲା ଏ ପୁରାଣ ବାଣୀ
ହୀନମତି ଏହି ଅଧ୍ୟା ଶେଷ କଲି ଆଣି ।

ଇତିଶ୍ରୀ ଗରୁଡ଼ ପୁରାଣେ ନୈମିଷାୟୋ ପାଖ୍ୟାନେ ଭଗବଦ୍ ଗରୁଡ଼ ସମ୍ବାଦେ ବିରାଟ ରୂପ ଜୀବସ୍ୟ ଶରୀର ତ୍ୟାଗ ବର୍ଣ୍ଣନଂ ନାମ ସପ୍ତଦଶୋଽଧ୍ୟାୟଃ ।

—o—

ଅଷ୍ଟାଦଶ ଅଧ୍ୟାୟଃ

ମୋକ୍ଷ ପ୍ରସଙ୍ଗ ଓ ମୋକ୍ଷ କ୍ରିୟା

ଗରୁଡ଼ ଉବାଚ୍

ବିନୟେ କହେ ଗରୁଡ଼ ଦୁଇକର ଯୋଡ଼ି
ନାରାୟଣ ପାଦଯୁଗେ ବାରମ୍ବାର ପଡ଼ି ।
ଶୁଣିଲି ସର୍ବ ବୃତ୍ତାନ୍ତ ତୁମ୍ଭ ଠାରୁ ଦେବ
ମୋକ୍ଷ ପ୍ରସଙ୍ଗ ଓ କ୍ରିୟା ତାହାର କହିବ ।
ବିଭିନ୍ନ ସୁଖ କାମନା କରନ୍ତି ସକଳେ
ଶରୀର ମିଳଇ ପୁଣି ବାସନାର ଫଳେ ।
କିପରି ମୋକ୍ଷ ହୋଇବେ ଜୀବ ମର୍ତ୍ତ୍ୟପୁରେ
କ୍ରିୟା ବା କାର୍ଯ୍ୟ ତାହାର କୁହ ଶ୍ରୀମୁଖରେ ।
ଶୁଣି ଗରୁଡ଼ ବଚନ ଦେବ ନାରାୟଣ
କହିଲେ ହୋଇଣ ଦରହାସିତ ବଦନ ।

ଶ୍ରୀ ଭଗବାନ ଉବାଚ୍

ଧନ୍ୟ ଧନ୍ୟ ତୋର ବୁଦ୍ଧି ଧନ୍ୟ ତୋର ଭାବ
ଟିକି ନିଖି କରି ପଚାରୁଛୁ ପୁଣି ସର୍ବ ।
ପୂର୍ବ ତପସ୍ୟା ପ୍ରଭାବୁ ସନ୍ଧି କଥା ମାନ
ଦୃଶ୍ୟ ହେଉଅଛି ତୋତେ ବିନତା ନନ୍ଦନ ।
ପଚାର ହୋଇବ ମୋକ୍ଷ ଧର୍ମଟି ଯୁକତ ।
ସଦଗ୍ରନ୍ଥମାନ ପାଠ ନିରନ୍ତର କର
ସତ୍ୟ ଶୌଚ ଦୟା କ୍ଷମା ଚିତ୍ତ ମଧ୍ୟେ ଧର ।
କ୍ରୋଧ ହିଂସା ଦ୍ୱେଷ ଭାବ ଦୂରେ ପରିହରି
ଅରଜ ତୁ ଧର୍ମ ଅର୍ଥ କାମ ମୋକ୍ଷ ଚାରି ।
ପରଂବ୍ରହ୍ମ ମୂର୍ତ୍ତି ଯେହୁ ମହାଶୂନ୍ୟେ ବାସ
ଆନନ୍ଦ ସତ୍ୟ ସେ ଜ୍ଞାନ ସ୍ୱରୂପେ ପ୍ରକାଶ ।

Digitized by srujanika@gmail.com

ଅଦୃଶ୍ୟ ଅଭେଦ୍ୟ ଆତ୍ମା ଶୂନ୍ୟେ ଦେହ ପୁଣି
ସର୍ବ ବ୍ୟାପକ ସେ ଗୁଣ ରହିତ ବଖାଣି ।
ଭକ୍ତର ଅଧୀନ ଭକ୍ତ ଭାବରେ ସେ ବଶ
ନିରନ୍ତର ରହିଥାନ୍ତି ଭକତର ପାଶ ।
ଭକ୍ତାଧୀନ ନିତ୍ୟାମୂର୍ତ୍ତି ନିତ୍ୟ ତାଙ୍କ ସତ୍ତା
ତାଙ୍କ ଭିନ୍ନ ଅନିତ୍ୟଟି ଅଟେ ସର୍ବ କଥା ।
ଷୋଳ କଳାରୁ କଳାଏ ଦେବ ଜୀବେ ଜାତ
କରାନ୍ତି ସେହି ମହାତ୍ମା ଅଟେ ସାରସ୍ୱତ ।
ତେଣୁ ଜୀବ ପରମଙ୍କ ଅଭେଦ ପୀରତି
ଏକ ସୁସ୍ୱାଦୁ ଯେହେତୁ ସେ ଦୁହେଁ ଅଟନ୍ତି ।
ଦେହକୁ ଆତ୍ମା ବୋଲିଣଯେ ଜନ ବିଚାରେ
ଦେହରେ ହିତ ସାଧନ ଯେବା ଜନ କରେ ।
ଅନ୍ତେ ନରକେ ପଡ଼ଇ ଉଦ୍ଧାର ନ ପାଇ
ନାନା ହୀନ ଯୋନି ମଧ୍ୟେ ପୁଣି ସେ ଜନ୍ମଇ ।
ଚାରିଲକ୍ଷ ଯୋନି ଭ୍ରମେ ଅଜ୍ଞାନ ବଳରେ
ଶେଷେ ନର ଦେହ ପାଏ ସୁକୃତ ବଳରେ ।
ଅତ୍ୟନ୍ତ ଦୁର୍ଲ୍ଲଭ ଅଟେ ମନୁଷ୍ୟ ଶରୀର
ଏହି ଦେହଗୋଟି ଅଟେ ମୋହର ଯେ ଦ୍ୱାର ।
ଯେହୁ ଏହା ଭାବି ଯୋଗ ଆଶ୍ରୟ କରଇ
ଯୋଗବଳେ ବ୍ରହ୍ମଯୋଗ୍ୟ ଦେହକୁ ଲଭଇ ।
ସଚ୍ଚିଦାନନ୍ଦମୟ ଯେ ଦେବ ପରଂବ୍ରହ୍ମ
ଭକତ ହୃଦରେ ରହି ଦ୍ୟନ୍ତି ସଦଜ୍ଞାନ ।
ଅଦ୍ୱୈତ ବେଦାନ୍ତ ବାଦେ ଚିତ୍ତ ସ୍ଥିର କରି
ସର୍ବ ବ୍ରହ୍ମମୟ ଦେଖେ ଭେଦ ପରିହରି ।
ଜ୍ଞାନ ଉଦୟ ହୋଇଲେ ଜୀବ ମୋକ୍ଷ ହୁଏ
ତିଳେହେଲେ ସଂଶୟଟି ନାହିଁ ଏ ବିଷୟେ ।
ଅଜ୍ଞାନୀ ମାୟା ପାଶରେ ହୁଅଇ ବନ୍ଧନ
ଅସତ୍ୟକୁ ସତ୍ୟ ମଣି ଲଭଇ ମରଣ ।
ଅନ୍ଧକାରେ ପଡ଼ିଥିବା ରଜ୍ଜୁଖଣ୍ଡ ଦେଖି
ସର୍ପ ବୋଲି ଭୀତ ହୋଇ ହୁଏ ନିରିମାକ୍ଷୀ ।
ସତ୍ୟ ଉଦୟ ହୋଇଲେ ଅସତ୍ୟ ବିନାଶେ
ମୁକତିର ପଥଗୋଟି ତାହାକୁ ଯେ ଦିଶେ ।
ଏହି ଦେହ ଦୁଃଖ ସୁଖ ହେତୁ ଅଟେ ଜାଣ
ଏହିଦେହ ହେତୁ ନର୍କ ସ୍ୱର୍ଗ ଭୋଗ ପୁଣ ।
ଏହି ମନ ବିକାରକୁ ଛାଡ଼ିଇ ଯଦ୍ୟପି
ଭୟ କିବା ତାହାରଟି ଯମକୁ କୁତ୍ରାପି ।
ଯମ ଭୟରେ ତାହାର ଶରଣ ପଶଇ
ଇନ୍ଦ୍ରାଦି ଦେବତା ସେବା କରନ୍ତି ବିନୟୀ ।
ବହୁ ଜ୍ଞାନ ଲାଭ ହେଲେ ଧର୍ମ ଯୋଗ ପାଏ
ପ୍ରଭୁଙ୍କର ଶ୍ରୀଅଙ୍ଗକୁ ଦେଖେ ଜ୍ଞାନ ଦେହେ ।
ଜ୍ଞାନ ନୟନରେ ତାକୁ କରଇ ଦର୍ଶନ
ଦର୍ଶନ କଲେ ସେ ମୋକ୍ଷ ହୁଏ ତତକ୍ଷଣ ।
ମୋକ୍ଷ ଲାଭର ଉପାୟ ସଂକ୍ଷେପି କହିଲି
ତୋର ପ୍ରଶ୍ନର ଉତ୍ତରମାନ ମୁହିଁ ଦେଲି ।
ଏବେ ମୋକ୍ଷ କ୍ରିୟାମାନ କହିବଇଁ ତୋତେ
ସଂଶୟ ଜାଲ ଫିଟାଇ ଦେବି ତୋର ଯେତେ ।
କ୍ରିୟା ଯେ ଅଟି ଅଙ୍ଗ ଶୁଦ୍ଧର କାରଣ
କ୍ରିୟାଭ୍ରଷ୍ଟ ହେଲେ ବୃଥା ହୁଏ ଜାଣ ଜ୍ଞାନ ।
ଜ୍ଞାନଭ୍ରଷ୍ଟ ହେଲେ ତତ୍ତ୍ୱଭାବ ନ ଜାଣଇ
ତତ୍ତ୍ୱହୀନ ହେଲେ ଜୀବ ମୁକତ ନ ହୋଇ ।
ମୋକ୍ଷ ପାଇ ପ୍ରଧାନ ଯେ କ୍ରିୟାବିଧି ଅଟେ
କ୍ରିୟାବଳେ ଏ ସଂସାର ବନ୍ଧନଟି ତୁଟେ ।
ନିତ୍ୟ ନୈମିତ୍ତିକ କ୍ରିୟା ଯେ ଜନ କରଇ
ଦେହ ଶୁଦ୍ଧି ଆତ୍ମା ଶୁଦ୍ଧି ତାହାର ହୁଅଇ ।
ସ୍ନାନ ଶୁଦ୍ଧ କଲେ ଯେହ୍ନେ ନାଶ ହୁଏ ମଳ
ଶରୀରର ଜ୍ୟୋତି ବୃଦ୍ଧି ହୁଅଇ କେବଳ ।
ନିୟମରେ ପ୍ରାଣାୟାମ ବିଧିକି କରିବ
ତ୍ରିସଂନ୍ଧ୍ୟାରେ ଗାୟତ୍ରୀକି ସ୍ମରଣ କରିବ ।
ଗାୟତ୍ରୀ ଜପରେ ଆତ୍ମା ଶୁଦ୍ଧ ଏହା ଜାଣ
ଆତ୍ମା ଶୁଦ୍ଧ ପାଇଁ ଏହା ଅଟଇ ପ୍ରଧାନ ।
ଉତ୍ତମ ଶାସ୍ତ୍ରମାନଙ୍କୁ ପଠନ କରିବ
ସକଳ ଜୀବକୁ ମନୋଭାବରେ ଦେଖିବ ।
ଶୈବ ଶାକ୍ତ ସୌର ଗାଣପତ୍ୟ ଭକ୍ତ ଛନ୍ତି
ନିଜ ଉପାସ୍ୟ ଦେବଙ୍କୁ ପ୍ରଧାନ କହନ୍ତି ।
ବିଷ୍ଣୁଙ୍କୁ ପ୍ରଧାନ ବୋଲି ସେମାନେ କୁହନ୍ତି ।
ବୈଦିକ ତାନ୍ତ୍ରିକ ଜ୍ୟୋତିଷ ଯେ ବୈଜ୍ଞାନିକ
ନିଜ ନିଜ ଶାସ୍ତ୍ର ଶ୍ରେଷ୍ଠ ବୋଲି କରେ ତର୍କ ।
ଏହିସବୁ ଜାଣିବାକୁ ମନର ବିକାର
ଜ୍ଞାନୀ ଦେଖିବ ସମସ୍ତ ସମାନ ଆକାର ।
ଏକା ବିଷ୍ଣୁ ସର୍ବ ଘଟ ରହିଛନ୍ତି ପୂରି
କେହି ଛୋଟ କେହି ବଡ଼ ନୁହେଁ ହେତୁ କରି ।

Digitized by srujanika@gmail.com

ଏହି ଭେଦ ହୃଦୟରେ ଥାଏ ଯେତେ ଦିନ
ମୋକ୍ଷ ହେବା ତାହା ପକ୍ଷେ ଅଟ ବିଡ଼ମ୍ବନ ।
ବ୍ରହ୍ମଦର୍ଶୀ ଜ୍ଞାନୀ ବଡ଼ ଛୋଟ ନ ଦେଖଇ
କୀଟୁ ବ୍ରହ୍ମଯାଏ ସର୍ବ ସମାନ ଭାବଇ ।
ଏକ ବ୍ରହ୍ମ ଅଦ୍ୱିତୀୟ ଭାବିବ ସତତ
ସବୁଠାରେ ପୂରି ରହିଛନ୍ତି ବ୍ରହ୍ମ ସତ୍ୟ ।
ନ କରିବ ନିନ୍ଦା କାରେ ନ କରି ପ୍ରଶଂସା
ଦୁଃଖ ସୁଖକୁ ସମାନ ମଣିବ ସହସା ।
ସାଂସାରିକ ସୁଖକୁ ଯେ ଦୁଃଖ ବୋଲି ଜାଣ
ବ୍ରହ୍ମପ୍ରାପ୍ତ ଏକମାତ୍ର ସୁଖର କାରଣ ।
ନିନ୍ଦା କଲେ କେହି ତାକୁ ହିଂସା ନ କରିବ
କାହାର ପ୍ରଶଂସା ଶୁଣି ମୋହିତ ନୋହିବ ।
ନିନ୍ଦା ସ୍ତୁତି ଦୁହିଁଙ୍କିଟି ମଣିବ ସମାନ
ନିଜକୁ ତୃଣ ସଦୃଶ କରିବ ଗଣନ ।
ବ୍ରହ୍ମମୟ ଜଗତରେ ମୁହିଁ ଅଣୁମାତ୍ର
ଏପରି ଜ୍ଞାନ ଯଦ୍ୟପି ହୋଇବ ଉଦିତ ।
ତେବେ ବାବୁ ମୋକ୍ଷପଦ ମିଳଇ ତାହାକୁ
ବ୍ରହ୍ମାନନ୍ଦ ଲାଭ କରେ ସେ ପୁଣି କାଳକୁ ।
ଦେଖି ନ ଦେଖିଲା ପରି କରିବ ବେଭାର
ଶୁଣି ନ ଶୁଣିଲା ପ୍ରାୟ ହୋଇବ ଗମ୍ଭୀର ।
ଜଡ଼ ପରି ବ୍ୟବହାର ଜଗତେ ଦେଖାଇ
ଯୁକ୍ତି ତର୍କ ନ କରିବ ବଡ଼ିମା ଦେଖାଇ ।
ଯେ ଯାହା ଜାଣନ୍ତି ଯାହା ଯିଏ ବା କରନ୍ତି
ସେ ସକଳ ସତ୍ୟ ବୋଲି ଯେହୁ ପାରେ ଚିନ୍ତି ।
ସକଳ ବ୍ରହ୍ମ ସ୍ୱରୂପେ ସତ୍ୟ ଯେ ଅଟଇ
ବ୍ରହ୍ମ ରୂପ ଭିନ୍ନ ସର୍ବ ମିଥ୍ୟା ଯେ ବୋଲାଇ ।
ସାଂସାରିକ ସତ୍ୟ ମଧ୍ୟେ ତା' ଅଭାବେ ମିଛ
ମିଥ୍ୟା ତାକୁ ଆଶ୍ରେ କରି ସତ୍ୟ ବୋଲି ବାଛ ।
ଏହି ଭାବ ହୃଦୟରେ ଜାଗ୍ରତ ହୋଇଲେ
ମୋହ ଅଧିକାରୀ ହୁଏ ଶାସ୍ତ୍ର ଏହା ବୋଲେ ।
ଯେ ଜନ ଶାସ୍ତ୍ରକୁ ଛାଡ଼ି ଅର୍ଥ ନ ବୁଝଇ
ବିପରୀତ କରି ତାହା ହୃଦୟେ ଘେନଇ ।
ମାୟାରେ ବନ୍ଧନ ହୋଇ ପଡ଼ଇ ସେ ପ୍ରାଣୀ
ପଶୁ ସଦୃଶ ଅଟଇ ସେହି ମୂଢ଼ ପ୍ରାଣୀ ।
ସଂସାରରେ ଜନ୍ମ ଲଭେ ବିଶାଶଏ ବର୍ଷ
ଆୟ ହୁଅଇ ତାହାର ଶାସ୍ତ୍ରର ଏ ଭାଷ ।

ଦିବସ ରାତ୍ର ଭାବରେ ଅଧେ ଯାଏ କଟି
ପୁଣି ଅର୍ଦ୍ଧ ଅର୍ଦ୍ଧଭାଗ ରୋଗେ ହୁଏ କଷ୍ଟ ।
ବାଲ୍ୟ ପୌଗଣ୍ଡ ଯେ ଜରା ଅବସ୍ଥା ଭେଦରେ
ଅର୍ଦ୍ଧ ତହିଁରୁ ଆୟୁଷ ଯାଏ ନିଶ୍ଚିନ୍ତରେ ।
ଅବଶେଷେ ରହେ ଆୟୁ ବରଷ ପନ୍ଦର
ଯୌବନ କାଳରେ ଯୁବତୀକି ମଣେ ସାର ।
ରତି ରଙ୍ଗେ ମାତି ନ ମାନଇ ଭଲ ମନ୍ଦ
କିଛି ଦେଖି ନ ପାରଇ ଯେପରି ଜନ୍ମାନ୍ଧ ।
ଯୁବତୀ ଅଧର ପାତ ସୁଧା ସମ ମଣେ
ଅଙ୍ଗସ୍ପର୍ଶ ବ୍ରହ୍ମାନନ୍ଦ ସଦୃଶ ବଖାଣେ ।
ରତି ସୁଖଠାରୁ ବଳି ଆନସୁଖ ନାହିଁ
ଏହିପରି ମନ୍ଦମତି ବିଚାର କରଇ ।
କ୍ରମେ ଜରା ମାଡ଼ିବ ସେ ଶରୀରେ ତାହାର
ନାନା ଦୁଃଖ ଭୋଗେ ଶକ୍ତି ନ ପାଏ ମାତର ।
ଆୟୁ କ୍ଷୟ ହେବାରୁ ସେ ଲଭଇ ମରଣ
ଯମପୁରେ ଭୋଗଇ ସେ ନାନା ଦୁଃଖମାନ ।
ଯମପୁରର ଯାତନା କହିଅଛି ମୁହିଁ
ସେମାନ ଭୋଗଇ ଜୀବ ନିଜ କର୍ମ ପାଇଁ ।
ଭୋଗ ଶେଷେ ପୁନରପି ରଜବୀର୍ଯ୍ୟ ଯୋଗ
ଗର୍ଭର ଯନ୍ତ୍ରଣା ପୁଣ କରଇ ସେ ଭୋଗ ।
କୁକାର୍ଯ୍ୟ ହେତୁ ଜନମି କୁଫଳ ଲଭଇ
ମାୟା ବନ୍ଧନରେ ପଡ଼ି ସବୁ ପାଶୋରଇ ।
ଏହିପରି ଗତାଗତ ଲଭିଯାଏ ମୂଢ଼
ତିଳେହେଲେ ବ୍ରହ୍ମ ବସ୍ତୁ ନକରେ ସେ ଦୃଢ଼ ।
ମୁଁ ବୋଲି ଦେହକୁ ସେହି ନିରତେ ଭାବଇ
ଦେହର ପାଇଁକି ବହୁ ଯତନ କରଇ ।
ଦେହ ମାତ୍ର ଅତି ତୁଚ୍ଛ ନଭାବେ ସେଦିନେ
ଦେହ ନ ଧରିବି ମୁହିଁ କି କର୍ମରେ କେହ୍ନେ ।
ସେ ଭାବନା ତିଳେ ହେଲେ ନ ଆସଇ ତା'ର
ସବୁବେଳେ ବୋଲୁଥାଏ ମୁହିଁ ଅଟେ ମୋର ।
ଏହା ବିଚାରନ୍ତି ନାହିଁ ମୋର ଜ୍ଞାନୀ ଭକ୍ତ
ସଂସାର ମାୟା ବନ୍ଧନ ନ ଛୁଅଁଇ ଗାତ୍ର ।
ଦେହକୁ ତୁଚ୍ଛ ମଣଇ ଈଶ୍ୱର ଭଙ୍ଗୁର
ଆଖ୍ୟା ଦେଇ ଯତ୍ନ ଯେ ନ କରନ୍ତି ତାହାର ।
ମୃତ୍ୟୁଦେବ କେଶ ଆକର୍ଷଇ ସଦା ଭାବି
ସ୍ୱକର୍ମ କରନ୍ତି ତିଳେ ମାୟାରେ ନ ଡୁବି ।

Digitized by srujanika@gmail.com

ରାମକୃଷ୍ଣ ହରିନାମ ମୁଖରେ କହନ୍ତି
ସର୍ବ ବ୍ରହ୍ମମୟ ବୋଲି ବିଚାର କରନ୍ତି ।
କୀଟୁ ବ୍ରହ୍ମଯାଏ ସର୍ବେ ବ୍ରହ୍ମଙ୍କ ସ୍ୱରୂପ ।
ଦେହଗୋଟି କେବେହେଲେ ଧ୍ରୁବ ଯେ ନୁହଇଁ
ରଖିବାକୁ ଇଚ୍ଛା କଲେ କେଭେ ନ ରହଇ ।
ଏହି ଦେହର ବିନାଶ ହେବାକୁ ଚଞ୍ଚଳ
ନିରନ୍ତର ଜ୍ଞାନୀଏ ଯେ ହୁଅନ୍ତି ଆକୁଳ ।
ଦେହ ଅନ୍ତେ ନିର୍ବାଣ ମୁକତି ଯେ ମିଳିବ
ତେଣୁ ଏ ଦେହକୁ ତୁଚ୍ଛ ମନେ କରିଥିବ ।
ଏହି ଦେହଟି ଅଟଇ ଆତ୍ମାର ବନ୍ଧନ
ଏ ଦେହ ବିନାଶେ ତୁଟିଯିବ ମାୟା ଗୁଣ ।
ଏହି ଭାବ ଯାହାର ହୃଦୟେ ଜାଣ ହୁଏ
ସଂସାର ସାଗର ଅକ୍ଲେଶରେ ତରିଯାଏ ।
ବ୍ରହ୍ମରେ ଲୀନ ହୁଅଇ ସେହି ଭକ୍ତ ମୋର
ସାଯୁଜ୍ୟ ମୁକ୍ତିଟି ହାତ ମୁଠାରେ ତାହାର ।
ଅଣିମାଦି ଅଷ୍ଟ ସିଦ୍ଧ କିଙ୍କୃତ ତାହାକୁ
ଯୋଗବଳେ ସର୍ବ ପ୍ରାପ୍ତ ହୁଏ ଦେଖୁ ଦେଖୁ ।
ମୁକତିଦ୍ୱାର ଉନ୍ମୁକ୍ତ ସଦା ତା'ର ପାଇଁ
ତାହାଠାରୁ ବଳି ପ୍ରିୟ ମୋର ନାହିଁ କେହି ।

ଗରୁଡ଼ ଉବାଚ

ଏ ବଚନ ଶୁଣିଣ ଗରୁଡ଼ କରଯୋଡ଼ି
ବିନୟେ କହଇ ନାରାୟଣ ପାଦେ ପଡ଼ି ।
ସତ୍ୟ ଧର୍ମ ବିଧି ଆଦି କହିଲେକ ଯାହା
ତୀର୍ଥ ବ୍ରତ ଦେବୁ ପୂଜା ଆଦି ସର୍ବ ତାହା ।
ବୈଦିକ ଯଜ୍ଞାଦି କର୍ମ ଦାନାଦି ସକଳ
ଏହି କର୍ମମାନଙ୍କର ଧନ ଅଟେ ମୂଳ ।
ଧନୀଲୋକ କରିପାରେ ଏହି କର୍ମମାନ
ଧନହୀନ ଜନନ ଏହା କରିବ କେସନ ।
ମୁକତିର କାରଣ ଯେ ଧନ ହେଲେ ହେବ
ଧନହେତୁ ଧର୍ମକାର୍ଯ୍ୟ ହୋଇଣ ପାରିବ ।
କିନ୍ତୁ ସେହି ଧନ ହେଲେ ମନେ ଗର୍ବ ହୁଏ
ସଂସାର ମାୟାରେ ନିରନ୍ତର ଭ୍ରମୁଥାଏ ।
ଏହି ସକଳ ବୁଝାଇ କହିବ ଗୋସାଇଁ
ଦୁସ୍ତର ମାୟାରୁ ଜୀବ କେମନ୍ତ ତରଇ ।

ଶ୍ରୀ ଭଗବାନୁବାଚ

ଏ ବଚନ ଶୁଣି ଯେ କହନ୍ତି ଶ୍ରୀହରି
ଯାହା ପଚାରିଲୁ ତାହା ଶୁଣ ପନ୍ନଗାରି ।
ଅତି ତୁଚ୍ଛ ଧନ କଥା କହିଲୁଟି ଯାହା
କ୍ଷଣିକ ସେ ଧନ ଅଟେ ଘୋଟେ ତହିଁ ମାୟା ।
ବେଦବିଦ୍ୟା ମହାଧନ ପ୍ରତ୍ୟକ୍ଷ ଅଟଇ
ତାହାଠାରୁ ବଳି ଧନ ଜଗତରେ ନାହିଁ ।
ହେଲେ ସେ ନିର୍ଦ୍ଧନ ଜନ ବେଦ ବିଦ୍ୟାବନ୍ତ
ନିର୍ଦ୍ଧନ ନୁହଇ ସେହି ଜନ କଦାଚିତ ।
ବିଦ୍ୱାନ ମନୁଷ୍ୟ ଧନ ନ କରିବ ଲୋଡ଼ା
ଭିକ୍ଷାରେ ଉଦର ପୋଷେ ଭିକ୍ଷାସୀ ବାପୁଡ଼ା ।
ସାଧକ ସିଦ୍ଧି କରଇ ଯୋଗେ ଯେତେବେଳେ
ସେ ବଳେ ଅକ୍ଷୟ ଧନ ତାହାକୁଟି ମିଳେ ।
କାଳେ କାଳେ ବ୍ୟୟ କଲେ ନ ହୁଅଇ କ୍ଷୟ
ଦିନୁ ଦିନ ବଢ଼େ ଯେହ୍ନେ ବାଲ୍ମୀକି ସଞ୍ଚୟ ।
ଦିନକୁ ଦିନ ବଢ଼ଇ ବାଲ୍ମୀକି ଯେପରି
ଯୋଗବଳେ ଲବ୍‌ଧ ଧନ ବଢ଼ଇ ସେପରି ।
ଛାର ଧନ କିବା ତା'ର ହୋଇବରେ ବାବୁ
ଧନେ ବୁଦ୍ଧି ହତ ହୁଏ ଧର୍ମେ ନଷ୍ଟ ସବୁ ।
ବିଦ୍ୟାଧନ ମହାଧନ ଉତ୍ତମ ଅଟଇ
ଯାହାର ଅଛି ସେ ତରି ଅନ୍ୟକୁ ତାରଇ ।
ମୋର ଭକ୍ତ ଭକ୍ତି ବଳେ ମୋତେ ବଶ କରେ
ଆବଶ୍ୟକ ଦ୍ରବ୍ୟ ମୁହିଁ ଯୋଗାଏ ତତ୍କାଳେ ।
ଦତ୍ତ ଧନକୁ ସର୍ବଦା କରଇ ରକ୍ଷଣ
ଚୋର ଖଣ୍ଡ ନ କରନ୍ତି ତା' ଅପହରଣ ।
ମୁକ୍ତି ଇଚ୍ଛା ଯେଉଁଜନ ଅନ୍ତରେ କରଇ
ବାହ୍ୟ ଧନ ଲୋଡ଼ା ତା'ର ତିଳେମାତ୍ର ନାହିଁ ।
ତୀର୍ଥାଟନ ଆଦି ଧନ ବଳରେ ବା ହୁଏ
ଧନ ବା ବଳ ଯଦ୍ୟପି ଦେହରେ ନ ପାଏ ।
ସେ କାହୁଁ ତୀର୍ଥ କରିବ ଘରେ ପଡ଼ିଥାଇ
ବାହ୍ୟ ତୀର୍ଥ ଗମନରେ ଆସକ୍ତ ହୁଅଇ ।
ଯଦି ଜ୍ଞାନୀ ଭକ୍ତ ମୋର ସେହି ହୋଇଥିବ
ଶରୀର ମଧ୍ୟରେ ସର୍ବ ତୀର୍ଥଙ୍କୁ ଦେଖିବ ।
ସ୍ନାନ ମାର୍ଜନା କରିବ ତୀର୍ଥ ଉଦକରେ
ଅଙ୍ଗେ ଥିବା ପାପମାନ ନାଶିବ ତତ୍କାଳେ ।

Digitized by srujanika@gmail.com

ଯୋଗକୁ ଅଭ୍ୟାସ କଲେ ସକଳ ଜାଣିବ
ବେଦଶାସ୍ତ୍ର ପଢ଼ିବାର ତତ୍ତ୍ୱକୁ ବୁଝିବ ।
ସାଧୁ ସଙ୍ଗ ନିରନ୍ତରେ କଲେ ବଢ଼େ ଜ୍ଞାନ
ଜ୍ଞାନବଳେ ଦେହ ମଧ୍ୟେ ଦେଖ ତୀର୍ଥମାନ ।
ତତ୍ତ୍ୱଜ୍ଞ ହୋଇଲେ ଦିବ୍ୟ ସ୍ୱରୂପକୁ ଧରେ
ପିଣ୍ଡ ବ୍ରହ୍ମାଣ୍ଡ ଦୁହିଁଙ୍କୁ ଦେଖ ସମାନରେ ।
ବ୍ରହ୍ମ ଭିନ୍ନ ସମସ୍ତଙ୍କୁ ମିଥ୍ୟା ଯେ ମଣଇ
ବ୍ରହ୍ମ ଏକମାତ୍ର ସତ୍ୟ ବୋଲି ସେ ଭାବଇ ।
ଧନ ଦାରାସୁତ ଦେହ ସକଳ ଅନିତ୍ୟ
ଏହିମାନଙ୍କରେ ତିଳେହେଲେ ନାହିଁ ସତ୍ୟ ।
ମାୟାବଳେ ସତ୍ୟ ପ୍ରାୟ ହୁଅଇ ପ୍ରତୀତ
ମୁଗ୍ଧ ଜନ ଦେଖେ ଯଥାଶକ୍ତିକୁ ରଜତ ।
କ୍ଷଣିକ ମାୟାରେ ପଡ଼ି ଅଜ୍ଞାନ ହୁଅଇ
ରଜତ ଭ୍ରମରେ ଶକ୍ତି ସାଉଣ୍ଟ ଧରଇ ।
ପରକ୍ଷଣେ ଜାଣିପାରେ ଭ୍ରମ ବୋଲି ତାହା
ନିଜର ବୁଦ୍ଧି ନିନ୍ଦଇ ହୋଇ ବୀତସ୍ପୃହା ।
ସେହିପରି ମାୟାବଳେ ଅନାଦି ସକଳ
ଅସତ୍ୟ ହୋଇଣ ସତ୍ୟ ପରି ହୁଏ ଠୁଳ ।
ଯେତେବେଳେ ଏ ଦେହରୁ ପ୍ରାଣ ଛାଡ଼ିଯାଏ
ସେତେବେଳେ ମିଥ୍ୟା ଜାଣି ଦୁଃଖିତ ସେ ହୁଏ ।
କିସବା ନେବ ସେକାଳେ ଜ୍ଞାନୋଦୟ ହେଲେ
ବୃଥା ଅନୁତାପ ମାତ୍ର ସାର ସେହି କାଳେ ।
ଚୋରି କରି ନେଲାପରେ ସାବଧାନ ହୋଇ
କିଲାଭ ହେବ ଅନିଦ୍ରା ସାରା ଯେ ହୁଅଇ ।
ପାଣି ଚାଲିଗଲେ ବନ୍ଧ ବାନ୍ଧିଲେ କି ହେବ
ସ୍ରୋତର ଗତିକି ତହିଁ ସମ୍ଭାଳି ପାରିବ ।
ବୟସଗତ ହୋଇଲେ ବନିତା ସମ୍ଭୋଗ
ହାସ୍ୟାସ୍ପଦ ଏହିମାନ ଜାଣ ମହାଭାଗ ।
ଆଗୁ ଏମାନ କରିଲେ ଫଳ ଯେ ମିଳଇ
ଶେଷେ କେବଳ ବିପଦ ଦ୍ୱିଗୁଣେ ବଢ଼ଇ ।
ସେହିପରି ଧନ ଦାରା ସୁତାଦି ବିଷୟ
ପୂର୍ବ ମିଥ୍ୟା ମଣି ଯେବେ ହୁଏ ଜ୍ଞାନୋଦୟ ।
ତେବେଟି ତାହାର ସିଦ୍ଧି ନିଶ୍ଚୟ ହୁଅଇ
ବ୍ରହ୍ମ ପଦାର୍ଥକୁ ଯେହି ଚିହ୍ନିଣ ପାରଇ ।
ଜୀବନ ସାରା ସେ ସବୁ ସତ୍ୟ ପ୍ରାୟ ମଣି
ଦାରାସୁତ ପ୍ରୀତି ପାଇଁ ହୋଇ ପରିଶ୍ରମୀ ।
ଧର୍ମାଧର୍ମ ପାପ ପୁଣ୍ୟ ବିଚାର ନ କରି
ଦିବାରାତ୍ର ଲାଗି ଧନ ଉପାର୍ଜନ କରି ।
ହିଂସା କପଟ ଦମ୍ଭକୁ ହୃଦୟରେ ବହି
ଧନବଳେ ଅହମିକା ପଙ୍କରେ ପଡ଼ଇ ।
ନିଜକୁ ଚତୁର ବୋଲି ଭାବି ନିରନ୍ତର
ସାଧୁସନ୍ଥ ନିନ୍ଦା କରି କହଇ ଅପାର ।
ଏବେ ଆୟୁ ଶେଷକାଳେ ବୈରାଗ୍ୟ ଆସିଲେ
କି ହେବ ବୃଥା ସେ କାଳେ ଜ୍ଞାନଉଦେ ହେଲେ ।
ନଶ୍ୱର ଦେହ ସମ୍ପଦ ନଶ୍ୱର ହୁଅଇ
ସକଳ ଛାଡ଼ିଣ ଜୀବ ଯାଏ ଦୂର ହୋଇ ।
ପଞ୍ଚଭୌତିକ ଶରୀର ପଞ୍ଚଭୂତେ ମିଶେ
କେବଳ ଅପଯଶକୁ ସଂସାରଟି ଘୋଷେ ।
ସକଳେ କହନ୍ତି ମଲା ଦୂର ହେଲା ପାପ
ନିର୍ଦ୍ଦୟ ନିଷ୍ଠୁର ଲୋଭୀ ଦେଶୁ ହେଲା ଲୋପ ।
ଏତେ ଧନ ଅର୍ଜି ଶେଷେ ନିନ୍ଦନ୍ତି ସକଳେ
ଭଲ ବୋଲି କେହି ତାକୁ ନ କହନ୍ତି ବାରେ ।
ଏମାନ ଜାଣି ଯଦ୍ୟପି ସାବଧାନ ହେବ
ନିରନ୍ତରେ ଈଶ୍ୱରଙ୍କ ଚରଣ ସେବିବ ।
ନିତ୍ୟାନନ୍ଦ ଚିଦାନନ୍ଦ ଜ୍ଞାନାନନ୍ଦ ବ୍ରହ୍ମ
ସର୍ବଜ୍ଞ ସର୍ବ ବ୍ୟାପକ ଶୁଦ୍ଧ ବୁଦ୍ଧ ପୂର୍ଣଂ ।
ଏହିପରି ଭାବି ଯେହୁ ନିରତେ ଭଜଇ
ଯୋଗ ଅଭ୍ୟାସିଣ ପ୍ରାଣାୟାମକୁ କରଇ ।
ଇନ୍ଦ୍ରିୟମାନଙ୍କୁ ରଖେ ନିଜ ଅଧୀନରେ
ସର୍ବଭୂତକୁ ସମାନ ମଣଇ ଚିତ୍ତରେ ।
ଶ୍ରୀହରି ପଦ କମଳେ ନିରତେ ଭଜଇ
ସତ୍ୟ ଶୌଚ ଦୟା କ୍ଷମା ଗୁଣମାନ ବହି ।
ତେବେ ଜାଣ ସେହି ଜନ ଲଭଇ ମୁକତି
ଭାବାର୍ଣ୍ଣବକୁ ଗୋଷ୍ପଦ ମଣନ୍ତି ମୁକତି ।
ମୋର ଉପଦେଶ ବାବୁ ରଖିଥାଅ ମନ
ଯୌବନ ସୁଖଟି ଗିରିନଦୀ ସମ ଜାଣ ।
ଆୟୁଟି ବିଜୁଳି ପରି ନିମିଷେ ମାତର
ଦିନ ପଳ ଲିତା ଦଣ୍ଡ ପ୍ରହର ପ୍ରକାର ।
ଚାହୁଁ ଚାହୁଁ ଦିନ ଯାଇ ନିଶା ପ୍ରବେଶଇ
ନିଶା ଯାଇ ଦିନ ପୁଣି ଆରମ୍ଭ ହୁଅଇ ।
ଏହିପରି ସପ୍ତାହ ଯେ ପକ୍ଷ ମାସ ବର୍ଷ
ହୋଇ କଟିଯାଏ ଜାଣ ଜୀବର ଆୟୁଷ ।

Digitized by srujanika@gmail.com

ଜାଣି ନ ପାରଇ ପ୍ରାଣୀ ତା'ର ଗତି ବିଧି
କିପରି ତରିବ କୁହ ସଂସାର ବାରିଧି ।
ଧୀର ସ୍ଥିର ଯେଉଁଜନ ଗୁରୁ ମୂଳ କରି
ତାଙ୍କୁ ଆରାଧନା କରେ ଦୃଢ଼ ଭାବେ ଧରି ।
ତାହାଙ୍କ ଦତ୍ତ ମନ୍ତ୍ରକୁ ଦୃଢ଼େ ଭଜୁଥାଇ
ଗୁରୁ କର୍ଣ୍ଣଧାର ଭବ ସିନ୍ଧୁ ପାର ପାଇଁ ।
ମୁଖେ ରାମକୃଷ୍ଣ ନାମ ଉଚ୍ଚାରେ ସର୍ବଦା
ବିଷ୍ଣୁ ଉଦ୍ଦେଶ୍ୟରେ କର୍ମ କରୁଥାଇ ସଦା ।
ସାଧୁ ସନ୍ଥ ଅଭ୍ୟାଗତ ଶକ୍ତି ଅନୁସାରେ
ପୂଜାରେ ତାହାଙ୍କ ଚିତ୍ତ ଯେ ସନ୍ତୋଷ କରେ ।
ତାହାର ମୁକତି ପଥ କରତଳଗତ
ଅନ୍ୟଥା ଯମ ଯନ୍ତ୍ରଣା ଭୋଗଇ ନିୟତ ।
ମତ୍ତଗର୍ବେ ଗୁରୁବାକ୍ୟ ଯେ ମୂଢ଼ ନ ଶୁଣେ
ମନ୍ତ୍ର ନେଇଅଛି ବୋଲି ନିଜ ମୁଖେ ଭଣେ ।
ଦେଖାଇବା ପାଇଁ ଚିତା ଚଇତନ କାଟି
ଉତ୍ତମ ସାଧୁ ବୋଲିଣ ଯେହ୍ନୁ ପ୍ରକାଶଟି ।
ବଡ଼ ବଡ଼ କଥାମାନ ମୁଖରେ କହଇ
ଦିନେହେଲେ ରାମକୃଷ୍ଣ ସେ ଉଚ୍ଚାରେ ନାହିଁ ।
ନିରନ୍ତର କୂଟ କପଟକୁ ଆଶ୍ରା କରେ
ଖଚ ମିଛ କହି ଯେ ଲୋକଙ୍କୁ ତୋଷ କରେ ।
ଜନ କାମିନୀ ଲମ୍ପଟ ନିରତେ ଇଚ୍ଛଇ
ଲୋକଙ୍କୁ ଭଣ୍ଡିଣ ଭଣ୍ଡ ତପସ୍ୱୀ ବୋଲାଇ ।
ଦିନରେ କରଇ ଉପବାସ ଯେ ନିରତ
ନିଶାରେ ଆମିଷ ପାକ କରଇ ସତତ ।
ବିଭୂତି ସର୍ବାଙ୍ଗେ ବୋଳି ଶିରେ ଜଟାଭାର
କଷାୟ ବସନ ପିନ୍ଧି ଦଣ୍ଡ ଧରେ କର ।
ଶଠାଗ୍ରଣୀ ସେହି ଲୋକ ଜାଣିବ ସର୍ବଦା
କପଟୀ ସାଧୁ ସେ ତାକୁ ପରିହାର ସଦା ।
ଏପରି ପ୍ରାଣୀର ଯେବେ ମରଣର ବେଳ
ଉପସ୍ଥିତ ହୁଏ ତେବେ ପ୍ରବେଶଇ କାଳ ।
ବିକଟାଳ ରୂପ ଧରି ଆକର୍ଷଣ କରେ
ମାୟା ରୂପକୁ ଦେଖାଇ ତା' ମଧ୍ୟରେ ଭରେ ।
ସଞ୍ଜିବନୀ ପୁରକୁ ଯେ ନିଅଇ ତାହାକୁ
ଯାତନ ପଥରେ ଦେଇ ନାନା ଯାତନାକୁ ।
ଦଣ୍ଡ ପ୍ରହାର କରଇ ଉପରେ ତାହାର
ଯମ ଯାତନା ଯେପରି ଶୁଣିଛି ପୂର୍ବରୁ ।
ସେହି ସବୁ ଭୋଗ ତହିଁ କରିଣ ଆକୁଳ
କ୍ଷୁଧା ତୃଷାରେ ହୁଅଇ ଅତ୍ୟନ୍ତ ବ୍ୟାକୁଳ ।
ନ ମିଳଇ ଅନ୍ନ ତାକୁ ନ ମିଳଇ ଜଳ
କଣ୍ଠ ତାକୁ ଶୁଷ୍କ ହୁଏ ତା'ର ସଦାକାଳ ।
ପ୍ରଳୟ ପର୍ଯ୍ୟନ୍ତ ଦଣ୍ଡ ସେଠାରେ ଭୋଗଇ
ପ୍ରଳୟ କାଳରେ ସୁଖେ କିଛି କାଳ ଥାଇ ।
ପ୍ରଳୟାନ୍ତେ ସୃଷ୍ଟି ଯେବେ ଆରମ୍ଭ ହୁଅଇ
ନୀଚ ଯୋନିରେ ତାହାର ଜନମ ହୁଅଇ ।
ସେ ଜନ୍ମରେ ବହୁ ଦୁଃଖ ପାଏ ଏଇ ଲୋକେ
ଦୁଃଖେ ପଡ଼ି ପାପ ତତ୍ତ୍ୱ କରେ ଅତିରେକ ।
ସେହି ପାପେ ଘାଣ୍ଟିହୋଇ ଯଥାକାଳେ ମରେ
ପୁଣି ଜନମ ମରଣ ଦୁଃଖ ଭୋଗ କରେ ।
ଯମ ଯନ୍ତ୍ରଣା ସହିତେ ଐହିକ ଯନ୍ତ୍ରଣା
ରୋଗ ବ୍ୟାଧି ମନସ୍ତାପ ପରର ଗଞ୍ଜଣା ।
ତାହାର ଭାଗ୍ୟରେ ଲେଖା ହୋଇଅଛି ଜାଣ
ଆହେ ବୈନତେୟ ତେଣୁ କର ବ୍ରହ୍ମଧ୍ୟାନ ।
ତୁଟିବ ସଂସାର ବାଧା ମୁକତି ହୋଇବ
ନିରନ୍ତର ନିତ୍ୟପୁର ସୁଖେ ବିଳସିବ ।
ପଚାରିବା କଥାମାନ ବୁଝାଇ କହିଲି
ଗ୍ରନ୍ଥ ସମାପତ ଆଜି ଏହି ଭାବେ କଲି ।
ଆଉ ଯାହା ଇଚ୍ଛା ତୋର ଅନ୍ୟଗ୍ରନ୍ଥେ ତୋତେ
କହିବଇଁ ଶୁଣିବାକୁ ଶ୍ରଦ୍ଧା ଯେବେ ଚିତ୍ତେ ।
ଗରୁଡ଼ ପୁରାଣ ବାଣୀ ଅପୂର୍ବ ଅଟଇ
ଜୀବ ଉଦ୍ଧାର ପାଇଁକି ପ୍ରକୃଷ୍ଟ ଅଟଇ ।
ନିରନ୍ତର ଏହି ଗ୍ରନ୍ଥ କରିଲେ ପଠନ
ଅକ୍ଲେଶେ ମିଳଇ ତାକୁ ଚତୁର୍ବର୍ଗ ଜାଣ ।
ଶୁଣିଣ ଗରୁଡ଼ କୃତ୍ୟ କୃତ୍ୟ ବହୁ ହେଲା
ଶ୍ରୀହରି ଚରଣ ତଳେ ଦଣ୍ଡବତ କଲା ।

ଗରୁଡ଼ ଉବାଚ

ଶୁଣିଲି ହରି ମୁଖରୁ ଅପୂର୍ବ ଆଖ୍ୟାନ
ସନ୍ଦେହ ଗ୍ରନ୍ଥି ମୋହର ହୋଇଲା ମୋଚନ ।
ଆହେ ଦେବ ଦେବ ମୋର ବିନତି ଘେନିବ
ଭୃତ୍ୟାଧମେ ଏହି ଆଶୀର୍ବାଦକୁ କରିବ ।
ସାଧୁ ସଙ୍ଗେ ଗ୍ରନ୍ଥ ପାଠେ ଦାନ ଧର୍ମ କର୍ମେ
ମତି ରହିଥିବ ମୋର ଯେପରି ନ ଭ୍ରମେ ।

Digitized by srujanika@gmail.com

ବ୍ରହ୍ମ ସ୍ୱରୂପ ଆପଣଙ୍କ ପାଦ ସୁମନ
ନିରନ୍ତର ମନ ମୋର କରୁଥିବ ଧ୍ୟାନ ।
ଅସତ ସଙ୍ଗ ଯେପରି ଭ୍ରମରେ ନ କରେ
ଚିତ୍ତ ଜଡ଼ିତ ନ ହେଉ ବିଷୟା ଭୋଗରେ ।
ଏହା କହି ନତଶିରେ ପଡ଼ି ତାଙ୍କ ପାଦେ
ଶ୍ରୀଚରଣୁ ଧୂଳି ନେଇ ଶିରେ ଦେଲା ହାଦେ ।
ଆହେ ସୁଜ୍ଞ ନରେ ମୋର ଦୋଷ ନ ଧରିବ
ଦୋଷ ଥିଲେ ଗୁଣପରି ଗ୍ରହଣ କରିବ ।
ସେହିସବୁ କଥା ନ ଜାଣଇ ଏହା ସତ୍ୟ
ଥାଇପାରେ ମୋର ଦୋଷ ଏଥିରେ କିଞ୍ଚିତ ।
ନିଜ ଗୁଣେ କ୍ଷମା ମୋତେ କରିବ ଆପଣ
ଆପଣଙ୍କ ପାଦପଦ୍ମେ ପଶିଲି ଶରଣ ।
ଦୋଷଯୁକ୍ତ ମୋର ବାଣୀ ହୋଇଥିବ ସତ
କିନ୍ତୁ ଏ ବିଷୟମାନ ନୁହେଁ ଦୋଷଯୁକ୍ତ ।
ଶ୍ରୀହରି ଗରୁଡ଼ଙ୍କର ସମ୍ବାଦ ଅଟଇ
ଶ୍ରୀମୁଖରେ ନାରାୟଣ ଗରୁଡ଼େ ବୁଝାଇ ।
ତାହାଙ୍କ ବାଣୀ ସକଳ ଦେବଠାରୁ ବଳି
ତେଣୁ ଆପଣଙ୍କ ପାଦେ ମୁହିଁ କରେ ଅଳି ।
ଗୁଣର ଗ୍ରାହକ ଗୁଣ ବାଛି ଘେନିଯାଏ
ନିର୍ଗୁଣ ପଦାର୍ଥ ସେହିଠାରେ ପଡ଼ିଥାଏ ।
ହଂସ ନୀର ଛାଡ଼ି କ୍ଷୀର ଗ୍ରହଣ କରଇ
ସାଧୁଏ ହଂସ ସଦୃଶ ବିଚାରଇ ମୁହିଁ ।
ଦୋଷରୂପ ନୀର ସେ ଗ୍ରହଣ ନ କରନ୍ତି
ନିର୍ଦ୍ଦୋଷ କ୍ଷୀର ଦେଖିଲେ କେବେ ନ ଛାଡ଼ନ୍ତି ।
ଦୟା କରି ମୋର ଦୋଷ କ୍ଷମିବେ ଅବଶ୍ୟ
ସାଧୁ ସନ୍ଥଙ୍କ ଚରଣେ ମୁହିଁ କିଣା ଦାସ ।
ଶରଣ ପଶିଲା ଦୀନ ହୀନ ଆର୍ତ୍ତତ୍ରାଣ
ଦୋଷ କ୍ଷମି ଶୁଣ ନିଜେ କରନ୍ତୁ ଗ୍ରହଣ ।
ଦୁର୍ଜନ ସୁଜନ ସମ କରଇ ପ୍ରଣତି
ଦୋଷ ବାଛିବା ତାହାଙ୍କ ଅଟଇ ପ୍ରକୃତି ।
ଦୋଷ ନଥିଲେ କି ଦୋଷ ବୋଲିଣ କହନ୍ତି
ତାହାଙ୍କ ଚକ୍ଷୁରେ ଦୋଷୀ ସକଳେ ଦିଶନ୍ତି ।
ତେଣୁ ତାହାଙ୍କୁଟି ମୋର ତିଳେ ନାହିଁ ଭୟ
ଅଦୋଷୀର ଦୋଷ ଅଟେ ଦୋଷଟି ନିଶ୍ଚୟ ।
ଶ୍ରୀହରି ଗରୁଡ଼ ବାଣୀ ଗୀତବନ୍ଧ ଯୁତେ
ଠିକେ ଠିକେ ବିରଚିଲି ଆଣି ମୁହିଁ ଗୀତେ ।
ଭାବ ସଂଗ୍ରହ କରିଣ ନିଜ ରଚନାରେ
ପ୍ରକାଶ କରିଲି ଏହା ଚତୁର୍ଦ୍ଦଶାକ୍ଷରେ ।
ନାମ ମୋର ଆର୍ତ୍ତତ୍ରାଣ ଦାଶ ମୁଁ ବ୍ରାହ୍ମଣ
ଆର୍ତ୍ତତ୍ରାଣଙ୍କ ପୟରେ ସଦା ମୋ' ଶରଣ ।
ଆର୍ତ୍ତୀ ଆର୍ତ୍ତହାରୀ ଆର୍ତ୍ତତ୍ରାଣ ଯେ ବୋଲନ୍ତି
ସ୍ମରଣେ ଭବସାଗରେ ସେ ହେଳେ ତରନ୍ତି ।
ତାହାଙ୍କ କୀର୍ତ୍ତି କଳାରୁ କଣାଏ ପାଇଲି
ଦୋଷାଦୋଷ ତାଙ୍କ ପାଦପଦ୍ମେ ନିବେଦିଲି ।
ଯଦି ଲେଖାରେ ଥିବଟି କିଛି ଗୁଣମାନ
ସେ ସର୍ବ ତାଙ୍କର ମୋର ନୁହେଁ କଦାଚନ ।
ଦୋଷମାନ ମୋହରଟି ସର୍ବଥା ଅଟଇ
ତାହାଙ୍କ ପାଦପଦ୍ମରେ ଚିତ୍ତ ନିବେଶଇ ।
କ୍ଷମା ଦେବ ଅପରାଧ ସହସ୍ର ମୋହର
ଦୀନ ହୀନେ କିଞ୍ଚିତରେ କରୁଣା ଯେ କର ।
ଅନ୍ତିମ କାଳରେ ଯେହ୍ନେ ଶ୍ରୀପଦ ରାଜିବ
ମୋର ମୁଢ଼ମନ ବାରେ ସେ ଦୁଇ ଭଜିବ ।
ତ୍ୟଜିବ ଚିତ୍ତରୁ ସର୍ବ କାମନା ବିଷୟ
ମଜ୍ଜିବ ପାଦ ପଙ୍କଜ ମୋ' ମନ ନିଶ୍ଚୟ ।
ରାଜୀବ ଲୋଚନ ତୁମ୍ଭ ରାଜୀବ ଚରଣ
ନିରନ୍ତର ମୋର ମନ କରୁଥାଉ ଧ୍ୟାନ ।
ଚିତ୍ରଗୁପତେ କିତାପୁ ଗୁପତେ ମୋ' ନାମ
ଲିଭାଇ ଦେବ ଶ୍ରୀହରି ହେ ଅଘନାଶନ ।
ମୁହିଁ ମହାପାପୀ ପାପ ନାଶନଟି ତୁମ୍ଭେ
ତୁମ୍ଭ ଚରଣେ ଶରଣ ପଶିଲଇଁ ଦମ୍ଭେ ।
ଆର୍ତ୍ତତ୍ରାଣ ଶ୍ରୀପୟରେ ଦୀନ ଆର୍ତ୍ତତ୍ରାଣ
ନିରୁପାୟ ହୋଇକରି ପଶିଲା ଶରଣ ।
ରକ୍ଷା କରି କ୍ଷମା କର ପାପରାଶି ନାଶ
ମୁହିଁ ପରା ତୁମ୍ଭ ଦାସମାନଙ୍କର ଦାସ ।

ଇତିଶ୍ରୀ ଗରୁଡ଼ପୁରାଣେ
ନୈମିଷାୟୋପାଖ୍ୟାନେ ଭଗବାନ ଗରୁଡ଼
ସମ୍ବାଦେ ମୋକ୍ଷ ପ୍ରସଙ୍ଗ ମୋକ୍ଷକ୍ରିୟା ବର୍ଣ୍ଣନଂ
ନାମ ଅଷ୍ଟାଦଶୋଽଧ୍ୟାୟଃ ।

—0—

Digitized by srujanika@gmail.com

ଊନବିଂଶ ଅଧ୍ୟାୟଃ

ଫଳଶ୍ରୁତି

ଗରୁଡ଼ ଉବାଚ୍

ଗରୁଡ଼ ବିନୟ ଭରେ କହଇ ବଚନ
ତୁମ୍ଭ ଶ୍ରୀମୁଖୁ ଶୁଣିଲି ପୁରାଣ ଆଖ୍ୟାନ ।
ସନ୍ଦେହମାନ ମୋହର ମନୁ ଦୂର ହେଲା
ଫଳଶ୍ରୁତି ଶୁଣିବାକୁ ଏବେ ଇଚ୍ଛା ହେଲା ।
ଦୟା କରି ଫଳଶ୍ରୁତି କୁହନ୍ତୁ ଶ୍ରୀହରି
ଯାହାକୁ ଶୁଣିଲେ ଭବସିନ୍ଧୁ ଯିବି ତରି ।
ଶୁଣିଣ ଶ୍ରୀ ଭଗବାନ କହନ୍ତି ହରଷେ
ପୁରାଣାନ୍ତେ ଫଳଶ୍ରୁତି ଶୁଣ ତୁହି ତୋଷେ ।

ଶ୍ରୀ ଭଗବାନ ଉବାଚ୍

ପୁରାଣର ଶେଷେ ଫଳଶ୍ରୁତି ନ ଶୁଣିଲେ
ପୁରାଣ ଶ୍ରବଣ ଫଳ ନ ମିଳଇ ଭଲେ ।
ପୁତ୍ର ପିତୃ ମୃତାହାଦି କ୍ରିୟାମାନ କରି
ଦଶ ଦିବସରେ ଶୁଦ୍ଧ ଶୌଚ ହୋଇ କରି ।
ଏକାଦଶ ଦିବସରେ ନିଶ୍ଚଳ ମନରେ
ଗରୁଡ଼ ପୁରାଣ ଶୁଣେ ଯେହୁ ସୁଚିତ୍ତରେ ।
ପିତାଙ୍କର ଆତ୍ମା ଗତି ମୁକତ ଲଭଇ
ଯେତେ ଦୁଷ୍କୃତ ତାହାର ସର୍ବ କ୍ଷୟ ଯାଇ ।
ଜନ୍ମାନ୍ତର ପାପରାଶି ତୁଳାଚଳ ସମ
ଏ ପୁରାଣେ ବାଣୀ ଅଗ୍ନି ବୋଲି ଚିତ୍ତେ ଘେନ ।
ତୁଳା ପର୍ବତରେ ଅଗ୍ନି କଣିକା ମାତର
ପଡ଼ିଲେ ପୋଡ଼ି କରଇ ହେଳେ ଛାରଖାର ।
ସେହିପରି ଜନ୍ମ ଜନ୍ମାନ୍ତର ପାପ ଯେତେ
ଏ ପୁରାଣ ଶ୍ରବଣରେ ନ ରହେ କିଞ୍ଚିତେ ।
ଯେହୁ ଦାନ ଧର୍ମ ଆଦି ତିଳେ ନ କରଇ
ଶ୍ରଦ୍ଧାରେ ଯେବେ ଗରୁଡ଼ ପୁରାଣ ଶୁଣଇ ।
ସକଳ ପାପ ବିନାଶ ହୁଅଇ ତାହାର
ତତକ୍ଷଣେ ଚଳିଯାଏ ବଇକୁଣ୍ଠପୁର ।
ଏକାଦଶାହାଦି ଦାନ ଷୋଡ଼ଶ ପ୍ରକାରେ
ଯାହା ଯାହା କହିଅଛି ତୋହର ଆଗରେ ।
ଗରୁଡ଼ ପୁରାଣ ଦ୍ୱିଜ ମୁଖରୁ ଶୁଣିବ
ସକଳ କର୍ମର ଫଳ ତକ୍ଷଣେ ଲଭିବ ।
ପ୍ରେତ ବଇକୁଣ୍ଠ ଗତି ତାହାର ଲଭିବ
କୋଟିତୀର୍ଥ ଗମନରେ ଫଳ ଯେ ମିଳିବ ।
ଯଜ୍ଞ ଦାନ ତପ ଫଳ ଅବଶ୍ୟ ଲଭିବ
ଶ୍ରାଦ୍ଧ କାଳେ ଯେହୁ ଲୋକ ଏହାକୁ ପଢ଼ିବ ।
ଯେଉଁ ଶ୍ରଦ୍ଧାରେ ସ୍ୱଗୃହେ ସଂକଳ୍ପ କରିଣ
ବ୍ରାହ୍ମଣ ମୁଖରୁ ଶୁଣେ ଗରୁଡ଼ ପୁରାଣ ।
ପୁରାଣରେ ବସାଇଣ କାଷ୍ଠାସନ ପରେ
ଧୂପ ଦୀପାଦି ଦେଇଣ ପୂଜଇ ଭକ୍ତିରେ ।
ଶ୍ରଦ୍ଧା ମନରେ ପ୍ରତ୍ୟହ ଏ ପୁରାଣ ଶୁଣି
ପୁରାଣର ସମାପନେ ତୋଷେ ଦ୍ୱିଜମଣି ।
ଶ୍ରଦ୍ଧା ଅନୁସାରେ କରି ପାୟସ ନୈବେଦ୍ୟ
ପୁରାଣରେ ଶ୍ରୀହରିଙ୍କ ପାଦେ ସମର୍ପିବ ।
ବ୍ରାହ୍ମଣକୁ ଭୋଜନ କରାଇ ହୃଷ୍ଟଚିତ୍ତେ
ନିଜେ ଭୋଜନ କରିବ ଜ୍ଞାତିଙ୍କ ସହିତେ ।
ବ୍ରାହ୍ମଣକୁ ନବବସ୍ତ୍ର ସହିତେ ଦକ୍ଷିଣା
ଦେଇ ବିନୟ ଭାବରେ କରିବ ପ୍ରାର୍ଥନା ।
ଆହେ ଦେବ ନାରାୟଣ ସ୍ୱରୂପ ଗୋସାଇଁ
ମୋର ଅପରାଧମାନ କ୍ଷମ ଦୟା ବହି ।
ଶକ୍ତି ହୀନ ମୁହିଁ ଅବା କି ପାରିବି ଦେଇ
ଫଳ ପୁଷ୍ପରେ ସନ୍ତୋଷ ହୁଅନ୍ତି ଗୋସାଇଁ ।
ଏହିପରି ଯେଉଁ ଜନ ପୁରାଣ ଶୁଣିବ
ପାତକ ତିଳେ ହେଁ ତା'ର ଦେହେ ନ ରହିବ ।
ଦିନକୁ ଦିନ ଯେ ଧର୍ମ ବଢ଼ଇ ତାହାର
ବୈକୁଣ୍ଠ ପ୍ରାପ୍ତି ହୁଅନ୍ତି ଅନ୍ତିମେ ତାହାର ।
ବ୍ରାହ୍ମଣ ଶୁଣିଲେ ବ୍ରହ୍ମବିଦ୍ୟା ଲାଭ ହୋଇ
କ୍ଷତ୍ରିୟ ଶୁଣିଲେ ରାଜ୍ୟ ଲାଭକୁ କରଇ ।
ବୈଶ୍ୟ ଶୁଣିଲେ ବାଣିଜ୍ୟ ଧନ ଲାଭ କରେ
ଶୂଦ୍ର ଶୁଣିଲେ ସଂସାରେ ସୁଖରେ ବିହରେ ।
ସହସ୍ରେ ଗୋଦାନ କଲେ ଲଭଇ ଯେ ଫଳ
କୋଟିତୀର୍ଥ ଗମନ କରିଲେ ଯେଉଁ ଫଳ ।
ଗ୍ରହଣ କାଳରେ ଯଦି ଶୁଣି ଏ ପୁରାଣ
ନିଶ୍ଚୟ ସେହି ଫଳକୁ ଲଭିବଟି ଜାଣ ।
ମହା ରୋଗମାନ ତା'ର ବିଦୂରିତ ହେବ
ଗ୍ରହ ଦଶାମାନ କ୍ଷୟ ତକ୍ଷଣେ ହୋଇବ ।
ଦିନୁ ଦିନ ଧନ ଜନ ଗୋପଲକ୍ଷ୍ମୀ ଆଦି
ପୁରାଣ ଶ୍ରବଣକାରୀଙ୍କର ହେବ ବୃଦ୍ଧି ।

Digitized by srujanika@gmail.com

ଧର୍ମ ଅର୍ଥ କାମ ମୋକ୍ଷ ଏହି ଚତୁବର୍ଗ
ଅନାୟାସରେ ମିଳିବ ବଇକୁଣ୍ଠ ଭୋଗ ।
ଆଶ୍ୱିନ କୃଷ୍ଣପକ୍ଷରେ ପିତୃପକ୍ଷ ହେଲେ
ସଂକଳ୍ପ କରିଣ ଯେହୁ ଶୁଣେ ଏହା ଭଲେ ।
ପିତୃ ପୁରୁଷେ ତାହାର ମୁକତି ଲଭନ୍ତି
ତାଙ୍କ ଆଶୀର୍ବାଦେ ପୁତ୍ରେ ସୁଖେ ବିହରନ୍ତି ।
ପିତା ମାତାଙ୍କର ଅବା ବାର୍ଷିକ ଶ୍ରାଦ୍ଧରେ
ଶ୍ରାଦ୍ଧାନ୍ତ ତର୍ପଣ କରି ଯଥା ବିଧାନରେ ।
ତଦନ୍ତରେ ଗରୁଡ଼ ପୁରାଣ ଯେ ସୁଚିତ୍ତେ
ନିଜେ ପଢ଼ିବ ବା ବିପ୍ରେ ପଢ଼ାଇ ତୁରିତେ ।
ତାହାର ଅଶେଷ ଫଳ କେ ବର୍ଣ୍ଣିପାରିବ
ଯାହା ମନାସିବ ତାହା ନିଶ୍ଚୟ ପାଇବ ।
କିନ୍ତୁ ପୁରାଣ ଶ୍ରବଣ ବ୍ରାହ୍ମଣ ମୁଖରୁ
କରିବାର ବିଧି ଅଛି ବହୁତ କାଳରୁ ।
ପୁରାଣ ଶୁଣି ବ୍ରାହ୍ମଣେ ଦକ୍ଷିଣା ଯେ ଦେବ
ବସ୍ତ୍ର ଅଳଙ୍କାର ଆଦି ଯାହାଟି ସମ୍ଭବ ।
ଶକ୍ତି ଅନୁସାରେ ସନ୍ତୋଷିବ ବ୍ରାହ୍ମଣଙ୍କୁ
ନୋହିଲେ ପାପ ହୋଇବ କହିଲି ତୁମ୍ଭଙ୍କୁ ।
ପୁରାଣ ଶୁଣିଣ ଯେହୁ ଦକ୍ଷିଣା ନ ଦେଇ
ତାହାର ପାତକ ମୁଖେ କହିତ ନୁହଇ ।
ବିପ୍ରଙ୍କୁ ପ୍ରାର୍ଥନା କରି ତାଙ୍କ ଆଶୀର୍ବାଦ
ଗ୍ରହଣ କରିବ ନମି ତାହାଙ୍କର ପାଦ ।
କୋଟି ଜନ୍ମ ପାପ ନାଶ ତାହାର ହୁଅଇ
ଅନ୍ତିମେ କୈବଲ୍ୟ ପଦ ଅବଶ୍ୟ ମିଳଇ ।
ଏହି ପୁରାଣର ବାଣୀ ଅପୂର୍ବ ଅଟଇ
ଶୁଣିଲେ ଅଙ୍ଗରେ ତିଳେ ପାପ ନ ରହଇ ।

ସଂସାର ଜନ ହିତରେ ଗରୁଡ଼ ଯତିଙ୍କୁ
ନାରାୟଣ କହିଥିଲେ ପୂର୍ବେ ବ୍ୟାସ ତାଙ୍କୁ ।
ସଂସ୍କୃତ ଶ୍ଳୋକ ଛନ୍ଦରେ ଲେଖି ଯାଇଛନ୍ତି
ପଦ୍ୟ ବନ୍ଧେ ମୁକତ ମୁଁ କରିଲି ସମ୍ପ୍ରତି ।
ଗରୁଡ଼ ପୁରାଣ ବାଣୀ ଆଦି ଅନନ୍ତ ନାହିଁ
କେ ମୁଖେ ବର୍ଣ୍ଣି ପାରିବ ତାହାକୁ ଚିତୋଇ ।
ମନୁଷ୍ୟ ମାତ୍ରେ ଥାଏଟି ଭ୍ରମ ଓ ପ୍ରମାଦ
ମୁହିଁ ବଞ୍ଚିତ ନୁହଁଇ କେଭେ ତା'ର ମଧ୍ୟ ।
ତେଣୁ ସାଧୁ ସୁଜ୍ଞନରେ ନ ଘେନିବ ଦୋଷ
କ୍ଷମା ଦେବ ଦୀନହୀନେ ନ ବହିଣ ରୋଷ
ଶେଷେ ପାଦପଦ୍ମରେ ମୁଁ ଶରଣ ପଶିଲି
ଦୋଷ କ୍ଷମା କରିବାକୁ ପ୍ରାର୍ଥନା ମୁଁ କଲି ।
ଦୟା କର ଦୟାମୟ ଅଧମ ଜନରେ
ମହାପାପୀ ପଡ଼ିଛି ମୁଁ ଏ ଭବ ସିନ୍ଧୁରେ ।
ତୁମ୍ଭ ଦୟା ତରୀରେ ଯେ ତୁମ୍ଭେ କର୍ଣ୍ଣଧାର
ହୋଇଣ ଏ ଦୀନ ଆର୍ତ୍ତ ଦାଶେ ପାରି କର ।
ଦିନେହେଲେ ତୁମ୍ଭ ନାମ ମୁଖେ ନ ଭଜଇ
ତୁମ୍ଭ ଭକ୍ତଙ୍କର ସଙ୍ଗ କେଭେ କରି ନାହିଁ ।
କେବଳ ପାପ ପଙ୍କରେ ମୂର୍ଖ ଗଜ ସମ
ନିରନ୍ତର ଘାଣ୍ଟି ହୋଇ ପାଉଅଛି ଶ୍ରମ ।
ଦୟାନିଧି ପତିତପାବନ ତୁମ୍ଭେ ଯେଣୁ
ଶ୍ରୀପଦ ନଳିନେ ମୋର ଭରସାଟି ତେଣୁ ।
କେତେ ପାପୀ ତରିଛନ୍ତି ତୁମ୍ଭ ନାମ ଗାଇ
ଦୀନ ଆର୍ତ୍ତତ୍ରାଣ ଯେଣୁ ବିନୟ କରଇ ।
ଭବସାଗର ତରଣେ ହରିନାମ ସାର
ଆନନ୍ଦରେ ହରି ହରି ବୋଲି ସର୍ବ ନର ।

ଇତିଶ୍ରୀ ଗରୁଡ଼ପୁରାଣେ ନୈମିଷାୟୋପାଖ୍ୟାନେ ଭଗବାନ ଗରୁଡ଼ ସମ୍ବାଦେ
ଫଳଶ୍ରୁତି ଶ୍ରବଣଂ ନାମ ଉନବିଂଶୋଽଧ୍ୟାୟଃ ।।

— ସମାପ୍ତୋୟଂ ଗ୍ରନ୍ଥଃ ଶ୍ରୀ ଶୁଭମସ୍ତୁ —

ଭୀମସ୍ୟାପି ରଣେ ଭଙ୍ଗୋ ମୁନେରପି ମତିଭ୍ରମ
ଯଦି ଶୁଦ୍ଧମଶୁଦ୍ଧଂ ବା ମମ ଦୋଷୋ ନ ବିଦ୍ୟତେ ।

—0—

Digitized by srujanika@gmail.com

ଧର୍ମଗ୍ରନ୍ଥ ଷ୍ଟୋରର କେତେକ ଗ୍ରନ୍ଥ

ଆୟୁର୍ବେଦ ଶିକ୍ଷା ବା ଚିକିତ୍ସା ଶିରୋମଣି (ବନ୍ଧାଇ ସହ) ....
ଓଡ଼ିଶା ପ୍ରାଚୀନ ସାହିତ୍ୟର ନିର୍ଗୁଣ ଧାରା ....
ସତ୍ୟାର୍ଥ ପ୍ରକାଶଃ ....
ଓଡ଼ିଶାର ରଙ୍ଗମଞ୍ଚ ଇତିହାସ ....
ଶଙ୍କରାଚାର୍ଯ୍ୟଙ୍କ ଜୀବନୀ ....
ଜଗନ୍ନାଥ ବା ଶ୍ରୀକ୍ଷେତ୍ର ମହାତ୍ମ୍ୟ ....
ଶିବାଗମ ଭାଗବତ ....
ଶ୍ରୀମଦ୍‌ଭାଗବତ ମହାତ୍ମ୍ୟ ....
ଧର୍ମ ପୁରାଣ ....
ଶ୍ରୀକୃଷ୍ଣ ବିଳାସ ....
ବିଶ୍ୱାମିତ୍ର ପୁରାଣ ....
ବିଚିତ୍ର ହରିବଂଶ ....
ଅଧ୍ୟାତ୍ମ ଜ୍ୟୋତିଷ ବିଚାର ....
ଶ୍ରୀ ଶ୍ରୀ ବିଷ୍ଣୁଭକ୍ତି ରତ୍ନାବଳୀ ବା ଭକ୍ତ ସର୍ବସ୍ୱ ....
ମହାଭାରତ କଥା ....
ରସକଲ୍ଲୋଳ ସମୀକ୍ଷା (ଗୌରୀକୁମାର ବ୍ରହ୍ମା) ....
ମଥୁରାମଙ୍ଗଳ ସମୀକ୍ଷା (ଗୌରୀକୁମାର ବ୍ରହ୍ମା) ....
ଉପନିଷଦ୍ (ବନ୍ଧାଇ ସହ) ୧୦୮ ଖଣ୍ଡ ....
ଋଗ୍, ଯଜୁ, ସାମ ଓ ଅଥର୍ବ (ଚାରିବେଦ) ....
ବ୍ରହ୍ମସୂତ୍ର ....
ବ୍ରହ୍ମଜିଜ୍ଞାସା ....
ଶୈବ ଚିନ୍ତାମଣି ....
ଷଡ଼ଦର୍ଶନ ଓ ନିମ୍ବାର୍କ ଦର୍ଶନ ....
ଭଞ୍ଜ ଗ୍ରନ୍ଥାବଳୀ ସେଟ୍ ....
ଦାଣ୍ଡି ରାମାୟଣ ....
ଶଙ୍କରାଚାର୍ଯ୍ୟ ଗ୍ରନ୍ଥାବଳୀ ....
ଜ୍ଞାନେଶ୍ୱରୀ ଗୀତା ....
ଆଦର୍ଶ ତୁଳସୀ ରାମାୟଣ (ଭିକାରୀ ସିଂହ) ....
ପୁରୋହିତ କର୍ମକାଣ୍ଡ ଓ ସାମବେଦୀୟ କର୍ମକାଣ୍ଡ ସହ ୮ ଖଣ୍ଡ ....
ଭୃଗୁସଂହିତା ସେଟ୍ ....
ପର୍ଶୁରାମ ପୁରାଣ ....

ପ୍ରତିଷ୍ଠାନ - **ଧର୍ମଗ୍ରନ୍ଥ ଷ୍ଟୋର**

ପରିଚାଳକ - ଶ୍ରୀ ବିଦ୍ୟାଧର ସାହୁ

ଅଲିଶା ବଜାର, କଟକ - ୨

Digitized by srujanika@gmail.com

ଧର୍ମ

ନିମ୍ନଲିଖିତ ପୁସ୍ତକ ସବୁ ସରସ କାଗଜରେ ସୁନ୍ଦର ଛାପା ହୋଇ ବିକ୍ରୟ ନିମିତ୍ତ ଗଚ୍ଛିତ ଅଛି। କ୍ରୟ କରିବା ପାଇଁ ଆପଣଙ୍କ ନିକଟସ୍ଥ ପୁସ୍ତକ ବ୍ୟବସାୟୀଙ୍କ ସହିତ ଯୋଗାଯୋଗ କରନ୍ତୁ ।

୧. ବ୍ରହ୍ମ ପୁରାଣ ସେଟ୍
୨. ପଦ୍ମ ପୁରାଣ
୩. ମହାବିଷ୍ଣୁ ପୁରାଣ
୪. ଶିବ ପୁରାଣ ସେଟ୍ (୫ଖଣ୍ଡ)
୫. ନାରଦ ପୁରାଣ
୬. ମାର୍କଣ୍ଡ ପୁରାଣ
୭. ଅଗ୍ନି ପୁରାଣ
୮. ଭବିଷ୍ୟ ପୁରାଣ
୯. ବ୍ରହ୍ମବୈବର୍ତ୍ତ ପୁରାଣ
୧୦. ଲିଙ୍ଗ ପୁରାଣ
୧୧. ବରାହ ପୁରାଣ
୧୨. ସ୍କନ୍ଦ ପୁରାଣ ଉତ୍କଳଖଣ୍ଡ
୧୩. ବାମନ ପୁରାଣ
୧୪. କୂର୍ମ ପୁରାଣ
୧୫. ମତ୍ସ୍ୟ ପୁରାଣ
୧୬. ଗରୁଡ଼ ପୁରାଣ
୧୭. ବ୍ରହ୍ମାଣ୍ଡ ପୁରାଣ
୧୮. ଭାଗବତ ସମ୍ପୂର୍ଣ୍ଣ ସେଟ୍

ପ୍ରକାଶକ :
ଧର୍ମଗ୍ରନ୍ଥ ଷ୍ଟୋର®
ଅଲିଶା ବଜାର, କଟକ-୨
ଫୋନ୍ : (୦୬୭୧)୨୫୦୮୨୯୬
website : www.dharmaganthastore.com

Digitized by srujanika@gmail.com